


পরমাণু ব্লাকমেলিংকু ভয় নাহিঁ


ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 200 ଭାଗ ୩୪ | ସଂଖ୍ୟା ୨୦୦ | Sunday 11 October 2026 | Page 8 Rs. 5.00 | ଭୁବନେଶ୍ୱର ରବିବାର, ୧୧ ଅକ୍ଟୋବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ମାନବିକତା ଲଜ୍ଜିତ
## ପୁଅ ଶବ ପାଇଁ ବନ୍ଧା ପଡ଼ିଲା ରାସନ୍ କାର୍ଡ



■ କୋଳଶୂନ୍ୟ କଲା ମେଡିକାଲ, ପେଟର ଆହାର ନେଲା ସକ୍କାର

■ ଡାକ୍ତରଙ୍କ ପରାମର୍ଶ ଏଇଠି ପୋତିଦିଅ, ନ ହେଲେ ବାଇକ୍‌ରେ ନିଅ

ନବରଙ୍ଗପୁର, ୧୦।୧୦ (ସଂଚାର ବ୍ୟୁରୋ): ସରକାରୀ ସ୍ୱାସ୍ଥ୍ୟସେବାର ବଡ଼ ବଡ଼ ଦାବି ଓ କୋଟି କୋଟି ଟଙ୍କାର ଯୋଜନା ଭିତରେ ପୁଣି ଥରେ ମୁଣ୍ଡ ନୁଆଁଇଛି ମାନବିକତା। ଜନ୍ମ ହେବାର ମାତ୍ର କେଇଟା ଦିନ ଭିତରେ କୋଳର ଶିଶୁ ଆଖି ବୁଜିଥିଲା। ପୁଅକୁ ହରାଇ ବାପା-ମା'ଙ୍କ ଆଖିରୁ ଲୁହ ଶୁଖି ନ ଥିବା ବେଳେ ମୃତଦେହକୁ ଘରକୁ ନେବା ପାଇଁ ସାମ୍ନାରେ ଛିଡ଼ା ହୋଇଥିଲା ଆଉ ଏକ ନିଷ୍ଠୁର ସତ। ମିଳିଲାନି ସରକାରୀ 'ମହାପରାୟଣ' ଗାଡ଼ି। ଶେଷରେ ପୁଅର ଶବ ସତ୍କାର ପାଇଁ ପରିବାରର ୭ ଜଣ ସଦସ୍ୟଙ୍କ ପେଟ ପୋଷୁଥିବା 'ରାସନ୍ କାର୍ଡ'କୁ ବନ୍ଧକ ରଖିବାକୁ ବାଧ୍ୟ ହୋଇଛନ୍ତି ଗରିବ ବାପା-ମା'।

ସୂଚନାନୁସାରେ, ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ୍ ଦଳେଇଗୁଡ଼ା ଗ୍ରାମର ନକୁଳ ଭତରାଙ୍କ ପତ୍ନୀ ଅମ୍ବିକା ନାୟକ ଗତ ୨୯ ତାରିଖରେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ତେବେ ଶିଶୁଟିର ଓଜନ ବହୁତ କମ୍ ଥିବାରୁ ଡାକ୍ତର ତାଙ୍କୁ ପ୍ରଥମେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଗତ ୫ରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଦୀର୍ଘ ଦିନର ସଂଗ୍ରାମ ପରେ ଗୁରୁବାର ବିଳମ୍ବିତ ରାତି ➪ପୃଷ୍ଠା-୬

## ଅଭି ତୋ ଖେଲ୍ ବାକି ହୈ...

# ପୂରା ଦିଲ୍ଲୀ ଅଚଳ




■ ୨୫୦ ଟ୍ରେନ୍ ବାତିଲ୍

■ ୪୫ ମେଟ୍ରୋ ଷ୍ଟେସନ୍ ବନ୍ଦ

■ ବାଦ୍ ପଡ଼ିଲେନି ଓକିଲ ଓ ସାମ୍ବାଦିକ

■ ଜାତିସଂଘ ମାନବାଧିକାର କାର୍ଯ୍ୟାଳୟର ଅସନ୍ତୋଷ

ନୂଆଦିଲ୍ଲୀ, ୧୦।୧୦: ଭୋଟର ତାଲିକାରେ ଅନିୟମିତତା ଅଭିଯୋଗରେ ମୁଖ୍ୟ ନିର୍ବାଚନ କମିଶନ (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିକରି କକ୍ରୋଚ୍ ଜନତା ପାର୍ଟି (ସିଜେପି) ପକ୍ଷରୁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପାଇଁ ଦିଆଯାଇଥିବା ଡାକରାକୁ ନେଇ ଶନିବାର ଜନ୍ତରମନ୍ତର ସମେତ ସମଗ୍ର ରାଜଧାନୀ ଦିଲ୍ଲୀରେ ଅସମ୍ଭାଳ ପରିସ୍ଥିତି ସୃଷ୍ଟି ହୋଇଛି। ଉଭୟ ସିଜେପି ଓ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଆସୋସିଏସନ୍ ଡାକରାରେ ହଜାର ହଜାର ଯୁବକଯୁବତୀ, ଛାତ୍ରଛାତ୍ରୀ ଓ ସାମାଜିକ କର୍ମୀ ଜନ୍ତରମନ୍ତର ବାହାରେ ଏକାଠି ହୋଇ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିବା ସହ ବ୍ୟାରିକେଡ୍ ହଟାଇ ଜନ୍ତରମନ୍ତର ଭିତରକୁ ପଶିବାକୁ ଚେଷ୍ଟା କରିଛନ୍ତି। ଏହାକୁ ନେଇ ପୁଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ପ୍ରବଳ ଠେଲାପେଲା, ଧସ୍ତାଧସ୍ତି ଭଳି ତୁମ୍ବିତୋଫାନ୍ ଦେଖିବାକୁ ମିଳିଛି।

ସିଜେପିର 'ଦିଲ୍ଲୀ ଚଲୋ' ଡାକରାକୁ ଆଖି ଆଗରେ ରଖି ଦିଲ୍ଲୀ ପୁଲିସ୍ ଦେଶର ➪ପୃଷ୍ଠା-୬

### ବିରୋଧୀ-ଶାସକ ଦଳ ବୟାନବାଜି ତୀବ୍ର

ଶନିବାର ଜନ୍ତରମନ୍ତର ବାହାରେ ସିଜେପି ପ୍ରାୟୋଜିତ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ନେଇ ରାଜନୈତିକ ବୟାନବାଜି ଆରମ୍ଭ ହୋଇଯାଇଛି। ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଓ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ସମେତ କଂଗ୍ରେସ ନେତାମାନେ ସରକାରଙ୍କ ବିରୋଧରେ ଭିନ୍ନମତକୁ ଦବାଇ ଦେଉଥିବାର ଅଭିଯୋଗ ଆଣିଛନ୍ତି। ଖଡ଼ଗେ କହିଛନ୍ତି ଯେ ଦେଶର 'ଗଣତନ୍ତ୍ରର ଜନନୀ' ଛବିକୁ ଏକ 'ମୁହଁ ବନ୍ଦ ଥିବା ଗଣତନ୍ତ୍ର'ରେ ପରିଣତ କରାଯାଇଛି। କଂଗ୍ରେସ ଓ ଇଣ୍ଡିଆ ମେଣ୍ଟ ଅକ୍ଟୋବର ୧୨ ତାରିଖରେ ପୁନର୍ବାର ବିକ୍ଷୋଭ ପ୍ରଦର୍ଶନ କରିବାକୁ ଘୋଷଣା କରିଛନ୍ତି। ଅପରପକ୍ଷରେ ବିଜେପି ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ପୁଲିସର କାର୍ଯ୍ୟାନୁଷ୍ଠାନକୁ ସମର୍ଥନ କରିଛି। ଦେଶ 'ରାସ୍ତାଘାଟରେ ନୁହେଁ, ବରଂ ସଂସଦରେ ପରିଚାଳିତ ହେବ' ବୋଲି ବିଜେପି ସାଂସଦ ରବି ଶଙ୍କର ପ୍ରସାଦ କହିଛନ୍ତି।

### ପୁରୀ ଓ ବଲାଙ୍ଗୀରରେ ଅଭାବନୀୟ ଘଟଣା
## ରିଲ୍ସ ନିଶା ନେଲା ଜୀବନ

● କ୍ଷଣିକ ଖୁସି ପାଇଁ...



ଭୁବନେଶ୍ୱର,୧୦।୧୦(ସଂଚାର ବ୍ୟୁରୋ): ମହଙ୍ଗା ପଡ଼ିଛି ରିଲ୍ସ ନିଶା। ରିଲ୍ସ କରିବାବେଳେ ଯାଇଛି ଦୁଇ ଜଣଙ୍କ ଜୀବନ। ଆଜି ରାଜ୍ୟରେ ଏଭଳି ଦୁଇଟି ଅଭାବନୀୟ ଘଟଣା ଘଟିଛି। ଗୋଟିଏ ଘଟଣା ବଲାଙ୍ଗୀର ବାଉଁଶୁଣୀ ଥାନା ଅଧୀନରେ ଘଟିଥିବା ବେଳେ ଅନ୍ୟଟି ପୁରୀ ସହରରେ ଘଟିଛି। ରିଲ୍ସ ପାଇଁ ଯୁବପିଢ଼ି ଏଭଳି ପାଗଳ ହେବା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ କରିବା ସହ ଏହା ଜୀବନ ପାଇଁ ବିପଦ ଓ ସତର୍କଘଣ୍ଟି ହୋଇଛି।

ବଲାଙ୍ଗୀର ଜିଲ୍ଲା ବାଉଁଶୁଣୀ ଥାନା ଅଧୀନସ୍ଥ ତାଲୁପଲ୍ଲୀ ଗାଁ ଜଣେ ନାବାଳକ ରିଙ୍କୁ ମହାନନ୍ଦିଆ। ଟ୍ରେନ୍ ଲାଇନରେ ଉପରେ ଠିଆ ହୋଇ ରିଲ୍ସ କରିବା ତା'ର ନିଶା। ପୂର୍ବରୁ ଅନେକ ଥର ସେ ଏଭଳି ରିଲ୍ସ କରି ଚର୍ଚ୍ଚାକୁ ଆସିଥିଲା। ସୋସିଆଲ ମିଡିଆରେ ତା'ର ଭିଡ଼ିଓକୁ ଅନେକ ଲାଇକ୍, ଶେୟାର କରିବା ସହ ଫଲୋଅର୍ସ ମଧ୍ୟ ବଢ଼ିଥିଲେ। ଏନେଇ ପୁଲିସ ପୂର୍ବରୁ ତା'ର ବାପା-ମା'ଙ୍କୁ ଥାନାକୁ ଡକାଇ ତାଗିଦ ମଧ୍ୟ କରିଥିଲା। ଥାନାରେ ଲେଖାପଢ଼ା ହୋଇଥିଲା, ପୁଅ ଆଉ ଏମିତି ବିପଦପୂର୍ଣ୍ଣ ରିଲ୍ସ କରିବ ନାହିଁ। କିନ୍ତୁ ଗତକାଲି ସନ୍ଧ୍ୟାରେ ରିଙ୍କୁ ମୁଣ୍ଡରେ ପୁଣି ଥରେ ପଶିଥିଲା ରିଲ୍ସ ଓ ଭାଇରାଲ ହେବାର ନିଶା। ଖୋର୍ଦ୍ଧା-ବଲାଙ୍ଗୀର ଟ୍ରେନ୍ ଲାଇନ୍‌ର ଚଳନ୍ତା ଟ୍ରେନ୍ ➪ପୃଷ୍ଠା-୬

## ଅବକାରୀ ଟିମ୍‌କୁ ମରଣାନ୍ତକ ଆକ୍ରମଣ



ଭୁବନେଶ୍ୱର, ୧୦।୧୦ (ସଂଚାର ବ୍ୟୁରୋ): ଚଢ଼ାଉ ବେଳେ ଅବକାରୀ ଟିମ୍‌କୁ ହୋଇଛି ମାଡ଼। କଟକ ଜିଲ୍ଲାର ବଡ଼ମ୍ବା ଥାନାଞ୍ଚଳର ରତାପାଟ ଗ୍ରାମରେ ଏପରି ଘଟଣା ଦେଖିବାକୁ ମିଳିଛି। ଗଞ୍ଜେଇ ଓ ମଦ ବେପାରୀମାନେ ଅବକାରୀ ଟିମ୍‌କୁ ଆକ୍ରମଣ କରିଥିବା ଅନୁମାନ କରାଯାଉଛି। ମିଳିଥିବା ସୂଚନାନୁସାରେ, ଉକ୍ତ ଗ୍ରାମରେ ଗଞ୍ଜେଇ ବେପାର ହେଉଥିବା ନେଇ ସୂଚନା ପାଇ ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ସେଠାରେ ଚଢ଼ାଉ କରାଯାଇଥିଲା। ତେବେ ଚଢ଼ାଉ ବେଳେ ଅବକାରୀ ଟିମ୍‌ର ସଦସ୍ୟ ଓ ଗଞ୍ଜେଇ ବେପାର ସହ ଜଡ଼ିତ ମାଫିଆମାନଙ୍କ ମଧ୍ୟରେ ଭୀଷଣ ଯୁକ୍ତିତର୍କ ହୋଇଥିଲା। ପରେ ମାଫିଆମାନେ ଅବକାରୀ ବିଭାଗ ଅଧିକାରୀ ଓ କର୍ମଚାରୀମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ➪ପୃଷ୍ଠା-୬

### 'ମେଗା ସ୍ୱଚ୍ଛତା ଅଭିଯାନ'ରେ ସାମିଲ ହେଲେ ସାଂସଦ
## ସ୍ୱଚ୍ଛତାକୁ ଅଭ୍ୟାସରେ ପରିଣତ କରିବା

୫୦୦ରୁ ଅଧିକ ସ୍ଥାନରେ ଏକତ୍ରିତ ହେଲେ ଲକ୍ଷେ ସ୍ୱେଚ୍ଛାସେବୀ

ସ୍ୱଚ୍ଛତାର ଶପଥ ପାଠ କରାଇଲେ ଧର୍ମେନ୍ଦ୍ର



ସମ୍ବଲପୁର,୧୦।୧୦(ସଂଚାର ବ୍ୟୁରୋ): ସ୍ୱଚ୍ଛତା କେବଳ ଏକ କାର୍ଯ୍ୟ ନୁହେଁ, ଏହା ହେଉଛି ଆମର ନୈତିକ ସଂସ୍କାର। ସୁସ୍ଥ ରହିବା ପାଇଁ ହେଲେ ପରିବେଶକୁ ସ୍ୱଚ୍ଛ ରଖିବାକୁ ପଡ଼ିବ। ତେଣୁ ଏହାକୁ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ କରିବା ସହ ଦୈନନ୍ଦିନ ଅଭ୍ୟାସରେ ପରିଣତ କରିବା ପାଇଁ ଆହ୍ୱାନ ଦେଇଛନ୍ତି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ।

ପବିତ୍ର 'ମହାଳୟା' ଅବସରରେ ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ଆଜି ସମ୍ବଲପୁର ଜିଲ୍ଲାରେ ଜିଲ୍ଲାବ୍ୟାପୀ 'ମେଗା ସ୍ୱଚ୍ଛତା ଅଭିଯାନ'ରେ ସାମିଲ ହୋଇଥିଲେ ଶ୍ରୀ ପ୍ରଧାନ। ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ, ଯୁବସାଥୀ, ବୁଦ୍ଧିଜୀବୀ, ଜନପ୍ରତିନିଧି ଓ ସ୍ଥାନୀୟ ନାଗରିକଙ୍କ ସହ ଅଂଶଗ୍ରହଣ କରି ସମ୍ବଲପୁରରେ ସଫେଇ କାର୍ଯ୍ୟ କରିବା ସହ ଅନ୍ୟମାନଙ୍କୁ ସଫେଇ କାର୍ଯ୍ୟ କରିବା ପାଇଁ ସଚେତନ କରିଥିଲେ। ଏହି ଅବସରରେ ସେ କହିଛନ୍ତି ଯେ ଆଜି ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଓ ସମ୍ବଲପୁର ମ୍ୟୁନିସିପାଲ୍ କର୍ପୋରେସନ୍ ତରଫରୁ ମହାତ୍ମା ଗାନ୍ଧିଙ୍କ ସ୍ମୃତିରେ ଏକ ଜନଆନ୍ଦୋଳନ ତଥା ସ୍ୱଚ୍ଛତା ପର୍ବ ଆରମ୍ଭ କରାଯାଇଛି। ପ୍ରଶାସନର ଯୋଜନା ଅନୁଯାୟୀ ଆଜି ସମ୍ବଲପୁର ଜିଲ୍ଲାରେ ପାଖାପାଖି ଏକ ଲକ୍ଷ ଲୋକ ନିଜ ନିଜ ପରିସରରେ, ଆଖପାଖ ଓ ଘର ବାହାରକୁ ଯାଇ ସ୍ୱଚ୍ଛତା କାମରେ ଲାଗିଛନ୍ତି। ଆଜି ପବିତ୍ର ମହାଳୟା ଓ ନବରାତ୍ରୀର ପୂର୍ବରୁ ସମ୍ବଲପୁର ଦେଶ ➪ପୃଷ୍ଠା-୬

### କଲେଜ ନିର୍ବାଚନକୁ ନେଇ ସରଗରମ ରାଜନୀତି
## ଗୁଣ୍ଡାଗର୍ଦ୍ଦି ଓ ଅରାଜକତା ପାଇଁ ବିଜେପିକୁ ସୁଜାତାଙ୍କ ଟାର୍ଗେଟ୍



ଭଲ ପ୍ରଦର୍ଶନ କରୁଛନ୍ତି ଏବିଭିପି ପ୍ରାର୍ଥୀ: ଗୋକୁଳାନନ୍ଦ

ଭୁବନେଶ୍ୱର,୧୦।୧୦(ସଂଚାର ବ୍ୟୁରୋ): ରାଜ୍ୟରେ କଲେଜ ଛାତ୍ର ସଂସଦ ନିର୍ବାଚନକୁ ନେଇ କ୍ୟାମ୍ପସଠାରୁ ଆରମ୍ଭ କରି ରାଜନୈତିକ କରିଡର ପର୍ଯ୍ୟନ୍ତ ସରଗରମ ପରିସ୍ଥିତି ସୃଷ୍ଟି ହୋଇଛି। କଲେଜ କ୍ୟାମ୍ପସରେ ହିଂସା, ଧମକଚମକ ଓ ଗୁଣ୍ଡାଗର୍ଦ୍ଦିକୁ ନେଇ ବିଜେଡି ନେତ୍ରୀ ସୁଜାତା କାର୍ତ୍ତିକେୟନ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିବା ବେଳେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପୂର୍ବ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

କଲେଜ ନିର୍ବାଚନ ସମୟରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଦେଖାଯାଇଥିବା ଅରାଜକତା ଓ ଗୁଣ୍ଡାଗର୍ଦ୍ଦିକୁ ନେଇ ବିଜେଡି ନେତ୍ରୀ ସୁଜାତା କାର୍ତ୍ତିକେୟନ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସୋସିଆଲ ମିଡିଆରେ ଏକ ଭିଡିଓ ବାର୍ତ୍ତାରେ ସେ ପ୍ରଶ୍ନ କରିଛନ୍ତି ଯେ ମହିଳା କଲେଜର ଗେଟ୍ ଭାଙ୍ଗି ଗୁଣ୍ଡାମାନେ କିପରି ଭିତରକୁ ପଶିଲେ? ପୁଲିସ କାହିଁକି ବିଜୁ ଛାତ୍ର ଜନତା ଦଳର ନେତାଙ୍କୁ ଭୟଭୀତ କରୁଛି ଓ କଲେଜ କର୍ତ୍ତୃପକ୍ଷ କାହିଁକି ଛାତ୍ରନେତାଙ୍କୁ ଧମକ ଦେଉଛନ୍ତି? କଲେଜ କ୍ୟାମ୍ପସରେ ଶାନ୍ତିପୂର୍ଣ୍ଣ ଓ ଶୈକ୍ଷିକ ବାତାବରଣ ବଜାୟ ରଖିବା ରାଜ୍ୟର ବିଜେପି ସରକାରଙ୍କ ପ୍ରଥମ ଦାୟିତ୍ୱ ବୋଲି ସେ କହିଛନ୍ତି। ଛାତ୍ରଛାତ୍ରୀଙ୍କ ଜୀବନ ଓ ଭବିଷ୍ୟତ ସହ ଖେଳିବା କଦାପି ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି। ଛାତ୍ରଛାତ୍ରୀଙ୍କ ପାଇଁ ଏକ ସୁସ୍ଥ ନିର୍ବାଚନୀ ପରିବେଶ ଓ ଶାନ୍ତିପୂର୍ଣ୍ଣ କ୍ୟାମ୍ପସ ସୁନିଶ୍ଚିତ କରିବା ବିଜେପି ସରକାରର ➪ପୃଷ୍ଠା-୬

### ଓଡ଼ିଶାରେ ଭୋଟ ବଞ୍ଚାଅ, ଦେଶ ବଞ୍ଚାଅ ଅଭିଯାନ
## ଦୁଇ ମାସ ଧରି ଅଭିଯାନ ପାଇଁ ଏଆଇସିସିର ଫତୁଆ



ଏଆଇସିସି ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ପିସିସିର ଚିଠି

ଭୁବନେଶ୍ୱର,୧୦।୧୦(ସଂଚାର ବ୍ୟୁରୋ): ରାଜ୍ୟ କଂଗ୍ରେସକୁ ଚଳଚଞ୍ଚଳ କରିବାକୁ ଏଆଇସିସି ଜାରି କରିଛି ଫତୁଆ। ଆଉ ଏଆଇସିସି ଫତୁଆ ଅନୁସାରେ ପିସିସି ସଭାପତି ମଧ୍ୟ ସବୁ ନେତାଙ୍କୁ କାର୍ଯ୍ୟସୂଚୀ ଜାରି କରିଛନ୍ତି। ଓଡ଼ିଶାରେ ଜନମତକୁ ପ୍ରଭାବିତ କରି ରଖିବା ପାଇଁ ଭୋଟ ବଞ୍ଚାଅ, ଦେଶ ବଞ୍ଚାଅ ଅଭିଯାନକୁ ଗଣଆନ୍ଦୋଳନରେ ପରିଣତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ଦୁଇ ମାସ ଧରି ଗାଁରୁ ସହର ଯାଏଁ ସବୁଠି କଂଗ୍ରେସ ନେତାମାନେ ସଭା, ସମିତି, ପଥପାନ୍ତ ସଭା, ବିକ୍ଷୋଭ ଜରିଆରେ ଜନସଚେତନତା ସୃଷ୍ଟି କରିବେ। କଂଗ୍ରେସ କର୍ମୀମାନେ ସିଧାସଳଖ ଲୋକଙ୍କ ପାଖକୁ ଯାଇ ଉଭୟ କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନ ସରକାର ବିରୋଧରେ ଜନମତ ସୃଷ୍ଟି କରିବାକୁ ଆହ୍ୱାନ ଦେଇଛି ଏଆଇସିସି। ନିଜ ନିଜ ମଧ୍ୟରେ ପଦପଦବୀ, କ୍ଷମତାକୁ ଦୂରେଇ ରଖି କଂଗ୍ରେସର ନେତାମାନେ ଓ କର୍ମୀମାନେ ତୃଣମୂଳସ୍ତରରୁ ଏକଜୁଟ ହେବାକୁ ଆହ୍ୱାନ ଦିଆଯାଇଛି। ଏଥିସହ ରାହୁଲ ଗାନ୍ଧି ଯେଉଁ ପ୍ରସଙ୍ଗରେ ସାରା ଦେଶରେ ଲଢ଼େଇ କରୁଛନ୍ତି ତାହାକୁ ଓଡ଼ିଶାରେ ଜୋରଦାର କରିବାକୁ ନିର୍ଦ୍ଦେଶ ଜାରି ହୋଇଛି।

ପିସିସି ସଭାପତି ଭକ୍ତ ଦାସଙ୍କଠାରୁ ଏଆଇସିସି ଯେଉଁ ଆଶା କରୁଥିଲା, ତାହା ମଧ୍ୟ ହେଉନାହିଁ। କଂଗ୍ରେସ ସଂଗଠିତ ହେବା ପରିବର୍ତ୍ତେ ଆହୁରି ବିଭାଜିତ ହେଉଛି। ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗ ହେଉ କି, ଏମଏମଡିଆର କିମ୍ବା ଓଡ଼ିଶା ବନ୍ଦ ପାଳନରୁ ଏହା ପ୍ରମାଣିତ ହୋଇଛି। କଂଗ୍ରେସର ବନ୍ଦ ପାଳନରେ ଯେଉଭଳି ପ୍ରଶାସନିକ ସ୍ତରରେ ଭୟ ସୃଷ୍ଟି ହେବା କଥା ତାହା ଦେଖିବାକୁ ମିଳିଲା ନାହିଁ। ତେଣୁ ପରୋକ୍ଷରେ ଏଆଇସିସି ଓଡ଼ିଶା କଂଗ୍ରେସକୁ ନିୟନ୍ତ୍ରିତ କରିବାକୁ ଉଦ୍ୟମ କରିଛି। ଏଆଇସିସି ନିଜ ଆଡୁ ରାଜ୍ୟ କଂଗ୍ରେସ ପାଇଁ କାର୍ଯ୍ୟସୂଚୀ ଜାରି କରିବା ପରେ ପିସିସି ଚଳଚଞ୍ଚଳ ହୋଇଛି। ପିସିସି ସଭାପତି ସବୁ ବିଧାୟକ, ସାଂସଦ, ପିସିସି କର୍ମକର୍ତ୍ତା, ଜିଲ୍ଲା ଓ ➪ପୃଷ୍ଠା-୬

## ପୁଣି ଅନଶନକୁ ଓହ୍ଲାଇବେ ୱାଙ୍ଗଚୁକ୍!



ଲେହ, ୧୦।୧୦: ଦିଲ୍ଲୀରେ ପ୍ରଦର୍ଶନକାରୀଙ୍କୁ ଅଟକ ରଖାଯିବା ଓ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରସିଦ୍ଧ ଆକ୍ଟିଭିଷ୍ଟ ସୋନମ ୱାଙ୍ଗଚୁକ୍ କଡ଼ା ପ୍ରତିକ୍ରିୟା ଦେଇଛନ୍ତି। ଦିଲ୍ଲୀ ପ୍ରୋଟେଷ୍ଟକୁ ସମର୍ଥନ କରି ସେ ଦେଶରେ 'ଅଘୋଷିତ ଜରୁରୀକାଳୀନ ପରିସ୍ଥିତି' ଜାରି ହୋଇଥିବା ଅଭିଯୋଗ କରିଛନ୍ତି। ଅଭିଜିତ ଦୀପକେ ଏବଂ ଅନ୍ୟ ପ୍ରଦର୍ଶନକାରୀଙ୍କୁ ବଡ଼ ଧରଣର ଅଟକ ରଖାଯିବାକୁ ସେ ସମାଲୋଚନା କରିଛନ୍ତି। ଯଦି ଆସନ୍ତାକାଲି ସୁଦ୍ଧା ସମସ୍ତଙ୍କୁ ମୁକ୍ତ କରାନଯାଏ, ତେବେ ସେ ପୁନର୍ବାର ଅନଶନ ବା ପଦଯାତ୍ରା କରିବାକୁ ବାଧ୍ୟ ହେବେ ବୋଲି ୱାଙ୍ଗଚୁକ୍ ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନରୁ ବାହାରେ ରହିବେ ବୋଲି ପୂର୍ବରୁ କହିଥିଲେ ମଧ୍ୟ ଦେଶର ବର୍ତ୍ତମାନର ଗଣତାନ୍ତ୍ରିକ ସ୍ଥିତିକୁ ଦୃଷ୍ଟିରେ ରଖି ସେ ଏହି ପଦକ୍ଷେପ ନେବାକୁ ଚିନ୍ତା କରୁଥିବା ପ୍ରକାଶ କରିଛନ୍ତି।

## ଥରିଲା ଉତ୍ତରାଖଣ୍ଡ

ଡେରାଡୁନ୍, ୧୦।୧୦: ଉତ୍ତରାଖଣ୍ଡର ଉତ୍ତରକାଶୀରେ ଶନିବାର ମଧ୍ୟମ ଧରଣର ଭୂମିକମ୍ପ ଅନୁଭୂତ ହୋଇଛି। ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୪.୨ ଥିଲା ବୋଲି ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର (ଏନସିଏସ୍) ସୂଚନା ଦେଇଛି। ପାହାଡ଼ିଆ ସହର ଉତ୍ତରକାଶୀରେ ରାତି ୮ଟା ୭ ମିନିଟ୍‌ରେ ଏହି ଭୂକମ୍ପ ଅନୁଭୂତ ହୋଇଥିଲା। ତେବେ ଗୋଟିଏ ଦିନରେ ଦୁଇ ଦୁଇ ଥର ଭୂକମ୍ପ ହେବା ଘଟଣାକୁ ନେଇ ଚିନ୍ତା ପ୍ରକଟ କରାଯାଇଛି। ଏହାର ପ୍ରାୟ ୪ ଘଣ୍ଟା ପୂର୍ବରୁ ବାଗେଶ୍ୱର ଜିଲ୍ଲାରେ ମଧ୍ୟରେ ଭୂମିକମ୍ପ ଅନୁଭୂତ ହୋଇଥିଲା। ଏହା ପୂର୍ବରୁ ଅକ୍ଟୋବର ୬ରେ ଉତ୍ତରାଖଣ୍ଡର ଚମୋଲି ଜିଲ୍ଲାରେ ଭୂମିକମ୍ପ ଅନୁଭୂତ ହୋଇଥିଲା। ରାତି ପ୍ରାୟ ୧୦ଟା ୨୦ରେ ଆସିଥିବା ଭୂମିକମ୍ପର ତୀବ୍ରତା ଥିଲା ୪.୯। ଏହାର ପ୍ରଭାବ ଦିଲ୍ଲୀ ଏବଂ ଆଖାପାଖ ଅଞ୍ଚଳରେ ମଧ୍ୟ ଅନୁଭୂତ ହୋଇଥିଲା।



## କାନ ଡେରିଥା

ଛାତ୍ର ନିର୍ବାଚନ ଆରମ୍ଭ ହୋଇଲା
ନେତା ବି ଏଣ୍ଟ୍ରି ମାରିବେ
ଛାତ୍ରଛାତ୍ରୀ ଏବେ ପାଠସାଠ ଛାଡି
ରାଜନୀତି ଶିଖିଯିବେ
ଭବିଷ୍ୟ ନିଜେ ଗଢ଼ିବେ...
ଚାକିରି ପଛରେ ଗୋଡ଼େଇବେ
ନାହିଁ
ନେତା ମନ୍ତ୍ରୀ ବନିଯିବେ।

■ ଦେବାଶିଷ

### ମାର୍ଚ୍ଚ ଶେଷରୁ ନକ୍ସଲ ମୁକ୍ତ ହେଲାଣି ଓଡ଼ିଶା
## ଅନିଶ୍ଚିତତାରେ ଏସଓଜି ଓ କୋବ୍ରା ବାଟାଲିଅନ୍ ଭବିଷ୍ୟତ

ଭୁବନେଶ୍ୱର,୧୦।୧୦(ସଂଚାର ବ୍ୟୁରୋ): ରାଜ୍ୟରେ ଜଣେ ହେଲେ ବି ମାଓବାଦୀ ନାହାନ୍ତି। ମାଓ ସଂଗଠନ ମଧ୍ୟ ନାହିଁ। ମୂଳୋତ୍ପାଟନ ହୋଇଯାଇଛି ସଂଗଠନ ଓ ନିପାତ ହୋଇଯାଇଛନ୍ତି ସମସ୍ତ ସଦସ୍ୟ। କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ ଉଦ୍ୟମରେ ଏହା ସଫଳ ହୋଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ପୁଲିସ ଡିଜି ସମସ୍ତେ କହୁଛନ୍ତି। ରାଜ୍ୟ ଏବେ ନକ୍ସଲ ବା ମାଓବାଦୀମୁକ୍ତ ହୋଇଛି ବୋଲି ସମସ୍ତେ କହୁଥିଲେ ମଧ୍ୟ ଏହି ନକ୍ସଲ ଓ ମାଓବାଦୀଙ୍କ ଦମନ ପାଇଁ ରାଜ୍ୟ ସରକାର ବା ଓଡ଼ିଶା ପୁଲିସ ପକ୍ଷରୁ ଗଠନ ହୋଇଥିବା ସ୍ୱତନ୍ତ୍ର ୱିଙ୍ଗ୍ ସ୍ପେସାଲ ଇଣ୍ଟେଲିଜେନ୍ସ ୱିଙ୍ଗ୍ (ଏସଆଇଡବ୍ଲ୍ୟୁ)-(ଗୁଇନ୍ଦା), ଅପରେସନ୍ ପାଇଁ ଏସଓଜି, କୋବ୍ରା ବାଟାଲିଅନ୍, ଡିଭିଏଫ ଓ ଡିଷ୍ଟ୍ରିକ୍ଟ ଇଣ୍ଟେଲିଜେନ୍ସ ବ୍ୟୁରୋ (ଡିଆଇବି)ର ଭବିଷ୍ୟତ କ'ଣ? ସେଥିରେ ନିଯୁକ୍ତ ହୋଇଥିବା ଶତାଧିକ ପୁଲିସ କର୍ମଚାରୀ, ବରିଷ୍ଠ ଅଫିସର, ଗାଡ଼ି, ଭିତ୍ତିଭୂମି, ଆର୍ଥିକ ବଜେଟ୍ ଓ ବ୍ୟବସ୍ଥା ଆଦିକୁ ନେଇ ରାଜ୍ୟ ସରକାର ବା ପୁଲିସ ବିଭାଗ କ'ଣ କରିବେ ତାକୁ ନେଇ

### ୬ ମାସ ହେବ ରାଜକୋଷରୁ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା



ଏବେ ଅନେକଙ୍କ ମନରେ ପ୍ରଶ୍ନ। ଏଭଳି ସମୟରେ ନକ୍ସଲ ଓ ମାଓବାଦ ନାଁରେ ଏବେ ବି ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଚାଲିଛି।

୧୯୮୦ ଦଶକରେ ପ୍ରଥମେ ଓଡ଼ିଶାର କୋରାପୁଟ ଓ ଗଞ୍ଜାମରେ ନକ୍ସଲ ସଂଗଠନ ଆରମ୍ଭ ହୋଇଥିଲା। ପରେ ଏହା ୧୯୯୦ ବେଳକୁ ଦକ୍ଷିଣ ଓ ପଶ୍ଚିମାଞ୍ଚଳ ଜିଲ୍ଲାକୁ ଦ୍ରୁତ ବେଗରେ ମାଡ଼ିଯାଇଥିଲା। ୨୦୦୦ ବେଳକୁ ସଂଗଠନ ଯାଜପୁର ଓ ନୟାଗଡ଼ ଭଳି ଜିଲ୍ଲାକୁ ମଧ୍ୟ ବ୍ୟାପିଥିଲା। ୨୦୦୪ରେ ଓଡ଼ିଶା ପୁଲିସ ପକ୍ଷରୁ ଏକକାଳୀନ ଗୁଇନ୍ଦା ତଥ୍ୟ ସଂଗ୍ରହ ପାଇଁ ଏସଆଇଡବ୍ଲ୍ୟୁ ଓ ମାଓବାଦୀଙ୍କ ବିରୋଧରେ ଅପରେସନ୍ ପାଇଁ ଏସଓଜି ଗଠନ କରାଯାଇଥିଲା। ପରବର୍ତ୍ତୀ ସମୟରେ କୋବ୍ରା ଓ ଡିଭିଏଫ୍ ବାଟାଲିଅନ୍ ମଧ୍ୟ ଗଠନ ହୋଇଥିଲା।

ଚଳିତ ବର୍ଷ ମାର୍ଚ୍ଚଠାରୁ ରାଜ୍ୟ ନକ୍ସଲ ବା ମାଓବାଦୀମୁକ୍ତ ହେଲା ବୋଲି ରାଜ୍ୟ ସରକାର ଓ ପୁଲିସ ଡିଜି କହିଆସୁଛନ୍ତି। ଯଦି ଏହା ସତ, ତେବେ ଏସଆଇଡବ୍ଲ୍ୟୁ (ଗୁଇନ୍ଦା), ଅପରେସନ୍ ପାଇଁ ଏସଓଜି, କୋବ୍ରା ବାଟାଲିଅନ୍, ଡିଭିଏଫ ଏବେ ବି କାହିଁକି ଅପରେଟ୍ କରୁଛି? ଏଥିରେ ଯେଉଁ ଅଫିସର ବା କର୍ମଚାରୀମାନେ ଅଛନ୍ତି, ସେମାନଙ୍କୁ କାହିଁକି ୬ ମାସ ହେବ ରାଜକୋଷରୁ ଦରମା ଦିଆଯାଉଛି ବା ଭିତ୍ତିଭୂମିରେ ଖର୍ଚ୍ଚ କରାଯାଉଛି? ରାଜ୍ୟ ସରକାର ଏ ବାବଦରେ ସ୍ପଷ୍ଟ ଉତ୍ତର ରଖିବେ କି ବୋଲି ପ୍ରଶ୍ନ ➪ପୃଷ୍ଠା-୬

### ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନକୁ ନେଇ ଉତ୍ତେଜନା

# ବିଜେଡି-ବିଜେପି କର୍ମୀ ମୁହାଁମୁହିଁ, ଜଣେ ଆହତ

**କେନ୍ଦ୍ରାପଡ଼ା/ପଟ୍ଟାମୁଣ୍ଡାଇ, ୧୦।୧୦ (ସଂଚାର ବ୍ୟୁରୋ)ଃ** କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇସ୍ଥିତ ଉତ୍କଳମଣି କଲେଜ (ୟୁ.କେ. ମହାବିଦ୍ୟାଳୟ)ର ଛାତ୍ର ସଂସଦ ସଭାପତି ପ୍ରାର୍ଥୀ ଦୀପଙ୍କର ରାଉତଙ୍କ ପ୍ରାର୍ଥୀପତ୍ରକୁ ନେଇ ଦେଖାଦେଇଥିବା ବିବାଦ ଶନିବାର ଉଗ୍ର ରୂପ ଧାରଣ କରିଛି। ଦୀପଙ୍କରଙ୍କୁ ଅପହରଣ କରି ମାଡ଼ ମରାଯାଇଥିବା ଅଭିଯୋଗ ପରେ ତାଙ୍କୁ ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ତାଙ୍କୁ ନିଜ ଦଳର ପ୍ରାର୍ଥୀ ବୋଲି ଦାବି କରି ବିଜେଡି ଓ ବିଜେପିର ନେତା ଏବଂ ଶତାଧିକ କର୍ମୀ ହସ୍ପିଟାଲରେ ପହଞ୍ଚିବା ପରେ ଉଭୟ ଗୋଷ୍ଠୀ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଶେଷରେ ପୁଲିସ ଉପସ୍ଥିତିରେ ହସ୍ପିଟାଲ ପରିସରରେ ମାଡ଼ଗୋଳ ଘଟି ଜଣେ ବ୍ୟକ୍ତି ଆହତ ହୋଇଛନ୍ତି।



ସୂଚନାନୁସାରେ, ସଭାପତି ପ୍ରାର୍ଥୀ ଦୀପଙ୍କର ରାଉତଙ୍କୁ ଶନିବାର କିଛି ଦୁର୍ବୃତ୍ତ ଅପହରଣ କରି ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ପରେ ତାଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ଦୀପଙ୍କରଙ୍କୁ ନିଜ ଦଳର ପ୍ରାର୍ଥୀ ବୋଲି ଦାବି କରି ବିଜେଡି ଓ ବିଜେପିର ନେତା ଓ କର୍ମୀମାନେ ହସ୍ପିଟାଲରେ ପହଞ୍ଚିଥିଲେ। ଉଭୟ ପକ୍ଷ ମଧ୍ୟରେ ପ୍ରଥମେ କଥା କଟାକଟି ହୋଇଥିବା ବେଳେ ପରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଥିଲା।

ସମ୍ଭାବ୍ୟ ଅଘଟଣକୁ ଦୃଷ୍ଟିରେ ରଖି ସଦର ଥାନା ପୁଲିସ ପକ୍ଷରୁ ହସ୍ପିଟାଲ ପରିସରରେ ଦୁଇ ସେକ୍ସନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ତେବେ ଉତ୍ତେଜନା ବଢ଼ିବାରୁ ପୁଲିସର ଉପସ୍ଥିତିରେ ଦୀପଙ୍କରଙ୍କୁ ହସ୍ପିଟାଲରୁ ଛାଡ଼ି ଦିଆଯାଇଥିଲା। ସେ ହସ୍ପିଟାଲରୁ ଚାଲିଯିବା ପରେ ଉଭୟ ଗୋଷ୍ଠୀ ମଧ୍ୟରେ ହଠାତ୍ ମାଡ଼ପିଟ୍ ଆରମ୍ଭ ହୋଇଯାଇଥିଲା। ଏଥିରେ ଜଣେ ବ୍ୟକ୍ତିଙ୍କ ମୁଣ୍ଡ ଫାଟି ଆହତ ହୋଇଥିବା ଜଣାପଡ଼ିଛି।

ପୁଲିସ ହସ୍ତକ୍ଷେପ କରିବା ପରେ ସ୍ଥିତି କିଛିଟା ନିୟନ୍ତ୍ରଣକୁ ଆସିଥିଲେ ମଧ୍ୟ ହସ୍ପିଟାଲ ପରିସରରେ ଉତ୍ତେଜନା ଜାରି ରହିଛି। ଛାତ୍ର ସଂସଦ ନିର୍ବାଚନକୁ ନେଇ ଦୁଇ ରାଜନୈତିକ ଗୋଷ୍ଠୀ ମଧ୍ୟରେ ଏଭଳି ସଂଘର୍ଷ ଘଟଣା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ପରିସ୍ଥିତି ଉପରେ ପୁଲିସ ନଜର ରଖିଥିବା ବେଳେ ଘଟଣାର ପ୍ରକୃତ କାରଣ ଓ ଅଭିଯୋଗ ସମ୍ପର୍କରେ ତଦନ୍ତର ବିବରଣୀ ଅପେକ୍ଷାରେ ରହିଛି।

### ଲକ୍ଷ୍ମୀ ବରାହ କଲେଜରେ ବିସିଜେଡିର ବାଜିମାତ୍

## ଦୁଇ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର, ନିର୍ଦ୍ୱନ୍ଦ୍ୱରେ ଜିତିଲେ ୭ ପ୍ରାର୍ଥୀ



**ଆଳି,୧୦।୧୦ (ସଂଚାର ବ୍ୟୁରୋ)ଃ** ଛାତ୍ର ସଂସଦ ନିର୍ବାଚନକୁ ନେଇ ମହାବିଦ୍ୟାଳୟ ଗୁଡ଼ିକରେ ରାଜନୈତିକ ଉତ୍ସାହ ବଢ଼ୁଥିବା ବେଳେ ଆଳିସ୍ଥିତ ଲକ୍ଷ୍ମୀ ବରାହ ମହାବିଦ୍ୟାଳୟରେ ବିସିଜେଡି ସମର୍ଥିତ ଛାତ୍ରଛାତ୍ରୀଙ୍କ ବାଜିମାତ ହୋଇଛି। ଶନିବାର ଦୁଇ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେବା ପରେ ସଭାପତି ଓ ସମ୍ପାଦକ ପଦ ସମେତ ମୋଟ ୭ଟି ପଦରେ ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ଏହି ବିଜୟକୁ ନେଇ ସମର୍ଥକଙ୍କ ମଧ୍ୟରେ ଖୁସିର ମାହୋଲ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ଶୁକ୍ରବାର ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ୯ ଜଣ ଛାତ୍ରଛାତ୍ରୀ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୫ ଜଣ ପୂର୍ବରୁ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିବା ବେଳେ ସଭାପତି ଓ ସମ୍ପାଦକ ପଦ ପାଇଁ ଚାରି ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ରହିଥିଲା।

ତେବେ ଶନିବାର ସଭାପତି ପଦ ପାଇଁ ପ୍ରାର୍ଥୀ ହୋଇଥିବା ତପସ୍ୱିନୀ ରାଉତ ଏବଂ ସମ୍ପାଦକ ପଦର ପ୍ରାର୍ଥୀ ଅଭିଷେକ ବୋଇତି ନିଜ ନିଜର ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଥିଲେ। ଫଳରେ ସଭାପତି ପଦରେ ଅରବିନ୍ଦ ବେହେରା ଏବଂ ସମ୍ପାଦକ ପଦରେ ବିଦ୍ୟୁସ୍ମିତା ଦାସ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିଲେ। ଏ ସମ୍ପର୍କରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅସିତ କୁମାର ରାଉତରାୟ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ, ମହାବିଦ୍ୟାଳୟରେ ମୋଟ ୭ ଜଣ ବିସିଜେଡି ସମର୍ଥିତ ପ୍ରାର୍ଥୀ ବିଜୟୀ ହୋଇଥିବାରୁ ସଂଗଠନର ସମର୍ଥକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ବିଜୟ ପରେ ସମର୍ଥକମାନେ ଖୁସି ମନାଇବା ସହ ଏହି ସଫଳତାକୁ ଧୁମ୍‌ଧାମ୍‌ରେ ପାଳନ କରିଥିଲେ।

### ମଦନପୁରପୁର କଲେଜ ମାଡ଼ ଘଟଣାର ପ୍ରତିବାଦ

## ଛାତ୍ର ବିଜେଡିର ଆନ୍ଦୋଳନ



**ପଟ୍ଟାମୁଣ୍ଡାଇ,୧୦।୧୦ (ସଂଚାର ବ୍ୟୁରୋ)ଃ** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମଦନପୁର ୟୁ କେ ମହାବୀର କଲେଜତ ଛାତ୍ର ବିଜେଡି ସଭାପତି ପ୍ରାର୍ଥୀ ଦୀପଙ୍କର ରାଉତଙ୍କୁ ମାଡ଼ ପ୍ରତିବାଦରେ ଆଜି ପଟ୍ଟାମୁଣ୍ଡାଇ ଯୁବ ଛାତ୍ର ବିଜେଡି ପକ୍ଷରୁ ପଟ୍ଟାମୁଣ୍ଡାଇ ଡେଲଟା ଛକ ଠାରେ ରାସ୍ତା ଟାୟାର ଜାଳି ରାସ୍ତାରୋକ ଆନ୍ଦୋଳନ କରାଯାଇଥିଲା । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇ ଆଇ ସି ମାନସ ରଞ୍ଜନ ମଲ୍ଲିକ ଯୁବଛାତ୍ର ବିଜେଡି ପିଲାମାନଙ୍କୁ ବୁଝାସୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।

## କଲେଜ ନିର୍ବାଚନକୁ ନେଇ ହିଂସା, ଯୁବକଙ୍କୁ ଛୁରାମାଡ଼



**ଉମରକୋଟ,୧୦।୧୦ (ସଂଚାର ବ୍ୟୁରୋ)ଃ** ଉମରକୋଟରେ କଲେଜ ଛାତ୍ର ସଂସଦ ନିର୍ବାଚନକୁ ନେଇ ଉତ୍ତେଜନା! ଦୁଇ ଗୋଷ୍ଠୀର ଅଣଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ପରେ ଜଣେ ଯୁବକଙ୍କୁ ଛୁରାମାଡ଼ ଅଭିଯୋଗ। ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି ଦୀପକମଲ ମହାପାତ୍ର। ପ୍ରଥମେ ତାଙ୍କୁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ଘଟଣାକୁ ନେଇ ସହରରେ ଉତ୍ତେଜନା ଲାଗି ରହିଥିବା ବେଳେ ପୋଲିସର ତଦନ୍ତ ଜାରି ରହିଛି।

ଏହି ଆକ୍ରମଣରେ ଦୀପକମଲ ମହାପାତ୍ରଙ୍କ ପେଟ, ହାତ ଓ ଗୋଡ଼ରେ ଆଘାତ ଲାଗିଥିବା ଜଣାପଡ଼ିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

ଘଟଣା ପରେ ଉମରକୋଟ ସହରରେ ଉତ୍ତେଜନା ଲାଗି ରହିଛି। ମେଡିକାଲ ପରିସରରେ ମଧ୍ୟ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଦେଖାଦେଇଛି।

### କେନ୍ଦ୍ରାପଡ଼ା କଲେଜ ଛାତ୍ରସଂସଦ ନିର୍ବାଚନ

## ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ

### ଆଚରଣ ବିଧି ପାଳନ ପାଇଁ ସମସ୍ତ ପ୍ରାର୍ଥୀଙ୍କୁ ନିର୍ଦ୍ଦେଶ

**କେନ୍ଦ୍ରାପଡ଼ା,୧୦।୧୦ (ସଂଚାର ବ୍ୟୁରୋ)ଃ** କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରସଂସଦ ନିର୍ବାଚନକୁ ନେଇ ରାଜନୈତିକ ଉଷ୍ମତା ବଢ଼ିଥିବା ବେଳେ ଶୁକ୍ରବାର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ବିଭିନ୍ନ ପଦବି ପାଇଁ ଏକାଧିକ ପ୍ରାର୍ଥୀଙ୍କ ନାମାଙ୍କନପତ୍ର କାଏମ ରହିଥିବା ବେଳେ କେତେକ ପଦରେ ପ୍ରାର୍ଥୀ ନଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, ନିର୍ବାଚନ ଆଚରଣ ବିଧି କଡ଼ାକଡ଼ି ପାଳନ କରିବାକୁ କଲେଜ କର୍ତ୍ତୃପକ୍ଷ ସମସ୍ତ ପ୍ରାର୍ଥୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶିତ ତାଲିକା ଅନୁଯାୟୀ, ଛାତ୍ରସଂସଦ ସଭାପତି ପଦ ପାଇଁ ଶୁଭମରଞ୍ଜନ ଦାସ, ହିମାଂଶୁ ନାୟକ, ସୋମନାଥ ମଲ୍ଲିକ, ତୁଳସୀ ମଲ୍ଲିକ ଓ ଶୁଭମ କୁମାର ସେଠୀଙ୍କ ନାମାଙ୍କନପତ୍ର କାଏମ ରହିଛି। ଉପସଭାପତି ପଦ ପାଇଁ ଆକାଶ ବାରିକ, ଓମପ୍ରକାଶ ଦାସ ଓ ଚିରଞ୍ଜିତ ଜତିଙ୍କ ନାମାଙ୍କନପତ୍ର କାଏମ ରହିଛି।

ସେହିପରି ସାଧାରଣ ସମ୍ପାଦକ ପଦ ପାଇଁ ଶୁଭେନ୍ଦୁ ବିକାଶ ମଲ୍ଲିକ, ଆଲୋକ ସେଠୀ, ଅଭିଷେକ ସ୍ୱାଇଁ ଓ ଲକ୍ଷ୍ମୀଧର ସାହୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ସହକାରୀ ସାଧାରଣ ସମ୍ପାଦକ ପଦ ପାଇଁ ମହମ୍ମଦ ଆୱାସ ଓ ଅବିନାଶ ନାଥଙ୍କ




ନାମାଙ୍କନପତ୍ର କାଏମ ରହିଛି।

ନାଟ୍ୟ ସଂସଦ ସମ୍ପାଦକ ପଦ ପାଇଁ ଦେବସ୍ମିତା ପି. ସୂତାର, ସ୍ୱାତୀ ସ୍ୱାଗତିକା ଜେନା ଓ ସୋମନାଥ ନାୟକ ମଇଦାନରେ ଥିବା ବେଳେ କ୍ରୀଡ଼ା ସଂସଦ ସମ୍ପାଦକ ପଦ ପାଇଁ ଶୁଭଙ୍କର ସିଂ ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ମଲ୍ଲିକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ।

ଅନ୍ୟପକ୍ଷରେ, ଶ୍ରେଣୀ ପ୍ରତିନିଧି ଭାବେ ବର୍ଷାରାଣୀ ସ୍ୱାଇଁ, ମହାବିଦ୍ୟାଳୟ ପତ୍ରିକାର ଛାତ୍ର ପ୍ରତିନିଧି ଭାବେ ଜିତ ପ୍ରସାଦ ରାଉତ, କ୍ରୀଡ଼ା ସଂସଦର ସହକାରୀ ସମ୍ପାଦକ ଭାବେ ଆଲୋକ ଲେଙ୍କା ଏବଂ ବାଳିକା ସାଧାରଣ କକ୍ଷ ସମ୍ପାଦକ ଭାବେ ପ୍ରିୟଦର୍ଶିନୀ ମଣ୍ଡୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

ଏଥିସହ ଦିବାଛାତ୍ର ସଂଘର ସମ୍ପାଦକ ଓ ସହକାରୀ ସମ୍ପାଦକ, ସାମାଜିକ ସେବା ସଂଘର ସମ୍ପାଦକ, ସହକାରୀ ସମ୍ପାଦକ ଓ ଶ୍ରେଣୀ ପ୍ରତିନିଧି, ବାଳକ ସାଧାରଣ କକ୍ଷର ସମ୍ପାଦକ ଓ ସହକାରୀ ସମ୍ପାଦକ, କ୍ରୀଡ଼ା ସଂସଦର ଶ୍ରେଣୀ ଓ ବାଳିକା ପ୍ରତିନିଧି, ନାଟ୍ୟ ସଂସଦର ସହକାରୀ ସମ୍ପାଦକ ଓ ଶ୍ରେଣୀ ପ୍ରତିନିଧି ଏବଂ ବାଳିକା ସାଧାରଣ କକ୍ଷର ସହକାରୀ ସମ୍ପାଦକ ପଦ ପାଇଁ କୌଣସି ନାମାଙ୍କନପତ୍ର ଦାଖଲ ହୋଇନଥିବା ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

ନିର୍ବାଚନ ଅଧିକାରୀ ପ୍ରଫେସର ଗୌତମ ଦାସ ଓ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଚିରଞ୍ଜନ ଦାସଙ୍କ ପକ୍ଷରୁ ଏ ସମ୍ପର୍କରେ ବିଜ୍ଞପ୍ତି ଜାରି କରାଯାଇଛି। ଲିଙ୍ଗଡୋ କମିଶନ ଓ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶାବଳୀ ଅନୁପାଳନ କରିବା ସହ ନିର୍ବାଚନ ଆଚରଣ ବିଧି ପାଳନ କରିବାକୁ ସମସ୍ତ କାଏମ ପ୍ରାର୍ଥୀଙ୍କୁ କର୍ତ୍ତୃପକ୍ଷ ତାଗିଦ କରିଛନ୍ତି। ନିର୍ବାଚନକୁ ଶୃଙ୍ଖଳିତ ଓ ନିୟମାନୁସାରେ ସମ୍ପନ୍ନ କରିବା ଉପରେ କଲେଜ ପ୍ରଶାସନ ଗୁରୁତ୍ୱ ଦେଇଛି।

### ଛାତ୍ରସଂସଦ ନିର୍ବାଚନ ମଇଦାନକୁ ଓହ୍ଲାଇଲେ ପୂର୍ବତନ ମନ୍ତ୍ରୀ ଅତନୁ

## ଲୋପାମୁଦ୍ରାଙ୍କ ଶାଶୂ ଶ୍ୱଶୁର ବିଜେଡିରେ ସାମିଲ

**ମାର୍ଶାଘାଇ,୧୦।୧୦ (ସଂଚାର ବ୍ୟୁରୋ)ଃ** ମାର୍ଶାଘାଇ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନକୁ ନେଇ ରାଜନୈତିକ



ତତ୍ପରତା ବୃଦ୍ଧି ପାଇଛି। ବିଜୁ ଛାତ୍ର ଜନତା ଦଳ ସମର୍ଥିତ ସଭାପତି ପ୍ରାର୍ଥୀନୀ ଲୋପାମୁଦ୍ରା ସ୍ୱାଇଁଙ୍କ ସମର୍ଥନରେ ମଇଦାନକୁ ଓହ୍ଲାଇଛନ୍ତି ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ। ଏହି ଅବସରରେ ଲୋପାମୁଦ୍ରାଙ୍କ ଶ୍ୱଶୁର ତଥା ମାର୍ଶାଘାଇର ଯୁବନେତା ରମାକାନ୍ତ ମଲିକ ଏବଂ ଶାଶୁ ସରସ୍ୱତୀ ମଲିକ ବିଜୁ ଜନତା ଦଳରେ ଆନୁଷ୍ଠାନିକ ଭାବେ ସାମିଲ ହୋଇଛନ୍ତି।

ମାର୍ଶାଘାଇ ବ୍ଲକ ବିଜେଡି ସଭାପତି ପ୍ରତାପ କୁମାର ମଲିକଙ୍କ ଆୟୋଜନରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ପୂର୍ବତନ ମନ୍ତ୍ରୀ ଶ୍ରୀ ନାୟକ ନବାଗତଙ୍କୁ ଦଳକୁ ସ୍ୱାଗତ କରିଥିଲେ। ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭଳ, ପୂର୍ବତନ ସରପଞ୍ଚ ମାଧବାନନ୍ଦ ପାତ୍ର ଓ ପ୍ରତାପ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ପରେ ଅତନୁ ସବ୍ୟସାଚୀ ନାୟକ ମହାବିଦ୍ୟାଳୟର ସଭାପତି ପ୍ରାର୍ଥୀନୀ ଲୋପାମୁଦ୍ରା ସ୍ୱାଇଁ, ସାଧାରଣ ସମ୍ପାଦକ ପ୍ରାର୍ଥୀ ଶକ୍ତି ମିଶ୍ରଙ୍କ ସମେତ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ସହ ନିର୍ବାଚନ ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ର ସଂସଦ ନିର୍ବାଚନକୁ ନେଇ ଏହି ରାଜନୈତିକ ଗତିବିଧି ମାର୍ଶାଘାଇ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ମଙ୍ଗଳା କଲେଜରେ ସ୍ମାର୍ଟ ଫୋନ୍‌ରେ ମାତିଲା ପ୍ରଚାର

**କାକଟପୁର/ଅସ୍ତରଙ୍ଗ,୧୦।୧୦ (ସଂଚାର ବ୍ୟୁରୋ)ଃ** ସରଗରମ ହେଲା ପୁରୀ ଜିଲ୍ଲା କାକଟପୁର ମଙ୍ଗଳା ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ। ଗତ ୯ ଅକ୍ଟୋବରରେ ନାମାଙ୍କନ ପର୍ବ ସରିଥିଲା। ସେଦିନ ମୋଟ ୪୩ ଜଣ ପ୍ରାର୍ଥୀ-ପ୍ରାର୍ଥୀନୀ ନିଜ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସନ୍ଧ୍ୟା ୫ଟା ପରେ ଯାଞ୍ଚ ପରେ ଜଣେ ପ୍ରାର୍ଥୀଙ୍କ ନାମାଙ୍କନ ନାକଚ ହୋଇଥିଲା। ଫଳରେ ସଂଖ୍ୟା ୪୨କୁ ଖସି ଆସିଥିଲା। ଶନିବାର ଅକ୍ଟୋବର ୧୦ ତାରିଖ ଥିଲା ପ୍ରାର୍ଥୀ ପତ୍ର ପ୍ରତ୍ୟାହାରର ଶେଷ ଦିନ।

କଲେଜ ପ୍ରଶାସନ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଶନିବାର ୨ ଜଣ ପ୍ରାର୍ଥୀ ପ୍ରତ୍ୟାହାର କରିଛନ୍ତି। ଅପରାହ୍ନରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ବର୍ତ୍ତମାନ ମୋଟ ୪୦ ଜଣ ପ୍ରାର୍ଥୀ ମଇଦାନରେ ଅଛନ୍ତି। ଏଥର ମୋଟ ୮୬୦ ଜଣ ବୋନାଫାଇଡି ଛାତ୍ର-ଛାତ୍ରୀ ଭୋଟ ଦେବେ। ଚୂଡ଼ାନ୍ତ ତାଲିକା ପଡିବା ପରେ କ୍ୟାମ୍ପସରେ ନିର୍ବାଚନୀ ହାୱା ଆହୁରି ଗରମ ହୋଇଛି। ଏଥର ନିର୍ବାଚନର ସବୁଠୁ ବଡ ଆକର୍ଷଣ ହେଲା ସଭାପତି ପଦ। ଏଠି ତ୍ରିମୁଖୀ

> **ହ୍ୱାଟ୍ସଅପ-ଫେସବୁକ-ଇନଷ୍ଟାରେ ଭୋଟ ଭିକ୍ଷା**
>
> **ଆଜି ରବିବାର ଗାଁ ଗାଁ ବୁଲିବେ ପ୍ରାର୍ଥୀ, ପ୍ରାର୍ଥୀନି**
>
> **ଘର ଘର ଯାଇ ମାଗିବେ ଭୋଟ**

ଲଢେଇ ହେବ। ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ସମର୍ଥିତ ସଭାପତି ପ୍ରାର୍ଥୀନୀ ଅଳକାନନ୍ଦା ବେହେରା, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ରୁ ରେଶ୍ମି ନାୟକ ଏବଂ ଏନଏସୟୁଆଇ ସମର୍ଥିତ ସ୍ମୃତି ପ୍ରିୟା ସାହୁଙ୍କ ମଧ୍ୟରେ କଡା ଟକ୍କର। ତିନି ଜଣ ଯାକ ଜଣେ ଜଣେ ଛାତ୍ରୀନେତ୍ରୀ, ତିନି ଜଣଙ୍କର ନିଜ ନିଜ ଗୋଷ୍ଠୀରେ ଭଲ ପ୍ରଭାବ ରହିଛି। କିଏ ଜିତିବ ତାହା ଏବେ ସବୁଠୁ ବଡ ପ୍ରଶ୍ନ।

ଚୂଡ଼ାନ୍ତ ତାଲିକା ବାହାରିବା ପରେ ପ୍ରାର୍ଥୀ ଓ ବିଭିନ୍ନ ଛାତ୍ରନେତାମାନେ ପ୍ରଚାରରେ ଲାଗି ପଡିଛନ୍ତି। ଏଥର ଦେଖିବାକୁ ମିଳିଛି ୩ ଦଳ ପକ୍ଷରୁ ସୋସିଆଲ ମିଡିଆରେ ଅଧିକ ମାତ୍ରାରେ ପ୍ରଚାର ହେଉଛି। ୱାଟ୍ସଅପ ଗ୍ରୁପ, ଫେସବୁକ, ଇନଷ୍ଟା ମାଧ୍ୟମରେ ଭୋଟ ଭିକ୍ଷା ଚାଲିଛି। ରିଲ୍, ଷ୍ଟୋରୀ, ପୋଷ୍ଟର, ସ୍ଲୋଗାନ ଭାଇରାଲ ହେଉଛି। ଗୋଟିଏ ରାତିରେ ହଜାର ହଜାର ସେୟାର, ଲାଇକ, କମେଣ୍ଟ। ରାତି ଅଧ ଯାଏଁ ଅନଲାଇନ ମିଟିଂ ଚାଲିଛି। ଏଥର ମୋବାଇଲ ହିଁ ପ୍ରଚାରର ମୁଖ୍ୟ ଅସ୍ତ୍ର ପାଲଟିଛି।

ଆଜି ଅକ୍ଟୋବର ୧୧ ତାରିଖ ରବିବାର। ଛୁଟି ଦିନର ପୂରା ଫାଇଦା ନେବେ ପ୍ରାର୍ଥୀ। ବିଶେଷ ସୂତ୍ରରୁ ଜଣାପଡିଛି, ପ୍ରାର୍ଥୀମାନେ ରାଜନୈତିକ ଦଳର କର୍ମୀ ଓ ନେତା ଙ୍କୁ ନେଇ ବିଭିନ୍ନ ଗାଁ ପରିଭ୍ରମଣ କରି ଛାତ୍ର-ଛାତ୍ରୀଙ୍କୁ ଘରେ ଘରେ ଭେଟି ଭୋଟ ମାଗିବେ। ହଷ୍ଟେଲ, ମେସ୍, ଟ୍ୟୁସନ ସେଣ୍ଟର ସବୁଠି ଡୋର-ଟୁ-ଡୋର କ୍ୟାମ୍ପେନ ହେବ। ଯିଏ ଗାଁ ହାତେଇବ, ସିଏ କଲେଜ ଜିତିବ ବୋଲି ଚର୍ଚ୍ଚା ଜୋର ଧରିଛି।

## ବ୍ରାହ୍ମଣୀ ବନ୍ୟା ଯନ୍ତ୍ରଣାରୁ ମୁକ୍ତି ପାଇଁ ମଦନପୁର କଟ୍ ଦାବି

**କେନ୍ଦ୍ରାପଡ଼ା,୯।୧୦(ସଂଚାର ବ୍ୟୁରୋ)ଃ** ବ୍ରାହ୍ମଣୀ ନଦୀର ବନ୍ୟାରୁ ସ୍ଥାୟୀ ମୁକ୍ତି ପାଇଁ ମଦନପୁର କଟ୍ ପ୍ରକଳ୍ପର କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ଦାବି ହୋଇଛି। ପଟ୍ଟାମୁଣ୍ଡାଇ ପୌର ପରିଷଦର ବନ୍ୟା ପ୍ରଭାବିତ ୧୧ଟି ୱାର୍ଡର ବାସିନ୍ଦା ଏ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଚଳିତ ବର୍ଷ ବ୍ରାହ୍ମଣୀ ବନ୍ୟାରେ ଅଞ୍ଚଳର ଲୋକେ ଏକ ମାସରୁ ଉର୍ଦ୍ଧ୍ୱ ସମୟ ଜଳବନ୍ଦୀ ରହିବା ସହ ଯୋଗାଯୋଗ ବିଚ୍ଛିନ୍ନ ଓ ଫସଲହାନିର ସମ୍ମୁଖୀନ ହୋଇଛନ୍ତି। ଗୋଖାଦ୍ୟ ଅଭାବ ସହ ବନ୍ୟାଜଳରେ କୁମ୍ଭୀର ଆତଙ୍କ ଜନଜୀବନକୁ ଆହୁରି ଦୁର୍ବିସହ କରିଛି। କୃଷି ଉପରେ ନିର୍ଭରଶୀଳ ପରିବାରଗୁଡ଼ିକର ଆର୍ଥିକ ସ୍ଥିତି ମଧ୍ୟ ଦୁର୍ବଳ ହୋଇପଡ଼ିଛି। ବନ୍ୟାଜଳ ନିଷ୍କାସନ ପାଇଁ ପଟ୍ଟାମୁଣ୍ଡାଇ ବ୍ଲକ୍‌ର ମଦନପୁରଠାରେ କଟ୍ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ସହ ଅନ୍ୟାନ୍ୟ କାର୍ଯ୍ୟ ଆଗେଇଥିଲା। ମାତ୍ର ରେଙ୍ଗାଲି ନଦୀବନ୍ଧ ନିର୍ମାଣ ପରେ ବନ୍ୟା ସମସ୍ୟା ରହିବ ନାହିଁ ବୋଲି ଧାରଣା କରାଯାଇ ପ୍ରକଳ୍ପଟି ଅଧାରେ ଅଟକି ରହିଥିବା ଅଞ୍ଚଳବାସୀ କହିଛନ୍ତି। ଏହି କଟ୍ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ବନ୍ୟାଜଳ ନିଷ୍କାସନ ସୁଗମ ହେବା ସହ ଚାଷଜମି ଓ ଜନଜୀବନର ସୁରକ୍ଷା ସମ୍ଭବ ହୋଇପାରିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ତେଣୁ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ୱାର୍ଡବାସୀ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ମଳୟ ଓଝା, ପାର୍ଥସାରଥୀ ଜେନା, ଆଶୀଷ କୁଣ୍ଡ, ସୁଶାନ୍ତ ବାରିକ ଓ ମନୋରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଦୀନବନ୍ଧୁ ସାହୁଙ୍କ ଜୟନ୍ତୀ ପାଳିତ

**କେନ୍ଦ୍ରାପଡ଼ା,୧୦।୧୦ (ସଂଚାର ବ୍ୟୁରୋ)ଃ** ସ୍ଥାନୀୟ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପରିସରରେ ବିଶିଷ୍ଟ ଆଇନଜୀବୀ ତଥା ପ୍ରବୀଣ ରାଜନେତା ସ୍ୱର୍ଗତ ଦୀନବନ୍ଧୁ ସାହୁଙ୍କ ଜନ୍ମଜୟନ୍ତୀ



ଶ୍ରଦ୍ଧା ଓ ସମ୍ମାନର ସହ ପାଳିତ ହୋଇଯାଇଛି। ଏହି ଅବସରରେ ତାଙ୍କର ଜୀବନାଦର୍ଶ ଓ କୃତିତ୍ୱକୁ ସ୍ମରଣ କରାଯାଇଥିଲା। ମହାବିଦ୍ୟାଳୟର ଉପାଧ୍ୟକ୍ଷ କଳିଙ୍ଗ କେଶରୀ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଜୟନ୍ତୀ ସମାରୋହ ପ୍ରାରମ୍ଭରେ ମହାବିଦ୍ୟାଳୟ ପରିସରରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ସ୍ୱର୍ଗତ ଦୀନବନ୍ଧୁ ସାହୁ ଓ ଭାଗବତ ପ୍ରସାଦ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଉପାଧ୍ୟକ୍ଷ ଶ୍ରୀ ବେହେରାଙ୍କ ସମେତ ଉପସ୍ଥିତ ଅତିଥି ଓ ଅଧ୍ୟାପକମାନେ ମହାପୁରୁଷମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଛାତ୍ରୀଙ୍କ ଅଧିକାର ଓ ମହିଳା ସଶକ୍ତିକରଣକୁ ପ୍ରାଧାନ୍ୟ ଦେଇ ନିର୍ବାଚନ ମଇଦାନରେ ପ୍ରାର୍ଥୀ ଶୁଭଲକ୍ଷ୍ମୀ

**ପାରାଦୀପ, ୧୦।୧୦ (ସଂଚାର ବ୍ୟୁରୋ)ଃ** ପାରାଦୀପ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନକୁ ନେଇ କ୍ୟାମ୍ପସରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ସଭାପତି ପଦ ପାଇଁ ଏବେ ତିନି ଜଣ ପ୍ରାର୍ଥୀଙ୍କ ମଧ୍ୟରେ ଲଢ଼େଇ ହେବାକୁ ଥିବାବେଳେ ସଭାପତି ପ୍ରାର୍ଥୀନି ଶୁଭଲକ୍ଷ୍ମୀ ଦାସ ମହିଳା



ସଶକ୍ତିକରଣକୁ ପାଥେୟ କରି ନିର୍ବାଚନୀ ମଇଦାନକୁ ଓହ୍ଲାଇଛନ୍ତି। ଆଜି ଶୁଭଲକ୍ଷ୍ମୀ ଦାସ ନିଜ ପ୍ୟାନେଲର ସମସ୍ତ ପ୍ରାର୍ଥୀ ଏବଂ ଶତାଧିକ ସହକର୍ମୀ, ସହପାଠୀଙ୍କ ସହ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ସମର୍ଥକମାନଙ୍କ ଉପସ୍ଥିତି ନିର୍ବାଚନୀ ପରିବେଶକୁ ଉତ୍ସାହପୂର୍ଣ୍ଣ କରିଥିଲା।

ଶୁଭଲକ୍ଷ୍ମୀ କହିଛନ୍ତି ଯେ ମହିଳା ସଶକ୍ତିକରଣକୁ ପାଥେୟ କରି ସେ ଆଗକୁ ବଢ଼ିବେ। ଛାତ୍ରୀମାନଙ୍କ ଅଧିକାର, ସମ୍ମାନ ଓ ସେମାନଙ୍କ ସକ୍ରିୟ ଅଂଶଗ୍ରହଣକୁ ଗୁରୁତ୍ୱ ଦେବା ସହ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବା ତାଙ୍କ ନିର୍ବାଚନୀ ଅଭିଯାନର ମୁଖ୍ୟ ବାର୍ତ୍ତା ରହିଛି।

ଅନ୍ୟପକ୍ଷରେ, ସଭାପତି ପଦ ପାଇଁ ପ୍ରଥମେ ପାଞ୍ଚ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବାବେଳେ ତ୍ରିଶିଳା ରାଉତ ଓ ଲକ୍ଷ୍ମୀପ୍ରିୟା ବାରିକ ନାମାଙ୍କନ ପ୍ରତ୍ୟାହାର କରିବା ପରେ ଏବେ ତିନି ଜଣ ପ୍ରାର୍ଥୀ ନିର୍ବାଚନ ଲଢ଼ିବେ। ନିର୍ବାଚନ ଯେତିକି ପାଖେଇ ଆସୁଛି, ସେତିକି ବଢ଼ୁଛି ପ୍ରାର୍ଥୀଙ୍କ ପ୍ରଚାର ଓ ସମର୍ଥକଙ୍କ ଉତ୍ସାହ। ଏବେ ଛାତ୍ରଛାତ୍ରୀଙ୍କ ରାୟ କାହା ସପକ୍ଷରେ ଯାଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ମାଟିଆପଡାରେ ବନ୍ୟପ୍ରାଣୀ ସପ୍ତାହ ପାଳିତ

**ପଟ୍ଟାମୁଣ୍ଡାଇ, ୧୦।୧୦ (ସଂଚାର ବ୍ୟୁରୋ)ଃ** ପରିବେଶ ସନ୍ତୁଳନ ପାଇଁ ବନ୍ୟପ୍ରାଣୀ ସୁରକ୍ଷା ଜରୁରୀ । ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଜନସଚେତନତା ସୃଷ୍ଟି ଉଦେଶ୍ୟରେ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମାଟିଆପଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପ୍ରଧାନଶିକ୍ଷକ କବି ମନୋଜ ଶତପଥୀଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଆପୁଆ ନିର୍ଦ୍ଦେଶକ ବିଶିଷ୍ଟ ପରିବେଶବିତ ବିଜୟ କବି ମୁଖ୍ୟଅତିଥି ପ୍ରାକ୍ତନ ପ୍ରଧାନଶିକ୍ଷକ ଶରତ କୁମାର ଗାହାଣ ମୁଖ୍ୟବକ୍ତା ବନ ବିଭାଗ ଅଧିକାରୀ ରାଜେଶ ପଟନାୟକ ସ୍କୁଲ ପରିଚାଳନା କମିଟି ସଭା ପତି ଅକ୍ଷୟ କୁମାର ସାହୁ ସମ୍ମାନିତଅତିଥି ଭାବେ ପରିବେଶ ସୁରକ୍ଷା ସୁସ୍ଥ ପରିବେଶ ସୃଷ୍ଟି କ୍ଷେତ୍ରରେ ବନ୍ୟଜନ୍ତୁ ମାନଙ୍କ ଭୂମିକା,ସ୍ଥିତି ଅବସ୍ଥିତି ଓ ସୁରକ୍ଷା ଉପରେ ଆଲୋକପାତ କରିଥିଲେ ।

## ହିଞ୍ଜିଳିକାଟୁ ଛାତ୍ରସଂସଦ ନିର୍ବାଚନ, ରଣାଙ୍ଗନରେ ୩୪ ପ୍ରାର୍ଥୀ

### ଅଣଛାତ୍ର ପ୍ରବେଶକୁ ଅଧ୍ୟକ୍ଷଙ୍କ ତାଗିଦ୍

**ହିଞ୍ଜିଳିକାଟୁ,୧୦।୧୦ (ସଂଚାର ବ୍ୟୁରୋ)ଃ** ହିଞ୍ଜିଳିକାଟୁ ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟରେ ମୋଟ ୧୭ ଟି ପଦବୀ ନିମନ୍ତେ ୩୪ ଜଣ ନିର୍ବାଚନ ଲଢୁଥିବା ବେଳେ ଜଣେ ପ୍ରାର୍ଥୀ ବି ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନାହାନ୍ତି | ଯାହାଫଳରେ ସମସ୍ତ ପଦବୀ ନିମନ୍ତେ ସମସ୍ତ ଆଶାୟୀ ପ୍ରାର୍ଥୀ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ଥିବା ଜଣାପଡିଛି | ଅପରାହ୍ନ ଗୋଟାଏ ବେଳେ କିଛି କଲେଜ ଛାତ୍ର ଅଧ୍ୟକ୍ଷ ଡ଼. ହରିହର ମୁନୀଙ୍କୁ ଭେଟି ଅଣଛାତ୍ର ପ୍ରବେଶ ନେଇ ଆପତ୍ତି ଉଠାଇଥିଲେ। ଅଧ୍ୟକ୍ଷ ସେହି ଛାତ୍ରମାନଙ୍କୁ ପୁଲିସ ଉପସ୍ଥିତିରେ ତାଗିଦ କରିଥିଲେ।



ଗତକାଲି ନିର୍ବାଚନ ନାମାଙ୍କନ ବେଳେ ବିଜେପି ସମର୍ଥିତ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓ ବିଜୁ ଛାତ୍ର ଜନତା ଦଳର ଆଗ ଧାଡ଼ିର ପୁରୁଖା ନେତାମାନଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ନେଇ ରାଜନୈତିକ ସମୀକ୍ଷକମାନେ ନାପସନ୍ଦ କରିଛନ୍ତି। ଅନ୍ୟପଟେ ବିରୋଧୀ ଦଳ ନେତା ତଥା ବିଧାୟକ ନବୀନ ପଟ୍ଟନାୟକଙ୍କ ନିର୍ବାଚନ ମଣ୍ଡଳୀ ହିଞ୍ଜିଳି ହୋଇଥିବାରୁ ସଭାପତି ଆସନ ହାତେଇବାକୁ ବିସିଜେଡି ଚେଷ୍ଟା କରୁଛି | ଗତ ୧୦ ବର୍ଷ ତଳେ ପୂର୍ବ କଲେଜ ନିର୍ବାଚନ ଗୁଡ଼ିକରେ ବିଜେଡ଼ି ସମର୍ଥିତ ପ୍ରାର୍ଥୀ ବିଜୟୀ ହେଉଥିବା ବେଳେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସେଥିରେ ରୋକ୍ ଲଗେଇ କଲେଜ ନିର୍ବାଚନ ହାତେଇବା ଲକ୍ଷ୍ୟରେ ରହିଛି।

ଆଜିଠାରୁ ପ୍ରଚାର ମଇଦାନରେ ଜମିବ ଲଢ଼େଇ। ଆସନ୍ତା ୧୫ ତାରିଖରେ ହେବ ମତଦାନ। ତେବେ କାହା ମୁଣ୍ଡରେ ବିଜୟ ମୁକୁଟ ପିନ୍ଧାଇବେ ଛାତ୍ରଛାତ୍ରୀ, ତାହାକୁ ନେଇ ଏବେ ସମସ୍ତଙ୍କ ନଜର |

# ଓଡ଼ିଆ ବିଶ୍ୱବିଦ୍ୟାଳୟର ତୃତୀୟ ପ୍ରତିଷ୍ଠା ଦିବସ ପାଳିତ

**ସତ୍ୟବାଦୀ,୧୦।୧୦ (ସଂଚାର ବ୍ୟୁରୋ)ଃ** ଓଡ଼ିଆ ଭାଷା, ସାହିତ୍ୟ ଓ ଐତିହ୍ୟର ଗବେଷଣାକୁ ଗୁରୁତ୍ୱ ଦେଇ ଗଢ଼ିଉଠିଥିବା ଓଡ଼ିଆ ବିଶ୍ୱବିଦ୍ୟାଳୟର ତୃତୀୟ ପ୍ରତିଷ୍ଠା ଦିବସ ଶନିବାର ବର୍ଣ୍ଣାଢ଼୍ୟ ପରିବେଶରେ ପାଳିତ ହୋଇଯାଇଛି। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପୁଣ୍ୟ ଜନ୍ମତିଥି ଅବସରରେ କୁଳପତି, ଆମନ୍ତ୍ରିତ ଅତିଥି, ଅଧ୍ୟାପକ-ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ପଞ୍ଚସଖାଙ୍କ ସମାଧିପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।




ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ମୁଖ୍ୟ ସମାରୋହରେ କୁଳପତି ପ୍ରଫେସର ଡ. ସତ୍ୟନାରାୟଣ ଆଚାର୍ଯ୍ୟ ପୌରୋହିତ୍ୟ କରିଥିଲେ। ବିହାରସ୍ଥିତ ଡ. ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳାଧିପତି ତଥା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ସଂଖ୍ୟା ବୃଦ୍ଧି ସହ ଉଚ୍ଚଶିକ୍ଷାର ଗୁଣାତ୍ମକ ମାନ ହ୍ରାସ ପାଉଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ସ୍ଥାପନର ମାତୃବୀଜ ସତ୍ୟବାଦୀର ଏହି ପବିତ୍ର ମାଟିରୁ ହିଁ ଆରମ୍ଭ ହୋଇଥିଲା ବୋଲି ସେ ମତ ଦେଇଥିଲେ। ବିଶ୍ୱବିଦ୍ୟାଳୟକୁ 'ଷ୍ଟେଟ୍ ଇନ୍‌ସାଇଡ୍ ଷ୍ଟେଟ୍' ଭାବେ ଅଭିହିତ କରି ସେ ଏହାର ଦାୟିତ୍ୱ ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

ସମାରୋହରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଏବଂ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରାକ୍ତନ ମୁଖ୍ୟ ଡ. ନୃସିଂହ ଚରଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ସମାଚାର ପତ୍ରିକା 'ଭାଷାସୁରଭି', ଡ. ଲିପିକା ନାୟକଙ୍କ ରଚିତ ଉପନ୍ୟାସ 'ଚନ୍ଦ୍ରଲେଖା' ଏବଂ ଡ. ଶର୍ମିଷ୍ଠା ମହାପାତ୍ରଙ୍କ ସଂକଳିତ ଆଲୋଚନା ପୁସ୍ତକ 'ସତ୍ୟବାଦୀ ସାହିତ୍ୟ ଚର୍ଚ୍ଚା' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା।

■ ସୁରକ୍ଷିତ ଓଡ଼ିଶା, ବିକଶିତ ଓଡ଼ିଶା

# ୨୫ ଦିନରେ ୩୭୬୪ ପ୍ରତିଷ୍ଠାନର ଅଗ୍ନିଶମ ନିରାପତ୍ତା ଅଡିଟ୍



ଭୁବନେଶ୍ୱର, ୧୦।୧୦ (ସଂଚାର ବ୍ୟୁରୋ): ରାଜ୍ୟରେ ଅଗ୍ନିଶମ ନିରାପତ୍ତା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା, ଜନସାଧାରଣଙ୍କ ଧନଜୀବନର ସୁରକ୍ଷା ସୁନିଶ୍ଚିତ କରିବା ଓ ବିଭିନ୍ନ ବ୍ୟାବସାୟିକ, ସରକାରୀ ଓ ବେସରକାରୀ ପ୍ରତିଷ୍ଠାନରେ ଅଗ୍ନିଶମ ନିରାପତ୍ତା ବ୍ୟବସ୍ଥାର ସଠିକ୍ ଯାଞ୍ଚ କରିବା ଉଦ୍ଦେଶ୍ୟରେ ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା ପକ୍ଷରୁ ଆରମ୍ଭ ହୋଇଥିବା 'ସୁରକ୍ଷିତ ଓଡ଼ିଶା, ବିକଶିତ ଓଡ଼ିଶା' ଅଭିଯାନ ବ୍ୟାପକ ଭାବେ ଜାରି ରହିଛି। ଗତ ୧୫ରୁ ଅକ୍ଟୋବର ୯ ପର୍ଯ୍ୟନ୍ତ ଚାଲିଥିବା ଏହି ସ୍ୱତନ୍ତ୍ର ଅଗ୍ନିଶମ ନିରାପତ୍ତା ଅଡିଟ୍ ଅଭିଯାନରେ ରାଜ୍ୟ ଅଗ୍ନିଶମ ସେବାର ବରିଷ୍ଠ ଅଧିକାରୀ ଓ ସ୍ୱତନ୍ତ୍ର ଟିମ୍‌ଗୁଡ଼ିକ ଦ୍ୱାରା ମୋଟ ୩୭୬୪ଟି ସଂସ୍ଥାନ/ପ୍ରତିଷ୍ଠାନରେ ବିସ୍ତୃତ ଅଗ୍ନିଶମ ନିରାପତ୍ତା ଯାଞ୍ଚ କରାଯାଇଛି।

ଉତ୍ତରାଞ୍ଚଳ (ସମ୍ବଲପୁର) ଅଧୀନରେ ସର୍ବାଧିକ ୧୩୨୮ଟି, ଦକ୍ଷିଣାଞ୍ଚଳ (ବ୍ରହ୍ମପୁର) ଅଧୀନରେ ୧୨୬୦ଟି ପ୍ରତିଷ୍ଠାନ ଏବଂ କେନ୍ଦ୍ରାଞ୍ଚଳ (କଟକ) ଅଧୀନରେ ୧୧୭୬ଟି ପ୍ରତିଷ୍ଠାନର ଅଡିଟ୍ କରାଯାଇଛି। ଏଥିସହ ମୁଖ୍ୟ ଅଗ୍ନିଶମ ଅଧିକାରୀ ଦେବେନ୍ଦ୍ର କୁମାର ସ୍ୱାଇଁଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ଦ୍ୱାରା ୩ଟି ପ୍ରତିଷ୍ଠାନର ଅଡିଟ୍ କରାଯାଇଥିଲା। ଅଡିଟ୍ ସମୟରେ ପ୍ରତିଷ୍ଠାନଗୁଡ଼ିକରେ ଅଗ୍ନିଶମ ନିରାପତ୍ତା ପ୍ରମାଣପତ୍ର ବୈଧ ଭାବେ ରହିଛି କି ନାହିଁ, ଆବଶ୍ୟକୀୟ ଅଗ୍ନିଶମ ଓ ନିରାପତ୍ତା ଉପକରଣଗୁଡ଼ିକ ଉପଲବ୍ଧ ଓ କାର୍ଯ୍ୟକ୍ଷମ ଅଛି କି ନାହିଁ, ଜରୁରୀକାଳୀନ ପ୍ରସ୍ଥାନ ପଥ ଓ ଦ୍ୱାରଗୁଡ଼ିକ ଅବରୋଧମୁକ୍ତ ଅଛି କି ନାହିଁ, ଅଗ୍ନି ନିର୍ବାପକ ବ୍ୟବସ୍ଥା କାର୍ଯ୍ୟକ୍ଷମ ଅଛି କି ନାହିଁ ଓ ଜରୁରୀକାଳୀନ ସମୟରେ ନିରାପଦ ଭାବେ ବାହାରିବା ପାଇଁ ଆବଶ୍ୟକ ବ୍ୟବସ୍ଥା ରହିଛି କି ନାହିଁ, ସେସବୁ ଦିଗ ଯାଞ୍ଚ କରାଯାଇଥିଲା।

ଏଥିସହ ପ୍ରତିଷ୍ଠାନର କର୍ମଚାରୀମାନଙ୍କୁ ଅଗ୍ନିକାଣ୍ଡ ସମୟରେ ନିରାପଦ ଭାବେ ପ୍ରତିକ୍ରିୟା ପ୍ରଦାନ କରିବା, ଆବଶ୍ୟକ ପ୍ରାଥମିକ ଅଗ୍ନି ନିରାପତ୍ତା ପଦକ୍ଷେପ ଗ୍ରହଣ କରିବା ଓ ଅଗ୍ନି ନିର୍ବାପକ ଯନ୍ତ୍ରର ସଠିକ୍ ବ୍ୟବହାର ସମ୍ପର୍କରେ ଆବଶ୍ୟକ ସଚେତନତା ଓ ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ କେବଳ ତ୍ରୁଟି ଚିହ୍ନଟ କରିବା ନୁହେଁ, ବରଂ ପ୍ରତିଷ୍ଠାନଗୁଡ଼ିକରେ ଅଗ୍ନି ନିରାପତ୍ତା ପ୍ରତିରୋଧ, ପ୍ରସ୍ତୁତି, ପ୍ରତିକ୍ରିୟା ଓ ନିରାପଦ ନିର୍ଗମନ ବ୍ୟବସ୍ଥାକୁ ସୁଦୃଢ଼ କରି ଜୀବନ ଓ ସମ୍ପତ୍ତିର ସୁରକ୍ଷା ସୁନିଶ୍ଚିତ କରିବା।

ସମ୍ବଲପୁରରେ ୭୨ତମ ଜିଲ୍ଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ

# ଜଙ୍ଗଲ ରକ୍ଷା ପାଇଁ ସମୂହ ପ୍ରୟାସ ଜରୁରୀ

■ ସମ୍ବଲପୁର ଚିଡ଼ିଆଖାନା ଶିକ୍ଷା ଓ ଅନୁଭବର ଜୀବନ୍ତ ପ୍ରୟୋଗଶାଳା ହେବ

■ କେନ୍ଦୁପତ୍ର ତୋଳାଳିଙ୍କ କଲ୍ୟାଣ ଓ ଜଙ୍ଗଲଜାତ ଅର୍ଥନୀତି ସୁଦୃଢ଼ ହେବ



ସମ୍ବଲପୁର, ୧୦।୧୦ (ସଂଚାର ବ୍ୟୁରୋ): ପ୍ରକୃତି ଓ ମଣିଷର ସନ୍ତୁଳନ ରକ୍ଷା କରି ସମ୍ବଲପୁରର ଜଙ୍ଗଲ, ବନ୍ୟପ୍ରାଣୀ ଓ ପର୍ଯ୍ୟାବରଣର ସୁରକ୍ଷା ଆମର ସାମୂହିକ ଦାୟିତ୍ୱ ବୋଲି ଆଜି ସମ୍ବଲପୁର ଚିଡ଼ିଆଖାନା ପରିସରରେ ୭୨ତମ ଜିଲ୍ଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ସମାରୋହରେ ଯୋଗଦେଇ ସାଂସଦ ଧର୍ମେନ୍ଦ୍ର ପ୍ରଧାନ ମତ ବ୍ୟକ୍ତ କରିଛନ୍ତି। ସମ୍ବଲପୁର ଜଙ୍ଗଲ ଆହ୍ୱାନ, ବନ୍ୟପ୍ରାଣୀ ସୁରକ୍ଷା, ଜଙ୍ଗଲ ଆଧାରିତ ଅର୍ଥନୀତି ଓ ସ୍ୱଚ୍ଛତା ଉପରେ ଏକଜୁଟ୍ ହୋଇ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ସେ କହିଥିଲେ ଯେ ନୂଆ ପିଢ଼ି ଓ ଯୁବସମାଜ ଭିତରେ ବନ୍ୟଜନ୍ତୁ ଏବଂ ପରିବେଶ ସୁରକ୍ଷା ପ୍ରତି ଆକର୍ଷଣ ଓ ସଚେତନତା ବୃଦ୍ଧି କରିବା ଦିଗରେ ଜିଲ୍ଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହର ଆୟୋଜନ ପ୍ରଶଂସନୀୟ। ସମ୍ବଲପୁର ଜିଲ୍ଲାରେ ପାଖାପାଖି ୪୭ ଭାଗ ଭୂଖଣ୍ଡ ଜଙ୍ଗଲ ଆଚ୍ଛାଦିତ ରହିଛି। ସହର ଭିତରେ ଚିଡ଼ିଆଖାନା, ବୁଢାରାଜା ମନ୍ଦିର ରିଜର୍ଭ ଫରେଷ୍ଟ ଓ ସର୍କିଟ୍ ହାଉସ ପାଖ ଜଙ୍ଗଲ ସମେତ ହୀରାକୁଦ ଜଳାଶୟ, ଦେବ୍ରିଗଡ଼, ଉଷାକୋଠି, ଖଲାଶୁଣି, ଭୀମମଣ୍ଡଳୀ ଓ ବାମରା ଜଙ୍ଗଲକୁ ମିଶାଇ ସମ୍ବଲପୁରର ଏକ ନିଆରା ପରିଚୟ ରହିଛି। ସମ୍ବଲପୁରସ୍ଥିତ ଚିଡ଼ିଆଖାନାକୁ ଭାରତ ସରକାର ଓ ଜଙ୍ଗଲ ବିଭାଗର ଯୋଜନା ଅନୁଯାୟୀ ଏକ 'ମିନିଏଚର ସାଇନ୍ସ ପାର୍କ'ରେ ପରିଣତ କରିବା ପାଇଁ ଜିଲ୍ଲା ଓ ପୁଲିସ ପ୍ରଶାସନ ସହ ମିଶି ସମସ୍ତ ଆବଶ୍ୟକ ଜାଗା ଓ ପଦକ୍ଷେପ ଗ୍ରହଣ କରାଯାଉଛି। ଏହା କେବଳ ଜୀବଜନ୍ତୁ ଦେଖିବାର ସ୍ଥାନ ନୁହେଁ, ବରଂ ପରିବାର ଓ ଅନୁଭବ କରିବାର ଏକ ପ୍ରୟୋଗଶାଳା ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହାଛଡ଼ା କେନ୍ଦୁପତ୍ର, ଶାଳମଞ୍ଜି, ମହୁଲ ଓ ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟ ଭଳି ଜଙ୍ଗଲ ଆଧାରିତ ଅର୍ଥନୀତିକୁ ଭାରତ ସରକାରଙ୍କ 'ବନଧନ ଯୋଜନା' ଓ ସରକାରଙ୍କ ସକ୍ରିୟ ସହଯୋଗରେ ଆଗାମୀ ଦିନରେ ଅଧିକ ସୁବ୍ୟବସ୍ଥିତ କରାଯିବ। କେନ୍ଦୁପତ୍ର ତୋଳାଳିମାନଙ୍କୁ ସ୍ୱତନ୍ତ୍ର କ୍ୟାପିଟାଲ ରିଲିଫ୍ ପ୍ରଦାନ କରାଯାଉଛି। ବିଶ୍ୱାସର ସହ ବିକାଶ ଓ ଅର୍ଥନୈତିକ ଉନ୍ନତି ହେବା ସହ ପର୍ଯ୍ୟାବରଣ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ସର୍ବଦା ଅପରିହାର୍ଯ୍ୟ। ନିକଟରେ ଘଟିଥିବା କିଛି ଅଘଟଣକୁ ଦୃଷ୍ଟିରେ ରଖି ମଣିଷ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ପଡ଼ିବ। ପ୍ଲାଷ୍ଟିକ ଓ ଡିସ୍ପୋଜେବଲ୍ କପ୍ ବଦଳରେ ମାଟି ପାତ୍ର କିମ୍ବା ବାଉଁଶରେ ପ୍ରସ୍ତୁତ ପାତ୍ର ବ୍ୟବହାର କରି ପରିବେଶକୁ ପ୍ରଦୂଷଣମୁକ୍ତ କରିବାକୁ ହେବ।

# ସିଏଚଏସ ୮୩ ୱେଲଫେୟାର ସୋସାଇଟି ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



ଭୁବନେଶ୍ୱର,୧୦।୧୦(ସଂଚାର ବ୍ୟୁରୋ): ଆଜି ସିଏଚଏସ ୮୩ ୱେଲଫେୟାର ସୋସାଇଟି ପକ୍ଷରୁ କେୟାର ହସ୍ପିଟାଲ, ରୋଟାରୀ କ୍ଲବ ଓ ଉତ୍କଳ କରାଟେ ସ୍କୁଲଙ୍କ ମିଳିତ ଉଦ୍ୟମରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିରର ଆୟୋଜିତ ହୋଇଛି। ଶିବିରରେ ପ୍ରାୟ ୧୦୦ ଜଣଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଥିଲା। ଇସିଜି, ପିଏଫଟି, ଡେଣ୍ଟାଲ, ମଧୁମେହ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା କରାଯିବା ସହ କେୟାର ହସ୍ପିଟାଲର ଅଭିଜ୍ଞ ଡାକ୍ତର ଡ. ଦାମୋଦର ବିନ୍ଧାଣି ଓ ସହଯୋଗୀଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରାମର୍ଶ ଦିଆଯାଇଥିଲା। ସୂଚନାଯୋଗ୍ୟ ଯେ କ୍ୟାପିଟାଲ ହାଇସ୍କୁଲ ଭୁବନେଶ୍ୱରର ୧୯୮୩ ମସିହା ବ୍ୟାଚ ଦ୍ୱାରା ଗଠିତ ସାମାଜିକ ସଂଗଠନ ପକ୍ଷରୁ ପ୍ରତିବର୍ଷ ଏହିପରି ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ ହୋଇଆସୁଛି।

ଅନେକ ବୟୋଜ୍ୟେଷ୍ଠ ବ୍ୟକ୍ତି, ରୋଟାରିଆନ ଓ କ୍ୟାପିଟାଲ ହାଇସ୍କୁଲର ପୁରାତନ ଛାତ୍ର ଏଥିରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏହି ସ୍ୱାସ୍ଥ୍ୟ ସେବା ଶିବିରକୁ ସିଏଚଏସ ୮୩ ୱେଲଫେୟାର ସୋସାଇଟିର ସମ୍ପାଦକ ପୁଲିନ ସାହୁ, ସଭାପତି ବିଜୟ କୁମାର ପାତ୍ର, ଦେବାଶିଷ ପାଢ଼ୀ, ମୁରଗଙ୍କା ଛୋଟରାୟ, ବିଭୁଦତ୍ତ ସୁବୁଦ୍ଧି, ଶଶାଙ୍କ ପତି, ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ଡ. ହରି ପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିଲେ। ଆଗାମୀ ଦିନରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଏକ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହେବ ବୋଲି ଆୟୋଜକ ସୂଚନା ଦେଇଛନ୍ତି।

■ ଓଡ଼ିଶା ସୂଚନା ସେବା ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ

# କ୍ୟାଡର ସୁଦୃଢ଼ୀକରଣ ଓ ବୃତ୍ତିଗତ ଉତ୍କର୍ଷତାକୁ ଗୁରୁତ୍ୱ

'ଡିଜିଟାଲ ଯୁଗରେ ଜନସମ୍ପର୍କ' ଆଲୋଚନାଚକ୍ର



ଭୁବନେଶ୍ୱର,୧୦।୧୦(ସଂଚାର ବ୍ୟୁରୋ): ଓଡ଼ିଶା ସୂଚନା ସେବା ସଂଘ (ଓଆଇଏସଏ) ପକ୍ଷରୁ ଏହାର ବାର୍ଷିକ ଉତ୍ସବ-୨୦୨୬ ଆଜି ସ୍ଥାନୀୟ ଭାରତୀୟ ବିଦ୍ୟା ଭବନ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟର ବିଭିନ୍ନ ଉପଖଣ୍ଡ, ଜିଲ୍ଲା, ରାଜସ୍ୱ ଆୟୁକ୍ତ କାର୍ଯ୍ୟାଳୟ ସମେତ ରାଜ୍ୟ ମୁଖ୍ୟାଳୟ, ରାଜ୍ୟ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗରେ କାର୍ଯ୍ୟରତ ଓଡ଼ିଶା ସୂଚନା ସେବା ବର୍ଗର ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ 'ଡିଜିଟାଲ ଯୁଗରେ ଜନସମ୍ପର୍କ: ଲୋକସମ୍ପର୍କ ଅଧିକାରୀମାନଙ୍କ ପାଇଁ ବଦଳୁଥିବା ଦାୟିତ୍ୱ, ଆହ୍ୱାନ ଓ ସମ୍ଭାବନା' ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସଞ୍ଜୟ କୁମାର ବିଶ୍ୱାଳ ମୁଖ୍ୟ ଅତିଥି, ବିଭାଗର ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେଉରିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଭାରତୀୟ ଜନସଂଚାର ସଂସ୍ଥାନ, ଢେଙ୍କାନାଳର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ଶ୍ରୀ ବିଶ୍ୱାଳ ଓଆଇଏସ୍ ଅଧିକାରୀଙ୍କ ବୃତ୍ତିଗତ ବିକାଶ ଓ ସାମୂହିକ ଉନ୍ନତି କ୍ଷେତ୍ରରେ ଓଡ଼ିଶା ସୂଚନା ସେବା ସଂଘର ଭୂମିକାକୁ ପ୍ରଶଂସା କରିଥିଲେ। ସୂଚନା ସେବା କ୍ଷେତ୍ରରେ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ସେବାର ସଫଳ ପ୍ରଚାର ପ୍ରସାରକୁ ଅଧିକ ପ୍ରଭାବଶାଳୀ କରିବା, ଡିଜିଟାଲ ମିଡିଆର ବହୁଳ ବ୍ୟବହାରକୁ ଦୃଷ୍ଟିରେ ରଖି ସୂଚନା ସେବା କ୍ୟାଡରର ସୁଦୃଢ଼ୀକରଣ ନିମନ୍ତେ ବିଭାଗ ପକ୍ଷରୁ ଆବଶ୍ୟକ ସହଯୋଗ ନେଇ ସେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା ପ୍ରଫେସର ଆନନ୍ଦ ପ୍ରଧାନ ଆଲୋଚନାଚକ୍ରର ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ଏଥିରେ ଓଡ଼ିଶା ସୂଚନା ସେବା ସଂଘର ସଭାପତି ସୁଚେତା ପ୍ରିୟଦର୍ଶିନୀ, ସାଧାରଣ ସମ୍ପାଦକ ପଠାଣି ରାଉତ, ସଂଘର ବରିଷ୍ଠ ଉପଦେଷ୍ଟା ତଥା ବିଭାଗୀୟ ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ ଦାସ, ସଂଘର ଉପସଭାପତି ବିଭୂତି ଭୂଷଣ ନାୟକ, ଯୁଗ୍ମ ସମ୍ପାଦକ ଦୀପକ କୁମାର ସାହୁ ଉପସ୍ଥିତ ଥିଲେ।

# ଛାତ୍ରୀଙ୍କୁ ଅସଦାଚରଣ, ଶିକ୍ଷକ ଗିରଫ

ବାଲେଶ୍ୱର, ୧୦।୧୦(ସଂଚାର ବ୍ୟୁରୋ): ସ୍ଥାନୀୟ ଚାନ୍ଦିପୁର ଥାନା ଅନ୍ତର୍ଗତ ରଣସାହି ପଞ୍ଚାୟତର ଜୟନଗର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜଣୈକା ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଜଣେ ଶିକ୍ଷକଙ୍କୁ ପୁଲିସ୍ ଗିରଫ କରିଛି। ଦୀର୍ଘ ଦିନ ହେବ ଉକ୍ତ ଶିକ୍ଷକ ଜଣଙ୍କ ଖେଳ ଛୁଟି ସମୟରେ ପୀଡ଼ିତାଙ୍କୁ କ୍ଲାସରୁମ୍‌କୁ ଡାକି ଅସଦାଚରଣ ଓ 'ବ୍ୟାଡ୍ ଟଚ୍' କରିଆସୁଥିଲେ। ଏନେଇ ଛାତ୍ରୀ ଜଣଙ୍କ ପରିବାର ଲୋକଙ୍କୁ ଜଣାଇବା ପରେ ଗ୍ରାମବାସୀ ଓ ଅଭିଭାବକ ଏହାକୁ ବିରୋଧ କରିଥିଲେ। ତେବେ ଆଜି ପ୍ରମାଣ ସହ ଉକ୍ତ ଶିକ୍ଷକଙ୍କୁ ଗ୍ରାମବାସୀ ଧରିବା ସହ ପୁଲିସ୍ ଜିମା ଦେଇଥିଲେ। ଅଭିଯୁକ୍ତ ଶିକ୍ଷକଙ୍କ ବିରୋଧରେ ପୋକ୍ସୋ ଆଇନରେ ମାମଲା ରୁଜୁ କରାଯାଇଛି।



■ ଫାଇଟର୍ସ ଗ୍ରୁପର ପିଙ୍କ୍ ଅକ୍ଟୋବର କାର୍ଯ୍ୟକ୍ରମ

# କିଶୋରୀଙ୍କୁ ସ୍ତନ କର୍କଟ ନ ହେବା ଧାରଣା ଭୁଲ୍

ବରଗଡ଼, ୧୦।୧୦(ସଂଚାର ବ୍ୟୁରୋ): ସ୍ତନ କର୍କଟ ଏକ ଚିକିତ୍ସାଗତ ସମସ୍ୟା, ଲଜ୍ଜା କିମ୍ବା ସାମାଜିକ ଅପବାଦର ବିଷୟ ନୁହେଁ। ଭୟ ଓ ସଂକୋଚକୁ ପଛରେ ପକାଇ ପ୍ରାରମ୍ଭିକ ଲକ୍ଷଣ ଦେଖାଦେବା ମାତ୍ରେ ଡାକ୍ତରୀ ପରାମର୍ଶ ନେଲେ ଚିକିତ୍ସାର ସଫଳତାର ସମ୍ଭାବନା ବଢ଼ିଥାଏ। ମହିଳାଙ୍କ ମଧ୍ୟରେ ଏହି ବାର୍ତ୍ତା ପହଞ୍ଚାଇବା ଲକ୍ଷ୍ୟରେ ଫାଇଟର୍ସ ଗ୍ରୁପ, ବରଗଡ଼ ପକ୍ଷରୁ ଆଜି ଗାନ୍ଧି ଭବନଠାରେ ପିଙ୍କ୍ ଅକ୍ଟୋବର-୨୦୨୬ ଅବସରରେ ସ୍ତନ କର୍କଟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମହିଳା ପ୍ରସୂତି କର୍କଟ ବିଶେଷଜ୍ଞ ଡା. ଉଷଶ୍ରୀ ଦାସ ଓ କର୍କଟ ଅସ୍ତ୍ରୋପଚାର ବିଶେଷଜ୍ଞ ଡା. ବିପ୍ଳବ ମିଶ୍ର, କର୍କଟ ହେମୋଟୋଲୋଜି ବିଶେଷଜ୍ଞ ଡା. ଶତରୂପା ମହାପାତ୍ର ଯୋଗଦେଇ ସ୍ତନ କର୍କଟର ଲକ୍ଷଣ, ଚିହ୍ନଟ, ଚିକିତ୍ସା ଓ ଅସ୍ତ୍ରୋପଚାର ପରବର୍ତ୍ତୀ ଯତ୍ନ ସମ୍ପର୍କରେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଫାଇଟର୍ସ ଗ୍ରୁପ୍‌ର ବରିଷ୍ଠ କାର୍ଯ୍ୟକାରୀ ସଦସ୍ୟା ସୂର୍ଯ୍ୟକାନ୍ତି ସିକନ୍ଦର ସଭାପତିତ୍ୱ କରିଥିଲେ। ଡା. ଦାସ କହିଥିଲେ ଯେ ଯୁବତୀଙ୍କୁ ସ୍ତନ କର୍କଟ ହୁଏ ନାହିଁ ବୋଲି ରହିଥିବା ଧାରଣା ଭୁଲ୍। ବୟସ ବଢ଼ିବା ସହ ଏହି ରୋଗର ଆଶଙ୍କା ବୃଦ୍ଧି ପାଉଥିଲେ ମଧ୍ୟ କମ୍ ବୟସର ମହିଳା ମଧ୍ୟ ଏହାର ଶିକାର ହୋଇପାରନ୍ତି। ତେଣୁ କିଶୋରୀ ଅବସ୍ଥାରୁ ମହିଳାମାନେ ଶରୀରର ପରିବର୍ତ୍ତନ ପ୍ରତି ସଚେତନ ରହିବା ଆବଶ୍ୟକ। ମହିଳାଙ୍କ କ୍ଷେତ୍ରରେ ଚିହ୍ନଟ ହେଉଥିବା ଅନ୍ୟ ସମସ୍ତ କର୍କଟ ରୋଗ ମଧ୍ୟରୁ ସ୍ତନ କର୍କଟ ପୀଡ଼ିତଙ୍କ ସଂଖ୍ୟା ୨୬ରୁ ୨୮.୯ ପ୍ରତିଶତ, ଯାହାକି ଅନ୍ୟ କର୍କଟ ପୀଡ଼ିତ ସଂଖ୍ୟା ତୁଳନା ସର୍ବାଧିକ।

● ଓଡ଼ିଶାରେ ସ୍ୱତନ୍ତ୍ର ଅଭିଯାନ ଉଦ୍‌ଯାପିତ

# ୩ ଦିନରେ ରାଜ୍ୟବ୍ୟାପୀ ୨୬,୪୪୬ଟି ସ୍ୱତନ୍ତ୍ର ଶିବିର

## ଭୋଟର ତାଲିକାରେ ସାମିଲ ପାଇଁ ୩୩,୫୧୫ ଆବେଦନ ଗ୍ରହଣ



ଭୁବନେଶ୍ୱର, ୧୦।୧୦(ସଂଚାର ବ୍ୟୁରୋ): ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶାରେ ଭୋଟର ତାଲିକାରେ ନାମ ସାମିଲ କରିବା ଉଦ୍ଦେଶ୍ୟରେ ଗତ ୭ରୁ ୯ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ସ୍ୱତନ୍ତ୍ର ଅଭିଯାନ ଆୟୋଜିତ ହୋଇଥିଲା। ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟାରେ ଭୋଟର ତାଲିକାରେ ନାମ ସାମିଲ ହୋଇପାରି ନ ଥିବା ଯୋଗ୍ୟ ଭୋଟରଙ୍କ ସମେତ ନୂତନ ଓ ଯୁବ ଭୋଟରଙ୍କୁ ତାଲିକାରେ ସାମିଲ ହେବାର ସୁଯୋଗ ଦେବା ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ତିନିଦିନିଆ ସ୍ୱତନ୍ତ୍ର ଅଭିଯାନ ଅଧୀନରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ମୋଟ ୨୬,୪୪୬ଟି ସ୍ୱତନ୍ତ୍ର ଶିବିର ଆୟୋଜିତ ହୋଇଥିଲା। ଶିବିରଗୁଡ଼ିକ ମାଧ୍ୟମରେ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ ସମ୍ପର୍କରେ ସଚେତନ କରିବା ସହ ଆବଶ୍ୟକ ଆବେଦନପତ୍ର ଦାଖଲ କରିବାର ସୁବିଧା ଦିଆଯାଇଥିଲା। ଏହି ସ୍ୱତନ୍ତ୍ର ଅଭିଯାନ ସମୟରେ ଭୋଟର ତାଲିକାରେ ନାମ ସାମିଲ ହୋଇପାରି ନ ଥିବା ଯୋଗ୍ୟ ଭୋଟରଙ୍କଠାରୁ ୧,୪୪୮ଟି ଫର୍ମ-୬ ଆବେଦନପତ୍ର ଗ୍ରହଣ କରାଯାଇଥିବା ବେଳେ ନୂତନ ଓ ଯୁବ ଭୋଟରମାନଙ୍କଠାରୁ ୩୨,୦୬୭ଟି ଫର୍ମ-୬ ଆବେଦନପତ୍ର ଗ୍ରହଣ କରାଯାଇଛି। ଏହିପରି ମୋଟ ୩୩,୫୧୫ଟି ଫର୍ମ-୬ ଆବେଦନପତ୍ର ଗ୍ରହଣ କରାଯାଇଛି। ଚଳିତ ମାସ ଶେଷ ପର୍ଯ୍ୟନ୍ତ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ଘରକୁ ଘର ପରିଦର୍ଶନ କାର୍ଯ୍ୟ ଜାରି ରହିବ। ଏହି ଅବଧି ମଧ୍ୟରେ ବିଏଲଓମାନେ ଘରକୁ ଘର ଯାଇ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ, ନାମ ସାମିଲ ଓ ଆବଶ୍ୟକ ସଂଶୋଧନ ସମ୍ପର୍କରେ ସଚେତନ କରିବେ। ବିଶେଷକରି ଏସଆଇଆର ସମୟରେ ଭୋଟର ତାଲିକାରେ ନାମ ସାମିଲ ହୋଇପାରି ନ ଥିବା ଯୋଗ୍ୟ ନାଗରିକ ଓ ନୂତନ ଭୋଟର ହେବାକୁ ଯୋଗ୍ୟ ଯୁବକଯୁବତୀଙ୍କୁ ଫର୍ମ-୬ ମାଧ୍ୟମରେ ଆବେଦନ କରିବା ପାଇଁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯିବ। କୌଣସି ଯୋଗ୍ୟ ନାଗରିକ ଯେପରି ଭୋଟର ତାଲିକାରୁ ସାମିଲ ହେବାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଏହି ଅଭିଯାନ ଆୟୋଜିତ ହୋଇଥିଲା। ବିଶେଷକରି ପୂର୍ବରୁ ଭୋଟର ତାଲିକାରେ ନାମ ସାମିଲ ହୋଇ ନ ଥିବା ଯୋଗ୍ୟ ନାଗରିକ ଓ ନୂତନ ଭାବେ ଭୋଟର ହେବାକୁ ଯୋଗ୍ୟ ଯୁବକଯୁବତୀଙ୍କୁ ଏହି ସୁଯୋଗର ଲାଭ ନେବାକୁ ଉତ୍ସାହିତ କରାଯାଇଥିଲା। ଏହି ଅଭିଯାନରେ ଫର୍ମ-୬ ମାଧ୍ୟମରେ ୩୩ ହଜାର ୫୧୫ଟି ଆବେଦନ ଗ୍ରହଣ କରାଯାଇଛି।

■ ଦିଲ୍ଲୀରେ ପୁଲିସ ଦମନକୁ ସିପିଆଇ(ଏମ୍)ର ନିନ୍ଦା

# ପ୍ରତିବାଦରେ ରାଜ୍ୟବ୍ୟାପୀ ବିରୋଧ କରିବାକୁ ଆହ୍ୱାନ



ଭୁବନେଶ୍ୱର, ୧୦।୧୦(ସଂଚାର ବ୍ୟୁରୋ): ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ଓଡ଼ିଶା ରାଜ୍ୟ କମିଟି ଆଜି ନୂଆଦିଲ୍ଲୀର ବିଭିନ୍ନ ସ୍ଥାନରେ ନିଜର ଗଣତାନ୍ତ୍ରିକ ଓ ସାମ୍ବିଧାନିକ ଅଧିକାରର ସୁରକ୍ଷା ପାଇଁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବା ଲୋକଙ୍କ ଉପରେ ଦିଲ୍ଲୀ ପୁଲିସର ବ୍ୟାପକ ଦମନ ଓ ବେଆଇନ ଗିରଫଦାରୀକୁ ଦୃଢ଼ ନିନ୍ଦା କରିଛି। ଏହା ଭାରତୀୟ ଗଣତନ୍ତ୍ର, ନାଗରିକଙ୍କ ମୌଳିକ ଅଧିକାର ଏବଂ ନିର୍ବାଚନ ବ୍ୟବସ୍ଥାର ସ୍ୱାଧୀନତା ଉପରେ ଏକ ଭୟଙ୍କର ଆକ୍ରମଣ। ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା, ଭୋଟର ତାଲିକାର ସ୍ୱତନ୍ତ୍ର ଗଭୀର ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ବାତିଲ ଓ ବ୍ୟାପକ ନିର୍ବାଚନ ସଂସ୍କାର ଦାବିରେ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଲୋକେ ଦିଲ୍ଲୀରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରୁଥିଲେ। ଏସ୍‌ଆଇଆର୍ ପ୍ରକ୍ରିୟା ଦ୍ୱାରା ବହୁସଂଖ୍ୟକ ଯୋଗ୍ୟ ନାଗରିକଙ୍କୁ ଭୋଟଦାନ ଅଧିକାରରୁ ବଞ୍ଚିତ କରାଯିବା ଗଣତନ୍ତ୍ର ପ୍ରତି ବଡ଼ ବିପଦ ସୃଷ୍ଟି କରିଛି। ଏହି ଗଣତାନ୍ତ୍ରିକ ପ୍ରତିବାଦକୁ ଦମନ କରିବା ପାଇଁ ଦିଲ୍ଲୀରେ ଏକପ୍ରକାର ଅଘୋଷିତ ଜରୁରୀକାଳୀନ ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଇଣ୍ଟରନେଟ୍ ସେବା ବନ୍ଦ, ମେଟ୍ରୋ ଷ୍ଟେସନ୍‌ରେ ପ୍ରବେଶ ଉପରେ କଟକଣା, ସାଧାରଣ ପରିବହନ ବ୍ୟବସ୍ଥାରେ ବାଧା ଓ ବିଭିନ୍ନ ସ୍ଥାନରେ ବିପୁଳ ସଂଖ୍ୟକ ସଶସ୍ତ୍ର ପୁଲିସ ମୁତୟନ କରି ଲୋକଙ୍କ ପ୍ରତିବାଦର ସ୍ୱରକୁ ଚାପିଦେବାର ଉଦ୍ୟମ କରାଯାଇଛି। ତଥାପି ନିଜର ମତ ପ୍ରକାଶ କରିବା ଓ ଭୋଟଦାନ ଅଧିକାରର ସୁରକ୍ଷା ପାଇଁ ରାସ୍ତାକୁ ଓହ୍ଲାଇଥିବା ଲୋକମାନଙ୍କ ସଂକଳ୍ପକୁ ପୁଲିସର ଦମନ ଭାଙ୍ଗିପାରିନାହିଁ।



# ମହାଳୟାରେ ଆରମ୍ଭ ହେଲା ଖଡ଼ିଲାଗି

■ ଏଥର ୨୦୦ କୋଟିର ସୁନା-ଚାନ୍ଦି ମେଢ଼

କଟକ, ୧୦।୧୦ (ସଂଚାର ବ୍ୟୁରୋ): ଆଉ ଦିନ କେଇଟା ପରେ ପାର୍ବଣ ଆରମ୍ଭ ହେବାକୁ ଥିବା ବେଳେ ଆଜି ମହାଳୟା ପରମ୍ପରା ଅନୁଯାୟୀ ପ୍ରତିମାଗୁଡ଼ିକରେ ଖଡ଼ିଲାଗି କରାଯାଇଛି। ଏହାପରେ ଆରମ୍ଭ ହେବ ରଙ୍ଗ କାମ। ଏଥିସହ ଆକର୍ଷଣୀୟ ତୋରଣ ଓ ଆଲୋକ ମାଳାରେ ଝଲସିବ ସିଲଭର ସିଟି। ଖାନନଗର ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି ପକ୍ଷରୁ ଚାଲିଛି ଜୋରସୋର ପ୍ରସ୍ତୁତି। ଏଠାକାର ମଣ୍ଡପର ସାଜସଜା ସାଙ୍ଗକୁ ଆକର୍ଷଣୀୟ ତୋରଣ ପାଇଁ ରହିଛି ସ୍ୱତନ୍ତ୍ର ପରିଚୟ। ଚଳିତ ବର୍ଷ ପୂଜାରେ ମୁଖ୍ୟ ଆକର୍ଷଣ ବନାରସର ସୁରଭେଦ ଧ୍ୟାନ ମନ୍ଦିର ଥିମ୍‌ର ତୋରଣ। କଟକର ୧୭୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ମା'ଙ୍କ ସ୍ୱାଗତ ପାଇଁ ଚାଲିଛି ପ୍ରସ୍ତୁତି। କଟକରେ ଦଶହରା ପାଇଁ ମୂଳଦୁଆ ଏହିଠାରେ ହିଁ ପଡ଼ିଥିଲା। ନବଦ୍ୱୀପରୁ ଆସିଥିବା ବାନାର୍ଜୀ ପରିବାର ଏହି ମଣ୍ଡପରେ ୧୫୦୯ରେ ଘଟପୂଜା ପରେ ୧୫୧୪ରେ ମୃଣ୍ମୟୀ ମୂର୍ତ୍ତି ପୂଜା ଆରମ୍ଭ କରିଥିଲେ। ୨୦୦୨ରୁ ଏହି ମଣ୍ଡପରେ ଚାନ୍ଦିମେଢ଼ ଆରମ୍ଭ ହୋଇଥିଲା। ପ୍ରାୟ ସାଢ଼େ ୩ କ୍ୱିଣ୍ଟାଲ ଚାନ୍ଦିରେ ମେଢ଼ ପ୍ରସ୍ତୁତ କରାଯାଇଛି। ଅଷ୍ଟମୀ ପୂଜାରେ ମଣ୍ଡପରେ ହଜାର ହଜାର ବ୍ରତଧାରୀ ଭିଡ଼ ଜମାଇଥାନ୍ତି। ସହରରେ ପୂଜା ପାଉଥିବା ସମସ୍ତ ପୂଜା ମଣ୍ଡପ ମଧ୍ୟରେ ବିନୋଦ ବିହାରୀ ବାଲୁବଜାର ପୂଜାମଣ୍ଡପକୁ ବଡ଼ ଭଉଣୀର ଆଖ୍ୟା ଦିଆଯାଇଛି। ୫ ଶହ ବର୍ଷ ବିତିଗଲାଣି କିନ୍ତୁ ବିନୋଦ ବିହାରୀ ମଣ୍ଡପରେ ପୂଜା ବିଧି ସେତେବେଳେ ଯାହା ଥିଲା, ଆଜି ବି ତାହା ରହିଛି। ସହରରେ ଚାନ୍ଦି ମେଢ଼ ସଂଖ୍ୟା ପହଞ୍ଚିଛି ୩୮ରେ। ଶାରଦୀୟ ଦୁର୍ଗାପୂଜାରେ ୨୦୦କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସୁନା ଚାନ୍ଦି ମେଢ଼ ସହ ଅଳଙ୍କାର ଦେଖିବାକୁ ପାଇବେ ଶ୍ରଦ୍ଧାଳୁ।

# ସ୍ୱଚ୍ଛତା ଅଭିଯାନ ସହ ଯାତ୍ରୀଙ୍କ ସହ ଜନସମ୍ବାଦ ଜାରି ରଖିଛି ପୂର୍ବତଟ ରେଳପଥ



ଭୁବନେଶ୍ୱର, ୧୦।୧୦ (ସଂଚାର ବ୍ୟୁରୋ): ପୂର୍ବତଟ ରେଳପଥ ପକ୍ଷରୁ ଏହାର ପରିସୀମା ମଧ୍ୟରେ ସ୍ୱଚ୍ଛତା ପକ୍ଷ ୨୦୨୬ ପାଳନ ଅବସରରେ ବିଭିନ୍ନ ସଫେଇ କାର୍ଯ୍ୟକ୍ରମ, ସଚେତନତା ଅଭିଯାନ ଓ ଯାତ୍ରୀଙ୍କ ସହ ଜନସମ୍ବାଦ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରେଳ ପରିସରରେ ସ୍ୱଚ୍ଛତା ବଜାୟ ରଖିବା, ପରିବେଶ ସୁରକ୍ଷାକୁ ପ୍ରୋତ୍ସାହିତ କରିବା, ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ନିଶ୍ଚିତ କରିବା ଏବଂ ରେଳବାଇ କର୍ମଚାରୀ ଓ ସାଧାରଣ ଜନତାଙ୍କ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିବା। ଏହି ଅଭିଯାନ ଅନ୍ତର୍ଗତ କାର୍ଯ୍ୟାଳୟ ପରିସରର ଯାନ୍ତ୍ରିକ ସଫେଇ, ରେଳଧାରଣା ପାର୍ଶ୍ୱରୁ ବର୍ଜ୍ୟବସ୍ତୁ ଓ ପୁରୁଣା ଆବର୍ଜନା ହଟାଇବା ସହ ଇ-ବର୍ଜ୍ୟବସ୍ତୁ ଏବଂ ପୁରୁଣା ଫାଇଲଗୁଡ଼ିକର ଉପଯୁକ୍ତ ନିଷ୍କାସନ ଭଳି କାର୍ଯ୍ୟ କରାଯାଇଛି। ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ କୁଇଜ୍ ପ୍ରତିଯୋଗିତା ସହ ଶିଶୁମାନଙ୍କ ପାଇଁ ଚିତ୍ରାଙ୍କନ ଓ ଚିତ୍ରକଳା ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା।

ଚାଲୁ ରହିଥିବା ସ୍ୱଚ୍ଛତା ଅଭିଯାନ ୬.୦ର ଅଂଶସ୍ୱରୂପ ରାୟଗଡ଼, ବଲାଙ୍ଗୀର, ବରପାଲି ଓ ଟିଟିଲାଗଡ଼ ରେଳଷ୍ଟେସନରେ ଜନସମ୍ବାଦ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# କଣ୍ଟ୍ରୋଲ ଗହମ, କେନ୍ଦ୍ରରୁ ମିଳୁନି



ଭୁବନେଶ୍ୱର, ୧୦।୧୦: ପାଞ୍ଚ ବର୍ଷରୁ ଅଧିକ ସମୟ ଧରି ଓଡିଶାକୁ ନିୟମିତ ଭାବେ କଣ୍ଟ୍ରୋଲ ଗହମ କେନ୍ଦ୍ରରୁ ମିଳୁନାହିଁ। ରାଜ୍ୟ ସରକାରଙ୍କ ଅନୁରୋଧ ରକ୍ଷା କରି ଶେଷଥର ପାଇଁ ଏହା ୨୦୨୫ ମସିହାରେ ମିଳିଥିଲା। ରାଜ୍ୟରେ ଖୋଲା ବଜାରରେ ଗହମ ଓ ଅଟାର ଦର ହୁ ହୁ ହୋଇ ବଢ଼ୁଥିବାବେଳେ ଲୋକେ କଣ୍ଟ୍ରୋଲ ଗହମ ଖୋଜୁଛନ୍ତି। କେନ୍ଦ୍ର ସରକାର ଚାଉଳ ବଦଳରେ ହିତାଧିକାରୀଙ୍କୁ ଗହମ ଯୋଗାଣ କରିଥାନ୍ତି। ବର୍ତ୍ତମାନ ହିତାଧିକାରୀମାନଙ୍କୁ କଣ୍ଟ୍ରୋଲ ଚାଉଳ ମାଗଣାରେ ମିଳୁଥିବା ବେଳେ ଗହମ କିନ୍ତୁ ଆଉ ଲୋକଙ୍କୁ କଣ୍ଟ୍ରୋଲ ବ୍ୟବସ୍ଥାରେ ମିଳୁନାହିଁ।

ମିଳିଥିବା ସୂଚନାନୁଯାୟୀ, ୨୦୨୨ ଜୁଲାଇଠାରୁ ଓଡ଼ିଶାକୁ ସାମୟିକ ଭାବେ କଣ୍ଟ୍ରୋଲ ଗହମ ଯୋଗାଣକୁ କେନ୍ଦ୍ର ସରକାର ବନ୍ଦ କରିଛି। ତେବେ ଗତ ୨୦୨୪ ଅକ୍ଟୋବର ନିମନ୍ତେ କେନ୍ଦ୍ର ସରକାର ଗହମ ଯୋଗାଇ ଦେଇଥିଲେ। ତାହାକୁ ରାଜ୍ୟ ସରକାର ସେହି ବର୍ଷ ଅକ୍ଟୋବର, ନଭେମ୍ବର ଓ ଡିସେମ୍ବର ପର୍ଯ୍ୟନ୍ତ ଲୋକଙ୍କୁ ଯୋଗାଇ ଦେଇଥିଲେ। ପରବର୍ତ୍ତୀ ସମୟରେ ଭାରତୀୟ ଖାଦ୍ୟ ନିଗମ ଗୋଦାମରୁ ଚାଉଳ ଉଠାଣରେ ଉପୁଜୁଥିବା ସମସ୍ୟା ଯୋଗୁଁ ରାଜ୍ୟ ସରକାର କେନ୍ଦ୍ରକୁ ଶତପ୍ରତିଶତ ଚାଉଳ ଆକାରରେ ଖାଦ୍ୟଶସ୍ୟ ଆବଣ୍ଟନ ପାଇଁ ଅନୁରୋଧ କରିଥିଲେ। ରାଜ୍ୟର ଅନୁରୋଧକୁ ରକ୍ଷା କରି କେନ୍ଦ୍ର ସରକାର ୨୦୨୫ ମାର୍ଚ୍ଚ ପରଠାରୁ ଶତ ପ୍ରତିଶତ ଚାଉଳ ଯୋଗାଇ ଆସୁଛନ୍ତି।

ତେବେ ରାଜ୍ୟ ସରକାର କେନ୍ଦ୍ରରୁ ୨୦୨୫ ମାର୍ଚ୍ଚ ଆବଣ୍ଟନ ମାସ ପାଇଁ ୧୯,୯୦୬ ମେଟ୍ରିକ ଟନ୍ ଗହମ କୋଟା ମଧ୍ୟରୁ କେବଳ ୪୦୯୫ ମେଟ୍ରିକ ଟନ୍ ଗହମ ଉଠାଣ କରିଥିଲେ। ହେଲେ ତାହାକୁ ଲୋକଙ୍କୁ ନ ଦେଇ ଗୋଦାମରେ ପକାଇ ରଖିଲେ। ଏହା ବଦଳରେ ସେହି ପରିମାଣର ଚାଉଳ ଲୋକଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଯୋଗାଇଦେଲେ। ଗୋଦାମରେ ରହିଥିବା ଗହମ ଧୀରେ ଧୀରେ ଖରାପ ହେବାରେ ଲାଗିବାରୁ ତାକୁ ୨୦୨୫ ସେପ୍ଟେମ୍ବର ଓ ଅକ୍ଟୋବର ଏବଂ ଚଳିତବର୍ଷ ଜାନୁଆରୀ, ଫେବ୍ରୁଆରୀ, ମାର୍ଚ୍ଚ ଓ ଏପ୍ରିଲ୍‌ରେ ଯେଉଁସବୁ ଜିଲ୍ଲାରେ ଗହମ ଗଚ୍ଛିତ ରହିଥିଲା ସେହି ଜିଲ୍ଲାରେ ଲୋକଙ୍କୁ ଚାଉଳ ସହ ଗହମ ଯୋଗାଇଦେଲେ। ହେଲେ ଗୋଦାମରେ ଦୀର୍ଘଦିନ ରହି କେତେକ ସ୍ଥାନରେ ଖରାପ ହୋଇଥିବା ଗହମକୁ ଲୋକେ ନେବାକୁ ରାଜି ହୋଇ ନ ଥିଲେ।

ବର୍ତ୍ତମାନ ରାଜ୍ୟରେ ଖୋଲା ବଜାରରେ ଗହମ କିଲୋ ୪୦ ଟଙ୍କା ଛୁଇଁଥିବା ବେଳେ ଅଟା କିଲୋ ୫୦ ଟପିଲାଣି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଗହମ ଯୋଗାଣ ହେଉ ନ ଥିବାରୁ ଲୋକେ ବାଧ୍ୟ ହୋଇ ଚଢ଼ା ଦରରେ ଗହମ ଓ ଅଟା କିଣୁଛନ୍ତି। ତେବେ ସବୁଠାରୁ ଅଧିକ ହଇରାଣ ହେଉଛନ୍ତି ଗରିବ ମଧୁମେହ ଆକ୍ରାନ୍ତ ରୋଗୀ। ଭାତ ବଦଳରେ ଯେଉଁ ମଧୁମେହ ଆକ୍ରାନ୍ତମାନେ ରୁଟି ଖାଉଛନ୍ତି, ସେମାନେ ଏବେ ମାଗଣା ଚାଉଳ ପାଇଲେ ମଧ୍ୟ ଗହମ ଓ ଅଟା ବାବଦୀୟ ଖର୍ଚ୍ଚ ସେମାନଙ୍କୁ ବାଧୁଛି। (ତଥ୍ୟ)

# ବାଲିଯାତ୍ରା ପାଇଁ ପ୍ଲଟ୍ ଆବଣ୍ଟନ

କଟକ, ୧୦।୧୦ (ସଂଚାର ବ୍ୟୁରୋ): ଆସନ୍ତା ନଭେମ୍ବର ୨୪ରୁ ଡିସେମ୍ବର ୧ ପର୍ଯ୍ୟନ୍ତ ଐତିହାସିକ କଟକ ବାଲିଯାତ୍ରା ଅନୁଷ୍ଠିତ ହେବ। ଏହି ପରୀପ୍ରେକ୍ଷୀରେ ଇଚ୍ଛୁକ ପୃଷ୍ଠପୋଷକ, ଉଦ୍ୟୋଗ, ବ୍ୟାବସାୟିକ ଅନୁଷ୍ଠାନ, ସଂଘ, ବ୍ୟବସାୟୀ ଓ ଉପଭୋକ୍ତା ସ୍ଥାନ (ପ୍ଲଟ) ଆବଣ୍ଟନ ସମ୍ପର୍କିତ ବିବରଣୀ ଜିଲ୍ଲା ୱେବ୍ ସାଇଟ୍‌ରେ ପାଇପାରିବେ ବୋଲି ଅତିରିକ୍ତ ଜିଲ୍ଲାପାଳ ତଥା ପ୍ଲଟ ଯୋଜନା ଆବଣ୍ଟନ କମିଟି ଅଧ୍ୟକ୍ଷ କମଳଜିତ୍ ଦାସ କହିଛନ୍ତି। ଏଥିସହ ଆଜିଠାରୁ ସ୍ଥାନୀୟ ବାରବାଟୀ ପ୍ୟାଲେସଠାରେ ତାଙ୍କ ଉପସ୍ଥିତିରେ ପ୍ଲଟ ଆବଣ୍ଟନ ନିମନ୍ତେ ସମସ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ଚଳିତ ବର୍ଷ ତଳ ବାଲିଯାତ୍ରା ପଡ଼ିଆରେ ୧୦-୧୦ ବର୍ଗ ଫୁଟରୁ ୨୫-୪୦ ବର୍ଗ ଫୁଟ ମଧ୍ୟରେ ମୋଟ ୧୪୫୨ଟି ଓ ଉପର ବାଲିଯାତ୍ରା ପଡ଼ିଆରେ ୧୦-୧୫ ବର୍ଗ ଫୁଟରୁ ୪୦-୫୦ ବର୍ଗ ଫୁଟ ମଧ୍ୟରେ ୫୯୨ଟି ପ୍ଲଟ ଆବଣ୍ଟନ କରାଯିବ।

SANCHAR
ସଂଚାର
୪
ରବିବାର ୧୧ ଅକ୍ଟୋବର ୨୦୨୬, ଭୁବନେଶ୍ୱର
Sunday 11 October 2026, Bhubaneswar
sanchar.live

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ଟ୍ରମ୍ପଙ୍କ ଦ୍ୱୈତ ନୀତି

ଡୋନାଲ୍ଡ ଟ୍ରମ୍ପଙ୍କ ବିଦେଶ ନୀତି ଏକ ଉତ୍କଟ ଦ୍ୱୈତ ମାନଦଣ୍ଡର ଉଦାହରଣ। ଭାରତ ଉପରେ ସେ କଠୋର ଚାପ ପ୍ରୟୋଗ କରୁଛନ୍ତି, ରୁଷିଆ ସହିତ ସମ୍ପର୍କ ଉନ୍ନତ କରୁଛନ୍ତି ଏବଂ ଚୀନ ପ୍ରତି ନରମ ମନୋଭାବ ଦେଖାଉଛନ୍ତି। ଏହି ପଦକ୍ଷେପଗୁଡ଼ିକ ବିଶ୍ୱ ଶାନ୍ତି କିମ୍ବା ନିଷ୍ପକ୍ଷ ରାଜନୀତି ପାଇଁ ନୁହେଁ, ବରଂ ତାଙ୍କ ବ୍ୟକ୍ତିଗତ ରାଜନୈତିକ ଏବଂ ଅର୍ଥନୈତିକ ଲାଭ ପାଇଁ। ଚାପ ରାଜନୀତି ତାଙ୍କର ମୁଖ୍ୟ ଅସ୍ତ୍ର ହୋଇଉଠିଛି।



ଭାରତ ଉପରେ ଟ୍ରମ୍ପଙ୍କ ଆକ୍ରମଣ ସ୍ପଷ୍ଟ। ରୁଷିଆନ୍ ତେଲ କିଣିବା କାରଣ ଦେଖାଇ ସେ ଭାରତୀୟ ଉତ୍ପାଦ ଉପରେ ଅତିରିକ୍ତ ଟ୍ୟାରିଫ୍ ଲଗାଇଛନ୍ତି। ମୋଟ ଉପରେ ୫୦ ଶତାଂଶ ପର୍ଯ୍ୟନ୍ତ ଶୁଳ୍କ ବଢ଼ାଇ ଭାରତକୁ ଶାସ୍ତି ଦେବାକୁ ଚେଷ୍ଟା କରିଛନ୍ତି। ଭାରତ ନିଜର ଶକ୍ତି ସୁରକ୍ଷା ଏବଂ ମୂଲ୍ୟ ନିୟନ୍ତ୍ରଣ ପାଇଁ ରୁଷିଆନ୍ କ୍ରୁଡ୍ କିଣୁଛି। ଏହା କୌଣସି ଗୋପନ କାରବାର ନୁହେଁ। ତଥାପି ଟ୍ରମ୍ପ ଏହାକୁ "ପୁଟିନଙ୍କ ଯୁଦ୍ଧ ଯନ୍ତ୍ରକୁ ଅର୍ଥ ଯୋଗାଇବା" ବୋଲି ଅଭିଯୋଗ କରି ଚାପ ସୃଷ୍ଟି କରୁଛନ୍ତି। ଏହି ଚାପ ଭାରତୀୟ ରପ୍ତାନିକାରୀ, ଶ୍ରମିକ ଏବଂ ଅର୍ଥନୀତିକୁ ପ୍ରଭାବିତ କରୁଛି।

ଅଦ୍ଭୁତ କଥା ହେଉଛି ଚୀନ ପ୍ରତି ତାଙ୍କ ମନୋଭାବ। ଚୀନ ରୁଷିଆର ସର୍ବାଧିକ ତେଲ କ୍ରେତା। ଭାରତଠାରୁ ଅଧିକ ପରିମାଣରେ ଚୀନ ରୁଷିଆନ୍ କ୍ରୁଡ୍ ଆମଦାନି କରୁଛି। ତଥାପି ଚୀନ ଉପରେ ଏହି ପ୍ରକାର କଠୋର ଟ୍ୟାରିଫ୍ କିମ୍ବା ଶାସ୍ତି ନାହିଁ। ବରଂ ଟ୍ରମ୍ପ ଜି ଜିନପିଙ୍ଗଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଦେଖାଉଛନ୍ତି, ଟ୍ୟାରିଫ୍ ଯୁଦ୍ଧରେ ସମଝୋତା କରୁଛନ୍ତି ଏବଂ ଚୀନ ସହିତ ବ୍ୟବସାୟିକ ସମ୍ପର୍କ ଉନ୍ନତ କରିବାକୁ ଚେଷ୍ଟା କରୁଛନ୍ତି। ଚୀନ ଆମେରିକାର ବୃହତ୍ ବ୍ୟବସାୟିକ ସହଭାଗୀ ଏବଂ ଯୋଗାଣ ଶୃଙ୍ଖଳାରେ ଗମ୍ଭୀର ପ୍ରଭାବ ରଖିଛି। ତେଣୁ ଟ୍ରମ୍ପ ସେଠାରେ ସାହସ ଦେଖାଉନାହାନ୍ତି। ଭାରତ ପ୍ରତି କଠୋର ହେବା ସହଜ କାରଣ ଭାରତ ଆମେରିକାର ସହଯୋଗୀ ଏବଂ ଚାପକୁ ସହିବାକୁ ବାଧ୍ୟ। ରୁଷିଆ ସହିତ ଟ୍ରମ୍ପଙ୍କ ଦ୍ୱୈତ ଆହୁରି ସ୍ପଷ୍ଟ। ଭାରତକୁ ରୁଷିଆନ୍ ତେଲ କିଣିବା ପାଇଁ ଶାସ୍ତି ଦେଉଥିବା ବେଳେ ଆମେରିକା ନିଜେ ରୁଷିଆରୁ ଡିଜେଲ୍ କିଣିବାକୁ ଚୁକ୍ତି କରିଛି। ଆମେରିକୀୟ ଗ୍ରାହକଙ୍କ ପାଇଁ ମୂଲ୍ୟ କମାଇବା ଏବଂ ନିର୍ବାଚନ ରାଜନୀତି ପାଇଁ ଏହା ଆବଶ୍ୟକ। ଯେଉଁ ଯୁକ୍ତି ଭାରତ ଉପରେ ଲାଗୁ ହେଉଛି, ତାହା ଆମେରିକା ନିଜ ଉପରେ ଲାଗୁ ହେଉନାହିଁ। ଏହା ଶୁଦ୍ଧ ଦ୍ୱୈତ ନୀତି। ଟ୍ରମ୍ପ ପୁଟିନଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କକୁ ଗୁରୁତ୍ୱ ଦେଉଛନ୍ତି ଏବଂ ୟୁକ୍ରେନ ଯୁଦ୍ଧ ସମାପ୍ତି ପାଇଁ ନିଜକୁ ଶାନ୍ତି ନିର୍ମାତା ଭାବରେ ଦେଖାଇବାକୁ ଚାହୁଁଛନ୍ତି। ଏହି ପ୍ରକ୍ରିୟାରେ ଭାରତ ଭଳି ସହଯୋଗୀ ଦେଶକୁ ବଳି ଦିଆଯାଉଛି।

ଏହି ସମସ୍ତ କାର୍ଯ୍ୟର ମୂଳରେ ରହିଛି ବ୍ୟକ୍ତିଗତ ଲାଭ। ଟ୍ରମ୍ପ ବ୍ୟବସାୟିକ ଚୁକ୍ତି, ଆମେରିକୀୟ କୃଷି ଉତ୍ପାଦ ବିକ୍ରି, ଶକ୍ତି ମୂଲ୍ୟ ନିୟନ୍ତ୍ରଣ ଏବଂ ନିଜର ରାଜନୈତିକ ଛବି ଉନ୍ନତ କରିବାକୁ ଚାହୁଁଛନ୍ତି। ଚାପ ରାଜନୀତି ତାଙ୍କ ପାଇଁ ଏକ ଉପକରଣ। ଯେଉଁ ଦେଶ ଉପରେ ଚାପ ପ୍ରୟୋଗ କରି ଲାଭ ମିଳେ, ସେଠାରେ କଠୋରତା; ଯେଉଁଠାରେ ବିରୋଧ କିମ୍ବା ପ୍ରତିଶୋଧର ଆଶଙ୍କା ଅଛି, ସେଠାରେ ନରମତା। ଭାରତ ଉପରେ ଚାପ ଦେଇ ସେ ରୁଷିଆ ଉପରେ ପ୍ରଭାବ ପକାଇବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ଚୀନକୁ ସ୍ପର୍ଶ କରୁନାହାନ୍ତି କାରଣ ସେଠାରେ ପ୍ରତିଫଳ ଭୟଙ୍କର ହୋଇପାରେ।

ଏହି ଦ୍ୱୈତ ନୀତି ଆନ୍ତର୍ଜାତିକ ସମ୍ପର୍କକୁ କ୍ଷତିଗ୍ରସ୍ତ କରୁଛି। ଭାରତ ଭଳି ଗଣତାନ୍ତ୍ରିକ ଏବଂ ରଣନୀତିକ ସହଯୋଗୀ ଦେଶ ଅବିଶ୍ୱାସ କରିବାକୁ ବାଧ୍ୟ ହେଉଛି।

ଭାରତ ନିଜର ସ୍ୱାୟତ୍ତତା ରକ୍ଷା କରିବାକୁ ବାଧ୍ୟ। ଟ୍ରମ୍ପଙ୍କ ଏହି ଚାପ ରାଜନୀତି ଦୀର୍ଘକାଳୀନ ସହଯୋଗକୁ ଦୁର୍ବଳ କରୁଛି ଏବଂ ବିଶ୍ୱ ମଞ୍ଚରେ ଆମେରିକାର ବିଶ୍ୱସନୀୟତାକୁ କ୍ଷତି ପହଞ୍ଚାଉଛି। ସରକାରୀ ନୀତି ବ୍ୟକ୍ତିଗତ ଲାଭ ଉପରେ ନିର୍ଭର କରିବା ଉଚିତ ନୁହେଁ। ଟ୍ରମ୍ପଙ୍କ ଦ୍ୱୈତ ମାନଦଣ୍ଡ ଏବଂ ଚାପ ରାଜନୀତି କେବଳ ଭାରତ ପାଇଁ ନୁହେଁ, ସମଗ୍ର ବିଶ୍ୱ ପାଇଁ ଏକ ଚେତାବନୀ। ନିଷ୍ପକ୍ଷତା ଏବଂ ସ୍ଥିରତା ବିନା କୌଣସି ମହାଶକ୍ତି ଦୀର୍ଘକାଳ ପର୍ଯ୍ୟନ୍ତ ସମ୍ମାନ ପାଇପାରେ ନାହିଁ। ଭାରତ ନିଜ ସ୍ୱାର୍ଥ ରକ୍ଷା କରିବା ସହିତ ଏହି ଦ୍ୱୈତକୁ ସ୍ପଷ୍ଟ ଭାବରେ ପ୍ରତିରୋଧ କରିବା ଉଚିତ।

# ବିପଦରେ ଚାକିରି ଏ. ଆଇ ମୁଖ୍ୟ କାରଣ

ଉମା ଶଙ୍କର ପ୍ରସାଦ



ବିଶ୍ୱସାରା ପ୍ରତ୍ୟେକ ଚାରିଜଣଙ୍କ ମଧ୍ୟରୁ ଜଣଙ୍କ ଚାକିରି ଜେନେରେଟିଭ୍ ଏଆଇ (GENERATIVE AI) ଯୋଗୁଁ ବିପଦରେ ଅଛି। ଆଇଟି (IT) ଏବଂ ବିପିଓ (BPO) ଭଳି କ୍ଷେତ୍ର, ଯାହାକି କୋଟି କୋଟି ପରିବାରକୁ ଗରିବୀରୁ କାଢ଼ି ମଧ୍ୟମ ବର୍ଗକୁ ଆଣିଥିଲା, ଆଜି ଏଆଇ ସ୍ୱଚାଳନ (AUTOMATION) ଯୋଗୁଁ ସଂକୁଚିତ ହେବାରେ ଲାଗିଛି। ଏଆଇ ଦ୍ୱାରା ବଦଳୁଥିବା କର୍ମସଂସ୍ଥାନ:- ବ୍ୟାଙ୍କିଂ ଓ ଫାଇନାନ୍ସ:-- ବାଜାଜ୍ ଫାଇନାନ୍ସରେ ଏବେ ଏଆଇ ଚାଳିତ ବଟ୍ (BOT) ଗ୍ରାହକମାନଙ୍କୁ ଋଣ ପାଇଁ ଫୋନ୍ କରୁଛନ୍ତି ଏବଂ ଋଣ ପ୍ରକ୍ରିୟା ସମ୍ପୂର୍ଣ୍ଣ କରୁଛନ୍ତି। ଉତ୍ପାଦନ ଓ ରୋବୋଟିକ୍ସ ସିଆଓମି (XIAOMI) ଏପରି ଏକ ପ୍ଲାଣ୍ଟରେ ସ୍ମାର୍ଟଫୋନ୍ ତିଆରି କରୁଛି, ଯେଉଁଠାରେ କୌଣସି କର୍ମଚାରୀ ନାହାନ୍ତି। ହୁଣ୍ଡାଇ (HYUNDAI) ୨୦୩୦ ସୁଦ୍ଧା ନିଜ କାରଖାନାରେ ବୋଷ୍ଟନ୍ ଡାଇନାମିକ୍ସର ୨୫ ହଜାରରୁ ଅଧିକ ଆଟଲାସ୍ ରୋବୋଟ୍ ଲଗାଇବାକୁ ଯୋଜନା କରିଛି। ସେବା ଓ ବିତରଣ:-- ଦୁବାଇରେ ମୋଟୁଆନ୍‌ର କୀଟା ଡ୍ରୋନ୍ ଖାଦ୍ୟ ପହଞ୍ଚାଉଛି ସେଲ୍ସଫୋର୍ସ (SALESFORCE) ୪ ହଜାରରୁ ଅଧିକ ଲୋକଙ୍କ ଚାକିରି କାଟିଛି, କାରଣ ଏହା ଗ୍ରାହକ ସେବା ପାଇଁ 'ଏଜେଣ୍ଟଫୋର୍ସ' ନାମକ ଏଆଇ ପ୍ରଣାଳୀ ପ୍ରସ୍ତୁତ କରିଛି। ମାନବ ସମ୍ବଳ (HR): IBM ର 'ଆସ୍କଏଚ୍‌ଆର' ନାମକ ଏଆଇ ସହାୟକ ନିୟମିତ ଭାବେ ପ୍ରାୟ ୯୪ ପ୍ରତିଶତ ମାନବ ସମ୍ବଳ ସମ୍ବନ୍ଧୀୟ କାମ ସମ୍ଭାଳୁଛି। ନିଯୁକ୍ତି ପ୍ରକ୍ରିୟାରେ ପରିବର୍ତ୍ତନ ହେବାରେ ଲାଗିଛି। ଏଆଇ ନିଯୁକ୍ତି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି। ଏବେ ପ୍ରାର୍ଥୀମାନେ ଆବେଦନ କରିବା ପରେ ଏଆଇ ସେମାନଙ୍କର ଇଣ୍ଟରଭ୍ୟୁ ନେଉଛି। ଗତ ମାସରେ ଦେଖିବାକୁ ମିଳିଛି କ୍ଲାଉଡ୍ (CLAUDE), ଗ୍ରୋକ୍ (GROK), ଚାଟ୍‌ଜିପିଟି



(CHATGPT), ପର୍‌ପ୍ଲେକ୍ସିଟି (PERPLEXITY), କିମି (KIMI) ଏବଂ ଏଚ୍‌ସି୪ (HC4) ରୁ ସେହି ଚାକିରିଗୁଡ଼ିକର ନକ୍ସା ପ୍ରସ୍ତୁତ କରିବାକୁ କୁହା ଯାଇଥିବା ବେଳେ , ଯାହା ଉପରେ ସବୁଠାରୁ ଅଧିକ ବିପଦ ମାଡ଼ିଆସୁଛି। ଆଜି ବିପଦରେ ଥିବା ଚାକିରି, ସବୁଠାରୁ ଅଧିକ ବିପଦରେ ଥିବା ଚାକିରିଗୁଡ଼ିକ ହେଲା — ଡାଟା କ୍ଲର୍କ, ଟେଲିମାର୍କେଟର, କଲ୍-ସେଣ୍ଟର ଏଜେଣ୍ଟ, ବୁକ୍-କିପର, ପାରାଲିଗାଲ୍, ଜୁନିୟର କୋଡର ଏବଂ କ୍ଲେମ୍ ପ୍ରୋସେସର। ବିଚାରକୁ ନେଲେ ସୁରକ୍ଷିତ ଥିବା ଚାକିରି ଗୁଡିକ ହେଲା ବିଦ୍ୟୁତ୍ ମିସ୍ତ୍ରୀ (ELECTRICIAN), ପ୍ଲମ୍ବର, ବେଡସାଇଡ୍ ନର୍ସ, ରୋଗୀ ସେବାକାରୀ, ଅଗ୍ନିଶମ ବାହିନୀ (FIREFIGHTER) ଏବଂ ରେଡିଓଲୋଜିଷ୍ଟ। ଆସନ୍ତୁ ଦେଖିବା ଏ ଆଇ ଏଆଇ କିପରି ଚାକିରି ହରାଉଛି? ଏଆଇ ସିଧାସଳଖ ଚାକିରି ଛଡ଼ାଇ ନିଏ ନାହିଁ। ଏହା ପ୍ରଥମେ କାମ ସମ୍ଭାଳେ, ତା'ପରେ ଚାକିରି ଯାଏ। ଧୀରେ ଧୀରେ ଏଆଇ ଏବଂ ମଣିଷ ଏକାଠି କାମ କରିବା ସାଧାରଣ ହୋଇଯାଏ, ନୂଆ ନିଯୁକ୍ତି ରୋକିଦିଆଯାଏ ଏବଂ କର୍ମଚାରୀଙ୍କ ସଂଖ୍ୟା କମାଯାଏ। ଗୋଲ୍ଡମ୍ୟାନ୍ ସ୍ୟାକ୍ସ (GOLDMAN SACHS) ଅନୁସାରେ, ଏହି ବର୍ଷ ବିଶ୍ୱସାରା ଏଆଇ ରେ ବିନିଯୋଗ ୧ ଲକ୍ଷ କୋଟି ଡଲାରରୁ ଅଧିକ ହେବ। ଆନ୍ତର୍ଜାତୀୟ ମୁଦ୍ରା କୋଷ (IMF) ର ଅନୁମାନ ଅନୁସାରେ ଏଆଇ ବିଶ୍ୱସାରା ପ୍ରାୟ ୪୦% ଏବଂ ବିକଶିତ ଅର୍ଥବ୍ୟବସ୍ଥାରେ ୬୦% ଚାକିରିକୁ ପ୍ରଭାବିତ କରିବ।

ଆନ୍ତର୍ଜାତୀୟ ଶ୍ରମ ସଂଗଠନ (ILO) ଅନୁସାରେ, ବିଶ୍ୱର ପ୍ରତ୍ୟେକ ୪ ଜଣ କର୍ମଚାରୀଙ୍କ ମଧ୍ୟରୁ ଜଣେ ଜେନେରେଟିଭ୍ ଏଆଇର ବିପଦରେ ଅଛନ୍ତି। ଗୁରୁଗ୍ରାମରେ ଆଡିଡାସ୍‌ର ପ୍ରାୟ ୫୦ ପ୍ରତିଶତ ବୈଷୟିକ କର୍ମଚାରୀଙ୍କ ଚାକିରି ଯାଇପାରେ। ବେଙ୍ଗାଲୁରୁ, ପୁଣେ ଏବଂ ଚେନ୍ନାଇର ଗ୍ଲୋବାଲ୍ ସାମର୍ଥ୍ୟ କେନ୍ଦ୍ରଗୁଡ଼ିକରେ ମଧ୍ୟ ଚାକିରି ହ୍ରାସ ପାଉଛି। ଓପନ୍‌ଏଆଇ (OPENAI) ସଂସ୍ଥାପକଙ୍କ ମତ ଅନୁସାରେ ଓପନ୍‌ଏଆଇ ର ସଂସ୍ଥାପକ ସାମ୍ ଆଲ୍ଟମ୍ୟାନ୍ (SAM ALTMAN) ଙ୍କ କହିବା କଥା ଯେ, ଦୁନିଆକୁ ଏଆଇର ଫାଇଦା ସହିତ ଏହା ଦ୍ୱାରା ହେଉଥିବା 'ଖରାପ ପ୍ରଭାବ' କୁ ମଧ୍ୟ ସ୍ୱୀକାର କରିବାକୁ ପଡ଼ିବ। ଚାକିରି ଯିବାର ସିଧାସଳଖ ପ୍ରଭାବ ଆୟ ଉପରେ ପଡ଼େ ଏବଂ ଦେଶର ଅର୍ଥନୀତି ଦୁର୍ବଳ ହୋଇପଡ଼େ। ଭାରତରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୮୧ କୋଟି ଲୋକ ମାଗଣା ଅନ୍ନ ପାଉଛନ୍ତି। ଯେଉଁ ସରକାର ସୁଧ ସୁଝିବା ପାଇଁ ଋଣ ନେଉଛନ୍ତି, ସେମାନଙ୍କ ପାଇଁ ବେକାରୀମାନଙ୍କୁ ସହାୟତା ଯୋଗାଇବା ପାଇଁ ନିରନ୍ତର ଋଣ ନେବା ସହଜ ହେବନାହିଁ। ପାଠକେ ଏହା ଉପରେ ବିଚାର କରିବେ।

ଖୋରଧା, ମୋବାଇଲ୍: ୬୩୭୦୬ ୭୫୫୬୨

# ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଋଦ୍ଧିମନ୍ତ କରିବା ପାଇଁ ଛାତ୍ର ସଂସଦ ନିର୍ବାଚନ ଅପରିହାର୍ଯ୍ୟ



ରାଜେନ୍ଦ୍ର ପ୍ରସାଦ ପଣ୍ଡା

ଛାତ୍ର ରାଜନୀତିର ପ୍ରଥମ ପାହାଚ ହେଉଛି ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ପରିସର। ଗଣତାନ୍ତ୍ରିକ ଅଧିକାରକୁ ଜାହିର କରିବା ଛାତ୍ର ମାନଙ୍କର ମୌଳିକ ଅଧିକାର। ମହାବିଦ୍ୟାଳୟର ବିଭିନ୍ନ ସମସ୍ୟାକୁ ନେଇ ଛାତ୍ରମାନଙ୍କ ସ୍ୱରକୁ କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାପନ କରିବାର ଉପଯୁକ୍ତ ମାଧ୍ୟମ ହେଉଛି ଛାତ୍ର ସଂସଦ ନିର୍ବାଚନ। ରାଜନୀତିରେ 'ର' ଅକ୍ଷର ଶିଖିନଥିବା ଛାତ୍ର ନେତା ମାନେ ପରବର୍ତ୍ତୀ ସମୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଅଧିଷ୍ଠିତ ହୋଇଥାନ୍ତି। କିଏ କେନ୍ଦ୍ରମନ୍ତ୍ରୀ ତ କିଏ ରାଜ୍ୟ ସରକାରଙ୍କ ମନ୍ତ୍ରୀ ଭାବେ ପଦ ସମ୍ଭାଳି ଆସୁଛନ୍ତି। ମାଳ ମାଳ ଛାତ୍ର ନେତା ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଅହରହ ସଂଗ୍ରାମ ଜାରୀ ରଖି ପରବର୍ତ୍ତୀ ଅବସ୍ଥାରେ କିଏ ବିଧାନସଭା ତ କିଏ ସଂସଦରେ ପ୍ରତିନିଧିତ୍ୱ କରିଆସୁଛନ୍ତି। ଯୁବ ନେତୃତ୍ୱ ଏବଂ ଛାତ୍ର ନେତୃତ୍ୱ ସୃଷ୍ଟି ହେବାର 'ଏକ୍ସୁଡିଶାଳ' ହେଉଛି ବିଶ୍ୱବିଦ୍ୟାଳୟ ବା ମହାବିଦ୍ୟାଳୟ ପରିସର। ଛାତ୍ର ସଂସଦ ନିର୍ବାଚନ ବନ୍ଦ କରି ଛାତ୍ରମାନଙ୍କର ନ୍ୟାର୍ଯ୍ୟ ଦାବିକୁ ଉପସ୍ଥାପିତ କରିବା କାର୍ଯ୍ୟରୁ ସେମାନଙ୍କୁ ବଞ୍ଚିତ କରାନଯାଉ। ଛାତ୍ରମାନଙ୍କ ସ୍ୱାର୍ଥକୁ ସର୍ବଦା ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଯେଉଁ ଦେଶର ଛାତ୍ର ନେତୃତ୍ୱ ଯେତେ ସୁଦୃଢ଼ ସେ ଦେଶର ଗଣତନ୍ତ୍ର ସେତେ ସୁଦୃଢ଼। ବହୁ ବର୍ଷ ଧରି ବିଗତ ସରକାର ଛାତ୍ର ସଂସଦ ନିର୍ବାଚନକୁ ବିଭିନ୍ନ ଆଳ ଦେଖାଇ ବନ୍ଦ କରିଦେଇଥିଲେ। ଫଳରେ ଛାତ୍ର ସମାଜ ସେମାନଙ୍କର ସାମ୍ବିଧାନିକ ଅଧିକାରକୁ ଉପସ୍ଥାପନ କରିବାରୁ ବଞ୍ଚିତ ହେଉଥିଲେ। ଫଳରେ ନୂତନ ଯୁବ ଛାତ୍ର ନେତୃତ୍ୱ ର ସୃଷ୍ଟି କରିବାର ବାଟକୁ ବନ୍ଦ କରି ଦିଆଯାଇଥିଲା। ପାଖାପାଖି ୫ ଦଶକ ଧରି ଛାତ୍ରନେତା ସୃଷ୍ଟି କରିଥିବା ରାଜ୍ୟର ପ୍ରମୁଖ କ୍ୟାମ୍ପସ୍ ରୁ ଆଉ ଛାତ୍ର ନେତା ବାହାରୁ ନଥିଲେ। କ୍ୟାମ୍ପସରେ ଛାତ୍ର ସଂସଦ ନିର୍ବାଚନ ହେଉନଥିବାରୁ ଛାତ୍ର ନେତା ମାନେ ଗଢ଼ା ହେବାର ସୁଯୋଗରୁ ବଞ୍ଚିତ ହେଉଥିଲେ। ଛାତ୍ର ଛାତ୍ରୀଙ୍କୁ ପ୍ରତିନିଧିତ୍ୱ କରିବାର ସୁଯୋଗ ଦିଆଯାଉନଥିବାରୁ ଗତ ୮ ବର୍ଷ ହେଲା ଜଣେ ବି ନୂତନ ଛାତ୍ର ନେତା ରାଜ୍ୟ ରାଜନୀତିରେ ସକ୍ରିୟ ଭାବେ ଜଡିତ ହୋଇନାହାନ୍ତି। ମୋ ସମୟ ପୂର୍ବରୁ ଏବଂ ମୋ ସମୟରେ ଛାତ୍ର ରାଜନୀତି ବର୍ତ୍ତମାନ ଭଳି ସରଗରମ ନଥିଲା କି ମାରପିଟ୍ ହେଉନଥିଲା। ମୋ ମତରେ ଛାତ୍ର ସଂସଦ ନିର୍ବାଚନ ବା ରାଜନୀତିରେ ସମସ୍ତ କ୍ୟାମ୍ପସ୍ ବିଭିନ୍ନ ରାଜନୈତିକ ଦଳର ସମ୍ପୃକ୍ତି ଠାରୁ ଉର୍ଦ୍ଧ୍ୱରେ ରହିବା ଉଚିତ୍। ଛାତ୍ର ସମାଜ ସ୍ୱାଧୀନ ଭାବରେ ସେମାନଙ୍କର ସମସ୍ୟାକୁ କଲେଜ ବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ ପହଁଚାଇବାକୁ ସୁଯୋଗ ପାଇବାରେ ସେମାନଙ୍କୁ ବଞ୍ଚିତ କରାଯିବା ଉଚିତ୍ ନୁହେଁ। ବିଶ୍ୱର ବିଭିନ୍ନ ଦେଶର ରାଜନୈତିକ ପଟ୍ଟ ପରିବର୍ତ୍ତନରେ ସେଠାକାର ଛାତ୍ର ଆନ୍ଦୋଳନ ଓ ଛାତ୍ର ରାଜନୀତିର ପ୍ରମୁଖ ଭୂମିକା ରହିଛି।



ବିଭିନ୍ନ ଦେଶର ସାମାଜିକ ଏବଂ ଅର୍ଥନୈତିକ ବିକାଶର ପରିବର୍ତ୍ତନରେ ସେଠାକାର ଛାତ୍ର ନେତୃତ୍ୱମାନଙ୍କର ପ୍ରମୁଖ ଭୂମିକାକୁ ଉପଲବ୍ଧି କରିବା କଥା। ଆମ ରାଜ୍ୟରେ ଛାତ୍ର ନେତା ଭାବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହୁଅନ୍ତୁ ବା ପୂର୍ବତନ ରାଜ୍ୟ ମନ୍ତ୍ରୀ ଅରୁଣ ସାହୁ, ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ ହୁଅନ୍ତୁ ବା ପୂର୍ବତନ ରାଜ୍ୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ହୁଅନ୍ତୁ ବା ବର୍ତ୍ତମାନର ରାଜ୍ୟ ସରକାରଙ୍କ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ହୁଅନ୍ତୁ କେହି କାହା ଠାରୁ କମ୍ ନୁହନ୍ତି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ, ପଞ୍ଚାନନ କାନୁନଗୋ, ଅମର ପ୍ରସାଦ ଶତପଥୀ, ପ୍ରତାପ ଜେନା, ପୂର୍ବତନ ସାଂସଦ ସ୍ୱର୍ଗତଃ ମୋହନ ଜେନା, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ବର୍ତ୍ତମାନର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ବର୍ତ୍ତମାନର ସାଂସଦ ରୁଦ୍ର ପ୍ରସାଦ ପାଣି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଦେବାଶିଶ ପଟ୍ଟନାୟକ, ବର୍ତ୍ତମାନର ବିଧାୟକ ବାବୁ ସିଂ, ପୂର୍ବତନ ଛାତ୍ର ନେତା ସୁଦର୍ଶନ ଦାସ ଏବଂ ରବି ବେହେରାଙ୍କ ପରି ପ୍ରମୁଖ ବିଶିଷ୍ଟ ବ୍ୟକ୍ତିତ୍ୱ କ୍ୟାମ୍ପସ୍ ରାଜନୀତିରୁ ନିଜର ନେତୃତ୍ୱ ଜାହିର କରି ପରବର୍ତ୍ତୀ ଅବସ୍ଥାରେ ରାଜ୍ୟ ଓ ଜାତୀୟ ରାଜନୀତିରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ଗତ କିଛି ବର୍ଷ ହେଲାଣି ଛାତ୍ର ସଂସଦ ନିର୍ବାଚନ ନହେବା କାରଣରୁ ଏଭଳି ଦକ୍ଷ ନେତୃତ୍ୱମାନଙ୍କର ଅଭାବ ପରିଲକ୍ଷିତ ହେଉଛି। ସେ ଯାହା ହେଉ ବର୍ତ୍ତମାନ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧିନ ସରକାର ଛାତ୍ର ସଂସଦ ନିର୍ବାଚନ କରିବା ପାଇଁ ବିଧିବଦ୍ଧ ନିଷ୍ପତି ନେଇଛନ୍ତି। ଫଳରେ ନୂତନ ଯୁବ ଛାତ୍ର ନେତୃତ୍ୱ ସୃଷ୍ଟି ହେବାର ବାଟ ଫିଟିଛି। ଜଣେ ପୂର୍ବତନ ଛାତ୍ରନେତା ହିସାବରେ ସରକାରଙ୍କର ଏହି ନିଷ୍ପତି କୁ ଅତ୍ୟନ୍ତ ସ୍ୱାଗତ କରିବା ସହିତ ଏଥିପାଇଁ ମୁଁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ରାଜ୍ୟ ସରକାରଙ୍କ ସମସ୍ତ ମନ୍ତ୍ରୀ ମଣ୍ଡଳର ସଦସ୍ୟମାନଙ୍କୁ ଧନ୍ୟବାଦ ଜ୍ଞାପନ କରୁଛି।

ପରିଶେଷରେ ଏତିକି କହିବି ଯେ ଛାତ୍ର ରାଜନୀତିରେ ଛାତ୍ର ଛାତ୍ରୀ ସକ୍ରିୟ ହେଲେ ରାଜନୈତିକ ସଚେତନତା ବୃଦ୍ଧି ହେବା ସହ ଭବିଷ୍ୟତରେ ଗଣତାନ୍ତ୍ରୀକ ପ୍ରକ୍ରିୟାକୁ ଋଦ୍ଧିମନ୍ତ କରିପାରିବ। ଏଥିସହ ଭବିଷ୍ୟତ ରାଜନେତା ତିଆରି କରିବାରେ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡିକ ସହାୟକ ହେବେ। ଏଥିପାଇଁ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପରି ଏକ 'ଐତିହାସିକ ପରମ୍ପରା' କୁ ବଜାୟ ରଖିବା ଅତ୍ୟନ୍ତ ଅପରିହାର୍ଯ୍ୟ।

ପୂର୍ବତନ ସାଧାରଣ ସମ୍ପାଦକ, ଉତ୍କଳ ବିଶ୍ୱବିଦ୍ୟାଳୟ
ରାଜ୍ୟ ମୁଖପାତ୍ର ବିଜେପି ଓଡ଼ିଶା, ମୋବାଇଲ୍: ୯୪୩୭୩୦୧୦୭୭

# ସମୃଦ୍ଧ ଓଡ଼ିଶାର ପୃଷ୍ଠଭୂମି:କର୍ମଯୋଗ୍ୟତା ଓ କର୍ମନିଯୁକ୍ତି

ଡଃ ଦିଲ୍ଲୀପ ରାୟ



ଓଡିଶା ଭିଜନ ୨୦୩୬। ୨୦୪୭ ରିପୋର୍ଟ ଅଭିବୃଦ୍ଧି ଓ ସମୃଦ୍ଧି ର ଦୁରଦୃଷ୍ଟି ସମ୍ପନ୍ନ ପରିକଳ୍ପନା କରିଛି। ଏଥିସହିତ ଉକ୍ତ ଦୀର୍ଘସ୍ଥାୟୀ ଚିଠା ଯୋଜନାର ଲକ୍ଷ ସାଧନ, ପ୍ରଭାବଶାଳୀ ସୁଶାସନଓ ଫଳପ୍ରଦ କାର୍ଯ୍ୟକାରିତା ନିମନ୍ତେ କୌଶଳ ପୂର୍ଣ ବ୍ୟବସ୍ଥା ସ୍ଥିର କରିବା ଆଭିମୁଖ୍ୟ ନେଇ ମୁଖ୍ୟମନ୍ତ୍ରୀ ଅର୍ଥନୈତିକ ଉପଦେଷ୍ଟା ପରିଷଦ ଗଠନ ରାଜ୍ୟ ସରକାରଙ୍କ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଅଭିବୃଦ୍ଧି ରାଜ୍ୟ ଓ କ୍ଷେତ୍ରୀୟ ଉତ୍ପାଦ, କର୍ମ ନିୟୋଜନ, ରପ୍ତାନି ପରିସର. ଭିତିଭୂମି, ବୈଷୟିକ, ପ୍ରଯୁକ୍ତିବିଦ୍ୟାର ଉଲ୍ଲେଖନୀୟ ଉନ୍ନତିର ପରିମାଣାତ୍ମକ ଚିତ୍ର ପ୍ରଦାନ କରିଥାଏ। ସମୃଦ୍ଧି ଆଞ୍ଚଳିକ ସାମାଜିକ ଓ ଆର୍ଥିକ ବୈଷମ୍ୟର ତୀବ୍ର ହ୍ରାସ, ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନଶୈଳୀର ଗୁଣାତ୍ମକ ମାନ ବୃଦ୍ଧି ର ପରିଦୃଶ୍ୟ ଉପସ୍ଥାପିତ କରିଥାଏ। ସଂଗଠିତ, ସୁରକ୍ଷିତ ଓ ରୁଚିପୂର୍ଣ୍ଣ ଆୟକାରୀ ନିୟୋଜନ ସମୃଦ୍ଧି ର ପ୍ରତିଫଳନ ହୋଇଥାଏ। ସାରମର୍ମ ରେ ଅଭିବୃଦ୍ଧି, ସମୃଦ୍ଧି ଓ କର୍ମନିଯୁକ୍ତି ର ଆଶାତୀତ ବୃଦ୍ଧି ବିକଶିତ ଓଡିଶା ର ମାର୍ଗ ସ୍ଥିର କରିବ। ବିକାଶମୁଖୀ ଓଡ଼ିଶାର ସମଷ୍ଟି ଅର୍ଥନୀତି ଉତ୍ସାହ ଜଣକ। ଚଳିତ ବର୍ଷର ଆକଳନ ରାଜ୍ୟର ୭.୯ ପ୍ରତିଶତ ଅଭିବୃଦ୍ଧି ହାର, ୯.୮୮ ଲକ୍ଷ କୋଟି ଟଙ୍କା ରାଜ୍ୟ ଉତ୍ପାଦ, ୧.୮୭ ଲକ୍ଷ ଟଙ୍କା ମୁଣ୍ଡ ପିଛା ଆୟ ଓଡିଶାର ଉନ୍ନତ ବିକାଶ ଧାରାର ସୂଚନା ଦିଏ। ରାଜ୍ୟ ଉତ୍ପାଦରେ ୨୦ ପ୍ରତିଶତ କୃଷିକ୍ଷେତ୍ର, ୪୧ ପ୍ରତିଶତ ଶିଳ୍ପକ୍ଷେତ୍ର ଏବଂ ୩୯ ପ୍ରତିଶତ ସେବା ପ୍ରମୁଖ କ୍ଷେତ୍ରର ଅବଦାନ ସହ ଓଡିଶା ଚିରାଚରିତ 'କୃଷି ପ୍ରଧାନ' ଅର୍ଥନୀତିରୁ 'ଶିଳ୍ପ ପ୍ରଧାନ' ଓ 'ସେବା ପ୍ରଧାନ' ଅର୍ଥନୀତିର ପରିବର୍ତିତ ମାନ୍ୟତା ପାଇଛି। ଏହା ତ୍ୱରାନ୍ୱିତ ବିକଶିତ ମାର୍ଗ ପାଇଁ ଶୁଭଙ୍କରାଓ ଉନ୍ନତ ସମୃଦ୍ଧି ପରିସର ନିମନ୍ତେ ଶିଳ୍ପାୟନ, ବ୍ୟବସାୟ, ଶକ୍ତି, ନିର୍ମାଣ, ପରିବହନ ଭିତିଭୂମି, ସାମାଜିକ, ବିତ୍ତ ପ୍ରଶାସନ ଆଦି ଶିଳ୍ପ ଓ ସେବା କ୍ଷେତ୍ରର ଗୁରୁତ୍ୱପୂର୍ଣ ଭୂମିକା ରହିଛି। ସମ୍ପ୍ରତି ଓଡ଼ିଶାରେ ନିର୍ମାଣ ଭିତ୍ତିଭୂମି, ବ୍ୟବସାୟ, ବୈଷୟିକ, ବିତ୍ତ ସେବା ଭଳି ପ୍ରମୁଖ ସେବା କ୍ଷେତ୍ର ମାନଙ୍କରେ ଅଭିବୃଦ୍ଧି ହାର ୯ ପ୍ରତିଶତ ରୁ ଅଧିକ ରହି ସମୃଦ୍ଧ ଓଡ଼ିଶାର ଅସଂପୂର୍ଣ୍ଣ ସୂଚନା ଦିଏ। କର୍ମନିଯୁକ୍ତି କ୍ଷେତ୍ରରେ ଓଡ଼ିଶାର ସ୍ଥିତି ଅନୁଶୀଳନ କରାଯାଉ। ସମ୍ପ୍ରତି ରାଜ୍ୟର ୨ କୋଟି ୨୯ ଲକ୍ଷ ଶ୍ରମ ଶକ୍ତି ମଧ୍ୟରୁ ୨ କୋଟି ୨୨ ଲକ୍ଷ ଶ୍ରମ କର୍ମ ନିୟୋଜିତ ହେଇଥିଲା ବେଳେ ମାତ୍ର ୮ ଲକ୍ଷ ଯୁବ ଶକ୍ତି ବେକାର ରହିଛନ୍ତି। ରାଜ୍ୟର ବେକାରୀ ହାର ୩. ୧ ପ୍ରେରଣାଦାୟକ ରହିଛି। ସ୍ୱରୋଜଗାରୀ, ନିୟମିତ ବେତନଧାରୀ ଏବଂ ସାମୟିକ ଶ୍ରମ ଭାବେ ଯଥାକ୍ରମେ ୧. ୩୭ କୋଟି, ୩୨ ଲକ୍ଷ ଓ ୫୩ ଲକ୍ଷ ଶ୍ରମ ଶକ୍ତି ନିୟୋଜିତ। ଅନ୍ୟଦୃଷ୍ଟିକୋଣ ରେ ବିଚାର କଲେ ରାଜ୍ୟର ୮୬ ପ୍ରତିଶତ ନିୟୋଜିତ ଶ୍ରମଶକ୍ତି ଅଣ ସଂଗଠିତ ଏବଂ ମାତ୍ର ୧୪ ପ୍ରତିଶତ ସଂଗଠିତ। ଏହା ଏକ ସମ୍ବେଦନଶୀଳ ସମସ୍ୟା। ସାଧାରଣତଃ ଅଣସଂଗଠିତ ସ୍ୱରୋଜଗାରୀ ଶ୍ରମିକ, ନିଯୁକ୍ତ କ୍ଷମ, ସାମୟିକ ଶ୍ରମ କମ ମଜୁରୀ / ଦରମା,



ନିଯୁକ୍ତି ଅନିଶ୍ଚିତତା ଓ ସୁରକ୍ଷା, ମହିଳା - ପୁରୁଷ ଶ୍ରମ ମଜୁରୀ ଆୟ ବୈଷମ୍ୟ ସରକାରୀ କଲ୍ୟାଣ ଓ ସାମାଜିକ ସୁରକ୍ଷା ଯୋଜନାଲାଭ ରୁ ବଂଚିତ ଦାରିଦ୍ର୍ୟ ଓ ଶୋଷଣ ଦ୍ୱାରା ନକାରାତ୍ମକ ଭାବେ ପ୍ରଭାବିତ ହୋଇ ଥାନ୍ତି। ଏହା ସେମାନଙ୍କ ଶ୍ରମ ଉତ୍ପାଦିକା ଶକ୍ତି, କ୍ଷତା ଓ ଆୟ କୁ ନିମ୍ନ ଗାମୀ କରି ଥାଏ ରାଜ୍ୟର ତିନୋଟି ପ୍ରମୁଖ ଅର୍ଥନୈତିକ କ୍ଷେତ୍ର ଯଥା କୃଷି, ଶିଳ୍ପ, ସେବା ର ଶ୍ରମଶକ୍ତି ର ପରିବର୍ତ୍ତିତ ଧାରା ସ୍ପଷ୍ଟ। ବିଗତ ଦଶନ୍ଧିରେ କୃଷି କ୍ଷେତ୍ର ର ସମୁଦାୟ ଶ୍ରମ ଶକ୍ତି ପ୍ରତିଶତ ୫୬ ରୁ ୪୯ ପ୍ରତିଶତ କୁ ହ୍ରାସ ପାଇଛି। ଆନୁପାତିକ ଭାବେ ଶିଳ୍ପ ଓ ସେବା କ୍ଷେତ୍ରର ଶ୍ରମ ଶକ୍ତି ୨୧ ରୁ ୨୭ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଏହା ଉପଲବ୍ଧି ହୋଇଛି କୃଷି କ୍ଷେତ୍ରର ମୁଣ୍ଡ ପିଛା ଶ୍ରମିକର ଉତ୍ପାଦିକା ଶକ୍ତି, ଆୟ ଏବଂ ମୂଲ୍ୟ ଯୁକ୍ତ ଉତ୍ପାଦ ଶିଳ୍ପ ଓ ସେବା କ୍ଷେତ୍ର ଅପେକ୍ଷା ଯଥେଷ୍ଟ କମ। ସ୍ୱାଭାବିକ ଭାବେ କୃଷି କ୍ଷେତ୍ରର 'ବଳକା ଶ୍ରମିକ ' ଗ୍ରାମାଞ୍ଚଳ ଛାଡି ଶିଳ୍ପ ଓ ସେବା କ୍ଷେତ୍ରର ଅଧିକ ରୋଜଗାର କ୍ଷମ ଅଣ କୃଷି ଜୀବିକା ସନ୍ଧାନରେ ବିଶେଷ କରି ନିର୍ମାଣ ଓ କାରଖାନା ( ମାନୁଫାକଚରିଂ ) କାର୍ଯ୍ୟରେ ଆକୃଷ୍ଟ ହୁଅନ୍ତି। ସମ୍ପ୍ରତି ରାଜ୍ୟର ଏହି ଦୁଇ କ୍ଷେତ୍ରରେ ଯଥାକ୍ରମେ ପ୍ରାୟ ୪୦ ଲକ୍ଷ ଏବଂ ୧୭ ଲକ୍ଷ ଶ୍ରମ ଶକ୍ତି କାର୍ଯ୍ୟରତ। ଉଲ୍ଲେଖନୀୟ ଭାବେ କେବଳ ବୟନ, ପୋଷାକ ତିଆରି ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ରେ ୭.୬ ଲକ୍ଷ ରୁ ଅଧିକ ଶ୍ରମ ଶକ୍ତି ନିୟୋଜିତ ହେଇଛନ୍ତି। ଆକଳନ ଅନୁଯାୟୀ ପୋଷାକ ତିଆରି ଉତ୍ପାଦନ ରେ ପ୍ରତି ଏକ କୋଟି ଟଙ୍କା ପୁଞ୍ଜି ନିବେଶ ରେ ସବୁଠାରୁ ଅଧିକ ୫୧ ଜଣ ଙ୍କୁ କର୍ମନିଯୁକ୍ତି ଦେବା ଆବଶ୍ୟକ ପଡେ। ମାତ୍ର ଚିନ୍ତାର ବିଷୟ କୃଷି ଅପସାରିତ ଶ୍ରମ ଶକ୍ତି ଅଣ କୃଷି କ୍ଷେତ୍ରରେ ପ୍ରାୟ ୯୦ ପ୍ରତିଶତରୁ ଅଧିକ ସେହି ଅଣସଂଗଠିତ ଜୀବିକା ପରିସରରେ ହିଁ ନିଯୁକ୍ତି ପାଇଥାନ୍ତି। ଏହା ସେମାନଙ୍କ ରୋଜଗାର, ଜୀବନ ଜୀବିକା ରେ ଗୁଣାତ୍ମକ ମାନର ଉନ୍ନତି କରିନାହିଁ। ଓଡ଼ିଶାରେ କର୍ମ ନିଯୁକ୍ତି ବୃଦ୍ଧି ପାଇଛି, ମାତ୍ର ଏହାର ଗତିଶୀଳତା ବୃଦ୍ଧି ପାଇନାହିଁ। ପ୍ରତିବନ୍ଧକ ରହିଛି ଉଚ୍ଚ ଶିକ୍ଷା, ନିଯୁକ୍ତି ଭିତ୍ତିକ ଶିକ୍ଷା, ପ୍ରଶିକ୍ଷଣ ଓ ଦକ୍ଷତା ର ତୀବ୍ର ଅଭାବ। ରୁଚିପୂର୍ଣ୍ଣ କର୍ମ ନିଯୁକ୍ତି, ଜୀବନ ଜୀବିକା ରେ ସୁରକ୍ଷା ଓ ସ୍ଥାୟୀତ୍ୱ ଓ ଜୀବନ ଶୈଳୀରେ ଉନ୍ନତିରେ ଜନସାଧାରଣଙ୍କ ସମୃଦ୍ଧି ପ୍ରତିଫଳିତ ହୋଇଥାଏ। ଅଣ ସଂଗଠିତ ଶ୍ରମ ଶକ୍ତି କୁ ସଂଗଠିତ କରିବା ଏବଂ ଶିକ୍ଷା ଓ ଦକ୍ଷତା ପ୍ରକ୍ରିୟା କୁ ତ୍ୱରାନ୍ୱିତ କରି ଯୁବ ଓ ମହିଳା ଗୋଷ୍ଠୀଙ୍କୁ ଅଧିକ ରାଜାଗରକ୍ଷମ ଓ ଆୟ ବୃଦ୍ଧିରେ ସହାୟକ ହୋଇଥାଏ। ସେମାନଙ୍କୁ ଆର୍ଥିକ ଓ ସାମାଜିକ ଅନ୍ତର୍ଭୁକ୍ତିକରଣ ଓ ସଶକ୍ତିକରଣ କରିବାରେ ପ୍ରମୁଖ ଭୂମିକା ନିଏ। ଏହା ସମୃଦ୍ଧ ସମାଜ ଓ ଅର୍ଥନୀତିର ପ୍ରଥମ ସ୍ୱୀକୃତି ପ୍ରଦାନ କରେ। ଉଦାହରଣ ସ୍ୱରୂପ କର୍ମ ନିଯୁକ୍ତି ସର୍ବେକ୍ଷଣ ୨୦୨୪ ଅନୁଯାୟୀ ଓଡ଼ିଶାରେ ଜଣେ ଶିକ୍ଷିତ ଓ ତାଲିମ ପ୍ରାପ୍ତ ନିୟମିତ ବେତନଭୋଗୀ କର୍ମଚାରୀ ବିନା ତାଲିମ ପ୍ରାପ୍ତ କର୍ମଚାରୀ ଠାରୁ ପ୍ରାଥମିକ, ମାଧ୍ୟମିକ, ଉଚ୍ଚ ଓ ବୈଷୟିକ ଶିକ୍ଷା ବର୍ଗରେ ଯଥାକ୍ରମେ ୧.୪ ଗୁଣ, ୨ ଗୁଣ, ୩.୭ ଗୁଣ ଓ ୫.୧ ଗୁଣ ଅଧିକ ଆୟ ରୋଜଗାର କରିଥାନ୍ତି। ତେଣୁ ସ୍ୱାବଲମ୍ବୀ ଓ ସମୃଦ୍ଧି ସମ୍ପନ୍ନ ଆୟ ନିମନ୍ତେ ଉଚ୍ଚ ଶିକ୍ଷା, ପ୍ରଶିକ୍ଷଣ, ଦକ୍ଷତା ବୃଦ୍ଧି ଅତି ଜରୁରୀ।

ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶକ, ଓଡିଶା ସରକାର
ମୋବାଇଲ୍: ୯୪୩୭୮୫୦୦୮୮

### ରୁଷ୍ ସହ ଡିଜେଲ୍-ଡିଲ୍ କରି ଉପହସିତ ଟ୍ରମ୍ପ

# ଭାରତ ପାଇଁ କଟକଣା, ନିଜ ବେଳକୁ କୋହଳ




ୱାଶିଂଟନ୍/ନୂଆଦିଲ୍ଲୀ,୧୦।୧୦ଃ ରୁଷିଆ-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଭାରତ ନିଜ ଜନସାଧାରଣଙ୍କ ଶକ୍ତି ସୁରକ୍ଷା ପାଇଁ ରୁଷିଆରୁ ଶସ୍ତା କ୍ରୁଡ୍ ଅଏଲ୍ କ୍ରୟ କରିଆସୁଛି। ଏଥିପାଇଁ ଆମେରିକା ଭାରତ ଉପରେ ବାରମ୍ବାର କୂଟନୈତିକ ଚାପ ପକାଇବା ସହ ଭାରତୀୟ ସାମଗ୍ରୀ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ସୀମା ଶୁଳ୍କ ଲଗାଇବାକୁ ଧମକ ଦେଇଥିଲା। ଭାରତ ରୁଷିଆକୁ ଯୁଦ୍ଧ ପାଇଁ ଅର୍ଥ ଯୋଗାଉଛି ବୋଲି ଅଭିଯୋଗ କରୁଥିବା ଆମେରିକା, ଏବେ ନିଜେ ରୁଷିଆଠାରୁ ଡିଜେଲ କିଣିବା ଘୋଷଣା କରିବା ପରେ ୱାଶିଂଟନ୍‌ର ଦ୍ୱିମୁଖୀ ନୀତି ପଦାରେ ପଡ଼ିଛି। ନୂଆଦିଲ୍ଲୀ ପାଇଁ ଏହା ଏକ ବଡ଼ କୂଟନୈତିକ ବିଜୟ ସଦୃଶ, କାରଣ ଆମେରିକାର ନିଜସ୍ୱ କାର୍ଯ୍ୟାନୁଷ୍ଠାନ ପ୍ରମାଣିତ କରିଛି ଯେ ସେମାନେ କେବଳ ନିଜ ସ୍ୱାର୍ଥ ଅନୁଯାୟୀ ନୀତି ପରିବର୍ତ୍ତନ କରନ୍ତି।

ଆମେରିକାରେ ଆଗାମୀ ନଭେମ୍ବର ୩ରେ ସଂସଦୀୟ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ସେପ୍ଟେମ୍ବର ମାସରେ ଦେଶରେ ଡିଜେଲ ଦର ରେକର୍ଡ ଗ୍ୟାଲନ୍ ପିଛା ୬.୫୨ ଡଲାର (ଲିଟର ପିଛା ପ୍ରାୟ ୧୫୦ ଟଙ୍କା)ରେ ପହଞ୍ଚିଥିଲା। ଚାଷୀ, ପରିବହନ ବ୍ୟବସାୟୀ ଓ ସାଧାରଣ ନାଗରିକଙ୍କ ଉପରେ ବୃଦ୍ଧି ପାଉଥିବା ଆର୍ଥିକ ବୋଝ ଯୋଗୁଁ ୬୮ ପ୍ରତିଶତ ଆମେରିକୀୟ ଟ୍ରମ୍ପଙ୍କ ନୀତିକୁ ଦାୟୀ କରିଥିଲେ। ନିର୍ବାଚନରେ ଆସନ୍ନ ପରାଜୟ ଭୟରେ ଟ୍ରମ୍ପ ପ୍ରଶାସନ ତୁରନ୍ତ ନିଜର ନୀତି ବଦଳାଇ ଆମେରିକା ଅର୍ଥ ମନ୍ତ୍ରଣାଳୟ ଜରିଆରେ ରୁଷୀୟ ଡିଜେଲ ଚାଲାଣ ଉପରୁ ପ୍ରତିବନ୍ଧକ ହଟାଇ ଏପ୍ରିଲ ୨୦୨୭ ପର୍ଯ୍ୟନ୍ତ ସାମୟିକ ଛାଡ଼ ପ୍ରଦାନ କରିଛି। କେବଳ କିଛି ସପ୍ତାହ ପୂର୍ବରୁ ଟ୍ରମ୍ପ ରୁଷିଆର ଯୁଦ୍ଧ ଅର୍ଥନୀତିକୁ ପଙ୍ଗୁ କରିବା ପାଇଁ 'ଗ୍ରାହାମ ଆକ୍ଟ' ନାମକ କଡ଼ା

### ପଦାରେ ପଡ଼ିଲା ଆମେରିକାର ଦୋମୁହାଁ ନୀତି!

ଆଇନରେ ସ୍ୱାକ୍ଷର କରିଥିଲେ, କିନ୍ତୁ ଏବେ ନିଜ ସ୍ୱାର୍ଥ ପାଇଁ ସେହି ନିୟମକୁ କୋହଳ କରିଛନ୍ତି। ଟ୍ରମ୍ପ ନିଜର ସାମାଜିକ ଗଣମାଧ୍ୟମ ମଞ୍ଚ 'ଟ୍ରୁଥ୍ ସୋସିଆଲ୍'ରେ ସୂଚନା ଦେଇଛନ୍ତି ଯେ ରୁଷିଆ ରାଷ୍ଟ୍ରପତି ପୁଟିନ୍‌ଙ୍କ ସହ ତାଙ୍କର ଅତ୍ୟନ୍ତ ସଫଳ ଆଲୋଚନା ହୋଇଛି। ତେବେ ଆମେରିକାର ଏପରି ଦ୍ୱିମୁଖୀ ନୀତିକୁ ନେଇ ବିଶ୍ୱସ୍ତରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଭାରତୀୟ ପକ୍ଷରୁ ମଧ୍ୟ ପୂର୍ବରୁ ଏହା ସ୍ପଷ୍ଟ କରାଯାଇଛି ଯେ ଦେଶର ଶକ୍ତି ସୁରକ୍ଷା ଏବଂ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ସବୁଠାରୁ ଭଲ ଏବଂ ସୁଲଭ ସ୍ରୋତରୁ ତେଲ କଣାଯିବ। ଭାରତ ଉପରେ ରୁଷ ତେଲ କିଣିବାକୁ ନେଇ କଟକଣାର ଭୟ ଦେଖାଉଥିବା ଆମେରିକା ନିଜ ନିର୍ବାଚନୀ ସ୍ୱାର୍ଥ ପାଇଁ ସେହି ରୁଷଠାରୁ ହିଁ ଇନ୍ଧନ ଆମଦାନୀ କରିବା ଘଟଣା ଆମେରିକାର ପକ୍ଷପାତିତା ଏବଂ ଦ୍ୱିମୁଖୀ ଚରିତ୍ରକୁ ପୁଣିଥରେ ବିଶ୍ୱ ସାମ୍ନାରେ ପଦାରେ ପକାଇଛି।

### ସବଳ ବନ୍ଧୁର ଦୁର୍ବଳ ନିଷ୍ପତ୍ତିଃ ଜେଲେନ୍‌ସ୍କି



କିଭ୍ଃ ଟ୍ରମ୍ପଙ୍କ ଏହି ପଦକ୍ଷେପକୁ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ତୀବ୍ର ସମାଲୋଚନା କରିଛନ୍ତି। ସେ ଏହାକୁ ଶକ୍ତିଶାଳୀର ବନ୍ଧୁର ଦୁର୍ବଳ ନିଷ୍ପତ୍ତି ବୋଲି ବର୍ଣ୍ଣନା କରିଛନ୍ତି। ଜେଲେନ୍‌ସ୍କି କହିଛନ୍ତି ଯେ ଶତ୍ରୁକୁ ଉପହାର ଦେବା ଦ୍ୱାରା ଶାନ୍ତି ଆସିବ ନାହିଁ। ରୁଷିଆ ଏହି ଡିଜେଲ ବଦଳରେ ଅଧିକ ଆତଙ୍କ ସୃଷ୍ଟି କରିବ। ସେହିପରି ଆମେରିକାର କିଛି ସାଂସଦ, ଯେପରିକି ଡନ୍ ବାକନ୍, ଏହି ନିଷ୍ପତ୍ତିକୁ ଭୁଲ୍ ବୋଲି ଦର୍ଶାଇ କହିଛନ୍ତି ଯେ ରୁଷିଆର ଯୁଦ୍ଧ ମେସିନ୍‌କୁ ଆର୍ଥିକ ସହାୟତା ଦେବା ଅପରାଧ ସଦୃଶ। ଅନ୍ୟପକ୍ଷରେ ବିରୋଧୀମାନେ ଅଭିଯୋଗ କରିଛନ୍ତି ଯେ ଆମେରିକା ଏବେ ନିଜ ନିର୍ବାଚନ ଜିତିବା ପାଇଁ ରୁଷିଆର ନରସଂହାର ଯୁଦ୍ଧକୁ ପରୋକ୍ଷରେ ଅର୍ଥ ଯୋଗାଉଛି।



# 'ଭାରତର ପ୍ରକୃତ କ୍ଷମତା ଅମ୍ବାନୀଙ୍କ ହାତରେ'

### ଅମ୍ବାନୀଙ୍କୁ ପ୍ରଧାନମନ୍ତ୍ରୀ କହିଲେ ଏଲନ ମସ୍କ

ନୂଆଦିଲ୍ଲୀ,୧୦।୧୦ଃ ଦୁନିଆର ସବୁଠାରୁ ଧନୀ ବ୍ୟବସାୟୀ ଏଲନ ମସ୍କ ଏବଂ ଭାରତର ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ମଧ୍ୟରେ ବିବାଦ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏଥର ମସ୍କ ମୁକେଶ ଅମ୍ବାନୀଙ୍କୁ କଟାକ୍ଷ କରି ତାଙ୍କୁ 'ପ୍ରଧାନମନ୍ତ୍ରୀ ଅମ୍ବାନୀ' ବୋଲି ସମ୍ବୋଧନ କରିଛନ୍ତି। ଭାରତରେ ମସ୍କଙ୍କ କମ୍ପାନୀ 'ଷ୍ଟାରଲିଙ୍କ' ର ସାଟେଲାଇଟ୍ ଇଣ୍ଟରନେଟ୍ ସେବା ଆରମ୍ଭ ହେବାରେ ହେଉଥିବା ବିଳମ୍ବକୁ ନେଇ ଏହି ବୟାନ ସାମ୍ନାକୁ ଆସିଛି। ମସ୍କ ଅଭିଯୋଗ କରିଛନ୍ତି ଯେ ଅମ୍ବାନୀ ନିଜର ଏକଚାଟିଆ ବଜାର ବଜାୟ ରଖିବାକୁ ଚାହୁଁଛନ୍ତି ଏବଂ ଷ୍ଟାରଲିଙ୍କକୁ ଭାରତରେ ପ୍ରତିଯୋଗିତା କରିବାର ସୁଯୋଗ ମିଳୁନାହିଁ। ଏଲନ ମସ୍କ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ କଟାକ୍ଷ କରି ସେ ଲେଖିଛନ୍ତି ଯେ ଭାରତର ପ୍ରକୃତ କ୍ଷମତା ଅମ୍ବାନୀଙ୍କ ହାତରେ ରହିଛି। ତାହା ବୁଝିବାରେ ତାଙ୍କୁ ଟିକିଏ ବିଳମ୍ବ ହୋଇଗଲା। ଏଲନ ମସ୍କଙ୍କ କମ୍ପାନୀ 'ସ୍ପେସଏକ୍ସ'ର ସାଟେଲାଇଟ୍ ଇଣ୍ଟରନେଟ୍ ସେବା ଭାରତରେ ବ୍ୟବସାୟ ଆରମ୍ଭ କରିବା ପାଇଁ ଦୀର୍ଘ ଦିନରୁ ପ୍ରସ୍ତୁତି ଚଳାଇଛି। କମ୍ପାନୀକୁ ଆବଶ୍ୟକୀୟ ଲାଇସେନ୍ସ ମିଳିସାରିଛି, କିନ୍ତୁ ବାଣିଜ୍ୟିକ ସ୍ତରରେ ସେବା ଆରମ୍ଭ କରିବା ପାଇଁ ଆଉ କିଛି ଅନୁମୋଦନ ବାକି ଅଛି। ମସ୍କଙ୍କ କହିବା କଥା ହେଲା ଷ୍ଟାରଲିଙ୍କ ପୃଥିବୀର ୧୬୫ରୁ ଅଧିକ ଦେଶରେ ଲାଇସେନ୍ସ ସହିତ କାମ କରୁଛି ଏବଂ କମ୍ପାନୀ ଭାରତରେ ସମସ୍ତ ନିୟମ ପାଳନ କରିବା ପାଇଁ ପ୍ରାୟ ପାଞ୍ଚ ବର୍ଷ ଧରି ଚେଷ୍ଟା କରିଆସୁଛି। ତଥାପି ସେବା ଆରମ୍ଭ କରିବାକୁ ଅନୁମତି ମିଳିବାରେ ବିଳମ୍ବ ହେଉଛି।

# ଦିଲ୍ଲୀର ସ୍କୁଲ୍‌ରେ ମିଡ୍-ଡେ ମିଲ୍‌ରେ ମିଳିବ ଖିରି

ନୂଆଦିଲ୍ଲୀ, ୧୦।୧୦ଃ ସ୍କୁଲ୍ ପିଲାଙ୍କୁ ଅଧିକ ପୁଷ୍ଟିକର ଓ ସ୍ୱାଦିଷ୍ଟ ଖାଦ୍ୟ ଯୋଗାଇବା ପାଇଁ ଦିଲ୍ଲୀ ନଗର ନିଗମ (ଏମ୍‌ସିଡି) ପକ୍ଷରୁ ମିଡ୍-ଡେ ମିଲ୍ ମେନୁରେ ପରିବର୍ତ୍ତନ ଯୋଜନା କରାଯାଇଛି। ନଭେମ୍ବରରୁ ନଗର ନିଗମ ଅଧୀନରେ ଥିବା ପ୍ରାୟ ୧, ୫୦୦ ସ୍କୁଲ୍‌ରେ ନୂଆ ଖାଦ୍ୟ ତାଲିକା ଲାଗୁ କରିବାକୁ ଯୋଜନା ରହିଛି। ଏଥିରେ ଖିରି, ଫଳ, ଓଟ୍ସ ବିସ୍କୁଟ୍ ଏବଂ ସାମ୍ବର-ଭାତ ଭଳି ଖାଦ୍ୟ ସାମିଲ ହେବ।

ନୂଆ ଯୋଜନା ଅନୁଯାୟୀ, ପ୍ରତିଦିନ ନିୟମିତ ମଧ୍ୟାହ୍ନ ଭୋଜନ ସହ ଅତିକମ୍‌ରେ ଗୋଟିଏ ସ୍ୱତନ୍ତ୍ର ଖାଦ୍ୟ ଦେବାକୁ ସ୍କୁଲ୍ ରୋଷେଇ ଦାୟିତ୍ୱରେ ରହିବାକୁ ଥିବା ନୂଆ ସଂସ୍ଥାଗୁଡ଼ିକୁ କୁହାଯାଇଛି। ପିଲାମାନେ ଯେପରି ଆଗ୍ରହର ସହ ଖାଦ୍ୟ ଖାଇବେ, ସେଥିପାଇଁ ଖାଦ୍ୟ ପ୍ରସ୍ତୁତିରେ ବିଭିନ୍ନତା ଆଣିବା ଉପରେ ଗୁରୁତ୍ୱ ଦିଆଯାଉଛି। ଓଟ୍ସ କେକ୍ ଓ ବିସ୍କୁଟ୍ ଭଳି ବିକଳ୍ପ ମଧ୍ୟ ବିଚାରାଧୀନ ରହିଛି।

ନୂଆ ମେନୁରେ ସାମ୍ବର-ଭାତ ସାମିଲ ହେବା ସହ ପୂର୍ବରୁ ଦିଆଯାଉଥିବା ପୁରୀ-ଆଳୁ ତରକାରି, ଡାଲି-ଭାତ ଓ ଛୋଲେ-ଭାତ ଭଳି ଖାଦ୍ୟ ଜାରି ରହିବ। ଏଥିସହ ସପ୍ତାହରେ ଦୁଇଥର ଗହମ ଓ ରାଗିରେ ପ୍ରସ୍ତୁତ ହାଲୱା ଦେବାକୁ ମଧ୍ୟ ଯୋଜନା ରହିଛି। ପୁରୁଣା ଖାଦ୍ୟକୁ ମେନୁରୁ ବାଦ୍ ନଦେଇ ଏହାର ପ୍ରସ୍ତୁତି ଶୈଳୀରେ ପରିବର୍ତ୍ତନ ଆଣିବା ଉପରେ ନିଗମ ଗୁରୁତ୍ୱ ଦେଉଛି।

### ଦିଲ୍ଲୀର ସବୁଠାରୁ ବଡ଼ ମାର୍କେଟ୍‌ରେ ତାଲା

# ଦିନକରେ ଦୁଇ ହଜାର କୋଟିର କ୍ଷତି ଆକଳନ



ନୂଆଦିଲ୍ଲୀ,୧୦।୧୦ଃ କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ପ୍ରତିବାଦ କାରଣରୁ ସମଗ୍ର ନୂଆଦିଲ୍ଲୀ ଅସ୍ତବ୍ୟସ୍ତ ହୋଇପଡ଼ିଛି। ରାଜଧାନୀର ସବୁଠାରୁ ବଡ଼ ଓ ବିଜି ମାର୍କେଟ କନ୍ନଟ୍‌ପ୍ଲେସର ପ୍ରତ୍ୟେକ ଦୋକାନ ବନ୍ଦ କରାଯାଇଛି। ଏହି ସ୍ଥାନ ହେଉଛି ରାଜଧାନୀର ପ୍ରମୁଖ ବ୍ୟବସାୟିକ, ଆର୍ଥିକ ଏବଂ ପର୍ଯ୍ୟଟନ କେନ୍ଦ୍ର। ଏହି ପ୍ରତିବାଦ ଯୋଗୁଁ ସାମଗ୍ରୀ ନଷ୍ଟ ହୋଇପାରେ ବୋଲି ଆଶଙ୍କା କରାଯାଇଥିଲା, ଯାହା ଫଳରେ ବନ୍ଦ ନିଷ୍ପତ୍ତି ନିଆଯାଇଥିଲା। କନ୍ନଟ୍ ପ୍ଲେସ ବନ୍ଦ ହେବା ଦ୍ୱାରା ୨ ହଜାର କୋଟି ଟଙ୍କାର ବ୍ୟବସାୟିକ କ୍ଷତି ହୋଇଥିବା ଆକଳନ କରାଯାଉଛି। ଏହାର ଏକ କାରଣ ହେଉଛି ଶନିବାର ସପ୍ତାହାନ୍ତ ହୋଇଥିବାରୁ କନ୍ନଟ୍ ପ୍ଲେସକୁ ବହୁତ ଲୋକ ଆସିଥାନ୍ତି, ଯାହା ଫଳରେ ଶନିବାର ଓ ରବିବାର ଏଠାରେ ବ୍ୟବସାୟ ଖୁବ୍ ଭଲ ଚାଲିଥାଏ।

ନୂଆଦିଲ୍ଲୀ ଟ୍ରେଡର୍ସ ଆସୋସିଏସନ୍ (ଏନଡିଟିଏ) କହିଛି, ଜନ୍ତରମନ୍ତରରେ ସିଜେପି ପ୍ରୋଟେଷ୍ଟକୁ ଦେଖି ଶନିବାର କନ୍ନଟ ପ୍ଲେନ୍ ମାର୍କେଟ ବନ୍ଦ ରହିଛି। ଆସୋସିଏସନ୍ ଲୋକଙ୍କ ସୁରକ୍ଷା ଓ ସମ୍ପତ୍ତିକୁ ସମ୍ଭାବିତ ବିପଦ ଦେଖି ଚିନ୍ତା ପ୍ରକାଶ କରିଥିଲେ। ଏହି କାରରରୁ ବଜାର ବନ୍ଦ କରାଯାଇଛି। ୱିକ୍‌ଏଣ୍ଡରେ ହଜାର ହଜାର ଲୋକ କନ୍ନଟ ପ୍ଲେସ ଆସିଥାନ୍ତି। ବ୍ୟବସାୟୀ ସଂଗଠନର ଦାବି ଅନୁସାରେ, ଏହି ପ୍ରମୁଖ କମର୍ସିଆଲ ହବ୍‌ରେ ବଜାର ବନ୍ଦ ରହିବା କାରଣରୁ ବ୍ୟବସାୟୀଙ୍କ କୋଟି କୋଟି ଟଙ୍କାର କ୍ଷତି ହୋଇଛି। ଏହି କାରଣରୁ ଚାମ୍ବର ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରୀର ଅଧ୍ୟକ୍ଷ ବ୍ରିଜେଶ ଗୋୟଲ ଦାବି କରିଛନ୍ତି, ଏହି ବିରୋଧ ପ୍ରଦର୍ଶନ ଓ ବଜାର ବନ୍ଦ ହେବାର କାରଣ ବ୍ୟବସାୟୀଙ୍କୁ ପ୍ରାୟ ୨ ହଜାର କୋଟି ଟଙ୍କାର କ୍ଷତି ହେବ।

ଗଣତନ୍ତ୍ରରେ ନାଗରିକଙ୍କ ପ୍ରତିବାଦ କରିବାର ଅଧିକାରକୁ ସ୍ୱୀକାର କରି ଗୁପ୍ତା କହିଛନ୍ତି ଯେ ପ୍ରତିବାଦଗୁଡ଼ିକ ସାଧାରଣ ସୁରକ୍ଷାକୁ ବିପଦରେ ପକାଇବା, ବ୍ୟବସାୟକୁ କ୍ଷତି ପହଞ୍ଚାଇବା କିମ୍ବା ଅତ୍ୟାବଶ୍ୟକ ସେବାକୁ ବାଧା ଦେବା ଉଚିତ ନୁହେଁ। କାରଣ ଏହା ସହରକୁ ଅଚଳ କରିପାରେ ଓ ବାସିନ୍ଦାଙ୍କୁ ଅସୁବିଧାର ସମ୍ମୁଖୀନ କରିପାରେ। ଏନଡିଟିଏ ସରକାରଙ୍କୁ ଅନୁରୋଧ କରିଛି ପ୍ରତିବାଦ ସ୍ଥଳଗୁଡ଼ିକୁ ସହର କେନ୍ଦ୍ର ଏବଂ ବଜାରଠାରୁ ଦୂରରେ ବଡ଼ ଖୋଲା ସ୍ଥାନକୁ ସ୍ଥାନାନ୍ତର କରାଯାଉ, ଯାହାଫଳରେ ବ୍ୟବସାୟୀ ଏବଂ ସାଧାରଣ ଜନତାଙ୍କ ଅସୁବିଧାର ସମ୍ମୁଖୀନ ହେବେନି।

# ତୈଳ ଟ୍ୟାଙ୍କର ଉପରେ ଡ୍ରୋନ୍ ଆକ୍ରମଣ

### ୨୨ ଭାରତୀୟ ନାବିକ ସୁରକ୍ଷିତ



ନୂଆଦିଲ୍ଲୀ,୧୦।୧୦ଃ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ୍ କହିଛନ୍ତି ଯେ ଅକ୍ଟୋବର ୯ ତାରିଖରେ ଶାରଜାହ ଆଙ୍କରେଜ୍‌ରେ ପାନାମା ପତାକାଥିବା ଅଶୋଧିତ ତୈଳ ଟ୍ୟାଙ୍କର୍ ଏମଟି ଜେମ୍ ନମ୍ବର-୨ ଉପରେ ଡ୍ରୋନ୍ ଆକ୍ରମଣ ହୋଇଥିଲା। ଜାହାଜରେ ୨୨ ଜଣ କ୍ରୁ ସଦସ୍ୟ ଥିଲେ। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ସମସ୍ତ ୨୨ ଜଣ ଭାରତୀୟ କ୍ରୁ ସଦସ୍ୟ ସୁରକ୍ଷିତ ଅଛନ୍ତି। ଆମେ ପରିସ୍ଥିତି ଉପରେ ନିରନ୍ତର କଡ଼ା ନଜର ରଖୁଛୁ ଏବଂ ନାବିକଙ୍କ ସୁରକ୍ଷା ପାଇଁ ଜାହାଜ ପରିଚାଳନା କମ୍ପାନି ସହିତ ଯୋଗାଯୋଗରେ ଅଛୁ। ୟୁନାଇଟେଡ୍ କିଙ୍ଗଡ଼ମ୍ ମେରିଟାଇମ୍ ଟ୍ରେଡ୍ ଅପରେସନ୍ସ ଏଜେନ୍ସି ରିପୋର୍ଟ କରିଛି ଯେ ସଂଯୁକ୍ତ ଆରବ ଏମିରେଟ୍ସର ଅଲ୍ ଜାଜିରା ଅଲ୍ ହାମରାଠାରୁ ପ୍ରାୟ ୧୩ ନଟିକାଲ୍ ମାଇଲ୍ ବା ୨୪ କିଲୋମିଟର ଦୂରରେ ଏକ ଜାହାଜ ଉପରେ କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା। ଏହି ଘଟଣା ପରେ ଜାହାଜରେ ନିଆଁ ଲାଗିଯାଇଥିଲା। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି, ଜାହାଜ ଏବଂ ନାବିକଙ୍କ ସୁରକ୍ଷା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି। ଏନେଇ 'ଗ୍ରୁପ୍ ଅଫ୍ ଫ୍ରେଣ୍ଡସ୍ ଅନ୍ ସେଫ୍ଟି ଆଣ୍ଡ ସିକ୍ୟୋରିଟି ଅଫ୍ ଶିପିଂ ଆଣ୍ଡ ସିଫାରର୍ସ'ର ଆରମ୍ଭ କରାଯାଇଛି। ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାମୁଦ୍ରିକ କ୍ଷେତ୍ରରେ ଜଡ଼ିତ ଦେଶଗୁଡ଼ିକୁ ଗୋଟିଏ ମଞ୍ଚରେ ଏକାଠି କରିବା, ଯାହା ଦ୍ୱାରା ଆନ୍ତର୍ଜାତୀୟ ସହଯୋଗ ମାଧ୍ୟମରେ ନାବିକ ଏବଂ ବାଣିଜ୍ୟିକ ଜାହାଜର ସୁରକ୍ଷା ସୁନିଶ୍ଚିତ କରାଯାଇପାରିବ।

### ଫ୍ଲାଇଦୁବାଇ ବିମାନ ଆକ୍ରମଣ

# ଏନଆଇଏକୁ ଯାଞ୍ଚ ଦାୟିତ୍ୱ ଦେଲା ଭାରତ



ନୂଆଦିଲ୍ଲୀ,୧୦।୧୦ଃ ଫ୍ଲାଇଦୁବାଇର ବିମାନକୁ ହାଇଜ୍ୟାକ୍ ଓ କ୍ରାସ୍ କରିବାକୁ ଚେଷ୍ଟା କରିବା ମାମଲାର ଯାଞ୍ଚ କେନ୍ଦ୍ର ସରକାର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ)କୁ ପ୍ରଦାନ କରିଛନ୍ତି। ଏନଆଇଏ, ଏଫଆଇଆରରେ ଉଡ଼ାଣ ବେଳେ କକପିଟରେ ଓମାନର ସହ-ପାଇଲଟ ଦ୍ୱାରା ଭାରତୀୟ କ୍ୟାପଟେନ ସ୍ମିତ ମଚ୍ଛାରଙ୍କୁ ଛୁରୀରେ ଆକ୍ରମଣ ଘଟଣାର ଉଲ୍ଲେଖ କରିଛି। ଉକ୍ତ ମାମଲା ଆଣ୍ଟି ହାଇଜ୍ୟାକିଂ ଆକ୍ଟ ୨୦୧୬ର ଧାରା ୩ ଓ କଠୋର ବେଆଇନ କାର୍ଯ୍ୟକଳାପ ( ନିବାରଣ ) ଆଇନ, ୧୯୬୭ (ୟୁଏପିଏ) ମୁତାବିକ ରୁଜୁ କରାଯାଇଛି। ସୂଚନାଯୋଗ୍ୟ, ଫ୍ଲାଇଦୁବାଇର ବିମାନ ଗତ ସେପ୍ଟେମ୍ବର ୩୦ ତାରିଖରେ ୧୭୪ ଜଣ ଯାତ୍ରୀ ଏବଂ ୬ ଜଣ କ୍ରୁ ସଦସ୍ୟଙ୍କୁ ନେଇ ଦୁବାଇରୁ ଉଡ଼ାଣ ଭରିଥିଲା। ଏହି ଆକ୍ରମଣ ସମୟରେ ଭାରତୀୟ ନାଗରିକ କ୍ୟାପଟେନ୍ ମଚ୍ଛାର ଏବଂ ଓମାନର ଫାର୍ଷ୍ଟ ଅଫିସର (ସହ-ପାଇଲଟ) ବିମାନ ଚଳାଉ ଥିଲେ। ଫାର୍ଷ୍ଟ ଅଫିସର ଜଣକ କ୍ୟାପଟେନଙ୍କୁ ଛୁରୀରେ ଆକ୍ରମଣ କରିଥିଲେ। ଯାତ୍ରୀମାନଙ୍କ କହିବା ଅନୁସାରେ, ଏହା ବିମାନକୁ ହାଇଜାକ୍ କରିବା କିମ୍ବା କ୍ରାସ୍ କରାଇବାର ଏକ ପ୍ରୟାସ ଥିଲା। ଏହି ଆକ୍ରମଣ ଯୋଗୁଁ କ୍ୟାପଟେନ୍ ମଚ୍ଛାରଙ୍କ ମୁଣ୍ଡ ଏବଂ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଯାତ୍ରୀ ଏବଂ କ୍ରୁ ସଦସ୍ୟମାନେ ମିଶି ସହ-ପାଇଲଟଙ୍କୁ କାବୁ କରି ନେଇ ଥିଲେ। ଏହାପରେ ବିମାନରେ ଉପସ୍ଥିତ ଅନ୍ୟ ପାଇଲଟମାନେ ବିମାନକୁ ନିୟନ୍ତ୍ରଣ କରିଥିଲେ ଏବଂ ଉତ୍ତର-ପଶ୍ଚିମ ସାଉଦି ଆରବର ପ୍ରିନ୍ସ ସୁଲତାନ ବିନ୍ ଅବଦୁଲଅଜିଜ୍ ବିମାନବନ୍ଦରରେ ସକାଳ ୧୦ଟା ୪୫ ରେ ସୁରକ୍ଷିତ ଭାବେ ଜରୁରୀ ଅବତରଣ କରାଇ ଥିଲେ। ଜରୁରୀ ଅବତରଣ ପରେ ସାଉଦି କର୍ତ୍ତୃପକ୍ଷ ସହ-ପାଇଲଟଙ୍କୁ ଗିରଫ କରି ଥିଲେ।

### ବସ୍ କଣ୍ଡକ୍ଟର ପରୀକ୍ଷାରେ ବିବାଦ

# ପ୍ରଶ୍ନପତ୍ରକୁ ନେଇ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ

ମୁମ୍ବାଇ,୧୦।୧୦ଃ ମୁମ୍ବାଇରେ ବସ୍ କଣ୍ଡକ୍ଟର ନିଯୁକ୍ତି ପାଇଁ ଅନୁଷ୍ଠିତ ଲିଖିତ ପରୀକ୍ଷାକୁ ନେଇ ଏକ ନୂତନ ବିବାଦ ଦେଖାଦେଇଛି। ପରୀକ୍ଷାରେ କଣ୍ଡକ୍ଟର କାମ ସହିତ ସିଧାସଳଖ ସମ୍ପୃକ୍ତ ନଥିବା ଜଟିଳ ପ୍ରଶ୍ନ ପଚରାଯାଇଥିବା ନେଇ ପରୀକ୍ଷାର୍ଥୀମାନେ ଅଭିଯୋଗ କରିଛନ୍ତି। ପ୍ରଶ୍ନପତ୍ରର କଠିନ ସ୍ତର ଓ ବିଜ୍ଞାନ ତଥା ଇତିହାସର ଜଟିଳ ପ୍ରଶ୍ନକୁ ନେଇ ପରୀକ୍ଷାର୍ଥୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ମୁମ୍ବାଇର 'ବେଷ୍ଟ' ସେବାରେ ୩୬୭ଟି ବସ୍ କଣ୍ଡକ୍ଟର ପଦବୀ ପାଇଁ ଏହି ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷାରେ ୧୩ ହଜାରରୁ ଅଧିକ ଆଶାୟୀ ପ୍ରାର୍ଥୀ ଭାଗ ନେଇଥିଲେ। ପରୀକ୍ଷାର୍ଥୀମାନେ ଆଶା କରିଥିଲେ ଯେ ପ୍ରଶ୍ନଗୁଡ଼ିକ ଯାତ୍ରୀ ପରିଚାଳନା, ଟିକେଟ୍ ପ୍ରଦାନ ଓ ଦୈନନ୍ଦିନ କାର୍ଯ୍ୟାବଳୀ ସହ ଜଡ଼ିତ



ହେବ। ମାତ୍ର ପ୍ରଶ୍ନପତ୍ରରେ ସାଧାରଣ ବିଜ୍ଞାନ, ଇତିହାସ ଏବଂ ଅନ୍ୟାନ୍ୟ ଏକାଡେମିକ୍ ବିଷୟରୁ କଠିନ ପ୍ରଶ୍ନ ଆସିଥିବାରୁ ପ୍ରାର୍ଥୀମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

# ପରମାଣୁ ବ୍ଲାକମେଲିଂକୁ ଭୟ କରେନା ଭାରତ

### ଜାତିସଂଘରେ ଭାରତୀୟ ରାଷ୍ଟ୍ରଦୂତଙ୍କ ସ୍ପଷ୍ଟ ଆଭିମୁଖ୍ୟ

ନ୍ୟୁୟର୍କ,୧୦।୧୦ଃ ଭାରତ ଜାତିସଂଘ ସାଧାରଣ ପରିଷଦର ପ୍ରଥମ କମିଟିରେ ପାକିସ୍ତାନକୁ ଟାର୍ଗେଟ କରିବା ପାଇଁ ନିଜର 'ରାଇଟ୍ ଅଫ୍ ରିପ୍ଲାଏ' ଅଧିକାର ବ୍ୟବହାର କରିଛି। ଭାରତ କହିଛି, ପରମାଣୁ ଅସ୍ତ୍ରକୁ ଶାସନ ଚଳାଇବାର ଉପକରଣ ଭାବରେ ବିବେଚନା କରାଯିବା ଉଚିତ ନୁହେଁ। ଭାରତ ଜୋର ଦେଇ କହିଛି ଯେ, ନୂଆଦିଲ୍ଲୀ ପରମାଣୁ ବ୍ଲାକମେଲିଂର ଶିକାର ହେବ ନାହିଁ। ନିରସ୍ତ୍ରୀକରଣ ଓ ଅନ୍ତର୍ଜାତୀୟ ସୁରକ୍ଷା ଉପରେ ଏକ ବୈଠକରେ ପାକିସ୍ତାନ, ଜମ୍ମୁ ଏବଂ କାଶ୍ମୀରର ପ୍ରସଙ୍ଗ ଉଠାଇବା ପରେ ଭାରତ କହିଛି, ଭାରତର




ସମ୍ମିଳନୀରେ ଭାରତର ସ୍ଥିତି ଉପସ୍ଥାପନ କରି ଭାରତର ସ୍ଥାୟୀ ମିଶନର ବରିଷ୍ଠ ପରାମର୍ଶଦାତା ଅନମୋଲ ଶେର ସିଂହ ବେଦୀ କହିଛନ୍ତି, ଜମ୍ମୁ ଏବଂ କାଶ୍ମୀର କ୍ଷମତା ପ୍ରତିରକ୍ଷାମୂଳକ ଏବଂ ଦେଶର ସୁରକ୍ଷା ଆବଶ୍ୟକତା ଅନୁଯାୟୀ ପ୍ରସ୍ତୁତ କରାଯାଇଛି। ଜେନେଭାରେ ନିରସ୍ତ୍ରୀକରଣ ଭାରତର ଏକ ଅବିଚ୍ଛେଦ୍ୟ ଏବଂ ଅଭିନ୍ନ ଅଂଶ।

ଭାରତ ସଂଘର୍ଷ ଚାହୁଁନାହିଁ କିନ୍ତୁ ଦାୟିତ୍ୱହୀନ କାର୍ଯ୍ୟ ପାଇଁ ଉତ୍ତରଦାୟିତ୍ୱର ଅଭାବ ଏହି ଅଞ୍ଚଳରେ ସଙ୍କଟକୁ ଆହୁରି ତୀବ୍ର କରୁଛି ବୋଲି ଚେତାବନୀ ଦେଇଛି।ଆମେ ଦାବି କରୁଛୁ, ବେଆଇନ ଭାବରେ ଅଧିକୃତ ଭାରତର ଅଞ୍ଚଳଗୁଡ଼ିକୁ ଖାଲି କରି ଫେରାଇ ଦିଆଯାଉ। ଭାରତ ସର୍ବଦା ଶାନ୍ତିର ପ୍ରବକ୍ତା ରହିଆସିଛି ଏବଂ ସମସ୍ତଙ୍କ ସହିତ ଶାନ୍ତି ବଜାୟ ରଖିବାକୁ ଚାହୁଁଛି। ତେବେ ଦାୟିତ୍ୱହୀନ କାର୍ଯ୍ୟ ପାଇଁ କୌଣସି ଉତ୍ତରଦାୟିତ୍ୱ ନଥିଲେ ଶାନ୍ତି ସଙ୍କଟ ମଧ୍ୟରେ ଏକ ଅସ୍ତ୍ରବିରାମ ହୋଇପାରିବ ନାହିଁ।

# ଚେନ୍ନାଇରେ ରାହୁଲ-ବିଜୟ ମେଗା ବୈଠକ

ଚେନ୍ନାଇ,୧୦।୧୦ଃ ଲୋକସଭାରେ ବିରୋଧୀ ଦଳ ନେତା ତଥା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ଦିନ ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ତାମିଲାଗା ଭେଟ୍ରି କାଜାଗମ୍ (ଟିଭିକେ) ଅଧ୍ୟକ୍ଷ ସି. ଜୋସେଫ୍ ବିଜୟଙ୍କୁ ଚେନ୍ନାଇର ନୀଳାଙ୍କରାଇ ସ୍ଥିତ ବାସଭବନରେ ଭେଟିଛନ୍ତି। ଉଭୟ ନେତା ଏକାଠି ମଧ୍ୟାହ୍ନ ଭୋଜନ କରିବା ସହ ପ୍ରାୟ ଏକ ଘଣ୍ଟା କାଳ ବିଭିନ୍ନ ରାଜନୈତିକ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ଭେଟଘାଟ ପରେ ଉଭୟ ନେତା ପାଲାଭାକ୍କମର ଏକ କାଫେକୁ ଯାଇ କ୍ୟାପୁଚିନୋ, ତିରାମିସୁ, କୁକିଜ୍ ଏବଂ କଫିର ଆନନ୍ଦ ନେଇଥିଲେ। ଦିଲ୍ଲୀରେ 'ଭୋଟ୍ ଚୋରି' ପ୍ରସଙ୍ଗ ଏବଂ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନ କୁମାରଙ୍କ ଇସ୍ତଫା ଦାବିକୁ ନେଇ ବିରୋଧୀମାନେ ପ୍ରତିବାଦ ଜାରି ରଖିଥିବା ସମୟରେ ରାହୁଲ ଓ ବିଜୟଙ୍କ ଏହି ବୈଠକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି। ନିକଟରେ ଟିଭିକେ ନେତୃତ୍ୱାଧୀନ 'ଧର୍ମନିରପେକ୍ଷ ସାମାଜିକ ନ୍ୟାୟ ବିଜୟ ମେଣ୍ଟ' (ଏସ୍‌ଏସ୍ଜି) ଗଠନ ହେବା ଏବଂ ଟିଭିକେ 'ଇଣ୍ଡିଆ' ମେଣ୍ଟରେ ସାମିଲ ହେବା ପରେ ଉଭୟ ନେତାଙ୍କ ମଧ୍ୟରେ ଏହା ଥିଲା ପ୍ରଥମ ପ୍ରତ୍ୟକ୍ଷ ସାକ୍ଷାତ। ଗତକାଲି ମଧୁରାନ୍ତକମ୍ ଏବଂ ଧାରାପୁରମ୍ ବିଧାନସଭା ଉପନିର୍ବାଚନରେ ଶାସକ ମେଣ୍ଟର ବିଜୟ ପରେ ଏହି ବୈଠକ ଅନୁଷ୍ଠିତ ହୋଇଛି। ଏହି



### ଇଣ୍ଡିଆ ମେଣ୍ଟକୁ ନେଇ ବଡ଼ ଚର୍ଚ୍ଚା!

ମେଣ୍ଟରେ ଟିଭିକେ, କଂଗ୍ରେସ, ଇଣ୍ଡିଆନ୍ ୟୁନିୟନ୍ ମୁସଲିମ୍ ଲିଗ୍ ଏବଂ ଭିଡୁଥଲାଇ ଚିରୁଥାଇଗାଲ୍ କାଚି (ଭିସିକେ) ସାମିଲ ଅଛନ୍ତି।

### ସୂର୍ଯ୍ୟ ପୃଷ୍ଠରେ ବିଶାଳ ବିସ୍ଫୋରଣ

# ଆଜି ପୃଥିବୀରେ ହେବ ଶକ୍ତିଶାଳୀ ସୌରଝଡ଼!

ନ୍ୟୁୟର୍କ,୧୦।୧୦ଃ ସୂର୍ଯ୍ୟରୁ ଦୁଇଟି ଶକ୍ତିଶାଳୀ ବିସ୍ଫୋରଣ ପରେ ଆସନ୍ତାକାଲି ଅର୍ଥାତ୍ ଅକ୍ଟୋବର ୧୧ ତାରିଖରେ ପୃଥିବୀ ଏକ ଶକ୍ତିଶାଳୀ ସୌର ଝଡ଼ର ସମ୍ମୁଖୀନ ହେବାକୁ ଯାଉଛି। ସୂର୍ଯ୍ୟରୁ ନିର୍ଗତ ଚାର୍ଜଯୁକ୍ତ କଣିକା ଓ ଚୁମ୍ବକୀୟ ପଦାର୍ଥର ବାଦଲ ପୃଥିବୀ ଆଡ଼କୁ ମାଡ଼ିଆସୁଥିବାରୁ ଆମେରିକାର ଜାତୀୟ ମହାସାଗର ଓ ବାୟୁମଣ୍ଡଳ ପ୍ରଶାସନ ପକ୍ଷରୁ ଏକ ମଧ୍ୟମ ଧରଣର



ଜି-୨ ଜିଓ-ମ୍ୟାଗ୍ନେଟିକ୍ ବା ସୌର ଝଡ଼ର ସତର୍କ ସୂଚନା ଜାରି କରାଯାଇଛି। ଏହି ଝଡ଼ର ପ୍ରକୃତ ପ୍ରଭାବ ପୃଥିବୀର ଚୁମ୍ବକୀୟ କ୍ଷେତ୍ର ସହିତ ଏହାର ପାରସ୍ପରିକ କ୍ରିୟା ଉପରେ ନିର୍ଭର କରିବ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

ସୂର୍ଯ୍ୟ ପୃଷ୍ଠରେ ଘଟୁଥିବା ବିଭିନ୍ନ କାର୍ଯ୍ୟକଳାପ ଯୋଗୁଁ ମହାକାଶକୁ ଶକ୍ତି ଏବଂ ପଦାର୍ଥ ପ୍ରବାହିତ ହୋଇଥାଏ, ଯାହାକୁ ସୌର ଝଡ଼ କୁହାଯାଏ। ଏହାର ଏକ ମୁଖ୍ୟ କାରଣ ହେଉଛି କୋରୋନାଲ୍ ମାସ୍ ଇଜେକସନ୍, ଯାହାକି ସୂର୍ଯ୍ୟରୁ ବାହାରୁଥିବା ବିଦ୍ୟୁତ୍ ଚାର୍ଜଯୁକ୍ତ କଣିକା ଏବଂ ଚୁମ୍ବକୀୟ ପଦାର୍ଥର ଏକ ବିଶାଳ ବାଦଲ ଅଟେ। ଯେତେବେଳେ ଏଭଳି ବାଦଲ ପୃଥିବୀ ନିକଟରେ ପହଞ୍ଚେ, ସେତେବେଳେ ଏହା ପୃଥିବୀର ଚୁମ୍ବକୀୟ କ୍ଷେତ୍ରକୁ ବିଚଳିତ କରିଥାଏ।

ଆମେରିକାର ମହାକାଶ ପାଣିପାଗ ପୂର୍ବାନୁମାନ କେନ୍ଦ୍ରର ସୂଚନା ଅନୁଯାୟୀ, ଅକ୍ଟୋବର ୭ ଏବଂ

### ଭାରତ ପାଇଁ ବିପଦ ନାହିଁ

୮ ତାରିଖରେ ସୂର୍ଯ୍ୟରୁ ବାହାରିଥିବା ଦୁଇଟି ସୌର ବିସ୍ଫୋରଣ ଏକାଠି ମିଶି ଏହି ଜି-୨ ସ୍ତରର ଝଡ଼ ସୃଷ୍ଟି କରିପାରେ। ଜି-୨ ସ୍ତରର ପ୍ରଭାବ ମୁଖ୍ୟତଃ ଉଚ୍ଚ ଅକ୍ଷାଂଶ ଅଞ୍ଚଳରେ ଅଧିକ ଅନୁଭୂତ ହୋଇଥାଏ। ସେହି ଅଞ୍ଚଳରେ ବିଦ୍ୟୁତ୍ ବ୍ୟବସ୍ଥାରେ ପରିବର୍ତ୍ତନ ଆସିବା ସହ କୃତ୍ରିମ ଉପଗ୍ରହ ବା ସାଟେଲାଇଟ୍ ପରିଚାଳକମାନଙ୍କୁ ସତର୍କ ରହିବାକୁ ପଡ଼ିପାରେ। ଏହାବ୍ୟତୀତ ରେଡିଓ ସିଗନାଲ ଦୁର୍ବଳ ହେବା ଏବଂ ଜିପିଏସ୍ ବା ନାଭିଗେସନ୍ ସଠିକତାରେ ପରିବର୍ତ୍ତନ ଆସିବାର ସମ୍ଭାବନା ରହିଛି। ମେରୁ ଅଞ୍ଚଳ ବ୍ୟତୀତ ଅନ୍ୟ ସ୍ଥାନମାନଙ୍କରେ ଆକାଶରେ ରଙ୍ଗୀନ ଆଲୋକର ମାଳା ବା ଅରୋରା ଦୃଶ୍ୟମାନ ହୋଇପାରେ। ତେବେ ଭାରତ ପାଇଁ ଏହି ସୌର ଝଡ଼ର କୌଣସି ବଡ଼ ଧରଣର ସିଧାସଳଖ ବିପଦ ନାହିଁ। ଭାରତରେ ଏହି ଜି-୨ ସ୍ତରର ପୂର୍ବାନୁମାନ ଦ୍ୱାରା ଦୈନନ୍ଦିନ ଜୀବନ ପ୍ରଭାବିତ ହେବ ନାହିଁ କିମ୍ବା ବ୍ୟାପକ ବିଦ୍ୟୁତ୍ କାଟ୍ କିମ୍ବା ଯୋଗାଯୋଗ ବିଫଳତାର କୌଣସି ଆଶଙ୍କା ନାହିଁ। ସେହିପରି ଦେଶର ବିଭିନ୍ନ ସ୍ଥାନରେ ଆକାଶରେ କୌଣସି ଅସାଧାରଣ ରଙ୍ଗୀନ ଆଲୋକ ଦେଖିବାକୁ ମିଳିବ ନାହିଁ।

ଜଳାଶୟରେ ବୁଡ଼ିଯିବା ଘଟଣା

# ୪ ବର୍ଷରେ ୨,୭୦୦ ଜୀବନ ବଞ୍ଚାଇଛି ଅଗ୍ନିଶମ ବାହିନୀ

ଭୁବନେଶ୍ୱର,୧୦।୧୦(ସଂଚାର ବ୍ୟୁରୋ): ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା ନିର୍ଦ୍ଦେଶାଳୟ ପକ୍ଷରୁ ଗତ ୨୦୨୩ରୁ ୨୦୨୬ ସେପ୍ଟେମ୍ବର ମଧ୍ୟରେ ଅଗ୍ନିଶମ ବାହିନୀ ସମୁଦାୟ ୬,୪୭୮ଟି ବୁଡ଼ିଯିବାଜନିତ ଜରୁରୀକାଳୀନ କଲ୍ ପାଇ ତୁରନ୍ତ ଉଦ୍ଧାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି, ଯାହା ମଧ୍ୟରେ ୨୦୨୩ରେ ୧,୪୦୧ଟି କଲ୍‌ରୁ ୬୬୦ ଜଣଙ୍କ ଜୀବନ ରକ୍ଷା କରାଯାଇଥିବା ବେଳେ ୭୧୪ ଜଣଙ୍କ ପ୍ରାଣହାନି ଘଟିଥିଲା। ସେହିପରି ୨୦୨୪ରେ ୧,୨୯୭ଟି କଲ୍‌ରୁ ୮୫୯ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୭୭୮ ଜଣଙ୍କର ମୃତ୍ୟୁ ଘଟିଥିଲା। ଆହୁରି ୨୦୨୫ରେ ମୋଟ ୨,୩୫୬ଟି କଲ୍‌ରୁ ୮୦୫ ଜଣଙ୍କ ଜୀବନ ରକ୍ଷା କରାଯାଇଥିବା ବେଳେ ୧,୩୪୬ ଜଣଙ୍କ ପ୍ରାଣହାନି ଘଟିଥିଲା। ଏହାଛଡ଼ା ଚଳିତ ବର୍ଷ ଜାନୁଆରୀରୁ ସେପ୍ଟେମ୍ବର ମଧ୍ୟରେ ୧,୪୨୬ ଟି କଲ୍‌ରୁ ୪୦୫ ଜଣଙ୍କୁ ସଫଳତାର ସହ ଉଦ୍ଧାର କରାଯାଇଥିବା ବେଳେ ୮୪୬ ଜଣଙ୍କର ଦୁଃଖଦ ମୃତ୍ୟୁ ଘଟିଛି। ଗତ ପ୍ରାୟ ୪ ବର୍ଷ ମଧ୍ୟରେ ଅଗ୍ନିଶମ କର୍ମଚାରୀଙ୍କ ଉଦ୍ୟମ ଯୋଗୁଁ ସମୁଦାୟ ୨,୭୨୯ ଜଣଙ୍କ ଅମୂଲ୍ୟ ଜୀବନ ରକ୍ଷା କରାଯାଇପାରିଛି।

ରାଜ୍ୟରେ ଜଳଜନିତ ଦୁର୍ଘଟଣା ବଢ଼ୁଥିବା ଯୋଗୁଁ ଏପରି ଜରୁରୀକାଳୀନ ପରିସ୍ଥିତିର ସଫଳ ମୁକାବିଲା ଓ ଓଡ଼ିଶା ଜଳ ଦକ୍ଷତା ଓ ଜୀବନରକ୍ଷୀ ପ୍ରଶିକ୍ଷଣକୁ ଆହୁରି ସୁଦୃଢ଼ କରିବା ପାଇଁ ଓଡ଼ିଶା ପର୍ଯ୍ୟଟନ ବିଭାଗର ପ୍ରତ୍ୟକ୍ଷ ସହଯୋଗରେ ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବାର କର୍ମଚାରୀମାନେ ନିଜର ଦକ୍ଷତା ବୃଦ୍ଧି କରୁଛନ୍ତି। ଓଡ଼ିଶା ଜଳ ଦକ୍ଷତା ଓ ଜୀବନରକ୍ଷୀ ପ୍ରତିଷ୍ଠାନରେ ବର୍ତ୍ତମାନ ସୁଦ୍ଧା ଏନ୍‌ଡିଆର୍‌ଏଫ୍ ଓ ଅନ୍ୟାନ୍ୟ ରାଜ୍ୟର ଅଗ୍ନିଶମ କର୍ମଚାରୀଙ୍କ ସମେତ ୫ ହଜାରରୁ ଅଧିକ କର୍ମଚାରୀଙ୍କୁ ବିଭିନ୍ନ ଜଳ ଉଦ୍ଧାର କୌଶଳ ଓ ଦୁଃସାହସିକ ପର୍ଯ୍ୟଟନ ବିଷୟରେ ଉଚ୍ଚତର ତାଲିମ ପ୍ରଦାନ କରାଯାଉଛି। ଏହି ମିଳିତ ଉଦ୍ୟମ କ୍ରମରେ ଓଡ଼ିଶା ଅଗ୍ନିଶମ ସେବାର ୧୫ ଜଣ ମନୋନୀତ କର୍ମଚାରୀଙ୍କ ଏକ ସ୍ୱତନ୍ତ୍ର ଦଳ ଗୋଆସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ୱାଟରସ୍ପୋର୍ଟସ (ଏନ୍‌ଆଇଡବ୍ଲ୍ୟୁଏସ୍)ରେ 'ଟ୍ରେନିଂ ଅଫ୍ ଟ୍ରେନର୍ସ' ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ଏହି ଉଚ୍ଚସ୍ତରୀୟ ତାଲିମ ମାଧ୍ୟମରେ କର୍ମଚାରୀମାନଙ୍କୁ ଆଡଭାନ୍ସଡ୍ ସର୍ଫ ଲାଇଫସେଭିଂ, ପାୱାରବୋଟ୍ ଓ ଜେଟ୍ ସ୍କି ପରିଚାଳନା, ସ୍କୁବା ଡାଇଭିଂ ଓ ୱାଟର ସେଫ୍ଟି ଅଡିଟ୍ ଏଡ୍‌ଭେ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏହି କଠିନ କୋର୍ସ ସମାପ୍ତ କରିବା ପରେ ଏହି ଯବାନମାନେ ମାଷ୍ଟର ଇନଷ୍ଟ୍ରକ୍ଟର ଭାବେ ଓଡ଼ିଶାର ବିସ୍ତୃତ ଉପକୂଳବର୍ତ୍ତୀ ଅଞ୍ଚଳ, ନଦୀ ଓ ଆଭ୍ୟନ୍ତରୀଣ ଜଳାଶୟଗୁଡ଼ିକରେ ବିଶ୍ୱସ୍ତରୀୟ ଜଳ ଉଦ୍ଧାର ଓ ଜଳଭିତ୍ତିକ ଆଡଭେଞ୍ଚର ସ୍ପୋର୍ଟ୍ସ ସୁରକ୍ଷା ବ୍ୟବସ୍ଥାକୁ ଏକ ନୂତନ ଉଚ୍ଚତାକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ।

## ପେନସିଲଭାନିଆରେ ଗୁଳିକାଣ୍ଡ, ୨ ଶିଶୁଙ୍କ ସମେତ ୯ ମୃତ

ୱାଶିଂଟନ,୧୦।୧୦: ଆମେରିକାରେ ବନ୍ଧୁକ ସଂସ୍କୃତି ଗୋଟିଏ ପରେ ଗୋଟିଏ ଜୀବନ ନେଇଚାଲିଛି। ସମ୍ପ୍ରତି ଆମେରିକାର ପେନସିଲଭାନିଆର ଏରିରେ ଘଟିଥିବା ଗୁଳିକାଣ୍ଡ ଘଟଣା ପ୍ରଶାସନର ଚିନ୍ତାକୁ ବଢ଼ାଇ ଦେଇଛି। ଏହି ମାମଲାରେ ଦୁଇ ଶିଶୁଙ୍କ ସମେତ ନଅ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଆଖିବୁଜା ଗୁଳିଚାଳନା କରିଥିବା ବ୍ୟକ୍ତି ମଧ୍ୟ ଅଛନ୍ତି ବୋଲି ପୁଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଆକ୍ରମଣକାରୀଙ୍କ ମୃତଦେହ ଘର ଭିତରୁ ମିଳିଛି। ଘର ବାହାରେ ଗୁଳିକାଣ୍ଡ ଆରମ୍ଭ ହୋଇଥିବା ପୁଲିସ କହିଛି। ରାସ୍ତାରେ ଦୁଇ ମହିଳାଙ୍କ ମୃତଦେହ ପଡ଼ିଥିବା ପୁଲିସ କହିଛି। ପୁଲିସ ଅଞ୍ଚଳକୁ ଘେରାବନ୍ଦୀ କରି ଘରେ ପ୍ରବେଶ କରିଥିଲା। ଘର ଭିତର ଅନ୍ୟ ମୃତଦେହଗୁଡ଼ିକ ପଡ଼ିଥିଲା। ସ୍ଥାନୀୟ ଗଣମାଧ୍ୟମ ଏରି ନ୍ୟୁଜ୍ ନାଓ ଅନୁଯାୟୀ, ଗୁଳିକାଣ୍ଡର ଉଦ୍ଦେଶ୍ୟ, ମୃତକଙ୍କ ପରିଚୟ ଏବଂ ସନ୍ଦିଗ୍ଧ ବ୍ୟକ୍ତିଙ୍କ ସହିତ ସେମାନଙ୍କର ସମ୍ପର୍କ ଜଣାପଡ଼ି ନାହିଁ।

## ୧୧୨ ନମ୍ବରରେ ଫୋନ କଲେ ମିଳିବ ଜରୁରୀ ପରିସେବା: ମୁଖ୍ୟମନ୍ତ୍ରୀ

କୋଲକାତା,୧୦।୧୦(ସଂଚାର ବ୍ୟୁରୋ): ରାଜ୍ୟର ପୁଲିସ ଭିତ୍ତିଭୂମିରେ ସୁଧାର ଆଣିବା ପାଇଁ ଏକ ବଡ଼ ଧରଣର ପଦକ୍ଷେପ ଗ୍ରହଣ କରାଯାଉଛି। ଶନିବାର ଦିନ ମୁଖ୍ୟମନ୍ତ୍ରୀ ବ୍ରିଗେଡ୍ ପ୍ୟାରେଡ୍ ଗ୍ରାଉଣ୍ଡରେ ଆୟୋଜିତ କୋଲକାତା ପୁଲିସର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେଠାରେ ସେ ଆଇନ-ଶୃଙ୍ଖଳା ରକ୍ଷା କ୍ଷେତ୍ରରେ ପୁଲିସର କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ପାଇଁ ଅନେକ ପଦକ୍ଷେପ ଘୋଷଣା କରିଥିଲେ। ରାଜ୍ୟ ସରକାର ପୁଲିସ ବାହିନୀକୁ ୪୫୦ଟି କାର୍ ଏବଂ ୪୫୦ଟି ମୋଟରସାଇକେଲ ଯୋଗାଇ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ପୂର୍ବରୁ ୧୦୦ ନମ୍ବର ଡାଏଲ କଲେ ସବୁବେଳେ ପୁଲିସ ସହାୟତା ମିଳୁନଥିଲା। କିନ୍ତୁ ବର୍ତ୍ତମାନ କେବଳ ୧୧୨ ନମ୍ବରରେ କଲ୍ କରି ଜରୁରୀକାଳୀନ ସେବା ପାଇହେବ। ଆମେ ୨୦ ହଜାର ପୁଲିସ କର୍ମଚାରୀଙ୍କୁ ମୌସୁମୀ ସମୟରେ ସୁରକ୍ଷା ଦେବା ପାଇଁ ଆବଶ୍ୟକୀୟ ସାମଗ୍ରୀ ମଧ୍ୟ ଯୋଗାଇ ଦେଇଛୁ। ସେ ଆହୁରି ମଧ୍ୟ କହିଥିଲେ, ପୁଲିସ କର୍ମଚାରୀମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ ପାଇଁ ମୁଁ ପଦକ୍ଷେପ ନେଇଛି। ଯଦି କେହି କୌଣସି ପୁଲିସ ଅଧିକାରୀଙ୍କ ଉପରେ ହାତ ଉଠାନ୍ତି, ତେବେ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ନନ୍ଦିଗ୍ରାମରେ ଫଳାଫଳ ଘୋଷଣା ହେବା ମାତ୍ରେ ଉତ୍ତେଜନା

କୋଲକାତା,୧୦।୧୦(ସଂଚାର ବ୍ୟୁରୋ): ଶୁକ୍ରବାର ଦିନ ନନ୍ଦିଗ୍ରାମ ଉପ-ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ ସୋନାଚୁଡ଼ାରେ ଉତ୍ତେଜନା ଦେଖାଦେଇଥିଲା। ଅଭିଯୋଗ ହୋଇଛି ଯେ, ବିଜେପି ପ୍ରାର୍ଥୀଙ୍କ ବିଜୟ ପରେ ସୌମେନ ସାମନ୍ତ ନାମକ ଜଣେ କଂଗ୍ରେସ କର୍ମୀଙ୍କୁ ନିର୍ଦ୍ଦୟ ଭାବେ ମାଡ଼ ମରାଯାଇଥିଲା। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ନନ୍ଦିଗ୍ରାମ ସୁପର ସ୍ପେଶାଲିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୀଡ଼ିତଙ୍କ ପରିବାର ଏହି ଆକ୍ରମଣ ପାଇଁ ବିଜେପିକୁ ଦାୟୀ କରିଛନ୍ତି। ପୁଲିସ ଏହି ଘଟଣା ସହ ଜଡ଼ିତ ଥିବା ଅଭିଯୋଗରେ ଦୁଇ ଜଣ ବ୍ୟକ୍ତିଙ୍କୁ ଅଟକ ରଖିଛି।

## ରାସ୍ତାରେ ଚିତ୍ର ଆଙ୍କିଲେ ଅଗ୍ନିମିତ୍ରା

କୋଲକାତା, ୧୦।୧୦(ସଂଚାର ବ୍ୟୁରୋ): ମହାଳୟା ସକାଳେ, ପୌର ବ୍ୟାପାର ଓ ସହରୀ ବିକାଶ ରାଜ୍ୟ ମନ୍ତ୍ରୀ ଅଗ୍ନିମିତ୍ରା ପାଲ ନିଜ ହାତରେ ରାସ୍ତା ଉପରେ 'ଆଲାପନା' (ପାରମ୍ପରିକ ଭୂମି-ଚିତ୍ରକଳା) ଅଙ୍କନ କରିଥିଲେ। ଶନିବାର ଦିନ ତାଙ୍କରି ଉଦ୍ୟମରେ ପାର୍କ ସର୍କସର ସେଭେନ୍ ପଏଣ୍ଟ ମୋଡରେ ଏହି ବିଶାଳ ଆଲାପନା ପ୍ରସ୍ତୁତ କରାଯାଇଥିଲା। ଏଦିନ ସକାଳେ, ଲାଲ ପଟି ଥିବା ଧଳା ଶାଢ଼ୀ ପରିହିତା ଅବସ୍ଥାରେ ତାଙ୍କୁ ସେଠାରେ ବ୍ରଶ୍ ସାହାଯ୍ୟରେ ଚିତ୍ରାଙ୍କନ କରୁଥିବାର ଦେଖିବାକୁ ମିଳିଥିଲା। ପୂଜା ଆଉ ମାତ୍ର କିଛି ଦିନ ବାକି ଥିବାବେଳେ 'ସିଟି ଅଫ୍ ଜୟ' ନୂଆ ରୂପ ନେଉଛି। ରାସ୍ତା କଡ଼ର ଗାର୍ଡ-ରେଲ୍‌ଗୁଡ଼ିକର ରଙ୍ଗ ନୂଆ କରାଯାଇଛି ଏବଂ ସହରକୁ ହଳଦିଆ, ଧଳା ଓ କଳା ରଙ୍ଗର ସମାହାରରେ ସଜ୍ଜିତ କରାଯାଉଛି। ଶନିବାର ଭୋର ସମୟରେ, ପାର୍କ ସର୍କସ୍ ସେଭେନ୍-ପଏଣ୍ଟ କ୍ରସିଂକୁ ନାଲି ଓ ଧଳା ରଙ୍ଗର 'ଆଲାପନା' (ପାରମ୍ପରିକ ଚିତା କଳା) ଦ୍ୱାରା ସଜାଯାଇଥିଲା। ସୋସିଆଲ ମିଡିଆ ମାଧ୍ୟମରେ, ପୌର ବ୍ୟାପାର ମନ୍ତ୍ରୀ ଇଚ୍ଛା ପ୍ରକାଶ କରିଥିଲେ ଯେ ମା' ଦୁର୍ଗାଙ୍କ ଆଗମନ ସମସ୍ତଙ୍କ ଜୀବନକୁ ସୁଖ, ଶାନ୍ତି ଏବଂ ସମୃଦ୍ଧିରେ ପରିପୂର୍ଣ୍ଣ କରୁ। କୋଲକାତାର ଏହି ବ୍ୟସ୍ତବହୁଳ ଛକ, ଯାହା ପୂର୍ବରୁ ଅଶାନ୍ତି ଏବଂ ରାସ୍ତା ଅବରୋଧ ଭଳି ଘଟଣା ଦେଖିଛି ବର୍ତ୍ତମାନ ଏହି 'ଚିତ୍ର' କଳାକୃତି ମାଧ୍ୟମରେ ମନ୍ତ୍ରୀଙ୍କ ଶାନ୍ତିର ବାର୍ତ୍ତା ବହନ କରୁଛି। ମନ୍ତ୍ରୀ ପଥଚାରୀମାନଙ୍କୁ ଏହି ଡିଜାଇନ ଦେଖିବାକୁ ମଧ୍ୟ ଅନୁରୋଧ କରିଥିଲେ ଏବଂ ଉଲ୍ଲେଖ କରିଥିଲେ ଯେ ଏହି ସ୍ଥାନରେ ପୂର୍ବରୁ କେବେବି ଏତେ ବଡ଼ ଆକାରର 'ଚିତ୍ର' ଅଙ୍କାଯାଇ ନଥିଲା।

ଛାତ୍ର ସଂସଦ ନିର୍ବାଚନ ନେଇ ବିଜେଡିର ଅଭିଯୋଗ

# ସରକାରୀ କଳର ଅପବ୍ୟବହାର କରୁଛି ବିଜେପି



ଭୁବନେଶ୍ୱର,୧୦।୧୦(ସଂଚାର ବ୍ୟୁରୋ): ଛାତ୍ର ସଂସଦ ନିର୍ବାଚନକୁ ନିଜ ସପକ୍ଷରେ କରିବାକୁ ବିଜେପି ହୀନ ପ୍ରୟାସ ଜାରି ରଖିଛି। ନିର୍ବାଚନ ପାଇଁ ଥିବା ନୀତିନିୟମକୁ ଜଳାଞ୍ଜଳି ଦେଇ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ବିଜେପି ସରକାର ହାଇଜାକ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ହତ୍ୟା କରାଯାଉଥିବାରୁ ଏହାକୁ କଡ଼ା ନିନ୍ଦା କରିଛି ବିଜେଡି। ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ବ୍ୟୋମକେଶ ରାୟ, ବିଧାୟକ ସାରଦା ପ୍ରସନ୍ନ ଜେନା ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଈପ୍ସିତା ସାହୁ ବିଜେପି ସରକାର ଉପରେ ବର୍ଷିଥିଲେ। ଶ୍ରୀ ରାୟ କହିଥିଲେ ଯେ ବିଜେଡିର ସନ୍ଦେହ ସତ ହୋଇଛି। ଛାତ୍ର ସଂସଦ ନିର୍ବାଚନକୁ ବିଜେପି ନିଜ ସପକ୍ଷରେ କରିବା ପାଇଁ ନୀତିନିୟମର ଧଜିଆ ଉଡ଼ାଇଦେଇଛି। କିପରି ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ନାକଚ ହେବ, ସେନେଇ କାର୍ଯ୍ୟ କରୁଛି ବିଜେପି। ଲିଂଡୋ କମିଶନ ନିୟମକୁ ଖୁଲମଖୁଲ୍ଲା ଉଲ୍ଲଙ୍ଘନ କରୁଛନ୍ତି ସରକାର। ରାଜ୍ୟର ୫୦ରୁ ଊର୍ଦ୍ଧ୍ୱ କଲେଜରେ ବିଜେଡି ପ୍ରାର୍ଥୀଙ୍କ ବିଜୟର ସମ୍ଭାବନା ଥିବା ବେଳେ ସେଠାରେ ରାଜ୍ୟ ସରକାର ନିର୍ବାଚନ ବାତିଲ କରିବା ସହ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ନାକଚ କରିଦେଇଛନ୍ତି। ନୟାଗଡ଼ କଲେଜ ମଧ୍ୟକୁ ବାହାର ପିଲା ଅନଧିକୃତ ଭାବେ ପ୍ରବେଶ କରିଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟରେ ରାତିଅଧିଆ ଅନଧିକୃତ ଭାବେ ପ୍ରବେଶ କରି ଦାଣ୍ଡିଆ ନାଇଟ ପାଳନ କରିଥିଲେ। ବିଜେଡି ପ୍ରାର୍ଥୀଙ୍କୁ ନାମାଙ୍କନପତ୍ର ପ୍ରତ୍ୟାହାର କରିବା ପାଇଁ ବିଜେପିର ମନ୍ତ୍ରୀ ଓ ବିଧାୟକ ଚାପ ପକାଉଛନ୍ତି ବୋଲି ସେ ଅଭିଯୋଗ କରିଥିଲେ। ସେହିପରି ଶ୍ରୀ ଜେନା କହଥିଲେ ଯେ ଛାତ୍ର ସଂସଦ ନିର୍ବାଚନରେ ବିଜେପି ସରକାର ପକ୍ଷପାତିତା କରୁଛନ୍ତି। ଯେନତେନ ପ୍ରକାରେଣ ନିଜ ସପକ୍ଷରେ ନିର୍ବାଚନ ଫଳାଫଳ କରିବା ପାଇଁ ଉଦ୍ୟମ କରୁଛି ବିଜେପି। ଯେଉଁଠି ଏବିଭିପି ପ୍ରାର୍ଥୀଙ୍କ ବିଜୟର ସମ୍ଭାବନା ନାହିଁ, ସେଠାରେ ନିର୍ବାଚନ ବାତିଲ କରାଯାଉଛି। ରାଜ୍ୟର ୨୦୬ଟି କଲେଜରେ ଛାତ୍ର ସଂସଦ ନିର୍ବାଚନକୁ ରାଜ୍ୟ ସରକାର ବାତିଲ କରିଛନ୍ତି। ଛାତ୍ର ସଂସଦ ନିର୍ବାଚନରେ ବିଜେପିର ମନ୍ତ୍ରୀ ଓ ବିଧାୟକ ପ୍ରତ୍ୟକ୍ଷ ଭାବେ ଜଡ଼ିତ ହେଉଥିବା ବେଳେ ନିର୍ବାଚନ ନିରପେକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

- ଲିଂଡୋ କମିଶନ ନିୟମର ଖୁଲମଖୁଲ୍ଲା ଉଲ୍ଲଙ୍ଘନ ହେଉଛି
- ନାମାଙ୍କନ ପ୍ରତ୍ୟାହାର ପାଇଁ ଚାପ ପକାଉଛନ୍ତି ମନ୍ତ୍ରୀ ଓ ବିଧାୟକ

ଶାନ୍ତିପୂର୍ଣ୍ଣ ଆନ୍ଦୋଳନକାରୀଙ୍କ ଉପରେ ଦମନଲୀଳାକୁ ନିନ୍ଦା

## ଆଜି ମାଷ୍ଟର୍ କ୍ୟାଣ୍ଟିନରେ ଇଣ୍ଡି ମେଣ୍ଟର ବିକ୍ଷୋଭ



ଭୁବନେଶ୍ୱର,୧୦।୧୦(ସଂଚାର ବ୍ୟୁରୋ): ଦେଶରେ ଗତ କିଛି ମାସର ରାଜନୈତିକ ଦୃଶ୍ୟପଟ୍ଟ ଦେଖିଲେ ସ୍ପଷ୍ଟ ଜାଣିହେଉଛି ଯେ ମୋଦି ସରକାରର ଦିନକାଳ ସରିଆସୁଛି। ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାକୁ ତିଳ ତିଳ କରି ହତ୍ୟା କରିବା ପାଇଁ ମୋଦି-ଶାହ କରୁଥିବା ହୀନ ଚକ୍ରାନ୍ତକୁ 'ଜେନ୍-ଜି' ଜବାବ ଦେଉଥିବା ବେଳେ ସେମାନଙ୍କ ଉପରେ ଦମନ ଲୀଳା ଅତ୍ୟନ୍ତ ଘୃଣ୍ୟ ଓ ନିନ୍ଦନୀୟ। କଂଗ୍ରେସ ଦଳର ନେତା ରାହୁଲ ଗାନ୍ଧିଙ୍କ ସମେତ ବରିଷ୍ଠ କଂଗ୍ରେସ ନେତାଙ୍କୁ ଯେପରି ବଳପ୍ରୟୋଗ କରି ଶାନ୍ତିପୂର୍ଣ୍ଣ ଧାରଣାସ୍ଥଳରୁ ଉଠାଇନେବାକୁ ମୋଦି-ଶାହ ଇଶାରା କରୁଛନ୍ତି, ତାହା ଗ୍ରହଣୀୟ ନୁହେଁ। ଜନସାଧାରଣ ଏହାର ଜବାବ ଦେବା ନିଶ୍ଚିତ ବୋଲି ଓଡ଼ିଶା ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସେ କହିଛନ୍ତି ଯେ ଲୋକପ୍ରିୟତା ହରାଇବା ସତ୍ତ୍ୱେ 'ଭୋଟ୍-ଚୋରି'କୁ ଅସ୍ତ୍ର କରି ମୋଦି ନିର୍ବାଚନ ଜିତୁଛନ୍ତି ବୋଲି ରାହୁଲ ତିନିବର୍ଷ ହେଲା କହିଆସୁଛନ୍ତି। ନିକଟରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ସମସ୍ତ କୁକର୍ମ ପ୍ରଘଟ ହେବା ପରେ ଏହା ପ୍ରମାଣିତ ହୋଇଛି। ସଂସଦୀୟ ଗଣତନ୍ତ୍ରରେ ଲୋକସଭାର ବିରୋଧୀ ଦଳ ନେତାଙ୍କୁ 'ଛାୟା ପ୍ରଧାନମନ୍ତ୍ରୀ' ଭାବେ ଗଣାଯାଏ। ତାଙ୍କ ବିରୋଧରେ ପୁଲିସ ଲଗାଇ ଆତଙ୍କରାଜ ସୃଷ୍ଟିର ଉଦ୍ୟମକୁ ଆଦୌ ବରଦାସ୍ତ କରାଯିବ ନାହିଁ। ସେ ଆହୁରି କହିଛନ୍ତି ଯେ ଆଜି ଯନ୍ତରମନ୍ତରରେ ଧାରଣା ଦେବା ପାଇଁ ଜେନ୍-ଜି' ଗୋଷ୍ଠୀ ବହୁ ପୂର୍ବରୁ ଘୋଷଣା କରିଥିଲେ। ମୋଦି ସରକାର ଏହି ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଯେଭଳି ହୀନ ପଦକ୍ଷେପମାନ ନେଲେ ତାହା ଅତ୍ୟନ୍ତ ନିନ୍ଦନୀୟ। ରାହୁଲ ଓ ଜେନ୍-ଜି ଉପରେ ପୁଲିସର ଅତ୍ୟାଚାରରୁ ସ୍ପଷ୍ଟ ଜଣାପଡୁଛି ଯେ ମୋଦି ସରକାର ଡରିଯାଇଛନ୍ତି।

## ସ୍ୱଚ୍ଛ ଭୋଟର ତାଲିକା ପାଇଁ 'ଘରକୁ ଘର' ସର୍ବେକ୍ଷଣ

କଟକ,୯।୧୦ (ସଂଚାର ବ୍ୟୁରୋ): ଆଗାମୀ ତ୍ରି-ସ୍ତରୀୟ ପଞ୍ଚାୟତିରାଜ ଓ ପୌର ସଂସ୍ଥା ନିର୍ବାଚନକୁ ସ୍ୱଚ୍ଛ ଓ ସୁରୁଖୁରୁରେ ପରିଚାଳନା କରିବା ପାଇଁ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ 'ଘରକୁ ଘର' ସର୍ବେକ୍ଷଣ ଅଭିଯାନ ନିମନ୍ତେ ବ୍ଲକସ୍ତରୀୟ ମାଷ୍ଟର ଟ୍ରେନରଙ୍କ ଏକ ଜିଲ୍ଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସର୍ବେକ୍ଷଣ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବାସ୍ତବ ଭୌଗୋଳିକ ସ୍ଥିତି ଆଧାରରେ ବୁଥ୍ ଭିତ୍ତିକ ତାଲିକା ପ୍ରସ୍ତୁତ କରିବା, ପ୍ରତ୍ୟେକ ପରିବାର ଓ ଭୋଟରଙ୍କୁ ସଠିକ୍ ଘର ନମ୍ବର ସହ ଯୋଡ଼ିବା ଏବଂ ତାଲିକାରୁ ସମସ୍ତ ତ୍ରୁଟି ଦୂର କରି ଯୋଗ୍ୟ ଭୋଟରଙ୍କୁ ସାମିଲ କରିବା। ଏଥିପାଇଁ ବିଏଲଓ, ଅଙ୍ଗନବାଡ଼ି କର୍ମୀ, ଜଳସାଥୀ, ସ୍ୱଚ୍ଛସାଥୀ ଏବଂ ଆଶା କର୍ମୀମାନେ ଘରକୁ ଘର ବୁଲି ସର୍ବେକ୍ଷଣ କରିବେ।

ଉପସ୍ଥାନ ପ୍ରସଙ୍ଗରେ ଗର୍ଜିଲା ଛାତ୍ର କଂଗ୍ରେସ

# ନାମାଙ୍କନ ପୂର୍ବରୁ ଘୋଷଣା ନ କରିବା ଚାଲ୍




ଭୁବନେଶ୍ୱର,୧୦।୧୦(ସଂଚାର ବ୍ୟୁରୋ): ଆଜି ରାଜ୍ୟ ମହାବିଦ୍ୟାଳୟ ନିର୍ବାଚନରେ ବେନିୟମ ଧାରାରେ ଛାତ୍ର କଂଗ୍ରେସର ପ୍ରାର୍ଥୀମାନଙ୍କ ନାମାଙ୍କନ ନାକଚ କରିବା ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ଛାତ୍ର କଂଗ୍ରେସ। ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ଓ ଓପିସିସି ଉପସଭାପତି ଡ଼. ଦେବାଶିଷ ପଟ୍ଟନାୟକ କଲେଜ ନିର୍ବାଚନକୁ ନେଇ ସରକାରଙ୍କ ଦୋମୁହାଁ ନୀତିକୁ ସମାଲୋଚନା କରି କହିଛନ୍ତି ଯେ ସରକାର ଜାଣିଶୁଣି ଅଳ୍ପ ସମୟ ମଧ୍ୟରେ ନିର୍ବାଚନ ଘୋଷଣା କଲେ ଓ ଶାସକ ବିଜେପି ଦଳର ଛାତ୍ର ସଂଗଠନ ଏବିଭିପିକୁ ଜିତାଇବା ପାଇଁ ବର୍ତ୍ତମାନ ବିଭିନ୍ନ ଫନ୍ଦିଫିକର କରୁଛନ୍ତି, ଯାହା ସମ୍ପୂର୍ଣ୍ଣ ବେଆଇନ୍। ସମ୍ମିଳନୀରେ ଛାତ୍ର କଂଗ୍ରେସ ସଭାପତି ବିଭୁତି ଭୂଷଣ ମହାପାତ୍ର ନିର୍ବାଚନକୁ ନେଇ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଶାସକ ଦଳ ନିଜ ଛାତ୍ର ସଙ୍ଗଠନକୁ ପୂର୍ବରୁ ନିର୍ବାଚନ ପାଇଁ ପ୍ରସ୍ତୁତ କରି କେବଳ ୭ ଦିନ ଆଗରୁ ନିର୍ବାଚନ ଘୋଷଣା କଲେ। ଯାହା ଅନ୍ୟ ଛାତ୍ର ସଙ୍ଗଠନଙ୍କ ପାଇଁ ଏକ କଷ୍ଟକର ବ୍ୟାପାର। ତଥାପି ଛାତ୍ର କଂଗ୍ରେସ ଆହ୍ୱାନକୁ ଗ୍ରହଣ କଲା। କିନ୍ତୁ ନାମାଙ୍କନ ଦାଖଲ ବେଳେ ପ୍ରାର୍ଥୀମାନଙ୍କର ୭୫% ଉପସ୍ଥାନ ନିୟମ ଆଳ ଦେଖାଇ ଛାତ୍ର କଂଗ୍ରେସ ପ୍ରାର୍ଥୀଙ୍କ ନାମାଙ୍କନ ନାକଚ କରିଦେଇଛି। ଆମର ପ୍ରଶ୍ନ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ଯେ ଯଦି ଏଭଳି ଉପସ୍ଥାନ ନିୟମ ଥିଲା ତେବେ ଆଗରୁ କାହିଁକି ଜଣାଇଲେ ନାହିଁ। ଯଦି ପୂର୍ବରୁ ଅବଗତ କରିଥାନ୍ତେ ତେବେ ଆମ ପ୍ରାର୍ଥୀ ନିୟମାନୁଯାୟୀ ପ୍ରାର୍ଥିପତ୍ର ଦାଖଲ କରିଥାନ୍ତେ।

ଶତାୟୁ ପୁରୁଷ ପଦ୍ମଚରଣ ପାଇଲେ 'ନିର୍ଭୟ ଓଡ଼ିଶା ଗୌରବ' ସମ୍ମାନ

# 'ରାଜନେତା ବାଟବଣା ହେଲେ ହାତ ଧରନ୍ତି ସାହିତ୍ୟିକ'



ଭୁବନେଶ୍ୱର,୧୦।୧୦ (ସଂଚାର ବ୍ୟୁରୋ): ନିଜ ଗୀତ, ନାଚ, ଭାଷା ଓ ପ୍ରାକୃତିକ ସମ୍ପଦରାଜିକୁ ନେଇ ନିଜସ୍ୱ ପରିଭାଷା ବା ଆଞ୍ଚଳିକ ପରିଚୟ ସୃଷ୍ଟି ହୋଇଥାଏ। ଓଡ଼ିଶା ସେ କ୍ଷେତ୍ରରେ ଏକ ଅଗ୍ରଣୀ ଅବସ୍ଥାରେ ଅଛି। ଯେତେବେଳେ ବି ଭାରତୀୟ ବ୍ୟବସ୍ଥାଗତ ଧାରା କିଛି ଏକ ପ୍ରତିବନ୍ଧକର ସାମ୍ନା କରିଛି ସେତେବେଳେ ବଡ଼ ବଡ଼ ସାହିତ୍ୟିକଙ୍କ ଲେଖା ହିଁ ଦେଖାଇଆସିଛି ବାଟ। ଭାରତର ସଂହତି ସ୍ଥାପନ କ୍ଷେତ୍ରରେ ଭାଷା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ଓଡ଼ିଆ, ତାମିଲ, ଅହମିଆ, କାଶ୍ମୀର ଆଦି ପ୍ରାଦେଶିକ ସ୍ତରର ଭାଷା କେବେବି ବିରୁଦ୍ଧାତ୍ମକ ଚିନ୍ତାଧାରାକୁ ପ୍ରଶ୍ରୟ ଦେଇ ନ ଥାନ୍ତି। ସଂହତି ସ୍ଥାପନ କ୍ଷେତ୍ରରେ ଭାଷାମାନଙ୍କର ରହିଛି ପ୍ରମୁଖ ଭୂମିକା। ତେଣୁ ଭାରତ ଭାଷା ସଂଗମର ଦେଶ। ଦୈନିକ 'ନିର୍ଭୟ'ର ତ୍ରୟୋଦଶ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିନ୍ଦୀ ସାହିତ୍ୟର ପ୍ରମୁଖ କବି ଓ ସମାଲୋଚକ ଡ. ଓମ୍ ନିଶ୍ଚଳ ଏହା କହିଥିଲେ।

ଭାଷା ସାହିତ୍ୟ ସହିତ ସାମ୍ବାଦିକତାର ଏକ ପ୍ରଚ୍ଛନ୍ନ ସମ୍ପର୍କ ଥିବା ବିଷୟ ଏକାଧିକ ଉଦାହରଣ ଦେଇ ରଖିବା ବେଳେ ସେ କହିଥିଲେ ଯେ ଯେତେବେଳେ ରାଜନେତାମାନେ ବାଟ ହୁଡ଼ନ୍ତି ବା ବାଟବଣା ହୋଇଯାଆନ୍ତି, ସେମାନଙ୍କ ହାତ ସେତିକିବେଳେ ସାହିତ୍ୟିକମାନେ ହିଁ ଧରିନେଇଥାନ୍ତି। ଦୈନିକ 'ନିର୍ଭୟ'ର ସମ୍ପାଦକ ନବୀନ ଦାସଙ୍କ ଉଚ୍ଚ ପ୍ରଶଂସା କରି ସେ କହିଥିଲେ ଯେ ସତ ଲେଖିବାର ସାହସ ତାଙ୍କୁ ଏକ ଭିନ୍ନ ପରିଚୟ ପ୍ରଦାନ କରିପାରିଛି। ବ୍ୟବସ୍ଥିତ ମିଡିଆକୁ ଶିଳ୍ପ ଓ ରାଜନୈତିକ ବ୍ୟକ୍ତି କଣ୍ଠରୋଧ କରିବାର ପ୍ରୟାସ କରୁଥିଲେ ମଧ୍ୟ ଏବେ ସୋସିଆଲ୍ ମିଡିଆ ସାମ୍ବାଦିକତା ଖବର ପ୍ରକାଶନର ଧାରାକୁ ଭିନ୍ନ ରୂପ ପ୍ରଦାନ କରିଛି। ଅନ୍ୟତମ ପ୍ରମୁଖ ସାମ୍ବାଦିକ ତଥା 'ନ୍ୟାସନାଲ ବିକନ'ର ସମ୍ପାଦକ ଦିଲ୍ଲୀପ କୁମାର ବିଶୋୟୀ କହିଥିଲେ ଯେ ସ୍ଥାନୀୟ ମଣିଷର ଆଶା, ଆକାଂକ୍ଷା ପାଇଁ ଠିଆ ହେବା ସ୍ୱାଭାବିକ ଭାବେ ଆଞ୍ଚଳିକତାବାଦର ସୂତ୍ରକୁ ମଜବୁତ କରନ୍ତି। କିପରି ଓଡ଼ିଶାର ଭାଷାକୁ ନେଇ ଦୁର୍ବାର ଆନ୍ଦୋଳନ ବ୍ରିଟିଶ ସରକାରଙ୍କୁ ଭାଷାଭିତ୍ତିକ ରାଜ୍ୟ ସ୍ୱୀକୃତି ପାଇଁ ବାଧ୍ୟ କରିଥିଲା ସେ ବିଷୟରେ କହିବା ସାଙ୍ଗକୁ ଅଞ୍ଚଳ ପ୍ରତି ଅନ୍ୟାୟ କରାଯିବା ମଧ୍ୟ ଦେଶରେ ଆଞ୍ଚଳିକତାବାଦର ଧାରାକୁ ପରିପୁଷ୍ଟ କରିଆସିଛି। 'ନିର୍ଭୟ' ବାର୍ଷିକ ଉତ୍ସବ ଅବସରରେ ରାଜ୍ୟ ଓ ଦେଶରେ ନିଶା ନିବାରଣ ପାଇଁ ଅଭିଯାନ ଚଳାଇଥିବା ଶତାୟୁ ପୁରୁଷ ପଦ୍ମଚରଣ ନାୟକଙ୍କୁ 'ନିର୍ଭୟ ଓଡ଼ିଶା ଗୌରବ ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ଛତିଶଗଡ଼ ବସ୍ତର ଅଞ୍ଚଳର ଅତ୍ୟନ୍ତ ଲୋକପ୍ରିୟ ସାମ୍ବାଦିକ ବିକାଶ ତିୱାରୀ ଓ ବରିଷ୍ଠ ସାମ୍ବାଦିକ ତଥା ଶିଶୁ ସାହିତ୍ୟିକ ବଙ୍କିମ ଚନ୍ଦ୍ର ନାୟକଙ୍କୁ 'ନିର୍ଭୟ ସତୀର୍ଥ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅବକାରୀ ଟିମ୍‌କୁ...

ଏଥିରେ ଅବକାରୀ ବିଭାଗର କର୍ମଚାରୀ ଓ ଅଧିକାରୀମାନେ ଆହତ ହୋଇଛନ୍ତି। ଏନେଇ ବଡ଼ମ୍ବା ଥାନାରେ ଏକ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ଏହି ଚଢ଼ାଉ ସମୟରେ ଅବକାରୀ ବିଭାଗ ପକ୍ଷରୁ ୩ କିଲୋ ଗଞ୍ଜେଇ ଓ ୨୨୪୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏନେଇ ଆଠଗଡ଼ ଉପଆଧୀକ୍ଷକ ସିଏଚ୍ ତିରୁପତି କହିଛନ୍ତି ଯେ ଚଢ଼ାଉ ବେଳେ ଗ୍ରାମବାସୀ ଅସ୍ତ୍ରଶସ୍ତ୍ର ସହ ଆକ୍ରମଣ କରିଥିଲେ। ଏପରିକି ଗ୍ରାମବାସୀ ସେମାନଙ୍କଠାରୁ ଜବତ ମଦ ଓ ଗଞ୍ଜେଇ ଛଡ଼ାଇନେବାକୁ ବି ଉଦ୍ୟମ କରିଥିବା ଶ୍ରୀ ତିରୁପତି କହିଛନ୍ତି।

### ପୁଣା ଦିଲ୍ଲୀ...

ଜାତୀୟ ରାଜଧାନୀରେ ଏକପ୍ରକାର ଅଘୋଷିତ ଇମର୍ଜେନ୍ସି ଭଳି ପରିସ୍ଥିତି ସୃଷ୍ଟି କରିଛି ରାଜଧାନୀରେ ହାଇଆଲର୍ଟ ଜାରି କରାଯାଇଛି। ଜନ୍ତରମନ୍ତର ଆଡ଼କୁ ମୁହାଁଇଥିବା ପ୍ରତ୍ୟେକ ଲୋକଙ୍କୁ ରାସ୍ତା ଉପରୁ ଉଠାଇ ଗାଡ଼ିକୁ ନେଇଯାଉଛି। କେବଳ ଜନ୍ତରମନ୍ତର ପରିସରରେ ୩୫ ହଜାର ସୁରକ୍ଷାକର୍ମୀ ମୁତୟନ କରାଯାଇଛି। ନୂଆଦିଲ୍ଲୀ ଓ ନିକଟବର୍ତ୍ତୀ ଷ୍ଟେସନକୁ ଆସୁଥିବା ୨୫୦ ଟ୍ରେନକୁ ବାତିଲ କରି ଦିଆଯାଇଛି। ୪୫ଟି ମେଟ୍ରୋ ଷ୍ଟେସନକୁ ବନ୍ଦ କରିଦିଆଯାଇଛି। ୧୦ଟି ଡିଟେନସନ୍ ସେଣ୍ଟର ସ୍ଥାପନ କରାଯାଇଛି। ଆଜି ରାତି ୧୦ଟା ପର୍ଯ୍ୟନ୍ତ ଇଣ୍ଡିଆ ଗେଟ୍ ଚାରିପାଖରେ ୪ କିମି ପରିଧି ମଧ୍ୟରେ ଇଣ୍ଟରନେଟ୍ ସେବାକୁ ବନ୍ଦ କରିଦିଆଯାଇଛି। ଏଥିସହିତ, ଦିଲ୍ଲୀ ପୁଲିସକୁ ସବୁ ବ୍ୟବସ୍ଥା କରି ସରକାର ଆନ୍ଦୋଳନକାରୀଙ୍କୁ ରୋକିବା ପାଇଁ ଯେଉଁ ଷଡ଼ଯନ୍ତ୍ର କରିଥିଲେ ତାହା ବିଫଳ ହୋଇଛି। ପୁଲିସର ଚେତାବନୀ କିମ୍ବା ଗିରଫ ହେବାର ଭୟ ଆନ୍ଦୋଳନକାରୀଙ୍କୁ ରୋକି ପାରିନାହିଁ। ଆଜି ସକାଳେ ଆନ୍ଦୋଳନକାରୀମାନେ ଜନ୍ତରମନ୍ତର ଭିତରକୁ ପଶିବାକୁ ଆରମ୍ଭ କରିବା ମାତ୍ରେ ସାମାଜିକ କର୍ମୀ ନେହା ଭୋରାଙ୍କୁ ଦିଲ୍ଲୀ ପୁଲିସ୍ ଗିରଫ କରି ଗାଡ଼ିରେ ବସାଇ ନେଇଯିବାକୁ ଉଦ୍ୟମ କରିଥିଲା। ମାତ୍ର ମହିଳା ଆନ୍ଦୋଳନକାରୀମାନେ ବହୁ ସଂଖ୍ୟାରେ ଗାଡ଼ି ଉପରକୁ ଚଢ଼ିଯିବା ସହିତ ଚାରିପଟରୁ ଗାଡ଼ିକୁ ଜବରଦସ୍ତ ଘେରି ନେଇଥିଲେ। ସେମାନଙ୍କୁ ହଟାଇବା ପାଇଁ ଦିଲ୍ଲୀ ପୁଲିସର ପିଙ୍କ ଫୋର୍ସ (ସ୍ୱତନ୍ତ୍ର ମହିଳା ବଳ)କୁ ନାକେଦମ ହେବାକୁ ପଡ଼ିଥିଲା। ଅପରପକ୍ଷରେ, ଦିଲ୍ଲୀ ବିମାନବନ୍ଦରରୁ ସିଜେପିର ପ୍ରତିଷ୍ଠାତା ଅଭିଜିତ ଦୀପକେଙ୍କ ସମେତ ଦଳର ନେତା ସୌରଭ ଦାସ ଓ ଆଶୁତୋଷ ରାଜଙ୍କୁ ପୁଲିସ ଉଠାଇ ନେଇଛି। ଏହା ଆଗରୁ ଦିଲ୍ଲୀ ପୁଲିସ ସିଜେପିର ଲିଗାଲ ଟିମ୍ ହେଡ୍ ହର୍ଷ ସିଂହ ଓ ଯୁଦ୍ଧବୀର ଧ୍ରୁବ ରାଠୀଙ୍କୁ ମଧ୍ୟ ଅଟକ ରଖିଥିଲା। ଏଥିସହିତ ପୁଲିସ ଆଜି ଦିନସାରା ୩ ହଜାରରୁ ଊର୍ଦ୍ଧ୍ୱ ଆନ୍ଦୋଳନକାରୀଙ୍କୁ ଅଟକ ରଖିଥିଲା। ଅଟକ ଆନ୍ଦୋଳନକାରୀଙ୍କ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ, ତୃଣମୂଳ ସୁପ୍ରିମୋ ମମତା ବାନାର୍ଜୀ, ବରିଷ୍ଠ ବାମପନ୍ଥୀ ନେତା ପିନାରାୟୀ ବିଜୟନ ଓ ମାଣିକ ସରକାରଙ୍କ ଭଳି ବହୁ ହେଭିୱେଟ୍ ନେତା ରହିଥିଲେ। ଟିଏମସି ମୁଖ୍ୟ ମମତା ବାନାର୍ଜୀ ଓ ଦଳର ଅନ୍ୟ ନେତାମାନେ ଦିଲ୍ଲୀର ସାଉଥ୍ ଆଭେନ୍ୟୁସ୍ଥିତ ଏକ ବସ୍‌ଷ୍ଟାଣ୍ଡ ଧାରଣାରେ ବସିଥିବା ସମୟରେ ଦିଲ୍ଲୀ ପୁଲିସ ସେମାନଙ୍କୁ ମଧ୍ୟ ଉଠାଇ ନେଇଥିଲା। ତେବେ ସିଜେପିର ନେତାମାନଙ୍କୁ ବାଦ ଦେଇ ଦିନଯାପୀ 'ଦିଲ୍ଲୀ ପୁଲିସ ଆଇନ୍' ଅଧୀନରେ ଅଟକ କରାଯାଇଥିବା ଅନ୍ୟ ପ୍ରାୟ ୩,୦୦୦ ଲୋକଙ୍କୁ ସନ୍ଧ୍ୟାରେ ଛାଡ଼ିଦିଆଯାଇଥିବା ଦିଲ୍ଲୀ ପୁଲିସ କହିଛି। ସିଜେପି ପକ୍ଷରୁ କୁହାଯାଇଛି ଯେ, ଦଳର ଶୀର୍ଷନେତାମାନଙ୍କୁ ପୁଲିସ କେଉଁଠି ରଖିଛି ତାହାର କୌଣସି ଖବର ସେମାନଙ୍କ ନିକଟରେ ନାହିଁ। ପ୍ରତିଷ୍ଠାତା ଅଭିଜିତ ଦୀପକେଙ୍କ ଅନୁପସ୍ଥିତିରେ ଅଜିଙ୍କ୍ୟ ସିନ୍ଧେ ସିଜେପିର ଦାୟିତ୍ୱ ନେବା ସହ ଆବଶ୍ୟକତା ପଡ଼ିଲେ ପୁଣିଥରେ ଜନ୍ତରମନ୍ତର ଅଭିମୁଖେ ଯାତ୍ରା କରିବାକୁ ସେ ସଂକଳ୍ପ ନେଇଛନ୍ତି। ଲୋକସଭାରେ କଂଗ୍ରେସ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଜନ୍ତରମନ୍ତରରେ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ସହିତ ପୁଲିସର ବ୍ୟବହାରକୁ ମୋଦି ସରକାରଙ୍କ ଏକଛତ୍ରବାଦ ସହ ତୁଳନା କରିଛନ୍ତି। ମୋଦି ସରକାର ରାଜଧାନୀ ଦିଲ୍ଲୀକୁ ଏକ ମୁକ୍ତ ଜେଲ୍‌ରେ ପରିଣତ କରିଛନ୍ତି ବୋଲି ବାମପନ୍ଥୀ ନେତା ପିନାରାୟୀ ବିଜୟନ କହିଥିବା ବେଳେ ସିଜେପିର ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଆରମ୍ଭ ହେବା ପୂର୍ବରୁ ମୋଦି ସରକାର ତାଙ୍କର ପରାଜୟ ମାନି ନେଇଛନ୍ତି ବୋଲି ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପକେ ମନ୍ତବ୍ୟ ଦେଇଛନ୍ତି। ସିଜେପିର ଆନ୍ଦୋଳନ ଡାକରାକୁ ସୁପ୍ରିମକୋର୍ଟ ଓକିଲମାନେ ସମର୍ଥନ କରିଛନ୍ତି। ଶନିବାର ଓକିଲମାନେ ସୁପ୍ରିମକୋର୍ଟରୁ ଜନ୍ତର ମନ୍ତର ଅଭିମୁଖେ ରାଲି ବାହାରିଥିଲେ। ମାତ୍ର ଦିଲ୍ଲୀ ପୁଲିସ ରାସ୍ତାରୁ ହିଁ ସେମାନଙ୍କୁ ବଳପୂର୍ବକ ଉଠାଇ ନେଇଥିଲା। ଏହାକୁ ନେଇ ସୁପ୍ରିମକୋର୍ଟ ବାର ଆସୋସିଏସନ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରିବାକୁ ଆସିଥିବା ଛାତ୍ରଛାତ୍ରୀ ତଥା ସାମାଜିକ କର୍ମୀଙ୍କୁ ଅଟକ ରଖିବା ଘଟଣାକୁ ନେଇ ଜାତିସଂଘର ମାନବାଧିକାର କାର୍ଯ୍ୟାଳୟ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ଆସିଛି। ଭାରତୀୟ କର୍ତ୍ତୃପକ୍ଷ ନାଗରିକମାନଙ୍କର ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଅଧିକାରକୁ ସମ୍ମାନ ଦେବା ଆବଶ୍ୟକ ବୋଲି ଜାତିସଂଘ ମାନବାଧିକାର ଅଧିକାରୀ କହିଛନ୍ତି।

### ରିଲ୍ସ ନିଶା...

ତଳେ ରିଙ୍କୁ ଶୋଇ ପୁଣି ଥରେ ରିଲ୍ସ କରୁଥିଲା। ଏହି ସମୟରେ ଅସାବଧାନତା କାରଣରୁ ଟ୍ରେନ୍ ତଳେ ଚାଲିଯାଇଥିଲା ରିଙ୍କୁର ଚାକିରୀ ଶରୀର ଖଣ୍ଡବିଖଣ୍ଡିତ ହୋଇଯାଇଥିଲା। ବଲାଙ୍ଗୀର ରେଳବାଇ ପୁଲିସ ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଘଟଣା ଏବେ ବାର୍ତ୍ତାଶୁଣୀ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଠିକ୍ ସେହିପରି ଆଉ ଏକ ଘଟଣା ଘଟିଛି ତୀର୍ଥକ୍ଷେତ୍ର ପୁରୀରେ। ପୁରୀ ସହରର ପ୍ରସିଦ୍ଧ ସାପଧରାଳି ତପନ ପ୍ରଧାନ ଓରଫ୍ କଟପ୍ପା ଓରଫ୍ ତାପୁ କାଲୁ ନାଁ କହିଲେ ସମସ୍ତେ ଚିହ୍ନିବେ ସେ ଜଣେ ଅଭିଜ୍ଞ ସାପ ଧରାଳି। କେବଳ ସେ ସାପ ଧରନ୍ତି ନାହିଁ, ଏହାର ଭିଡ଼ିଓ କରି ସୋସିଆଲ ମିଡିଆରେ ମଧ୍ୟ ଛାଡ଼ି ସେ ବେଶ୍ ଚର୍ଚ୍ଚାରେ ରହିଥିଲେ। ଦୁଇ ଦିନ ତଳେ ଏକ ନାଗ ସାପ ଧରିବା ବେଳେ ଏହାର ଭିଡ଼ିଓ କରିଥିଲେ ସେ। ସାପ ତାଙ୍କ ଆଙ୍ଗୁଠିକୁ କାମୁଡ଼ି ଦେଇଥିଲା। ତଥାପି ସେ ସତର୍କ ନ ହୋଇ ଅନ୍ୟ ଲୋକଙ୍କୁ ଭିଡ଼ିଓ କରିବା ପାଇଁ ଛାଡ଼ିଦେଇଥିଲେ। ଏହି ସମୟରେ ସାପଟି ତାଙ୍କ କାନ୍ଧୁଣୀକୁ ଚୋଟ ମାରିଥିଲା। ପରେ ସେ ମେଡିକାଲରେ ଚିକିତ୍ସା ହେଉଥିବା ସମୟରେ ତାଙ୍କର ଜୀବନ ଚାଲିଯାଇଥିଲା।

### ସ୍ୱଚ୍ଛତାକୁ ଅଭ୍ୟାସରେ...

ପାଇଁ ଏକ ନୂଆ ଉଦାହରଣ ତିଆରି କରିଛି। ସ୍ୱଚ୍ଛତା ଦ୍ୱାରା ସହର ସୁସ୍ଥ ରହିବ, ପର୍ଯ୍ୟଟକଙ୍କ ଭିଡ଼ ବଢ଼ିବ ଓ ସମଗ୍ରକ୍ଷେତ୍ର ବିକାଶ ହେବ। ସେ ଆହୁରି କହିଛନ୍ତି ଯେ ସ୍ୱଚ୍ଛତା ହିଁ ସେବା- ଏହା ହେଉଛି ଆମ ସମାଜର ମୂଳ ମନ୍ତ୍ର। ପୂଜ୍ୟ ବାପୁ କହୁଥିଲେ ଯେ ସ୍ୱଚ୍ଛତା ହେଉଛି ସ୍ୱାଧୀନତାଠାରୁ ମଧ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ। ସେହି ମହାନ ଚିନ୍ତାଧାରାକୁ ଆପଣାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ସ୍ୱଚ୍ଛତା ହିଁ ସେବା' ମାଧ୍ୟମରେ ଏହାକୁ ଏକ ବିଶାଳ ଜନ-ଆନ୍ଦୋଳନରେ ପରିଣତ କରିଛନ୍ତି। ସ୍ୱଚ୍ଛତାକୁ ଜୀବନର ଚରିତ୍ର ଓ ସ୍ୱଭାବ ବନେଇବାକୁ ପଡ଼ିବ। ଘର ଭିତରକୁ ଆମେ ନିଜେ ସଫା କରୁଛେ, କିନ୍ତୁ ଘର ବାହାରକୁ ସମସ୍ତେ ମିଶି ସଫା କରିବାକୁ ପଡ଼ିବ। 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ'ର ସ୍ୱପ୍ନକୁ ସାକାର କରିବା ପାଇଁ ଆମ ସମସ୍ତେ ନିଜ ପରିବେଶକୁ ଆବର୍ଜନାମୁକ୍ତ ରଖିବା, ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବର୍ଜନ କରିବା ଓ ସ୍ୱଚ୍ଛତାକୁ ନିଜ ଦୈନନ୍ଦିନ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ କରିବା। ନିଜ ଆଖପାଖ ପରିବେଶ, ଗ୍ରାମ ଓ ସହରକୁ ସବୁବେଳେ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ସହ ସମ୍ବଲପୁର ଜିଲ୍ଲାକୁ ଏକ ସ୍ୱଚ୍ଛ, ସୁନ୍ଦର ଓ ସବୁଜ ଜିଲ୍ଲା ଭାବେ ଗଢ଼ିବା ପାଇଁ ନିରନ୍ତର ପ୍ରୟାସ କରିବା ବୋଲି ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି।

### ଦୁଇ ମାସ ଧରି...

ବ୍ଲକ୍ ସଭାପତିଙ୍କୁ ଚିଠି ଲେଖି ଏଆଇସିସି ଦେଇଥିବା ଟାସ୍କକୁ ସଫଳ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ମଧ୍ୟ ପିସିସିର ନୂଆ ପ୍ରଭାରୀ ଭକ୍ତଙ୍କ କାର୍ଯ୍ୟ ଶୈଳୀକୁ ନେଇ ଉଦ୍ବେଗ ପ୍ରକାଶ କରିଥିଲେ। କିଛି ବରିଷ୍ଠ ନେତା ମଧ୍ୟ ଭକ୍ତଙ୍କ ଗୋଷ୍ଠୀ ରାଜନୀତିକୁ ନେଇ ଏଆଇସିସିରେ ଫେରାଦ ହୋଇଥିଲେ। ଦିଲ୍ଲୀରେ କୋନଦାର କହି ସତ୍ତ୍ୱେ ଏଆଇସିସି ନିଜ ଆଡ଼ୁ ଓଡ଼ିଶା କଂଗ୍ରେସ ପାଇଁ ଅଭିଯାନର ଯୋଜନା କରୁଛି ଆଉ ଏହାକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଉଛି। ଏଆଇସିସିର ଏଭଳି ହସ୍ତକ୍ଷେପ ରାଜ୍ୟ କଂଗ୍ରେସରେ ଚର୍ଚ୍ଚା ସୃଷ୍ଟି କରିଛି। ଏଥିରେ ରାଜ୍ୟର ପ୍ରତ୍ୟେକ କଂଗ୍ରେସ ନେତାଙ୍କ କାର୍ଯ୍ୟକୁ ଏଣିକି ଏଆଇସିସି ମନିଟର କରିବ ବୋଲି ପରୋକ୍ଷ ସୂଚନା ଦିଆଯାଇଛି। ସେ ଯାହା ବି ହେଉ ନା କାହିଁକି, ଏଆଇସିସିର ଭୋଟ ବଞ୍ଚାଓ, ଦେଶ ବଞ୍ଚାଓ ଅଭିଯାନ ଯଦି ତୃଣମୂଳ ସ୍ତରରେ ସଫଳ ହୁଏ, ତେବେ ଆଗାମୀ ଦିନରେ କଂଗ୍ରେସ ପ୍ରଭାବଶାଳୀ ହେବ ବୋଲି କୁହାଯାଉଛି।

### ଗୁଣ୍ଡାଗର୍ଦ୍ଦି ଓ ଅରାଜକତା...

ଦାୟିତ୍ୱ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବିଜେଡିର ଏହି ଅଭିଯୋଗକୁ ଖଣ୍ଡନ କରି ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପୂର୍ବତନ ସରକାରକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଛାତ୍ରଛାତ୍ରୀମାନେ ହେଉଛନ୍ତି ଦେଶର ଭବିଷ୍ୟତ ଓ ସେମାନଙ୍କ କଲେଜ ନିର୍ବାଚନ ହେଉଛି ନେତୃତ୍ୱ ଗଢ଼ିବାର ମୂଳଦୁଆ। କିନ୍ତୁ ଗତ ୨୪ ବର୍ଷର ବିଜେଡି ଶାସନ କାଳ ମଧ୍ୟରୁ ଦୀର୍ଘ ୮ ବର୍ଷ ଧରି ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଣିଥରେ କଲେଜଗୁଡ଼ିକରେ ନିର୍ବାଚନ କରାଇଥିବାରୁ ସେ ଧନ୍ୟବାଦ ଜଣାଇଛନ୍ତି। ବର୍ତ୍ତମାନ କଲେଜଗୁଡ଼ିକରେ ଏବିଭିପି ପ୍ରାର୍ଥୀମାନେ ଭଲ ପ୍ରଦର୍ଶନ କରୁଥିବା ବେଳେ ଅନେକ ସ୍ଥାନରେ ନିର୍ଦ୍ୱନ୍ଦ୍ୱରେ ମଧ୍ୟ ବିଜୟୀ ହୋଇଛନ୍ତି। ଯୁବପିଢ଼ିଙ୍କ ସକ୍ରିୟ ରାଜନୈତିକ ଅଂଶଗ୍ରହଣ ଦ୍ୱାରା ରାଜ୍ୟରେ ସ୍ୱଚ୍ଛତା ବୃଦ୍ଧି ପାଇବ ଓ ଦୁର୍ନୀତି ହ୍ରାସ ପାଇବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

### ଅନିଶ୍ଚିତତାରେ ଏସଓଜି...

କରିଛନ୍ତି ହାଇକୋର୍ଟରେ ଏସଓଜି ଯବାନମାନେ କହିଛନ୍ତି। ତେବେ ଏ ସମ୍ପର୍କରେ କଟକସ୍ଥିତ ପୁଲିସ ମୁଖ୍ୟାଳୟର ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି ଯେ ମାଓବାଦୀମାନେ ଆତ୍ମସମର୍ପଣ କରିବା ପରେ ବା ନିହତ ହେବା ପରେ ମଧ୍ୟ ମାଓବାଦୀ ବିଚାରଧାରା ମରି ଯାଇ ନ ଥାଏ। ବିଭିନ୍ନ ସମୟରେ ଦେଖିବାକୁ ମିଳିଛି, ମାଓବାଦୀ ବା କ୍ୟାଡରଙ୍କ ମୃତ୍ୟୁ ପରେ ଅନେକ ନୂଆ ସଂଗଠନ ବାହାରିଛି। ନକ୍ସଲ ବା ମାଓବାଦୀ ନିପାତ ହୋଇଯାଇଥିବା ସତ୍ତ୍ୱେ, କିନ୍ତୁ ସେହି ବିଚାରଧାରାର ଲୋକ ଏବେ ବି ଅଛନ୍ତି। ତେଣୁ ଓଡ଼ିଶା ପୁଲିସ ମାଓ ସଂଗଠନଗୁଡ଼ିକ ଉପରେ ଏବେ ୱେଟ୍ ଆଣ୍ଡ ୱାଚ୍ ପଲିସି ରଖିଛି।

## ୬ ଶିକାରୀ ଗିରଫ; ଦେଶୀ ବନ୍ଧୁକ, ବାରୁଦ ଓ ଧନୁତୀର ଜବତ



ନୀଳଗିରି, ୧୦।୧୦ (ସଂଚାର ବ୍ୟୁରୋ): ନୀଳଗିରି ଉପଖଣ୍ଡ କୁଲଡିହା ବନ୍ୟପ୍ରାଣୀରେଞ୍ଜ ଅଧୀନସ୍ଥକୁଲଡିହା ଅଭୟା ରଣ୍ୟ ଭିତରୁ ୬ ଶିକାରୀ ଗିରଫ ହେବା ସହିତ ୮ ଦେଶୀ ବନ୍ଧୁକ,୧୬ ଟି ସୀସା ବଲ୍, ୩ ଗୋଟି କଟା ସୀସା ରଡ୍, ୨୦ଗ୍ରାମ କଳା ବାରୁଦ, ଗୋଟିଏ ଲୁହା ରଡ୍, ୩ ଗୋଟି ଧନୁ ଏବଂ ୫ ଗୋଟି ତୀର ଉଦ୍ଧାର କରାଯାଇଥିବା ସୂଚନା ମିଳିଛି।

ସୂଚନା ଯୋଗ୍ୟ ନୀଳଗିରି ଉପଖଣ୍ଡ କୁଲଡିହା ବନ୍ୟପ୍ରାଣୀ ଅଭୟାରଣ୍ୟ ଭିତରେ ଜୀବଜନ୍ତୁଙ୍କ ଗତିବିଧି ଉଦ୍ଦେଶ୍ୟରେ ଲଗାଯାଇଥିବା ଟ୍ରାପ୍ କ୍ୟାମେରା ଦ୍ୱାରା ଉତ୍ତୋଳିତ ଫଟୋ ଚିତ୍ରରେ କିଛି ଶିକାରୀ ଶୀକାର ଉଦ୍ଦେଶ୍ୟରେ ଜଙ୍ଗଲ ଭିତରେ ପ୍ରବେଶ କରିଥିବାର ଫୋଟୋ ଚିତ୍ର ଉକ୍ତ କ୍ୟାମେରାରେ କଏଦ ହୋଇଥିଲା। ଏନେଇ ବନବିଭାଗ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଥିଲା। ପରେ ଏକ ବିଶ୍ୱସ୍ତ ସୂତ୍ରରୁ ଛଅ ଜଣ ଶିକାରୀଙ୍କୁ ଚିହ୍ନଟ କରାଯାଇଥିଲା। ଆଜି ଭୋର ବନ ଅଧିକାରୀମାନେ ନୀଳଗିରି ବ୍ଲକ ସିଆଡିମାଳ ପଞ୍ଚାୟତ ବାବନ୍ଧ ଗ୍ରାମର ସ୍ୱର୍ଗତ ଦନା ସିଂଙ୍କ ପୁଅ ମଦନ ସିଂ(୪୬), ରୁହିୟା ସିଂଙ୍କ ପୁଅ ଗୁରୁବା ସିଂ (୨୩), କଦମ୍ବଶୂଳ ଗ୍ରାମର ଗୁରୁବା ସିଂଙ୍କ ପୁଅ ଘନ ସିଂ (୨୮), ଏବଂ ଶାନିଆ ସିଂ (୩୨), ସିଆଡିମାଳ ଗ୍ରାମର କନ୍ଦା ସିଂଙ୍କ ପୁଅ ଦେବେନ୍ଦ୍ର ସିଂ(୨୬), ଏବଂ ଡେଉଁଚଖାଲ ଗ୍ରାମର ଜୁନିଆ ସିଂଙ୍କ ପୁଅ ମଙ୍ଗୁଲୁ ସିଂ(୩୧)ଙ୍କ ଘରେ ରାତ୍ରିକାଳୀନ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଉପର ବର୍ଣ୍ଣିତ ଏହି ସବୁ ଜିନିଷ ଜବତ କରାଯାଇଥିଲା। ଜବତ ସାମଗ୍ରୀ ସହିତ ସମସ୍ତ ୬ ଅଭିଯୁକ୍ତଙ୍କୁ ନୀଳଗିରିର କୁଲଡିହା ବନ୍ୟପ୍ରାଣୀ ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇ ସେମାନଙ୍କ ନାମରେ ଓଆର ମାମଲା ନଂ. ୧୫କେ. ଏକ ମାମଲା ରୁଜୁ ହୋଇଥିଲା। ପରେ ନୀଳଗିରିର ମାନ୍ୟବର ସବ-ଡିଭିଜନାଲ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ଙ୍କ କୋର୍ଟକୁ ପଠାଯାଇଥିଲା। ସେଠାରେ ବେଲ ନାମଂଜୁର ହେବାରୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଥିଲା।

## ଉମାପଦାରୁ ବୃଦ୍ଧା ନିଖୋଜ



ଯାଜପୁର ରୋଡ଼, ୧୦।୧୦ (ସଂଚାର ବ୍ୟୁରୋ): ବ୍ୟାସନଗର ପୌର ପରିଷଦ ୱାର୍ଡ ନଂ ୧୬ ଉମାପଦା ଗ୍ରାମରୁ ଜଣେ ବୃଦ୍ଧା ଗତକାଲି ରାତିରୁ ନିଖୋଜ ଅଛନ୍ତି। ଉମାପଦାର ଶଙ୍କର୍ଷଣ ନାୟକଙ୍କ ଘରେ ଭଡ଼ାରେ ରହୁଥିବା ବାବୁଲି ଭାଇ, ଯିଏ ଯାଜପୁର ରୋଡ଼ ବସଷ୍ଟାଣ୍ଡରେ ଚା ଦୋକାନ କରନ୍ତି, ତାଙ୍କ ମା' ଗତକାଲି ରାତି ପ୍ରାୟ ୩.୩୦ରେ ଘରୁ ବାହାରି ଯାଇଥିଲେ। ସେ ସାମାନ୍ୟ ମାନସିକ ଅସୁସ୍ଥ ଥିବା ବେଳେ ହାତରେ ଏକ ମଗ୍ ଧରିଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପତା ମିଳିପାରିନାହିଁ। କେହି ଦେଖିଲେ ୯୦୯୦୩୮୦୯୫ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ କରିଛନ୍ତି।

## ପୋଖରୀରେ ବୁଡ଼ି ନାବାଳକ ମୃତ

ରାଇଘର, ୧୦।୧୦ (ସଂଚାର ବ୍ୟୁରୋ):ରାଇଘର ଥାନା ଅଧୀନରେ ଥିବା ବାଘବେଡା ଗ୍ରାମର ଡିସେମ୍ବର ମାଝୀ ଙ୍କ ପୁଅ ଚନ୍ଦ୍ରମଣି ମାଝୀ ପୋଖରୀରେ ବୁଡି ମୃତ୍ୟୁ ହୋଇଥିବା ଦେଖିବାକୁ ମିଳିଛି | ପୋଲିସ ସୂତ୍ରରୁ ପ୍ରକାଶ ଯେ ଚନ୍ଦ୍ରମଣି(୧୧) ଘର ପାଖ ପଡିଆରେ ବଲ ଖେଳୁଥିଲା ଏହି ସମୟରେ ବଲ ଟି ପଡିଆକୁ ଲାଗିଥିବା ପୋଖରୀକୁ ଗଡିଯାଇଥିଲା | ବଲ କୁ ଆଣିବାପାଇଁ ପାଣିଭିତରେ ପଶିବା ବେଳେ ଗୋଡ଼ ଖସିଯିବାରୁ ଏପରି ଘଟଣା ଘଟିଥିବା ପୋଲିସ ପ୍ରକାଶ କରିଛି |ଏହାକୁ ନେଇ ଏକ ଅପମୃତ୍ୟୁ ମାମଲା ୭୪/୨ରେ କେଶ ରୁଜୁ କରିବା ସହ ବ୍ୟବଚ୍ଛେଦ ସାରି ପରିବାର ଲୋକଙ୍କୁ ମୃତ ଶରୀର ହସ୍ତାନ୍ତର କରିଛି |

## ବାଇକ୍ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ



କୋରାପୁଟ,୧୦।୧୦ (ସଂଚାର ବ୍ୟୁରୋ): ରାସ୍ତା ପାର୍ ହେବାକୁ ଯାଉଥିବା ବେଳେ ଘଟିଲା ଅଘଟଣ। ଦ୍ରୁତଗତିରେ ଆସୁଥିବା ବାଇକ୍‌ର ଧକ୍କାରେ ଚାଲିଗଲା ଜଣେ ବୃଦ୍ଧାଙ୍କ ଜୀବନ। ଏଭଳି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାକୁ ନେଇ କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଚଣାବାଡ଼ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ମୃତକ ହେଲେ ଗ୍ରାମର ୬୦ ବର୍ଷୀୟା ଲତା ଟାକ୍ରୀ। ଏହି ଘଟଣାକୁ ନେଇ ଦଶମନ୍ତପୁର ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଦଶମନ୍ତପୁର ଅଞ୍ଚଳର ଚନ୍ଦନ ବିଷୋଇ ନିଜ କାମ ଶେଷ କରି ଓଡ଼ି ୧୦ ଭି ୭୩୫୨ ନମ୍ବର ବିଶିଷ୍ଟ ବାଇକ୍‌ରେ ଦଶମନ୍ତପୁର ଅଭିମୁଖେ ଯାଉଥିଲେ। ଏହି ସମୟରେ ଚଣାବାଡ଼ ଗ୍ରାମ ନିକଟରେ ଲତା ଟାକ୍ରୀ ରାସ୍ତା ପାର୍ ହେଉଥିଲେ। ତେବେ ଦ୍ରୁତଗତିରେ ଆସୁଥିବା ବାଇକ୍‌ଟି ତାଙ୍କୁ ଧକ୍କା ଦେଇଥିବା ଅଭିଯୋଗ ହୋଇଛି। ଧକ୍କା ଏତେ ଜୋର୍‌ରେ ଥିଲା ଯେ ବୃଦ୍ଧା ଜଣକ ରାସ୍ତାକଡ଼କୁ ଛିଟିକି ପଡ଼ି ଅଚେତ ହୋଇଯାଇଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଆହତ ବୃଦ୍ଧା ଓ ବାଇକ୍ ଚାଳକଙ୍କୁ ଉଦ୍ଧାର କରି ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ଲତା ଟାକ୍ରୀଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁଃଖଦ ଖବର ପ୍ରଚାର ହେବା ପରେ ପରିବାରବର୍ଗ ଓ ଗ୍ରାମବାସୀଙ୍କ ମଧ୍ୟରେ ଗଭୀର ଶୋକ ପ୍ରକାଶ ପାଇଛି। ବୃଦ୍ଧାଙ୍କ ମୃତ୍ୟୁ ପରେ ପରିବାରବର୍ଗ କ୍ଷତିପୂରଣ ଦାବି କରିବା ସହ ଘଟଣା ସମ୍ପର୍କରେ ଦଶମନ୍ତପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଥାନା ଅଧିକାରୀ ଚରଣ ସିଂ ମାଝୀ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲେ। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଏବଂ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର ତଦନ୍ତ କରିବା ସହ ସମ୍ପୃକ୍ତ ବାଇକ୍‌କୁ ଜବତ କରିଛି। ଏନେଇ ଦଶମନ୍ତପୁର ଥାନାରେ ୧୧୮/୦୨୬ ନମ୍ବରରେ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ପ୍ରକ୍ରିୟା ଶେଷ ହେବା ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

### ବିଭାଗୀୟ ଅବହେଳା ଯୋଗୁଁ ଗାଁକୁ ନାହିଁ ରାସ୍ତା

# ପାଦ ଚଲା ରାସ୍ତା ହିଁ ଭରଷା

ଫୁଲବାଣୀ,୧୦।୧୦ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ଚାଞ୍ଚେଡି ପଞ୍ଚାୟତର ଏକ ନମ୍ବର ୱାର୍ଡର ଟୁଟାମାହା ଗାଁକୁ ରାସ୍ତା ନାହିଁ । ରାସ୍ତା ନଥିବାରୁ ଅଞ୍ଚଳବାସୀ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁକୁ ଭଲ ରାସ୍ତା ନଥିବାରୁ ରୋଗୀ ଏବଂ ଗର୍ଭବତୀ ମହିଳାଙ୍କ ଚିକିତ୍ସା ଲାଗି ଦୋଳା ହିଁ ଏକ ମାତ୍ର ସାହାରା ସାଜିଛି । ୧୫୦ ଉର୍ଦ୍ଧ୍ୱ ଲୋକେ ଏହି ରାସ୍ତା ଉପରେ ନିର୍ଭର କରି ଆସୁଛନ୍ତି ।



ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବି ଗାଁକୁ ଯିବା ଲାଗି ଭଲ ରାସ୍ତା ଖଣ୍ଡେ ନାହିଁ। ପର୍ବତ ପାହାଡ଼ ଘେରା ଆବୁଡାଖାବୁଡା ମାଟି ରାସ୍ତାରେ ନିତିଦିନିଆ ଯାଆସ କରୁଛନ୍ତି। ବର୍ଷା ଦିନେ ବାଇକ୍ ଯିବା ଦୂରର କଥା ଚାଲିକି ଯିବା କଷ୍ଟକର। ଗାଁରେ କାହାର ଦେହ ଅସୁସ୍ଥ ହେଲେ କିମ୍ବା ଗର୍ଭବତୀ ମହିଳାଙ୍କୁ ପ୍ରସବ ଲାଗି ମେଡିକାଲ ଯିବାକୁ ହେଲେ ଖଟିଆ କିମ୍ବା ଦୋଳାରେ ବୋହିବାକୁ ପଡୁଛି । ରାସ୍ତା ଲାଗି ଗ୍ରାମବାସୀମାନେ ବାରମ୍ବାର ଅଭିଯୋଗ କରିଆସୁଛନ୍ତି। ବାନ୍ଦାପାଜୁ ଠାରୁ ଟୁଟାମାହା ଖାଲଖମା ରାସ୍ତା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ମାଧ୍ୟମରେ ନୂତନ ପକ୍କା ଭାବେ ନିର୍ମାଣ କରିବା ଲାଗି ଗ୍ରାମବାସୀ ଦାବି କରିଛନ୍ତି ।

ଦିନେ ନୁହେଁ କି ମାସେ ନୁହେଁ ବର୍ଷ ବର୍ଷ ଧରି ଲାଗି ରହିଛି ଏହି ରାସ୍ତା ସମସ୍ୟା। ଏହି ଖାଲଖମା ରାସ୍ତା ଦେଇ ଭଡା ଠାରୁ ରାସନ୍ ସାମଗ୍ରୀ ଓ ଅନ୍ୟାନ୍ୟ ଜରୁରୀ କାମ ଅଞ୍ଚଳର ଗ୍ରାମବାସୀ ମାନଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ବେଳେ ବିଶେଷ କରି ଗୁରୁତର ରୋଗୀ ଓ ସ୍କୁଲ କଲେଜକୁ ଯାଉଥିବା ଛାତ୍ରଛାତ୍ରୀଙ୍କ ଲାଗି ଖାଲଖମା ରାସ୍ତାଟି ସମସ୍ୟା ସୃଷ୍ଟି କରୁଛି।

ତେବେ ଏହି ରାସ୍ତାକୁ ପକ୍କା ରାସ୍ତା ନିର୍ମାଣ ଏବେ ଜରୁରୀ ହୋଇପଡ଼ିଛି ବୋଲି ମଞ୍ଜୁଳା ମଲିକ, ରେସମା ପ୍ରଧାନ, ମିନତି ପ୍ରଧାନ, ବିନିତା ଦିଗାଲ, ରିତା ପ୍ରଧାନ, ବୁଦ୍ଧଦେବ ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, ମନୋଜ ପ୍ରଧାନ କହିଛନ୍ତି।

## ଜେଏସଡବ୍ଲ୍ୟୁ ପକ୍ଷରୁ ନୂଆଗାଁରେ କାଳୀପୂଜା ମଣ୍ଡପ ନିର୍ମାଣ

ପାରାଦୀପ,୧୦।୧୦ (ସଂଚାର ବ୍ୟୁରୋ): ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଓ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ନୂଆଗାଁ ଗ୍ରାମ ପଞ୍ଚାୟତରେ ଏକ କାଳୀପୂଜା ମଣ୍ଡପ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି। ମଣ୍ଡପ ନିର୍ମାଣ କାର୍ଯ୍ୟ ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଆଜିଠାରୁ ଏହାର ସୌନ୍ଦର୍ଯ୍ୟକରଣ ଓ ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଆଗାମୀ କାଳୀପୂଜା ଉତ୍ସବ ପୂର୍ବରୁ ସ୍ଥାନୀୟ ଲୋକଙ୍କ ଦୀର୍ଘଦିନର ଦାବି ପୂରଣ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି।



ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍‌ର ସଭାପତି ଶ୍ରୀ ଅନିଲ କୁମାର ସିଂହଙ୍କ ନେତୃତ୍ୱରେ ଏହି ପଦକ୍ଷେପ କମ୍ପାନୀର ସାମାଜିକ ବିକାଶ ପ୍ରତି ପ୍ରତିବଦ୍ଧତା ଏବଂ ଢ଼ିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ଗ୍ରାମ ପଞ୍ଚାୟତର ଲୋକଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବା ପାଇଁ ଜାରି ରହିଥିବା ପ୍ରୟାସକୁ ପ୍ରତିଫଳିତ କରୁଛି। ସ୍ଥାନୀୟ ଲୋକଙ୍କ ସହ ଆଲୋଚନା ଏବଂ ସେମାନଙ୍କ ବିକାଶମୂଳକ ଆବଶ୍ୟକତାକୁ ଆଧାର କରି ଏହି ପ୍ରକଳ୍ପ ହାତକୁ ନିଆଯାଇଛି।

ଏହି ଅବସରରେ ଆୟୋଜିତ ସମାରୋହରେ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍, ପାରାଦୀପର ଉପସଭାପତି ଶ୍ରୀ ମନୋଜ ସିଂହ, ଜନସମ୍ପର୍କ ବିଭାଗର ଏଭିପି ସମରେନ୍ଦୁ ପଟ୍ଟନାୟକ ଏବଂ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ବିଭାଗର ମୁଖ୍ୟ ଅଭିଜିତ ମହାନ୍ତି ଯୋଗ ଦେଇଥିଲେ। ଏଥିସହ ନୂଆଗାଁ ଗ୍ରାମ ପଞ୍ଚାୟତର ପ୍ରତିନିଧି ସ୍ମୃତି ମନ୍ତ୍ରୀ, ତାମିଲ ପ୍ରଧାନ, କୁନା ଭୂୟାଁ, ଦିଲ୍ଲୀପ ଦାସ, ଅଜିତ ପ୍ରସାଦ ରାଉତ, ନାରାୟଣ ଜେନାଙ୍କ ସମେତ ଅନ୍ୟାନ୍ୟ ସ୍ଥାନୀୟ ନେତୃବୃନ୍ଦ ଓ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

ନବନିର୍ମିତ କାଳୀପୂଜା ମଣ୍ଡପଟି ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ କାଳୀପୂଜା ପାଳନ ଓ ବିଭିନ୍ନ ସାମାଜିକ ତଥା ସାଂସ୍କୃତିକ ସମାବେଶ ଆୟୋଜନ କରିବାରେ ଏକ ଉତ୍ସର୍ଗୀକୃତ ସ୍ଥାନ ଭାବେ କାର୍ଯ୍ୟ କରିବ। ଏହାଦ୍ୱାରା ସ୍ଥାନୀୟ ଲୋକଙ୍କ ମଧ୍ୟରେ ସାମାଜିକ ସଦ୍‌ଭାବ, ଏକତା ଓ ସାଂସ୍କୃତିକ ସମ୍ପର୍କ ଆହୁରି ସୁଦୃଢ଼ ହେବ।

## ନବରାତ୍ର ଦୁର୍ଗାପୂଜା ପାଇଁ କଳସ ଯାତ୍ରା



ସଇଁତଲା,୧୦।୧୦ (ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲ୍ଲା ସଇଁତଲାରେ ସାର୍ବଜନୀନ ନବରାତ୍ର ଦୁର୍ଗାପୂଜା ଅବସରରେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଧାର୍ମିକ ଆୟୋଜନରେ ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ଘଣ୍ଟ, ବାଦ୍ୟ ଓ ସଂକୀର୍ତ୍ତନର ତାଳେ ତାଳେ ଭକ୍ତିମୟ ପରିବେଶରେ ଶୋଭାଯାତ୍ରା ବାହାରିଥିଲା। ପୂଜକ କିରଣ ମିଶ୍ର ଓ ବିକ୍ରମ ମିଶ୍ର ପୂଜାକାର୍ଯ୍ୟର ଦାୟିତ୍ୱ ତୁଲାଇଥିଲେ। ସେହିପରି କର୍ତ୍ତା ଭାବେ ଦେବାଶିଷ ରଥ ଓ ତାଙ୍କ ଧର୍ମପତ୍ନୀ ରଶ୍ମିରେଖା ରଥ ଦାୟିତ୍ୱ ତୁଲାଇ ପୂଜାବିଧିରେ ସାମିଲ ହୋଇଥିଲେ। ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମୀନା ବଜାର ଓ ପ୍ରତେକ ରାତ୍ର ରେ ବିଭିନ୍ନ ସଂକୃତିକ କାର୍ଯ୍ୟକ୍ରମ ରହିଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

### ପୂଜ୍ୟପୂଜାଙ୍କୁ ଅସମ୍ମାନ, ଗୋପବନ୍ଧୁଙ୍କୁ ଭୁଲିଗଲା ପ୍ରଶାସନ

## ଜୟନ୍ତୀରେ ଫୁଲମାଳଟିଏ ଦେଲେନି

ଉମରକୋଟ,୧୦।୧୦ (ସଂଚାର ବ୍ୟୁରୋ): ପୂଜ୍ୟପୂଜା ଆମ ସଂସ୍କୃତି ଓ ଆମ ଅସ୍ମିତାର ପରିଚୟ। ମହାପୁରୁଷଙ୍କୁ ସମ୍ମାନ ଜଣାଇବା ଆମର ନୈତିକ କର୍ତ୍ତବ୍ୟ। ହେଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମଜୟନ୍ତୀରେ ଉମରକୋଟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ମହାପୁରୁଷଙ୍କ ଜନ୍ମଜୟନ୍ତୀରେ ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜଣାଇବାକୁ କୌଣସି ଉଦ୍ୟମ ହୋଇନଥିବା ଅଭିଯୋଗ ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି।



ସାରା ରାଜ୍ୟରେ ଉତ୍କଳମଣିଙ୍କ ଜନ୍ମଜୟନ୍ତୀ ପାଳନ କରାଯାଉଥିବା ବେଳେ ଉମରକୋଟରେ କିନ୍ତୁ ତାଙ୍କ ପ୍ରତିମୂର୍ତ୍ତି କିମ୍ବା ଫଟୋଚିତ୍ରରେ ଫୁଲମାଳ ଅର୍ପଣ କରିବାକୁ ପ୍ରଶାସନ ପକ୍ଷରୁ କେହି ଆସିନଥିବା ଦେଖିବାକୁ ମିଳିଥିଲା। କୋଟି କୋଟି ଓଡ଼ିଆଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଗୋପବନ୍ଧୁଙ୍କ ଜନ୍ମଜୟନ୍ତୀରେ ଏଭଳି ଅବହେଳାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି।

ଅନ୍ୟପକ୍ଷରେ, ଏକ ଘରୋଇ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ମହାପୁରୁଷଙ୍କ ପ୍ରତି ସମ୍ମାନ ଜଣାଇବାକୁ ଆଗେଇ ଆସିଥିଲେ। ଚାରି ଦିନ ପୂର୍ବରୁ ଏକ ସରକାରୀ କାର୍ଯ୍ୟକ୍ରମରେ ଅର୍ପଣ କରାଯାଇଥିବା ଶୁଖିଲା ଫୁଲକୁ ସଫା କରିବା ସହ ନୂଆ ଫୁଲମାଳ ଅର୍ପଣ କରି ସେମାନେ ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

### ବନ୍ୟଜନ୍ତୁ ସଂରକ୍ଷଣରେ ଉଲ୍ଲେଖନୀୟ ଅବଦାନ

## ଦେବାଶିଷ ମହାନ୍ତିଙ୍କୁ ମିଳିଲା ଉପଖଣ୍ଡସ୍ତରୀୟ ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର

ଖୋର୍ଦ୍ଧା,୧୦।୧୦ (ସଂଚାର ବ୍ୟୁରୋ): ବନ୍ୟଜନ୍ତୁ ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ନିରନ୍ତର ଅବଦାନ ପାଇଁ ଦେବାଶିଷ ମହାନ୍ତିଙ୍କୁ ଉପଖଣ୍ଡସ୍ତରୀୟ ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ପ୍ରଦାନ କରାଯାଇଛି। ଏହି ସମ୍ମାନ ତାଙ୍କର ଦୀର୍ଘ ପାଞ୍ଚ ବର୍ଷ ଧରି ଜାରି ରହିଥିବା ପ୍ରକୃତି ଓ ବନ୍ୟଜନ୍ତୁ ସୁରକ୍ଷା ପ୍ରୟାସକୁ ସ୍ୱୀକୃତି ଦେବା ସହ ଖୋର୍ଦ୍ଧା ଉପଖଣ୍ଡ ପାଇଁ ଗୌରବ ଆଣିଛି।




ଦେବାଶିଷ ମହାନ୍ତି ଖୋର୍ଦ୍ଧାର କେତେକ ଯୁବକଙ୍କୁ ସାଥୀ କରି ବନ୍ୟଜନ୍ତୁ ଓ ପକ୍ଷୀଙ୍କ ସୁରକ୍ଷା, ସେମାନଙ୍କ ପାଇଁ ଖାଦ୍ୟ ଓ ପାଣିର ବ୍ୟବସ୍ଥା କରିବା ସହ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିଆସୁଛନ୍ତି। ଜଙ୍ଗଲ ବିଭାଗ ସହ ସମନ୍ୱୟ ରକ୍ଷା କରି କଲେଜସ୍ତରରେ ପ୍ରକୃତି ସଂରକ୍ଷଣ ଓ ପରିବେଶର ସନ୍ତୁଳନ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ମଧ୍ୟ ସେ ଉଦ୍ୟମ ଜାରି ରଖିଛନ୍ତି। ତାଙ୍କର ଏହି ପ୍ରୟାସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମଣିଷ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ସହାବସ୍ଥାନ ସୁନିଶ୍ଚିତ କରିବା ସହ ଜୈବ ବିବିଧତାର ସୁରକ୍ଷା।

କେବଳ ବନ୍ୟପ୍ରାଣୀ ସଂରକ୍ଷଣ ନୁହେଁ, ସାମାଜିକ ସେବା କ୍ଷେତ୍ରରେ ମଧ୍ୟ ଦେବାଶିଷଙ୍କ ଅବଦାନ ରହିଛି। ବିନା ସରକାରୀ ସହାୟତାରେ ସେ ବୃଦ୍ଧବୃଦ୍ଧାଙ୍କୁ ଉଦ୍ଧାର ଓ ସହାୟତା, ମହିଳା ଓ ଝିଅମାନଙ୍କ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ଏବଂ ଗରିବ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ସହଯୋଗ କରିଆସୁଛନ୍ତି। ଏଥିସହ ଓଡ଼ିଶାର କଳା ଓ ସଂସ୍କୃତିର ସୁରକ୍ଷା ଦିଗରେ ମଧ୍ୟ ସେ କାର୍ଯ୍ୟ କରୁଛନ୍ତି।

## ନ୍ୟାସନାଲ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଲେ ଶୁଭସ୍ମିତା

ଛତ୍ରପୁର,୧୦।୧୦ (ସଂଚାର ବ୍ୟୁରୋ): ନିଜର ଅନନ୍ୟ କଳାପ୍ରତିଭା ଏବଂ ସୃଜନଶୀଳତା ବଳରେ ଗଞ୍ଜାମ ଜିଲ୍ଲାର ଗୌରବ ବଢ଼ାଇଛନ୍ତି ଛତ୍ରପୁର ଅଞ୍ଚଳର ବେଶ୍ ପରିଚିତ ଚିତ୍ରଶିଳ୍ପୀ ତଥା ଯୁବ ଲେଖିକା ଶୁଭସ୍ମିତା ପଣ୍ଡା। ମାତ୍ର ୪୫ ମିନିଟ୍‌ରେ ମହମରେ ପ୍ରଭୁ ଜଗନ୍ନାଥଙ୍କ ଏକ ସୁନ୍ଦର ପ୍ରତିକୃତି ନିର୍ମାଣ କରି ସେ ସୁନାମଧନ୍ୟ ନ୍ୟାସନାଲ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ହାସଲ କରିଛନ୍ତି। ତାଙ୍କର ଏହି ଅସାଧାରଣ ସଫଳତା ସମଗ୍ର ଗଞ୍ଜାମ ଜିଲ୍ଲା ପାଇଁ ଏକ ଗର୍ବ ଓ ଗୌରବର ବିଷୟ ପାଲଟିଛି।



ଗତ ରଥଯାତ୍ରା ଅବସରରେ ମାତ୍ର ୪୫ ମିନିଟ୍‌ରେ ମହମ ଦ୍ୱାରା ୧୫ ଇଞ୍ଚ ଉଚ୍ଚତାର ପ୍ରଭୁ ଜଗନ୍ନାଥଙ୍କ ପ୍ରତିକୃତି ନିର୍ମାଣ କରି ସେ ଏହି ସଫଳତା ହାସଲ କରିଛନ୍ତି। ଶୁଭସ୍ମିତା ବ୍ରହ୍ମପୁର ସ୍ଥିତ ପାରଳା ମହାରାଜା ଇଞ୍ଜିନିୟରିଂ କଲେଜର ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗର ଶେଷ ବର୍ଷର ମେଧାବୀ ଛାତ୍ରୀ ଅଟନ୍ତି। ପାଠପଢ଼ା ସହିତ ସେ ଚିତ୍ରକଳା ପାଇଁ ଜାତୀୟ ସ୍ତରରେ ୩ଟି ଏବଂ ଆନ୍ତର୍ଜାତୀୟ ସ୍ତରରେ ୧ଟି ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ଏହାସହ ସେ ତିନୋଟି ଇଂରାଜୀ ପୁସ୍ତକର ମଧ୍ୟ ଲେଖିକା।

ଚଳଚ୍ଚଞ୍ଚଳ ପ୍ରତିଭାର ଅଧିକାରିଣୀ ଶୁଭସ୍ମିତା ପୂର୍ବରୁ ମଧ୍ୟ ନିଜ ସାହିତ୍ୟିକ କୃତି ପାଇଁ ଚର୍ଚ୍ଚାକୁ ଆସିଥିଲେ। ସେ ମାତ୍ର ୧୧ ସପ୍ତାହ ମଧ୍ୟରେ ଦୁଇଟି ଇଂରାଜୀ ପୁସ୍ତକ ପ୍ରକାଶ କରି ୨୦୨୫ ମସିହାରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ରେ ସ୍ଥାନ ହାସଲ କରିଥିଲେ। ପ୍ରଭୁ ଜଗନ୍ନାଥଙ୍କ ପ୍ରତି ଗଭୀର ଭକ୍ତି ଓ କଳା ପ୍ରତି ଅହେତୁକ ଭଲପାଇବାରୁ ସେ ଏହି ନିଆରା କାର୍ଯ୍ୟ କରିପାରିଛନ୍ତି ବୋଲି ପ୍ରକାଶ କରିଛନ୍ତି। ଶୁଭସ୍ମିତାଙ୍କ ପିତା ସୁରେନ୍ଦ୍ର କୁମାର ପଣ୍ଡା ଜଣେ ଆଇନଜୀବୀ ଏବଂ ମାତା ମମତା ରାଣୀ ପଣ୍ଡା ଜଣେ ଗୃହିଣୀ ଅଟନ୍ତି। ପରିବାରର ନିରନ୍ତର ସମର୍ଥନ ଏବଂ ପ୍ରେରଣା ତାଙ୍କୁ ଏହି ସଫଳତା ହାସଲ କରିବାରେ ବଡ଼ ଭୂମିକା ଗ୍ରହଣ କରିଛି।

## ମାଲକାନଗିରି ବଙ୍ଗାଳୀ ସମାଜ ତରଫରୁ ରକ୍ତଦାନ ଶିବିର

ମାଲକାନଗିରି,୧୦।୧୦ (ସଂଚାର ବ୍ୟୁରୋ): ଆଜି ପବିତ୍ର ମହାଳୟା ଅମାବାସ୍ୟା ଅବସରରେ ମାଲକାନଗିରି ବଙ୍ଗାଳୀ ସମାଜ ତରଫରୁ କାଲିମେଲା ବ୍ଲକ ଅନ୍ତର୍ଗତ ଗୋମ୍ପାକୋଣ୍ଡା ଗ୍ରାମ ପଞ୍ଚାୟତର ଏମ୍. ଭି. ୬୬ ଗ୍ରାମରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ମାଲକାନଗିରି ଜିଲ୍ଲା ରକ୍ତଭଣ୍ଡାର ରୁ ସ୍ୱତନ୍ତ୍ର ଟେକ୍ନିସିଆନ ସୁଜଳ ରାୟଙ୍କ ସହ ଅନ୍ୟାନ୍ୟ କର୍ମଚାରୀ ମାନେ ଆସି ସ୍ୱେଚ୍ଛାସେବୀ ମାନଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ। ପ୍ରଥମେ ଦୀପଙ୍କର ବିଶ୍ୱାସ ନାମକ ଜଣେ ଯୁବକ ରକ୍ତଦାନ କରିଥିଲେ ଓ ପରେ ଅନ୍ୟାନ୍ୟ ଯୁବକ ମାନେ ଆଗେଇ ଆସିଥିଲେ। ଏହି ରକ୍ତଦାନ ଶିବିରକୁ ମାଲକାନଗିରି ବଙ୍ଗାଳୀ ସମାଜର ସଭାପତି ଗୌରାଙ୍ଗ କର୍ମକାର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମାଲକାନଗିରି ବଙ୍ଗାଳୀ ସମାଜର ଭେଜାଙ୍ଗିୱାଡା ଜୋନ ତରଫରୁ ଆୟୋଜନ କରାଯାଇଥିବା ବେଳେ ଏଥିରେ ୨୦ ୟୁନିଟରୁ ଉର୍ଦ୍ଧ୍ୱ ରକ୍ତ ସଂଗ୍ରହ କରାଯାଇଥିଲା ।



## ବୋରିଗୁମ୍ମା ପୁଲିସ ପକ୍ଷରୁ 'ଜୁଭେନଟିକା ଆଉଟରିଚ' କାର୍ଯ୍ୟକ୍ରମ




ବୋରିଗୁମ୍ମା,୧୦।୧୦ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ପକ୍ଷରୁ ଯୁବପିଢ଼ିଙ୍କୁ ସଚେତନ ଓ ସଶକ୍ତ କରିବା ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

କାର୍ଯ୍ୟକ୍ରମରେ ବୋରିଗୁମ୍ମା ସଦର ଥାନା ଆଇଆଇସି ରାମାନନ୍ଦ ସାହୁ, ଏଏସଆଇ ପ୍ରଶାନ୍ତ କୁମାର ପ୍ରଧାନ, ବେଦବର ସାହୁ, ବସନ୍ତ କୁମାର ନାଗ, ଓ ମହିଳା ଏଏସଆଇ ଉଷା ହରିଜନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଇନ ସଚେତନତା, ସାଇବର ସୁରକ୍ଷା ଓ ସମାଜ ପ୍ରତି ଦାୟିତ୍ୱବୋଧ ସୃଷ୍ଟି କରିବା ଏବଂ ବାଲ୍ୟବିବାହାକୁ ରୋକିବା ଦିଗରେ ଏହି କାର୍ଯ୍ୟକ୍ରମରେ ଜୋର ଦିଆଯାଇଥିଲା । ବୋରିଗୁମ୍ମା ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ୩ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପୋଲିସ ଅଧିକାରୀମାନେ ଯୁବପିଢ଼ିଙ୍କୁ ନିଶା ସେବନର କୁପ୍ରଭାବ, ସାଇବର ଠକେଇ, ଟ୍ରାଫିକ ନିୟମ ଓ ସାମାଜିକ ଦାୟିତ୍ୱ ବିଷୟରେ ସଚେତନ କରାଇଥିଲେ। ଏହା ସହ ଯୁବମାନେ କିପରି ନିଜ ଶକ୍ତିକୁ ସକାରତ୍ମକ କାମରେ ଲଗାଇ ସୁସ୍ଥ ସମାଜ ଗଠନରେ ଭୂମିକା ନେଇପାରିବେ ସେନେଇ ମଧ୍ୟ ଥାନା ଅଧିକାରୀ ଶ୍ରୀ ସାହୁ ପରାମର୍ଶ ଦେଇଥିଲେ।

### ମାନସିକ ରୋଗର ଚିକିତ୍ସା ନିମନ୍ତେ ସମ୍ ହସ୍ପିଟାଲ କ୍ୟାମ୍ପସ୍-୨ରେ

## ଡିଜିଟାଲ୍ ବାୟୋଫିଡ୍‌ବ୍ୟାକ୍ ଥେରାପିର ଶୁଭାରମ୍ଭ

ଭୁବନେଶ୍ୱର,୧୦।୧୦ (ସଂଚାର ବ୍ୟୁରୋ): ମାନସିକ ସ୍ୱାସ୍ଥ୍ୟ ସେବାକୁ ଅଧିକ ଉନ୍ନତ ଓ ରୋଗୀ କୈନ୍ଦ୍ରିକ କରିବା ଦିଗରେ ଏକ ନୂଆ ପଦକ୍ଷେପ ସ୍ୱରୂପ ଫୁଲନଖରା ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ କ୍ୟାମ୍ପସ -୨ର ମାନସିକ ରୋଗ ବିଭାଗରେ ଡିଜିଟାଲ୍ ବାୟୋଫିଡ୍‌ବ୍ୟାକ୍ ଥେରାପିର ଶୁଭାରମ୍ଭ କରାଯାଇଛି।



ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପରିପ୍ରେକ୍ଷୀରେ ଶନିବାର ହସ୍ପିଟାଲ୍ ପକ୍ଷରୁ ଏହି ନୂତନ ଚିକିତ୍ସା ପଦ୍ଧତି ସମ୍ପର୍କରେ ସୂଚନା ଦିଆଯାଇଛି। ଏହି ପଦକ୍ଷେପ ମାଧ୍ୟମରେ ପ୍ରମାଣଭିତ୍ତିକ ଓ ପ୍ରଯୁକ୍ତିବିଦ୍ୟା ସହାୟକ ମାନସିକ ସ୍ୱାସ୍ଥ୍ୟ ସେବାକୁ ଆହୁରି ସୁଦୃଢ଼ କରିବା ସହ ରୋଗୀଙ୍କ ପାଇଁ ଚିକିତ୍ସାର ଅଧିକ ବିକଳ୍ପ ଉପଲବ୍ଧ କରାଇବା ଲକ୍ଷ୍ୟ ରଖାଯାଇଛି। ଡିଜିଟାଲ୍ ବାୟୋଫିଡ୍‌ବ୍ୟାକ୍ ଥେରାପି ଏକ ଅଣ-ଶଲ୍ୟ ଚିକିତ୍ସା ପଦ୍ଧତି। ଏହା ମାଧ୍ୟମରେ ବ୍ୟକ୍ତି ନିଜ ଶରୀରର କିଛି ଶାରୀରିକ ପ୍ରତିକ୍ରିୟାକୁ ବୁଝିବା ସହ ସେଗୁଡ଼ିକୁ ନିୟନ୍ତ୍ରଣ କରିବା ଶିଖିପାରନ୍ତି। ଏହି ଥେରାପି ଉଦ୍‌ବେଗ, ଆତଙ୍କଜନିତ ଲକ୍ଷଣ ଓ ଦୈନନ୍ଦିନ ଚାପକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ। ଏହା ବ୍ୟତୀତ ଟେନ୍‌ସନ୍‌ଜନିତ ମୁଣ୍ଡବିନ୍ଧା, ମାଇଗ୍ରେନ୍, ରକ୍ତଚାପ ନିୟନ୍ତ୍ରଣ, ମାଂସପେଶୀର ପୁନର୍ବାସ ଏବଂ କୋଷ୍ଠକାଠିନ୍ୟ ଓ ଇରିଟେବଲ୍ ବାଓ୍ୱେଲ୍ ସିଣ୍ଡ୍ରୋମ୍ (ଆଇବିଏସ୍) ଭଳି କେତେକ ରୋଗରେ ମଧ୍ୟ ଏହା ସହାୟକ ଚିକିତ୍ସା ଭାବେ ବ୍ୟବହୃତ ହୋଇଥାଏ ବୋଲି ହସ୍ପିଟାଲର ମାନସିକ ରୋଗ ବିଭାଗର ସହଯୋଗୀ ପ୍ରଫେସର ଡାକ୍ତର ଲଗ୍ନଜିତ୍ ଦାଶ କହିଛନ୍ତି। ଏହି ଚିକିତ୍ସା ପଦ୍ଧତିରେ ରୋଗୀଙ୍କ ଚର୍ମରେ ଇଲେକ୍ଟ୍ରୋଡ୍ ବା ସେନ୍‌ସର ଲଗାଯାଇ ହୃଦ୍‌ସ୍ପନ୍ଦନ, ମାଂସପେଶୀର ଟାଣ ଓ ଅନ୍ୟାନ୍ୟ ଶାରୀରିକ ପ୍ରତିକ୍ରିୟା ସମ୍ପର୍କିତ ସଙ୍କେତ ରେକର୍ଡ କରାଯାଏ। ଏହି ସଙ୍କେତଗୁଡ଼ିକୁ ଏକ ମନିଟରରେ ଗ୍ରାଫ୍, ଶବ୍ଦ କିମ୍ବା ଅନ୍ୟାନ୍ୟ ସଙ୍କେତ ମାଧ୍ୟମରେ ପ୍ରଦର୍ଶିତ କରାଯାଏ। ଫଳରେ ରୋଗୀ ନିଜ ଶରୀରର ପ୍ରତିକ୍ରିୟାକୁ ତତ୍‌କ୍ଷଣାତ୍ ଜାଣିପାରନ୍ତି।

"ଏହି ଥେରାପିର ପ୍ରଚଳନ ନବସୃଜନ ଦିଗରେ ଏକ ଛୋଟ ପଦକ୍ଷେପ ହୋଇପାରେ, କିନ୍ତୁ ରୋଗୀଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇବା ଦିଗରେ ଏହାର ଗୁରୁତ୍ୱ ରହିଛି, " ବୋଲି ଡାକ୍ତର ଦାଶ କହିଛନ୍ତି।

## କଲେଜ ନିର୍ବାଚନ ବିବାଦକୁ ନେଇ ବିଜେଡିର ଧାରଣା

ମାଲକାନଗିରି,୧୦।୧୦ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା ଗୋବିନ୍ଦପାଲ୍ଲୀ ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ଉପୁଜିଥିବା ବିବାଦ ଏବେ ତୀବ୍ର ରୂପ ନେଇଛି। ନିର୍ବାଚନ ପ୍ରକ୍ରିୟାରେ ପାତରଅନ୍ତର ଓ ଜଣେ ଆଶାୟୀ ପ୍ରାର୍ଥୀଙ୍କ ନାମ କଟାଯିବା ଓ ବିଳମ୍ବରେ ଲିଷ୍ଟ ବାହାର କରିବା ଅଭିଯୋଗକୁ ନେଇ ବିଜେଡି ପକ୍ଷରୁ ଗୋବିନ୍ଦପାଲ୍ଲୀ ରାଜରାସ୍ତାରେ ଧାରଣା ଦିଆଯାଇଛି। ଏହି ଧାରଣାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ, ବିଜେଡି ଜିଲ୍ଲା ଯୁବ ସଭାପତିଙ୍କ ସମେତ ବିଜେଡି ସମର୍ଥିତ ବିଭିନ୍ନ ଜିଲ୍ଲା ପରିଷଦ ସଭ୍ୟ ଉପସ୍ଥିତ ରହି ପ୍ରତିବାଦ କରିଛନ୍ତି। ଧାରଣା ଯୋଗୁ ୩୨୬ ନମ୍ବର ଜାତୀୟ ରାଜପଥ ମଧ୍ୟରେ ଯାତାୟାତ ଠପ୍ ହୋଇପଡିଛି। ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିବାରୁ ଯାତ୍ରୀମାନେ ଅସୁବିଧାରେ ପଡ଼ିଛନ୍ତି।



ସୂଚନା ଅନୁଯାୟୀ, ଗୋବିନ୍ଦପାଲ୍ଲୀସ୍ଥିତ ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜରେ ଛାତ୍ର ସଂସଦ ନିର୍ବାଚନ ପାଇଁ ନାମାଙ୍କନ ଓ ଯାଞ୍ଚ ପ୍ରକ୍ରିୟା ସମୟରେ ଜଣେ ଆଶାୟୀ ପ୍ରାର୍ଥୀଙ୍କ ନାମ କାଟି ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଉକ୍ତ ପ୍ରାର୍ଥୀଙ୍କ ଉପସ୍ଥାନ ୭୫ ପ୍ରତିଶତରୁ କମ୍ ଥିବା ଦର୍ଶାଯାଇଥିବା ବେଳେ ଅନଲାଇନ୍ ରେକର୍ଡରେ ଅଧିକ ଉପସ୍ଥାନ ଥିବା ପ୍ରାର୍ଥୀଙ୍କ ପକ୍ଷରୁ ଦାବି କରାଯାଇଛି।

ଏହି ଘଟଣାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିବା ବେଳେ ଏବେ ରାଜନୈତିକ ମହଲରେ ମଧ୍ୟ ଉଷ୍ମତା ବୃଦ୍ଧି ପାଇଛି।

ସମ୍ବଲପୁର ଜିଲ୍ଲାରେ ଶିଳ୍ପାନୁଷ୍ଠାନର ସିଏସଆର୍ ଓ ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟକ୍ରମ ସମୀକ୍ଷା

# ଆଲୋକୀକରଣ ସହ ପ୍ରଦୂଷଣ ନିୟନ୍ତ୍ରଣକୁ ସାଂସଦଙ୍କ ଗୁରୁତ୍ୱ



**କଳକାରଖାନା ଓ ଖଣି ପ୍ରତିଷ୍ଠା ସହ ପରିବେଶ ସୁରକ୍ଷାକୁ ପ୍ରାଥମିକତା**

ସମ୍ବଲପୁର,୧୦।୧୦(ସଂଚାର ବ୍ୟୁରୋ): ସମ୍ବଲପୁର ଜିଲ୍ଲାରେ ବିଭିନ୍ନ ଶିଳ୍ପାନୁଷ୍ଠାନ ଓ ଖଣିଗୁଡ଼ିକର କାର୍ଯ୍ୟକାରିତା ଓ ସେମାନଙ୍କର ଇଣ୍ଡଷ୍ଟ୍ରିଆଲ୍ ଓ ମାଇନିଂ ଆକ୍ଟିଭିଟିକୁ ନେଇ ଆଜି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବିଭିନ୍ନ କମ୍ପାନୀ ପକ୍ଷରୁ ସେମାନଙ୍କର ବାର୍ଷିକ ସିଏସଆର୍ ପାଣ୍ଠିର ହିସାବ ଓ ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରାଯାଇଥିଲା। କମ୍ପାନୀଗୁଡ଼ିକ ଅଧିକ ଲୋକାଭିମୁଖୀ ହୋଇ ସ୍ଥାନୀୟ ଗ୍ରାମବାସୀଙ୍କ ସାଙ୍ଗରେ ମିଶି ଓ ସେମାନଙ୍କ ଆଶା-ଆକାଂକ୍ଷାକୁ ଧ୍ୟାନରେ ରଖି ଜିଲ୍ଲା ପ୍ରଶାସନର ଅନୁମତି କ୍ରମେ ସମସ୍ତ ବିକାଶମୂଳକ କାମ କରିବାକୁ ପରାମର୍ଶ ଦିଆଯାଇଛି। ବିଶେଷକରି ଏହି ଅଞ୍ଚଳରେ ରୋଜଗାର ସୃଜନ, ମହିଳାଙ୍କ ପାଇଁ କର୍ମସଂସ୍ଥାନ, ଗୁଣାତ୍ମକ ଶିକ୍ଷା ପାଇଁ ଏମ୍ପ୍ଲୟବିଲିଟି ଓ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ଏହି ଅବସରରେ ରାଜ୍ୟ ରାଜପଥ-୧୦ ଉପରେ ବୃଦ୍ଧି ପାଉଥିବା ଭାରୀ ଯାନବାହନ ଓ ବିଭିନ୍ନ ପାୱାର ପ୍ଲାଣ୍ଟର ଲୋଡ୍ ଓ ପରିବହନ ବ୍ୟବସ୍ଥା ନେଇ ସବିଶେଷ ଆଲୋଚନା ହୋଇଥିଲା। ଆର୍ଯ୍ୟନ୍, ଶ୍ୟାମ ମେଟାଲିକ୍ସ, ଆଦିତ୍ୟ ଆଲୁମିନିୟମ, ଜେଏସ୍ଡବ୍ଲ୍ୟୁ ତଥା ନେଇଭାଲି କୋଲିଇରି ସମେତ ବେଦାନ୍ତ, ଭଲ୍ଲ ଭାରତ ଓ ଓପିଜିସିର ପାୱାର ପ୍ଲାଣ୍ଟଗୁଡ଼ିକର ପରିବହନ ଚାପ ଏହି ରାସ୍ତା ଉପରେ ପଡୁଥିବାରୁ ଏହାର ଏକ ଦୂରଦର୍ଶୀ ଯୋଜନା ଉପରେ ଗୁରୁତ୍ୱ ଦିଆଯାଇଛି। ଏହା ଏକ ପବ୍ଲିକ୍ ରୋଡ୍ ହୋଇଥିବାରୁ ଇଣ୍ଡଷ୍ଟ୍ରିଗୁଡ଼ିକ ନିଜସ୍ୱ ପାର୍କିଂ ବ୍ୟବସ୍ଥା କରନ୍ତୁ ବୋଲି ସାଂସଦ ପରାମର୍ଶ ଦେଇଛନ୍ତି। ଏହା ଫଳରେ ଗାଡ଼ିଗୁଡ଼ିକର ଧୂଳି ଓ ଅସୁବିଧାରୁ ସାଧାରଣ ଲୋକେ ମୁକ୍ତି ପାଇପାରିବେ। ରେଙ୍ଗାଲି ବ୍ଲକର ନୂଆ ବସ୍ତ୍ରାଣ୍ଡରୁ ଖେତୁୱାଲ ବ୍ରିଜ୍ ପର୍ଯ୍ୟନ୍ତ ୧୫ କିମି ନିର୍ଦ୍ଦିଷ୍ଟ ଅଞ୍ଚଳରେ ଆଲୋକୀକରଣ ବ୍ୟବସ୍ଥା ନ ଥିବାରୁ ସେଠାରେ ଆଲୋକ ବ୍ୟବସ୍ଥା କରିବା, ରାସ୍ତାକୁ ଠିକରେ ପାଣି ପକାଇ ମେଣ୍ଟେନ୍ କରିବା ଓ ପିଡବ୍ଲ୍ୟୁଡି ତଥା ଏନ୍ଏଚ୍ଆଇ ସହ ଆଲୋଚନା କରି ରାସ୍ତାକୁ ଆବଶ୍ୟକତା ଅନୁଯାୟୀ ଅଧିକ ଚଉଡ଼ା କରାଯିବ। ସେହିପରି ରାଜ୍ୟ ରାଜପଥ ଉପରେ ୧୫ କିମି ରାସ୍ତାର ଉନ୍ନତିକରଣ ପାଇଁ ସମ୍ପୃକ୍ତ କମ୍ପାନୀଗୁଡ଼ିକ ରାଜ୍ୟ ସରକାର ଓ ପିଡବ୍ଲ୍ୟୁଡି ବିଭାଗ ସହ ଆଲୋଚନା କରି ଏକ ବିଶେଷ ଅନୁଦାନ ଓ ଦାୟିତ୍ୱ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି। ବୈଠକରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ।

● ମା' ସମଲେଶ୍ୱରୀଙ୍କ ଦର୍ଶନ କଲେ ରାଜ୍ୟପାଳ

## ହୀରାକୁଦ ଡ୍ୟାମ୍ ମଧ୍ୟ ପରିଦର୍ଶନ କଲେ



ସମ୍ବଲପୁର,୧୦।୧୦(ସଂଚାର ବ୍ୟୁରୋ): ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଓ ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ଶନିବାର ମହାଳୟା ଅବସରରେ ସମ୍ବଲପୁରସ୍ଥିତ ମା' ସମଲେଶ୍ୱରୀ ମନ୍ଦିର ପରିଦର୍ଶନ କରି ମା'ଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରି ରାଜ୍ୟର ଜନସାଧାରଣଙ୍କ ସମୃଦ୍ଧି, ସୁଖ ଓ ମଙ୍ଗଳ କାମନା କରିଛନ୍ତି। ମହାଳୟା ଅବସରରେ ମା' ସମଲେଶ୍ୱରୀଙ୍କୁ ପବିତ୍ର ଧବଳମୁଖୀ ବେଶରେ ସୁସଜ୍ଜିତ କରାଯାଇଥାଏ। ଏହି ବିଶେଷ ବେଶରେ ମା'ଙ୍କ ଦର୍ଶନ ପାଇଁ ମନ୍ଦିରକୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ପଶ୍ଚିମ ଓଡ଼ିଶାର ପ୍ରମୁଖ ଆଧ୍ୟାତ୍ମିକ ପୀଠ ଭାବେ ପରିଚିତ ଏହି ମନ୍ଦିରରେ ମହାଳୟା ଅବସରରେ ବିଶେଷ ଧାର୍ମିକ ଉତ୍ସାହ ପରିଲକ୍ଷିତ ହୋଇଥାଏ। ଏହା ପୂର୍ବରୁ ରାଜ୍ୟପାଳ ହୀରାକୁଦ ଡ୍ୟାମ୍ ମଧ୍ୟ ପରିଦର୍ଶନ କରି ମହାନଦୀ ଉପରେ ନିର୍ମିତ ଏହି ବିଶାଳ ଜଳବନ୍ଧ ଓ ଏହାର ବିସ୍ତୃତ ଜଳଭଣ୍ଡାରକୁ ପରିଦର୍ଶନ କରିଥିଲେ।

● ବିଦ୍ୟାଳୟରେ ଅବ୍ୟବସ୍ଥାଃ ଚରମ ସୀମାରେ ଅସନ୍ତୋଷ

## ରାଜରାସ୍ତାକୁ ଓହ୍ଲାଇଲେ ଛାତ୍ରଛାତ୍ରୀ



**ଧାରଣା ଦେବାରୁ ଯାନବାହନ ଚଳାଚଳ ଠପ୍**

ବାରିପଦା,୧୦।୧୦(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ଅବ୍ୟବସ୍ଥାକୁ ନେଇ ଆଜି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜାରି ରହିଥିବା ଅସନ୍ତୋଷ ଆଜି ଚରମ ସୀମାରେ ପହଞ୍ଚିଛି। ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଶେଷରେ ବିଦ୍ୟାଳୟ ପ୍ରାୟ ୫୦୦ ଛାତ୍ରଛାତ୍ରୀ ହାତରେ ପ୍ଲାକାର୍ଡ ଧରି ରାଜରାସ୍ତାକୁ ଓହ୍ଲାଇଛନ୍ତି। ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ଛାତ୍ରଛାତ୍ରୀମାନେ ଶ୍ୟାମସୁନ୍ଦରପୁରରୁ ବାଙ୍ଗିରିପୋଷି ବ୍ଲକ କାର୍ଯ୍ୟାଳୟ ଅଭିମୁଖେ ପ୍ରାୟ ୧୦ କିମି ରାସ୍ତା ପାଦରେ ଚାଲି ଚାଲି ଯାଇଥିଲେ। ଜିଲ୍ଲାପାଳଙ୍କ ନିକଟରେ ସେମାନଙ୍କ ଦାବି ଉପସ୍ଥାପନ କରିବା ପାଇଁ ଆବଶ୍ୟକ ସ୍ଥଳେ ସେମାନେ ୫୦ କିମି ରାସ୍ତା ବି ପାଦରେ ଚାଲି ଚାଲି ଯାତ୍ରା କରିବେ ବୋଲି ଛାତ୍ରଛାତ୍ରୀମାନେ କହିଛନ୍ତି। ତେବେ ଛାତ୍ରଛାତ୍ରୀଙ୍କ ପଦଯାତ୍ରା ବାଙ୍ଗିରିପୋଷି ନିକଟରେ ପହଞ୍ଚିବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଛାତ୍ରଛାତ୍ରୀମାନେ ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି-କୋଲକାତା ଛକ ନିକଟରେ ରାସ୍ତା ଅବରୋଧ କରି ଧାରଣାରେ ବସିଥିଲେ। ଏହି ରାସ୍ତାରୋକ ଯୋଗୁଁ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ଗାଡ଼ିମଟର ଅଟକି ରହିବା ଫଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ଛାତ୍ରୀଛାତ୍ରଙ୍କ ଏଭଳି ପ୍ରତିବାଦ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ମୁଖ୍ୟ କାରଣ ହୋଇଛି। ଏନେଇ ଖବର ପାଇ ସ୍ଥାନୀୟ ପୁଲିସ ଓ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିବାକୁ ଉଦ୍ୟମ ଚଳାଇଛନ୍ତି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏହି ଉଦ୍ୟମ ଫଳବତୀ ହୋଇନାହିଁ ଓ ଛାତ୍ରଛାତ୍ରୀମାନେ ନିଜ ଦାବିରେ ଅଟଳ ରହିଛନ୍ତି।

ଛାତ୍ର ସଂସଦ ନିର୍ବାଚନ

## ୩୪୭ ମହାବିଦ୍ୟାଳୟରେ ୬୩୬୨ ପ୍ରାର୍ଥୀ, ୧୩ ବିଶ୍ୱବିଦ୍ୟାଳୟରେ ୨୮୭ ପ୍ରାର୍ଥୀ



ଭୁବନେଶ୍ୱର, ୧୦।୧୦ (ସଂଚାର ବ୍ୟୁରୋ): ଦୀର୍ଘ ୮ବର୍ଷ ପରେ ରାଜ୍ୟରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେଉଛି ଛାତ୍ର ସଂସଦ ନିର୍ବାଚନ। ଏହି ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି ମୋଟ ୬୩୬୨ ଜଣ ପ୍ରାର୍ଥୀ। ସେହିପରି ବିଶ୍ୱବିଦ୍ୟାଳୟ ସ୍ତରରେ ୨୮୭ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରାର୍ଥୀଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ପରେ ଏହା ସ୍ପଷ୍ଟ ହୋଇଛି।

ଏହି ତାଲିକା ଅନୁସାରେ, ରାଜ୍ୟରେ ମୋଟ ୩୪୭ଟି ମହାବିଦ୍ୟାଳୟରେ ନିର୍ବାଚନ ଅନୁଷ୍ଠିତ ହେଉଛି। ଏହି ମହାବିଦ୍ୟାଳୟଗୁଡ଼ିକରେ ୮୩୭୦ ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଥିଲେ। ତେବେ ସେମାନଙ୍କ ମଧ୍ୟରୁ ୧୧୯୬ ଜଣ ପ୍ରାର୍ଥୀଙ୍କ ନାମାଙ୍କନ ନାକଚ ହୋଇଥିଲା। ୭୧୭୪ଟି ପ୍ରାର୍ଥିପତ୍ର କାଏମ ରହିଥିଲା। ଏହାଛଡ଼ା ୪୦୫ ପ୍ରାର୍ଥୀ ସେମାନଙ୍କ ନାମଙ୍କନପତ୍ର ପ୍ରତ୍ୟାହର କରିଥିଲେ। ଫଳରେ ୬୩୬୨ ଜଣ ପ୍ରାର୍ଥୀ ନିର୍ବାଚନରେ ଲଢ଼େଇ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ଏହି ପ୍ରାର୍ଥମାନେ ଛାତ୍ର ସଂସଦ ନିର୍ବାଚନରେ ବିଭିନ୍ନ ପଦବୀ ପାଇଁ ଲଢ଼େଇ କରିବେ।

ଅନ୍ୟପକ୍ଷରେ ରାଜ୍ୟରେ ୧୩ଟି ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ଏଥିରେ ମୋଟ ୪୨୯ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। ସେମାନଙ୍କ ମଧ୍ୟରୁ ୪୯ ଜଣ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ନାକଚ ହୋଇଥିଲା। ୩୮୦ ପ୍ରାର୍ଥିପତ୍ର କାଏମ ରହିଥିବା ବେଳେ ୩୪ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ପ୍ରତ୍ୟାହାର କରିଥିଲେ। ଫଳତଃ ଏବେ ୨୮୭ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ରହିଛନ୍ତି। ପ୍ରାର୍ଥୀ ତାଲିକା ପ୍ରକାଶ ପରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ନିର୍ବାଚନୀ ପ୍ରତିଦ୍ୱନ୍ଦ୍ୱିତା ଆହୁରି ଜୋରଦାର ହେବ ବୋଲି ଆଶା କରାଯାଉଛି।

● ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

## ସୁନ୍ଦରଗଡ଼ ମୃତ୍ତିକା ସଂରକ୍ଷଣ ବିଭାଗ ଉପନିର୍ଦ୍ଦେଶକ ଗିରଫ

ସୁନ୍ଦରଗଡ଼ ,୧୦।୧୦(ସଂଚାର ବ୍ୟୁରୋ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଆଜି ଗିରଫ ହୋଇଛନ୍ତି ସୁନ୍ଦରଗଡ଼ ମୃତ୍ତିକା ସଂରକ୍ଷଣ ବିଭାଗର ଉପନିର୍ଦ୍ଦେଶକ ତଥା ୱାଟରସେଡ୍ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରସନ୍ନ କୁମାର ପାତ୍ର। ଗିରଫ ପରେ ତାଙ୍କୁ କୋର୍ଟ ଚାଲାଣ କରିଛି ଓଡ଼ିଶା ଭିଜିଲାନ୍ସ। ଭିଜିଲାନ୍ସ ଚଢ଼ାଉ ବେଳେ ଶ୍ରୀ ପାତ୍ରଙ୍କ ନାମରେ ଭୁବନେଶ୍ୱରରେ ୪ଟି ବହୁତଳ କୋଠା ଓ ଗୋଟିଏ ଫ୍ଲାଟ୍ , ୭ଟି ମୂଲ୍ୟବାନ ପ୍ଲଟ୍ ରହିଥିବା ବେଳେ ତାଙ୍କ ଘରୁ ୨୧୨ ଗ୍ରାମ ଓଜନର ସୁନା, ୧ କୋଟି ୪୬ ଲକ୍ଷ ଟଙ୍କାର ଜମା ଓ ୧ ଲକ୍ଷ ୨୯ ହଜାର ଟଙ୍କା ନଗଦ ଠାବ ହୋଇଛି। ଏହି ସମ୍ପତ୍ତିର ଉତ୍ସ ସମ୍ପର୍କରେ ସେ କୌଣସି ସନ୍ତୋଷଜନକ ହିସାବ ଦେଇପାରି ନ ଥିବାରୁ ତାଙ୍କୁ ଗିରଫ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଏହି ଘଟଣାରେ ରାଉରକେଲା ଭିଜିଲାନ୍ସ ଥାନାରେ ୧୩/୨୦୨୬ ନମ୍ବରରେ ଏକ ମାମଲା ରୁଜୁ ହୋଇଥିବା ଅଧିକ ତଦନ୍ତ ଜାରି ରହିଛି।

● ରାଜଧାନୀରେ ମାଟି ମାଫିଆଙ୍କ ଆତଙ୍କ

## ଜମି ମାଲିକଙ୍କ ଘର ଉପରକୁ ବୋମାମାଡ଼



ଭୁବନେଶ୍ୱର,୧୦।୧୦(ସଂଚାର ବ୍ୟୁରୋ): ରାଜଧାନୀରେ ମାଟି ମାଫିଆଙ୍କ ଆତଙ୍କ। ଜମିରୁ ଜୋରଜବରଦସ୍ତି ମାଟି ଉଠାଣକୁ ବିରୋଧ କରିବାରୁ ଜମି ମାଲିକଙ୍କ ଘର ଉପରକୁ ବୋମାମାଡ଼। ଏଭଳି ଘଟଣା ଚନ୍ଦକା ଥାନା ଅନ୍ତର୍ଗତ ପାଇକରାପୁର ଅଞ୍ଚଳରେ ଘଟିଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ଆଜି ପାଇକରାପୁର ଅଞ୍ଚଳରେ ଜମିରୁ ଜୋରଜବରଦସ୍ତି ମାଟି ଉଠାଯାଉଥିବା ଅଭିଯୋଗ ହୋଇଛି। ଏହାକୁ ଜମି ମାଲିକ ବିରୋଧ କରିବାରୁ ତାଙ୍କୁ ଧମକ ଦିଆଯାଇଥିଲା। ଏହାପରେ ତାଙ୍କ ଘର ଉପରକୁ ଅତର୍କିତ ବୋମାମାଡ଼ ବି କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଜମି ମାଲିକ ରମଣି ରଞ୍ଜନ ପାଇକରାୟ ଚନ୍ଦକା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ ମଧ୍ୟ କରିଛି। ଅନ୍ୟପକ୍ଷରେ ଘଟଣାର ତଦନ୍ତ ପାଇଁ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ପହଞ୍ଚି ଛାନଭିନ୍ କରୁଛି।

## ବ୍ରାହ୍ମଣୀରେ ବୁଡ଼ି ନାବାଳକ ନିଖୋଜ

ଯାଜପୁର,୧୦।୧୦(ସଂଚାର ବ୍ୟୁରୋ): ବ୍ରାହ୍ମଣୀରେ ବୁଡ଼ି ଜଣେ ନାବାଳକ ନିଖୋଜ ହୋଇଯାଇଛନ୍ତି। ଗାଧୋଇବା ବେଳେ ବ୍ରାହ୍ମଣୀ ନଦୀରେ ବୁଡ଼ି ଉକ୍ତ ନାବାଳକ ଜଣଙ୍କ ନିଖୋଜ ହୋଇଛନ୍ତି। ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ ଅନ୍ତର୍ଗତ ବାରକଣା ଗାଁ ନିକଟ ନଦୀ ଛନ୍ଦାରେ ଘଟିଛି ଏହି ଅଘଟଣ। ନିଖୋଜ ନାବାଳକ ଜଣଙ୍କ ସ୍ଥାନୀୟ ବାରକଣା ଗାଁର ଅରୁଣ ସାହୁଙ୍କ ୧୨ ବର୍ଷର ପୁଅ ଅନୀଲ ସାହୁ ବୋଲି ଜଣାପଡ଼ିଛି। ଅନୀଲ ଆଜି ନିକଟସ୍ଥ ବ୍ରାହ୍ମଣୀ ନଦୀରେ ଗାଧୋଉଥିବା ସମୟରେ ହଠାତ୍ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ଅନୀଲଙ୍କୁ ଉଦ୍ଧାର କରିବା ସକାଶେ ଉଦ୍ୟମ କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ସର୍ଚ୍ଚ ଅପରେସନ ଜାରି ରଖିଥିଲେ ହେଁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଅନୀଲଙ୍କର କୌଣସି ସନ୍ଧାନ ମିଳିପାରିନାହିଁ।

## ବୁଡ଼ିଗଲେ ଦୁଇ ଭାଇ, ଜଣେ ମୃତ

ଯୋଡ଼ା,୧୦।୧୦(ସଂଚାର ବ୍ୟୁରୋ): ଗାଧୋଇବା ବେଳେ ବୁଡ଼ିଗଲେ ଦୁଇ ଭାଇ। କେନ୍ଦୁଝର ଝୁମ୍ପୁରା ଥାନା ତେଲି ଅର୍ଣ୍ଣଳା ଗାଁ ମୁସଲିମ ବସ୍ତିରେ ଘଟିଛି ଏହି ଅଘଟଣ। ମହମ୍ମଦ ମହିବୁର ରହେମନଙ୍କ ଦୁଇ ନାବାଳକ ପୁଅ ଓ ଗାଁର ଅନ୍ୟ ଜଣେ ନାବାଳକ ଆରଡେଇ ନଦୀକୁ ଗାଧୋଇବାକୁ ଯାଇଥିଲେ। ତେବେ ଅସାବଧାନତା କାରଣରୁ ୩ ଜଣଯାକ ନଦୀରେ ବୁଡ଼ିଯାଇଥିଲେ। ଖବର ପାଇ ଘଟଣାସ୍ଥଳରେ ଝୁମ୍ପୁରା ପୁଲିସ ସମେତ ଅଗ୍ନିଶମ ବାହିନୀ ଖୋଜାଖୋଜି କରିବା ପରେ ମହମ୍ମଦ ମହିବୁରଙ୍କ ସାନ ପୁଅଙ୍କ ମୃତଦେହ ଉଦ୍ଧାର କରିବା ସହ ପଡ଼ୋଶୀ ନାବାଳକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। କିନ୍ତୁ ତଲାସୀ ଅଭିଯାନ ଜାରି ରହିଥିଲେ ହେଁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ବଡ଼ ପୁଅ ଅହମ୍ମଦଙ୍କର କୌଣସି ପତ୍ତା ମିଳିପାରିନାହିଁ।

## ସାବିତ୍ରୀ ମହିଳା ମହାବିଦ୍ୟାଳୟର ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ଭଞ୍ଜନଗର,୧୦।୧୦(ସଂଚାର ବ୍ୟୁରୋ): ଛାତ୍ର ସଂସଦ ନିର୍ବାଚନରେ ଆଜି ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ଅପରାହ୍ଣ ୩ଟାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଗଞ୍ଜାମ ଜିଲ୍ଲା ଭଞ୍ଜନଗରସ୍ଥିତ ସାବିତ୍ରୀ ମହିଳା ମହାବିଦ୍ୟାଳୟର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଥିବା ବେଳେ ଏଠାରେ ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଅନ୍ୟପକ୍ଷରେ, ଭଞ୍ଜନଗରର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ (କେଏସ୍ୟୁବି)ରେ ୩୫ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସାବିତ୍ରୀ ମହିଳା ମହାବିଦ୍ୟାଳୟର ସଭାନେତ୍ରୀ ଭାବେ ଦୀପିକା ପ୍ରଧାନ, ଉପସଭାନେତ୍ରୀ ଭାବେ ସୁଶ୍ରିତା ପଣ୍ଡା, ସାଧାରଣ ସମ୍ପାଦିକା ଭାବେ ଅଙ୍କିତା ଗୌଡ଼, ସହସମ୍ପାଦିକା ଭାବେ ପ୍ରିୟଙ୍କା ପ୍ରିୟଦର୍ଶିନୀ ଷଡ଼ଙ୍ଗୀ, ସହକାରୀ ସାଂସ୍କୃତିକ ସମ୍ପାଦିକା ଭାବେ ଅଙ୍କିତା ଗୌଡ଼, କ୍ରୀଡ଼ା ସମ୍ପାଦିକା ଭାବେ ପୁଷ୍ପାଞ୍ଜଳି ସେଠୀ, ସହକ୍ରୀଡ଼ା ସମ୍ପାଦିକା ଭାବେ ସୁନୀତା ନାୟକ, ନାଟ୍ୟ ସଂସଦ ସମ୍ପାଦିକା ଭାବେ ନନ୍ଦିନୀ ନାୟକ ଓ ସହକାରୀ ନାଟ୍ୟ ସମ୍ପାଦିକା ଭାବେ ବିସ୍ମିତା ବିଶ୍ୱାଳ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ସଭାପତି ପଦବୀ ପାଇଁ ୩ ଜଣ, ଉପସଭାପତି ପଦବୀ ପାଇଁ ୩ ଜଣ, ସାଧାରଣ ସମ୍ପାଦକ ପଦବୀ ପାଇଁ ୪ ଜଣ ଏବଂ ସହକାରୀ ସାଧାରଣ ସମ୍ପାଦକ ପଦବୀ ପାଇଁ ୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏଥିସହ ଅନ୍ୟାନ୍ୟ ପଦବୀ ପାଇଁ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ପୋଲିସ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଛି।

ଛାତ୍ର ସଂସଦ ନିର୍ବାଚନକୁ ନେଇ ଡିଜିପିଙ୍କ ସମୀକ୍ଷା

## ନିର୍ବାଚନ ପରବର୍ତ୍ତୀ ହିଂସା ରୋକିବାକୁ ଗୁରୁତ୍ୱ



ଭୁବନେଶ୍ୱର,୧୦।୧୦(ସଂଚାର ବ୍ୟୁରୋ): ଆଜି ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟଠାରେ ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ କଲେଜ ନିର୍ବାଚନ ସମ୍ପର୍କିତ ସୁରକ୍ଷା ବ୍ୟବସ୍ଥା ଓ ଆଇନଶୃଙ୍ଖଳା ପରିସ୍ଥିତି ନେଇ ଜିଲ୍ଲା ଏସ୍ପି ଓ ରେଞ୍ଜ ଆଇଜି/ଡିଆଇଜିଙ୍କ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଭିଡିଓ କନ୍ଫରେନ୍ସିଂ ଜରିଆରେ ଅନୁଷ୍ଠିତ ହୋଇଛି। ବୈଠକରେ ଆସନ୍ତା ୧୫ ତାରିଖରେ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନରେ କଲେଜ ପରିସରରେ ହିଂସା ରୋକିବା, ଶାନ୍ତିଶୃଙ୍ଖଳା ବଜାୟ ରଖିବା ଓ ନିର୍ବାଚନ ପ୍ରକ୍ରିୟାକୁ ସୁରୁଖୁରୁରେ ସମ୍ପନ୍ନ କରିବା, ନିର୍ବାଚନ ପରବର୍ତ୍ତୀ ହିଂସା ରୋକିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। କଲେଜରେ କୌଣସି ହିଂସାତ୍ମକ ଘଟଣା ଘଟିବା ପରେ ପଦକ୍ଷେପ ନେବା ଅପେକ୍ଷା ଆଗୁଆ ସତର୍କତା ଅବଲମ୍ବନ କରି ହିଂସାକୁ ରୋକିବା ଉପରେ ପୁଲିସ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଡିଜିପି କହିଥିଲେ। ଏଥିପାଇଁ ପୁଲିସ ଅଧିକାରୀମାନେ କଲେଜ କର୍ତ୍ତୃପକ୍ଷଙ୍କ ସହ ନିୟମିତ ଯୋଗାଯୋଗ ରଖିବା ସହ ଉତ୍ତେଜନାର ସମ୍ଭାବନା ଥିବା ସ୍ଥାନ ଓ ପରିସ୍ଥିତି ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ଗୁରୁତ୍ୱ ଦେଇଥିଲେ। ଆବଶ୍ୟକ ସ୍ଥଳେ ତୁରନ୍ତ ହସ୍ତକ୍ଷେପ କରି ହିଂସା ରୋକିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। କଲେଜ ନିର୍ବାଚନ ସମୟରେ ସମ୍ବେଦନଶୀଳ ପରିସ୍ଥିତିକୁ ଆକଳନ କରି ଆବଶ୍ୟକ ଅନୁଯାୟୀ ପୁଲିସ ଫୋର୍ସ ମୁତୟନ କରିବା ସହ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଡିଜିପି ପରାମର୍ଶ ଦେଇଥିଲେ। ନିର୍ବାଚନ ସମ୍ପର୍କିତ ଯେକୌଣସି ଉତ୍ତେଜନା କିମ୍ବା ବିବାଦକୁ ଗାମ୍ଭୀରତାର ସହ ନେଇ ଆଇନ ଅନୁଯାୟୀ ତ୍ୱରିତ ପଦକ୍ଷେପ ନେବାକୁ ସେ କହିଥିଲେ।

● ନାମାଙ୍କନ ପରେ ସରଗରମ୍ ଚୌଦ୍ୱାର ରାଜନୀତି

## ଟେଟ୍ରାହେଡ୍ରନ୍ ଅଧ୍ୟକ୍ଷଙ୍କ ଶିବିର ପରିଚାଳନାକୁ ନେଇ ଚର୍ଚ୍ଚା



କଟକ, ୧୦।୧୦ (ସଂଚାର ବ୍ୟୁରୋ): କଲେଜ ନିର୍ବାଚନର ନାମାଙ୍କନ ପତ୍ର ଗତକାଲି ଦାଖଲ ଦିବସରେ ଚୌଦ୍ୱାର ସହର ବେଶ୍ ସରଗରମ୍ ହୋଇଉଠିଥିଲା। ବିଭିନ୍ନ ରାଜନୈତିକ ଦଳ ଓ ସଙ୍ଗଠନର ନେତାମାନେ ନିଜ ନିଜ ଶିବିରରେ ନିଜର ପ୍ରାର୍ଥୀ ଓ ସମର୍ଥକ ଛାତ୍ରଛାତ୍ରୀମାନଙ୍କୁ ଏକାଠି କରି ପୂଜାର୍ଚ୍ଚନା ସହିତ ରାଲି କରି ନାମାଙ୍କନ ପତ୍ର ଦାଖଲ କରିବା ପାଇଁ ଚୌଦ୍ୱାର କଲେଜ ଅଭିମୁଖେ ଯାଇଥିଲେ। ପୂର୍ବରୁ ଚୌଦ୍ୱାର କଲେଜ ନିର୍ବାଚନରେ ବେଶ୍ ଦବଦବା ରଖୁଥିବା ସ୍ଥାନୀୟ ଶ୍ରମିକ ନେତା ଦୀପକ ବାରିକଙ୍କ ସମର୍ଥକମାନେ ତାଙ୍କର ସଭାପତି ପ୍ରାର୍ଥନୀ ଶୁଭଶ୍ରୀ ମହାନ୍ତି ଓ ତାଙ୍କ ପ୍ୟାନେଲର ସମସ୍ତ ପ୍ରାର୍ଥୀପ୍ରାର୍ଥନୀମାନଙ୍କୁ ନେଇ ନାମାଙ୍କନ ପତ୍ର ଦାଖଲ କରିଥିଲେ। କିଛି ପୂର୍ବ ବର୍ଷମାନଙ୍କରେ ତତ୍କାଳୀନ ବିଜେଡ଼ି ନଗର ସଭାପତି ତଥା ବର୍ତ୍ତମାନର ବିଜେପି ନେତା ବିଷ୍ଣୁଚରଣ ପରିଡ଼ାଙ୍କ ନେତୃତ୍ୱରେ ଜୟ ମା' କାଳୀ ଗ୍ରୁପ୍‌ର ପ୍ରାର୍ଥୀମାନେ ଜିତି ଆସୁଥିବା ବେଳେ ଚଳିତ ବର୍ଷ ଏହି ଗ୍ରୁପ୍ ସହିତ ବିଜେପି ନେତା ଜ୍ଞାନେନ୍ଦ୍ର ସ୍ୱାଇଁଙ୍କ ସମର୍ଥକମାନେ ମିଳିତ ଭାବରେ ସଭାପତି ପ୍ରାର୍ଥୀନୀ ଭାବରେ ଲିରିକା ଲେଙ୍କାଙ୍କୁ ମନୋନୀତ କରି ଏବିଭିପି ବ୍ୟାନରରେ ନାମାଙ୍କନ କରିଛନ୍ତି। ମୁଖ୍ୟ ଆଲୋଚ୍ୟ ବିଷୟ ହେଉଛି ଏହି ଏବିଭିପି ପ୍ୟାନେଲକୁ ଜିତେଇବା ପାଇଁ ଅଣ୍ଟା ଭିଡ଼ିଛନ୍ତି ଟାଙ୍ଗୀ ଟେଟ୍ରାହେଡ୍ରନ କଲେଜର ଅଧ୍ୟକ୍ଷ ତଥା ବିଜେପି ନେତା ତ୍ରିଦେବ ବେହେରା। ଏକ ନିର୍ଦ୍ଦିଷ୍ଟ ମଣ୍ଡପରେ ଶ୍ରୀ ବେହେରାଙ୍କ ନେତୃତ୍ୱରେ ଦୁଇଦିନ ହେବ ଏବିଭିପିର ଶିବିର ପରିଚାଳନା ହେଉଛି ବୋଲି ଦେଖିବାକୁ ମିଳିଛି। ଆଜି ଶ୍ରୀ ବେହେରାଙ୍କ ଅଧ୍ୟକ୍ଷତାରେ ଉକ୍ତ ମଣ୍ଡପରେ ବିଜେପି ବରିଷ୍ଠ ନେତା ଓ କର୍ମୀଙ୍କ ସହ ଏବିବିପିର ସଭାପତି ପ୍ରାର୍ଥୀଙ୍କ ସହ ସମସ୍ତ ପ୍ରାର୍ଥୀଙ୍କୁ ନେଇ ରୁଦ୍ଧଦ୍ୱାର ବୈଠକ ହୋଇଥିଲା। ଏଥିରେ ଚୌଦ୍ୱାର ବିଜେପିର ବରିଷ୍ଠ ନେତୃବୃନ୍ଦଙ୍କ ସହ ବିଭିନ୍ନ ମଣ୍ଡଳର ସଭାପତି ଛାତ୍ର ନେତା ଉପସ୍ଥିତ ଥିଲେ। ଚଳିତ ଛାତ୍ର ସଂସଦ ନିର୍ବାଚନରେ କିଭଳି ଚୌଦ୍ୱାର କଲେଜରେ ଏଭିବିପିର ପ୍ରାର୍ଥୀ ବିଜୟୀ ହେବେ ସେ ଦିଗରେ ଶ୍ରୀ ବେହେରା ଆଲୋକପାତ କରିବା ସହ ଛାତ୍ରଛାତ୍ରୀଙ୍କୁ ଗୁରୁ ମନ୍ତ୍ର ଦେଇଛନ୍ତି।

## ଛାତ୍ର ସଂସଦ ନିର୍ବାଚନକୁ ନେଇ ଗୋଷ୍ଠୀ ସଂଘର୍ଷ, ଯୁବକଙ୍କୁ ଛୁରାମାଡ଼

ଉମରକୋଟ,୧୦।୧୦(ସଂଚାର ବ୍ୟୁରୋ): ଉମରକୋଟ ମା' ପେଣ୍ଡାଣି ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନକୁ ନେଇ ହିଂସା ତେଜିଛି। କଲେଜ ବାହାରେ ଦୁଇ ଅଣଛାତ୍ର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହେବା ସହ ଜଣେ ଯୁବକଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଆହତ ଯୁବକ ଜଣଙ୍କ ହେଲେ ଦୀପକମଲ ମହାପାତ୍ର। ସେ ଏବେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ତେବେ ଘଟଣାଟି କଲେଜ ପରିସର ଭିତରେ ଘଟି ନ ଥିବା ବେଳେ କଲେଜ ବାହାରେ ଡିଏନ୍କେସ୍ଥିତ ତ୍ରିନାଥ ମନ୍ଦିର ନିକଟରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ମେଡିକାଲ ପରିସରରେ ମଧ୍ୟ ଉତ୍ତେଜନା ସୃଷ୍ଟି ହୋଇଛି। ଉମରକୋଟ ଥାନାରେ ଅଭିଯୋଗ ହୋଇଥିବା ବେଳେ ପୁଲିସ୍ ତା'ର ତଦନ୍ତ ଜାରି ରଖିଛି। ପ୍ରାପ୍ତ ସୂଚନାନୁଯାୟୀ, କଲେଜ ବାହାରେ କେତେକ ଅଣଛାତ୍ରଙ୍କ ମଧ୍ୟରେ କୌଣସି କାରଣକୁ ନେଇ ମୁହାଁମୁହିଁ ହୋଇଥିଲା। ତେବେ କଲେଜ ପରିସରରେ କୌଣସି ଗଣ୍ଡଗୋଳ ହୋଇ ନ ଥିବା ବେଳେ ସମସ୍ତ ଘଟଣା କଲେଜ ବାହାରେ ହୋଇଥିବା କୁହାଯାଉଛି। ପରେ ପରିସ୍ଥିତି ସାମୟିକ ଭାବେ ଶାନ୍ତ ହୋଇଥିଲେ ମଧ୍ୟ ଆଜି ସକାଳେ ପୁଣି ଉତ୍ତେଜନା ଦେଖାଦେଇଥିଲା। ଦୀପକମଲଙ୍କ ଗୋଷ୍ଠୀ ପକ୍ଷରୁ ଡିଏନ୍କେସ୍ଥିତ ତ୍ରିନାଥ ମନ୍ଦିର ନିକଟରେ ୭ରୁ ୮ ଜଣ ଆଲୋଚନା କରୁଥିବା ସମୟରେ ହଠାତ୍ ପ୍ରାୟ ୫୦ ଜଣ ଆସି ସେମାନ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଦୀପକମଲ ଆହତ ହୋଇଥିବା ବେଳେ ତାଙ୍କ ପେଟ ଓ ହାତରେ ଆଘାତ ଲାଗିଛି।

୯.୨୪ କୋଟି ଟଙ୍କା ହଡ଼ପ ମାମଲା

# ଆଉ ୩ ସରକାରୀ କର୍ମଚାରୀ ଗିରଫ

**୯ରେ ପହଞ୍ଚିଲା ମୋଟ ଗିରଫଦାରୀ ସଂଖ୍ୟା**





ଭୁବନେଶ୍ୱର,୧୦।୧୦(ସଂଚାର ବ୍ୟୁରୋ): ୯.୨୪ କୋଟି ଟଙ୍କା ହଡ଼ପ ମାମଲାରେ ଆଜି ଆଉ ୩ ଜଣ ସରକାରୀ କର୍ମଚାରୀ ଗିରଫ ହୋଇଛନ୍ତି। ଫଳରେ ଏହି ମାମଲାରେ ଅଦ୍ୟାବଧି ମୋଟ ଗିରଫଦାରୀ ସଂଖ୍ୟା ୯ରେ ପହଞ୍ଚିଛି। ଭୁବନେଶ୍ୱର ଆର୍ଆଣ୍ଡବି ଡିଭିଜନ୍-୧ କାର୍ଯ୍ୟାଳୟରେ ୯ କୋଟି ୨୪ ଲକ୍ଷ ଟଙ୍କାରୁ ଅଧିକ ସରକାରୀ ଅର୍ଥ ହଡ଼ପ ମାମଲାରେ ଭିଜିଲାନ୍ସର ଆଉ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଆଜି ଆଉ ୩ ଜଣ ସରକାରୀ କର୍ମଚାରୀଙ୍କୁ ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରେ ଭୁବନେଶ୍ୱର ଜିଲ୍ଲା ଟ୍ରେଜେରୀ କାର୍ଯ୍ୟାଳୟର ଜଣେ ସିନିୟର ଆକାଉଣ୍ଟାଣ୍ଟ ମଧ୍ୟ ରହିଛନ୍ତି। ଆଜି ଗିରଫ ହୋଇଥିବା ୩ ଜଣ ଅଭିଯୁକ୍ତ ହେଲେ ଭୁବନେଶ୍ୱର ଜିଲ୍ଲା ଟ୍ରେଜେରୀ କାର୍ଯ୍ୟାଳୟର ସିନିୟର ଆକାଉଣ୍ଟାଣ୍ଟ କୃଷ୍ଣଚନ୍ଦ୍ର ବେହେରା, ପୁରୀ ଆର୍ଆଣ୍ଡବି ଡିଭିଜନ୍‌ର ସିନିୟର ଆସିଷ୍ଟାଣ୍ଟ ବିଶ୍ୱନାଥ ଦାସ ଓ ଭୁବନେଶ୍ୱର ଆର୍ଆଣ୍ଡବି ଡିଭିଜନ୍-୧ର ପିଅନ କୁମୁଦ ସାହୁ। ଏହି ତିନି ଜଣଙ୍କୁ ଗିରଫ କରାଯିବା ପରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ହାଜର କରାଯାଇଛି। ଭିଜିଲାନ୍ସ ଦେଇଥିବା ସୂଚନାନୁଯାୟୀ, ଭୁବନେଶ୍ୱର ଆର୍ଆଣ୍ଡବି ଡିଭିଜନ୍ -୧ର ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମୋଟ ୯ କୋଟି ୨୪ ଲକ୍ଷ ୧୦ ହଜାର ୧୯୩ ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ ରହିଛି।

ତଦନ୍ତ ସମୟରେ ଜଣାପଡ଼ିଛି ଯେ ଅଭିଯୁକ୍ତ ଜୁନିୟର ଆସିଷ୍ଟାଣ୍ଟ ବିଭୁଦତ୍ତ ନାୟକ ଗତ ୨୦୨୫ ମାର୍ଚ୍ଚରୁ ଗତ ଜୁଲାଇ ମଧ୍ୟରେ ୧୧ ଥରରେ ଫୋନ୍ ପେ ମାଧ୍ୟମରେ ସିନିୟର ଆକାଉଣ୍ଟାଣ୍ଟ ଶ୍ରୀ ବେହେରାଙ୍କୁ ୩ ଲକ୍ଷ ୯୦ ହଜାର ଟଙ୍କା ପଠାଇଥିଲେ। ଜାଲ୍ ବିଲ୍‌ଗୁଡ଼ିକୁ ବିନା ଆପତ୍ତିରେ ପାସ୍ କରାଇବା ପାଇଁ ଏହି ଟଙ୍କା ଦିଆଯାଇଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ଅନ୍ୟତମ ଅଭିଯୁକ୍ତ ଶ୍ରୀ ଦାସ ପୂର୍ବରୁ ଭୁବନେଶ୍ୱର ଆର୍ଆଣ୍ଡବି ଡିଭିଜନ୍-୧ରେ ଜୁନିୟର ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ଭିଜିଲାନ୍ସ ଅନୁଯାୟୀ, ସେ ନିଜର, ନିଜ ମା' ନୟନା ଦାସ ଓ ସମ୍ପର୍କୀୟ କାହ୍ନୁଚରଣ ବେହେରାଙ୍କ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ଅଭିଯୁକ୍ତ ସେକ୍ସନ୍ ଅଫିସର୍ ବନଲତା ମହାନ୍ତି ଓ ଜୁନିଅର୍ ଆସିଷ୍ଟାଣ୍ଟ୍ ବିଭୁଦତ୍ତ ନାୟକଙ୍କୁ ଦେଇଥିଲେ। ଏହି ଆକାଉଣ୍ଟଗୁଡ଼ିକୁ ପ୍ରୋଭିଜନାଲ୍ ଗ୍ରାଚ୍ୟୁଇଟି, ଅବ୍ୟବହୃତ ଛୁଟି ବାବଦ ଦରମା ଓ ଅନ୍ୟାନ୍ୟ ଖର୍ଚ୍ଚ ନାମରେ ଟଙ୍କା ପଠାଯାଇଥିଲା। ଭିଜିଲାନ୍ସ ତଦନ୍ତରେ ଆଜି ସୁଦ୍ଧା ନୟନା ଦାସଙ୍କ ଆକାଉଣ୍ଟକୁ ପ୍ରାୟ ୫୦ ଲକ୍ଷ, କାହ୍ନୁଚରଣ ବେହେରାଙ୍କ ଆକାଉଣ୍ଟକୁ ୧୫ ଲକ୍ଷ ଓ ବିଶ୍ୱନାଥ ଦାସଙ୍କ ନିଜସ୍ୱ ଆକାଉଣ୍ଟକୁ ୩୭ ଲକ୍ଷ ଟଙ୍କା ଯାଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ବିଶ୍ୱନାଥ ଏହି ଟଙ୍କାର କିଛି ଅଂଶ ଫୋନ୍ ପେ ମାଧ୍ୟମରେ ବିଭୁଦତ୍ତ ଓ ବନଲତାଙ୍କ ଆକାଉଣ୍ଟକୁ ପଠାଇଥିବା ବେଳେ ବାକି ଟଙ୍କା ନଗଦ ଆକାରରେ ଉଠାଇଥିଲେ। ସେହିପରି ଗିରଫ ପିଅନ କୁମୁଦ ସାହୁ ନିଜ ପତ୍ନୀ ବିଜୁଳି ସାହୁଙ୍କ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ମୁଖ୍ୟ ଅଭିଯୁକ୍ତମାନଙ୍କୁ ଦେଇଥିବା ଭିଜିଲାନ୍ସ କହିଛି। ତାଙ୍କ ପତ୍ନୀଙ୍କ ଆକାଉଣ୍ଟକୁ ପ୍ରୋଭିଜନାଲ୍ ଗ୍ରାଚ୍ୟୁଇଟି ବାବଦରେ ୧୧ ଲକ୍ଷ ୨୫ ହଜାର ୧୨୦ ଟଙ୍କା ଜମା ହୋଇଥିଲା ବୋଲି ମଧ୍ୟ ଭିଜିଲାନ୍ସ ତଦନ୍ତ ସମୟରେ ଜାଣିବାକୁ ପାଇଛି। ପରେ କୁମୁଦ ଏହି ଟଙ୍କା ନିଜ ଆକାଉଣ୍ଟକୁ ପଠାଇ ୩ଟି କିସ୍ତିରେ ନଗଦ ଉଠାଇଥିବା ଅଭିଯୋଗ ହୋଇଛି। ଏହା ପୂର୍ବରୁ ଗତ ୨୭ ତାରିଖରେ ଭିଜିଲାନ୍ସ ଏହି ମାମଲାରେ ୬ ଜଣଙ୍କୁ ଗିରଫ କରିଥିଲା।

ପ୍ରତିଷ୍ଠାତାଃ ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକଃ ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକଃ ଅଜିତ କୁମାର ଦାଶ

## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୯,୫୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୭,୦୯୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୯,୫୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୭,୦୯୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୯,୫୬୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୭,୦୯୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୯,୬୯୦ ଟଙ୍କା ଓ ୨୨ କ୍ୟାରଟେ ୧,୩୭,୨୪୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୯,୫୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୭,୧୧୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୯,୫୬୦ ଓ ୨୨ କ୍ୟାରେଟ ମୂଲ୍ୟ ଦର ୧,୩୭,୦୯୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୩୪,୯୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ।

## କ୍ୟାନସର ରୋଗୀଙ୍କ ପାଇଁ ଖୁସି ଖବର

# ୭୦% ପର୍ଯ୍ୟନ୍ତ ଶସ୍ତା ହେବ ମହଙ୍ଗା ଔଷଧ!

ନୂଆଦିଲ୍ଲୀ, ୧୦।୧୦: କ୍ୟାନସର ରୋଗୀ ଓ ପୀଡ଼ିତ ପରିବାର ପାଇଁ ଖୁସୀର ଖବର। କିଛି ମହଙ୍ଗା କ୍ୟାନସର ଔଷଧର କାରବାର ମାର୍ଜିନକୁ ୩୦% ପର୍ଯ୍ୟନ୍ତ ସୀମିତ ରଖିବାକୁ କେନ୍ଦ୍ର ସରକାର ଯୋଜନା କରୁଛନ୍ତି। ଫଳରେ କିଛି ନିର୍ଦ୍ଦିଷ୍ଟ କ୍ୟାନସର ଔଷଧର ଖୁଚୁରା ଦର ୭୦ ପ୍ରତିଶତ ପର୍ଯ୍ୟନ୍ତ କମିବ। ଏଥିରେ ରୋଗୀ ଖର୍ଚ୍ଚ ହ୍ରାସ ପାଇବ ବୋଲି ଆଶା କରାଯାଉଛି।




ଡିପାର୍ଟମେଣ୍ଟ ଅଫ ଫାର୍ମାସୁଟିକଲ୍ସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ସରକାର ବର୍ତ୍ତମାନ କ୍ୟାନସର ଚିକିତ୍ସାରେ ନିୟମିତ ବ୍ୟବହୃତ ହେଉଥିବା ଦାମୀ ଔଷଧ ଗୁଡ଼ିକର ଚିହ୍ନଟ କରୁଛନ୍ତି। ପ୍ରସ୍ତାବିତ ବ୍ୟବସ୍ଥାରେ, ଏହି ଔଷଧଗୁଡ଼ିକର ଡିଷ୍ଟ୍ରିବ୍ୟୁଟର ଖର୍ଚ୍ଚ ଉପରେ ଟ୍ରେଡ୍ ମାର୍ଜିନକୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ସୀମିତ ରଖାଯିବ। ସରକାରଙ୍କର ଗୁରୁତ୍ୱ ବିଶେଷ କରି ସେହି ଔଷଧଗୁଡ଼ିକ ଉପରେ ରହିଛି, ଯେଉଁଗୁଡ଼ିକ ପୂର୍ବରୁ ମହଙ୍ଗା ରହିଛି। ଏଥିରେ କିଛି ପେଟେଣ୍ଟବାଲା ଔଷଧ ବି ରହିଛି। ମହଙ୍ଗା ଔଷଧଗୁଡ଼ିକରେ ଟ୍ରେଡ୍ ମାର୍ଜିନ ଅଧିକ ହେବା କାରଣରୁ ରୋଗୀଙ୍କୁ ଅଧିକ ଖର୍ଚ୍ଚ କରିବାକୁ ପଡୁଛି। ନୂଆ ବ୍ୟବସ୍ଥା ଲାଗୁ ହେଲେ ଏହିଭଳି ଔଷଧଦଗୁଡ଼ିକର ଏମଆରପିରେ ୭୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇପାରେ। ତେବେ ସବୁଠାରୁ ବଡ଼ କଥା ହେଲା ଏହାର ବାସ୍ତବିକ ଫାଇଦା କେତେ ହେବ, ତାହା ଏହାର ଚୂଡ଼ାନ୍ତ ତାଲିକାରେ ସାମିଲ ହେବାକୁ ଥିବା ଔଷଧ ଲିଷ୍ଟ ଦେଖିଲେ ଜଣାପଡ଼ିବ।

ଔଷଧ ଉପରେ ଟ୍ରେଡ ମାର୍ଜିନ କମାଇବା ନିଷ୍ପତ୍ତି ନୂଆ ନୁହେଁ। ୨୦୧୯ରେ ବି ସରକାର ଏହି ନିଷ୍ପତ୍ତି ନେଇଥିଲେ। ସେତେବେଳେ ପାଇଲଟ ପ୍ରୋଜେକ୍ଟରେ ୪୨ଟି କ୍ୟାନସର ଔଷଧର ଟ୍ରେଡ୍ ମାର୍ଜିନର ସୀମା ନିର୍ଦ୍ଧାରଣ କରାଯାଇଥିଲା। ଆଉ ଏବେ ସରକାର ଏହି ବ୍ୟବସ୍ଥାକୁ ଆହୁରି ଆଗକୁ ବଢାଇବାକୁ ଚାହୁଁଛନ୍ତି।

ମିଳିଥିବା ସୂଚନା ଅନୁସାରେ, କେଉଁ ଔଷଧଗୁଡ଼ିକର ଦର ନିୟନ୍ତ୍ରଣ କରାଯିବ ତା'ର ଏକ ତାଲିକା ପ୍ରସ୍ତୁତ କରାଯାଉଛି। ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶାଳୟ (DGHS)ର ମହାନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଏହି ତାଲିକା ପ୍ରସ୍ତୁତ କରୁଛି। ଶୁଣିବାକୁ ମିଳୁଛି ଯେ ପ୍ରସ୍ତାବିତ ବ୍ୟବସ୍ଥା ୧୦ ଦିନ ମଧ୍ୟରେ କାର୍ଯ୍ୟକାରୀ ହୋଇପାରେ। ତେବେ ତାଲିକାରେ ସାମିଲ୍ ହେବାକୁ ଥିବା ଔଷଧଗୁଡ଼ିକ ପାଇଁ କିଛି ମାନଦଣ୍ଡ ରହିଛି। ଯେଉଁ କ୍ୟାନସର ଔଷଧଗୁଡ଼ିକର ଦର ଅଧିକ ହୋଇଥିବ, ଏହାର ବ୍ୟବହାର ନିୟମିତ ହେଉଥିବା ପ୍ରାୟ ସେଗୁଡ଼ିକ ଏଥିରେ ସାମିଲ କରାଯିବ। ସରକାର ସବୁ କ୍ୟାନସର ଔଷଧ ଉପରେ ୩୦% ମାର୍ଜିନ କ୍ୟାପ୍ ଲଗାଇବା ସପକ୍ଷରେ ନାହାନ୍ତି। ଅଧିକାରୀଙ୍କ କହିବା କଥା ହେଲା ଯଦି କମ ମୂଲ୍ୟର ଔଷଧ ଉପରେ ମାର୍ଜିନ ସୀମିତ କରିଦିଆଯାଏ, ତେବେ କମ୍ପାନୀଗୁଡ଼ିକ ପାଇଁ ମାର୍କେଟିଂ ଓ ଡିଷ୍ଟ୍ରିବ୍ୟୁସନ ଖର୍ଚ୍ଚ ବାହାର କରିବା କଷ୍ଟକର ହୋଇପାରେ। ଫଳରେ କମ୍ପାନୀଗୁଡ଼ିକ ବଜାରକୁ ଶସ୍ତା ଔଷଧ ଛାଡ଼ିବାରେ କୁଣ୍ଠାପ୍ରକାଶ କରିପାରନ୍ତି। ଫଳରେ ଏହି ପ୍ରକାରର ଔଷଧଗୁଡ଼ିକର ବଜାର ଉପଲବ୍ଧତା କମିଯାଇପାରେ। ତେଣୁ ସରକାର ସେହି ଔଷଧଗୁଡ଼ିକୁ ଚିହ୍ନଟ କରୁଛନ୍ତି, ଯେଉଁଗୁଡ଼ିକର ଦର ହ୍ରାସ ହେଲେ ରୋଗୀଙ୍କୁ ଅଧିକ ଫାଇଦା ହେବ ଓ ଔଷଧର ସପ୍ଲାଏରେ କୌଣସି ସମସ୍ୟା ହେବ ନାହିଁ। ଯଦି ପ୍ରସ୍ତାବିତ ଯୋଜନା ଠିକ୍ ଭାବରେ କାର୍ଯ୍ୟକାରୀ ହେଲା ତେବେ ଦେଶରେ ମହଙ୍ଗା କ୍ୟାନସର ଥେରାପିର ମୂଲ୍ୟକୁ ନେଇ ବଡ଼ ପରିବର୍ତ୍ତନ ଆସିପାରେ।

# ମୋବାଇଲ୍ ଡାଟା ଏବଂ ୫ଜି ବ୍ୟବହାରରେ ଭାରତ ଦେଶ ଆଗରେ



ନୂଆଦିଲ୍ଲୀ,୧୦।୧୦: ବିଶ୍ୱବ୍ୟାପୀ ୫ଜି ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଦ୍ରୁତ ଗତିରେ ବୃଦ୍ଧି ପାଉଛି। ସଦ୍ୟତମ ରିପୋର୍ଟ ଅନୁଯାୟୀ, ମୋବାଇଲ୍ ଡାଟା ଖର୍ଚ୍ଚ ଏବଂ ୫ଜି ୟୁଜର୍ସଙ୍କୁ ନେଇ ବିଭିନ୍ନ ଦେଶର ଚିତ୍ର ସାମ୍ନାକୁ ଆସିଛି। ସମଗ୍ର ବିଶ୍ୱରେ ମୋବାଇଲ୍ ଡାଟା ବ୍ୟବହାର କରିବା କ୍ଷେତ୍ରରେ ଭାରତ ସବୁଠାରୁ ଆଗରେ ରହିଛି। ଦେଶରେ ଶସ୍ତା ଇଣ୍ଟରନେଟ୍ ଏବଂ ଦ୍ରୁତ ବର୍ଦ୍ଧିତ ଡିଜିଟାଲ୍ ଜନସଂଖ୍ୟା ଯୋଗୁଁ ଡାଟା ଖର୍ଚ୍ଚ ପ୍ରଚୁର ପରିମାଣରେ ହେଉଛି। ୫ଜି ସବସ୍କ୍ରାଇବର ଏବଂ ନେଟୱାର୍କ ପହଞ୍ଚ ମାମଲାରେ ଚୀନ୍ ସବୁଠାରୁ ପ୍ରଥମ ସ୍ଥାନରେ ରହିଛି, ଯେଉଁଠାରେ ସର୍ବାଧିକ ଲୋକ ୫ଜି ବ୍ୟବହାର କରୁଛନ୍ତି। ଯଦି ଜଣେ ବ୍ୟକ୍ତିଙ୍କ ମାସିକ ହାରାହାରି ଡାଟା ବ୍ୟବହାର କଥା କହିବା, ତେବେ ଲାଟଭିଆ (Latvia) ସାରା ବିଶ୍ୱରେ ପ୍ରଥମ ସ୍ଥାନରେ ଅଛି, ଯେଉଁଠାରେ ଜଣେ ୟୁଜର୍ ପ୍ରତି ମାସରେ ପ୍ରାୟ ୫୨.୭ ଜିବି (GB) ଡାଟା ବ୍ୟବହାର କରନ୍ତି। ଏହି ମାମଲାରେ ଭାରତରେ ପ୍ରତି ବ୍ୟକ୍ତି ପ୍ରାୟ ୩୭ ଜିବି ପ୍ରତି ମାସ ବ୍ୟବହାର କରୁଛନ୍ତି। ୫ଜି ଡାଟା ଡାଉନଲୋଡ୍ ସ୍ପିଡ୍ କ୍ଷେତ୍ରରେ ସଂଯୁକ୍ତ ଆରବ ଏମିରେଟ୍ସ (UAE) ବିଶ୍ୱରେ ଶୀର୍ଷରେ ରହିଛି। ଏଠାରେ ହାରାହାରି ଡାଉନଲୋଡ୍ ସ୍ପିଡ୍ ୬୫୨ ଏମବିପିଏସ୍ (Mbps) ରହିଛି। ବିଶ୍ୱର ବିଭିନ୍ନ ଶକ୍ତିଶାଳୀ ଦେଶଗୁଡ଼ିକ ଡିଜିଟାଲ୍ କନେକ୍ଟିଭିଟି ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ନିଜକୁ ଆଗେଇ ନେବା ପାଇଁ କ୍ରମାଗତ ଭାବେ ନିବେଶ ଜାରି ରଖିଛନ୍ତି।

# ଡଲାର ଆଗରେ ଟଙ୍କା ଦୁର୍ବଳ

ନୂଆଦିଲ୍ଲୀ, ୧୦।୧୦: ଭାରତୀୟ ମୁଦ୍ରା (ରୁପି) ର ମୂଲ୍ୟରେ ଆମେରିକୀୟ ଡଲାର ମୁକାବିଲାରେ ବ୍ୟାପକ ହ୍ରାସ ପାଇଛି। ଏହା ୧୦୦ ଟଙ୍କା ଛୁଇଁବା ଆଡ଼କୁ ଅଗ୍ରସର ହେଉଛି। ଡଲାରର ମଜବୁତ ସ୍ଥିତି, କ୍ରୁଡ୍ ଅଏଲର ମୂଲ୍ୟ ବୃଦ୍ଧି, ଭାରତୀୟ ବଜାରରୁ ବିଦେଶୀ ନିବେଶକମାନଙ୍କର ଟଙ୍କା ପ୍ରତ୍ୟାହାର ଏବଂ ଆମେରିକୀୟ ରାଜକୋଷ ୟିଲ୍ଡରେ ବୃଦ୍ଧି ଭଳି ଅନେକ କାରଣରୁ ଟଙ୍କାର ବୃଦ୍ଧି ଘଟୁଛି। ଗତ ଶୁକ୍ରବାର ଆମେରିକୀୟ ମୁଦ୍ରା ତୁଳନାରେ ଟଙ୍କା ୧୭ ପଇସା ମଜବୁତ ହୋଇ ୯୬.୭୧ ପ୍ରତି ଡଲାରରେ ବନ୍ଦ ହୋଇଥିଲା। ମାତ୍ର ବର୍ତ୍ତମାନର ଗତିକୁ ଦେଖି ଅର୍ଥନୈତିକ ବିଶେଷଜ୍ଞମାନେ ଆଗାମୀ ଦିନରେ ଏହା ୧୦୦ ଟଙ୍କା ପର୍ଯ୍ୟନ୍ତ ଖସିପାରେ ବୋଲି ଆଶଙ୍କା ପ୍ରକାଶ କରୁଛନ୍ତି।



ଏହି ପ୍ରସଙ୍ଗରେ ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି ଯେ ଆର୍ଥିକ ବଜାର ଅଳ୍ପ ସମୟ ମଧ୍ୟରେ ପ୍ରାୟତଃ ଯୁକ୍ତିଯୁକ୍ତ ଭାବରେ ଆଚରଣ କରେ ନାହିଁ। ବହୁ ସୂଚକ ଏହା ଦର୍ଶାଉଛନ୍ତି ଯେ ଭାରତୀୟ ଟଙ୍କା 'ଓଭରଭାଲ୍ୟୁଡ୍' ନୁହେଁ ବରଂ 'ଅଣ୍ଡରଭାଲ୍ୟୁଡ୍' ହୋଇପାରେ। ମୁଦ୍ରା ମୂଲ୍ୟାୟନ ପାଇଁ ବ୍ୟବହୃତ ମାନଦଣ୍ଡ, ବିଶେଷକରି 'ରିଅଲ୍ ଇଫେକ୍ଟିଭ୍ ଏକ୍ସଚେଞ୍ଜ୍ ରେଟ୍' ସୂଚାଉଛି ଯେ ଭାରତୀୟ ମୁଦ୍ରା ଦୁର୍ବଳ ନୁହେଁ। ଏହି ସମୟରେ, ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (IMF) ପକ୍ଷରୁ କୁହାଯାଇଛି ଯେ ଭାରତ ଟଙ୍କା ଉପରୋକ୍ତ ଚାପକୁ ସହ୍ୟ କରିବା ପାଇଁ ଯଥାଷ୍ଟ ସକ୍ଷମ। ଆମେରିକୀୟ ଫେଡେରାଲ୍ ରିଜର୍ଭର ସୁଧ ହାର ବୃଦ୍ଧି ନିଷ୍ପତ୍ତି ଗ୍ଲୋବାଲ୍ ଆର୍ଥିକ ସ୍ଥିତିକୁ ଆହୁରି କଠିନ କରିବ ଏବଂ ଭାରତ ଏକ୍ସଚେଞ୍ଜ୍ ରେଟ୍କୁ ଏକ 'ଶକ୍ ଆବ୍ସର୍ବର' ଭାବରେ କାମ କରିବାକୁ ଦେବ ବୋଲି IMF ମତ ଦେଇଛି। ବଜାରରେ ଅଧିକ ଅସ୍ଥିରତା ଦେଖାଗଲେ କିମ୍ବା ପାନିକ ସୃଷ୍ଟି ହେଲେ RBI ଡଲାର ବିକ୍ରି କରିପାରିବ ବୋଲି ମତ ପ୍ରକାଶ ପାଇଛି। ଟଙ୍କା ଉପରେ ଚାପ ପଡ଼ିବାର ଏକ ପ୍ରମୁଖ କାରଣ ହେଉଛି କ୍ରୁଡ୍ ଅଏଲ୍ ଦର। ଭାରତ ଏହାର ପ୍ରାୟ ୯୦ ପ୍ରତିଶତ କଞ୍ଚା ତେଲ ଆମଦାନୀ କରିଥାଏ। ତେଲ ଦର ବଢ଼ିଲେ ଦେଶର ବାଣିଜ୍ୟ ସନ୍ତୁଳନ ବିଗିଡ଼ି ଯାଏ ଏବଂ ଡଲାରର ଚାହିଦା ବଢ଼ିଯାଏ। କଞ୍ଚା ତେଲ ମୂଲ୍ୟରେ ୧ ଡଲାର ବୃଦ୍ଧି ପାଇଲେ ଭାରତର ବାର୍ଷିକ ଆମଦାନୀ ବିଲ୍ ପ୍ରାୟ ୧୮,୦୦୦ କୋଟି ଟଙ୍କା ବଢ଼ିଯାଇଥାଏ। ଅର୍ଥନୀତିଜ୍ଞମାନଙ୍କ ମତରେ, ଭାରତ କୌଣସି ଶୁଦ୍ଧ ରପ୍ତାନି ଆଧାରିତ ଅର୍ଥନୀତି ନୁହେଁ ଯେ ମୁଦ୍ରା ଖସିଗଲେ ହଠାତ୍ ଲାଭବାନ ହେବ। କିନ୍ତୁ ଅନ୍ୟପକ୍ଷରେ, ଦୁର୍ବଳ ଟଙ୍କା ଭାରତୀୟ ରପ୍ତାନିକାରୀଙ୍କୁ ବିଦେଶୀ ବଜାରରେ ଅଧିକ ପ୍ରତିଯୋଗିତାମୂଳକ ମୂଲ୍ୟ ଦେବାରେ ସାହାଯ୍ୟ କରିଥାଏ। ତଥାପି, ଅଧିକାଂଶ କଞ୍ଚାମାଲ ଏବଂ ତେଲ ଆମଦାନୀ ଉପରେ ନିର୍ଭର କରୁଥିବାରୁ, ଦୁର୍ବଳ ଟଙ୍କା ଦେଶରେ ଆମଦାନୀଜନିତ ମହଙ୍ଗା ବା ମୁଦ୍ରାସ୍ଫୀତି ବୃଦ୍ଧି କରିଥାଏ। ବିଶେଷଜ୍ଞଙ୍କ ମତ ଅନୁଯାୟୀ, ଟଙ୍କା ଯଦି ୯୮ ବା ୧୦୦ ଟଙ୍କା ପାଖାପାଖି ସେଟେଲ୍ ହୁଏ, ତେବେ ଏହା ଏକ ଆର୍ଥିକ ଆଡଜଷ୍ଟମେଣ୍ଟ ହୋଇପାରେ, ଏହାକୁ ସବୁବେଳେ ଏକ ବଡ଼ ସଙ୍କଟ ଭାବରେ ବିଚାର କରାଯିବା ଅନୁଚିତ୍।

# ୟୁକେର ୫୦ ଶ୍ରେଷ୍ଠ ଆକାଂକ୍ଷୀ ବ୍ୟବସାୟୀଙ୍କ ତାଲିକାରେ ପାଇଲେ ସ୍ଥାନ ଅରୁଣ କର

ଲଣ୍ଡନ,୧୦।୧୦: ଓଡ଼ିଶାରେ ଜନ୍ମିତ ଉଦ୍ୟୋଗୀ ତଥା ଅବସରପ୍ରାପ୍ତ ଭାରତୀୟ ସେନା ଅଧିକାରୀ କ୍ୟାପ୍ଟେନ୍ ଅରୁଣ କରଙ୍କୁ ୨୦୨୬ ପାଇଁ 'ଟପ୍ ୫୦ ମୋଷ୍ଟ ଆମ୍ବିସିଅସ୍ ବିଜନେସ୍ ଲିଡର୍ସ' ତାଲିକାରେ ସ୍ଥାନ ମିଳିଛି। ବ୍ରିଟେନଭିତ୍ତିକ ଟେକ୍ନୋଲୋଜି କମ୍ପାନୀ ଏକ୍ସପର୍ଟନେଷ୍ଟର ପ୍ରତିଷ୍ଠାତା ଅରୁଣ କଟକରେ ଜନ୍ମଗ୍ରହଣ କରିଛନ୍ତି । ଓଡ଼ିଶାରୁ ଆରମ୍ଭ ହୋଇଥିବା ତାଙ୍କ ଯାତ୍ରା ଭାରତୀୟ ସେନାରୁ ବ୍ରିଟେନର ଉଦ୍ୟୋଗ ଜଗତ ପର୍ଯ୍ୟନ୍ତ ପହଞ୍ଚିଛି। ଏବେ ତାଙ୍କ ଏହି ଯାତ୍ରା ବ୍ରିଟେନ୍‌ର ପ୍ରମୁଖ ବ୍ୟବସାୟିକ ମଞ୍ଚରେ ସ୍ୱୀକୃତି ହାସଲ କରିଛି। ଲଏଡ୍ସ ବ୍ୟାଙ୍କିଂ ଗ୍ରୁପ୍‌ର ଅଂଶ ଏଲ୍‌ଡିସି ପକ୍ଷରୁ 'ଦ ଟାଇମ୍ସ' ସହଭାଗିତାରେ ଆୟୋଜିତ 'ଦ ଏଲ୍‌ଡିସି ଟପ୍ ୫୦' କାର୍ଯ୍ୟକ୍ରମ ଅନ୍ତର୍ଗତ ଲଣ୍ଡନର ବାଫ୍ଟା(BAFTA)ରେ ଆୟୋଜିତ ସମାରୋହରେ ଅରୁଣଙ୍କୁ ବ୍ରିଟେନ୍‌ରେ ବିଭିନ୍ନ ଅଞ୍ଚଳର ପ୍ରମୁଖ ଉଦ୍ୟୋଗୀ ଓ ବ୍ୟବସାୟୀ ନେତାଙ୍କ ସହ ସମ୍ମାନିତ କରାଯାଇଥିଲା । ଲଏଡ୍ସ ବ୍ୟାଙ୍କିଂ ଗ୍ରୁପ୍‌ର ଅଂଶ ଥିବା ପ୍ରାଇଭେଟ୍ ଇକ୍ୱିଟି ନିବେଶକ ଏଲ୍‌ଡିସି, 'ଦ ଟାଇମ୍ସ' ସହଭାଗିତାରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଛି ।



୨୦୧୮ରୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶହ ଶହ ଉଲ୍ଲେଖନୀୟ ଉଦ୍ୟୋଗୀଙ୍କ ଉଚ୍ଚାକାଂକ୍ଷା ଓ ସଫଳତାକୁ ସମ୍ମାନିତ କରାଯାଇଆସୁଛି । ଏହି ତାଲିକାରେ ସ୍ଥାନ ପାଇଥିବା ବ୍ୟବସାୟୀମାନେ ବ୍ୟବସାୟର ବିକାଶ ଓ ବିସ୍ତାର ସହ ଦୀର୍ଘମିଆଦୀ ଭିତ୍ତିରେ ମଜବୁତ ବ୍ୟବସାୟ ଗଢ଼ିବାରେ ଗୁରୁତ୍ୱ ଦେଉଛନ୍ତି । ସେମାନେ ଅନ୍ତର୍ଜାତୀୟ ବଜାରରେ ପ୍ରବେଶ ବଢ଼ାଇବା ସହ ନୂଆ ଉତ୍ପାଦ ଓ ସେବା ବିକଶିତ କରୁଛନ୍ତି । ପ୍ରଚଳିତ ବଜାରରେ ନୂଆ ସୁଯୋଗ ସୃଷ୍ଟି କରିବା ସହ କର୍ମଚାରୀଙ୍କ ବିକାଶରେ ମଧ ନିବେଶ କରୁଛନ୍ତି। ଏହି ପଦକ୍ଷେପ ବ୍ରିଟେନର ଅର୍ଥନୀତିକୁ ଅଧିକ ମଜବୁତ ଓ ପ୍ରତିସ୍ପର୍ଦ୍ଧୀ କରିବାରେ ସହାୟକ ହେଉଛି। ଏହି ୫୦ ଜଣ ବ୍ୟବସାୟୀଙ୍କ କମ୍ପାନୀଗୁଡ଼ିକ ମିଶି ବର୍ଷକୁ ୧.୪ ବିଲିୟନ୍ ପାଉଣ୍ଡ ଆୟ କରୁଛନ୍ତି ଏବଂ ପ୍ରାୟ ୮,୫୦୦ ଲୋକଙ୍କୁ ରୋଜଗାର ଦେଉଛନ୍ତି। ଏହି କମ୍ପାନୀଗୁଡ଼ିକର ମୁଖ୍ୟାଳୟ ବ୍ରିଟେନର ୫୫ଟି ସହର ଓ ଅଞ୍ଚଳରେ ରହିଛି। ଏହା ବ୍ରିଟେନର ଅର୍ଥନୀତି ଓ ସ୍ଥାନୀୟ ଅଞ୍ଚଳର ବିକାଶରେ ମଧ୍ୟମ ଆକାରର ବ୍ୟବସାୟଗୁଡ଼ିକର ଅବଦାନକୁ ଦର୍ଶାଉଛି। ଏନେଇ ଅରୁଣ କହିଛନ୍ତି, "ବ୍ରିଟେନର ଅନେକ ପ୍ରେରଣାଦାୟୀ ବ୍ୟବସାୟୀ ନେତାଙ୍କ ସହ ଏଲ୍‌ଡିସି ଟପ୍ ୫୦ରେ ସ୍ଥାନ ପାଇବା ମୋ ପାଇଁ ଗର୍ବର ବିଷୟ। ଉଦ୍ୟୋଗୀ ହେବା ମୋର ପ୍ରଥମ ଯୋଜନା ନଥିଲା। ସେନାରୁ ବ୍ୟବସାୟକୁ ଆସିବା ମୋ ପାଇଁ ଏକ ନୂଆ ଅନୁଭୂତି ଥିଲା ଏବଂ ଏଥିରେ ଅନେକ ଚ୍ୟାଲେଞ୍ଜ ମଧ ଥିଲା। କିନ୍ତୁ ସେନାରୁ ଶିଖିଥିବା ଦୃଢ଼ତା, ଟିମ୍‌ରେ କାମ କରିବାର ଭାବନା ଓ ଲକ୍ଷ୍ୟ ଉପରେ ଧ୍ୟାନ ରଖିବାର ଅଭ୍ୟାସ ଆଜି ବି ମୋତେ ଆଗକୁ ବଢ଼ିବାରେ ସହାୟତା କରୁଛି।" ପ୍ରକୃତରେ ଅରୁଣ କରଙ୍କ ଉଦ୍ୟୋଗୀ ହେବାର ଯାତ୍ରା ଅନ୍ୟମାନଙ୍କଠାରୁ ଟିକେ ଭିନ୍ନ ।

# ଏଣିକି ୟୁପିଆଇ ଜରିଆରେ ଉଠାଇପାରିବେ ପିଏଫ୍ ଟଙ୍କା

ନୂଆଦିଲ୍ଲୀ,୧୦।୧୦: କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ)ର ୩୦ କୋଟିରୁ ଅଧିକ ଖାତାଧାରୀଙ୍କ ପାଇଁ ଆସିପାରେ ଏକ ନୂଆ ଡିଜିଟାଲ୍ ସୁବିଧା। ଏଣିକି ଭବିଷ୍ୟନିଧି (ପିଏଫ୍) ଖାତାରୁ ଟଙ୍କା ଉଠାଇବା ପ୍ରକ୍ରିୟା ଆହୁରି ସହଜ ହୋଇପାରେ। ଏଥିପାଇଁ ୟୁଏଏନ୍ ପୋର୍ଟାଲ୍‌କୁ ୟୁପିଆଇ ସହ ଯୋଡ଼ିବା ନେଇ ପ୍ରସ୍ତୁତି ଚାଲିଥିବା ରିପୋର୍ଟରେ କୁହାଯାଇଛି। ଏହି ସୁବିଧା ଆରମ୍ଭ ହେଲେ ଯୋଗ୍ୟ ଖାତାଧାରୀମାନେ ନିଜ ପିଏଫ୍ ଟଙ୍କାର ଏକ ଅଂଶ ଶୀଘ୍ର ଉଠାଇପାରିବେ। ତେବେ ଏହି ସୁବିଧା କେବେଠାରୁ ଆରମ୍ଭ ହେବ ଏବଂ ଏଥିପାଇଁ କେଉଁ ସର୍ତ୍ତ ରହିବ, ସେନେଇ ଅଧିକାରିକ ଘୋଷଣାକୁ ଅପେକ୍ଷା କରିବାକୁ ପଡ଼ିବ। ବର୍ତ୍ତମାନ ପିଏଫ୍ ଟଙ୍କା ଉଠାଇବା ପାଇଁ ଖାତାଧାରୀମାନଙ୍କୁ ୟୁଏଏନ୍ ପୋର୍ଟାଲ୍ ଜରିଆରେ ଅନ୍‌ଲାଇନ୍ ଆବେଦନ କରିବାକୁ ପଡୁଛି। ଏହାପରେ ଇପିଏଫ୍‌ଓ ଆବେଦନ ଯାଞ୍ଚ କରି ଟଙ୍କାକୁ ଖାତାଧାରୀଙ୍କ ବ୍ୟାଙ୍କ ଖାତାକୁ ପଠାଇଥାଏ। ଏହି ପ୍ରକ୍ରିୟାରେ କିଛି ସମୟ ଲାଗିଥାଏ। ନୂଆ ବ୍ୟବସ୍ଥାରେ ୟୁଏଏନ୍ ପୋର୍ଟାଲ୍‌କୁ ୟୁପିଆଇ ସେବା ସହ ଯୋଡ଼ିବାର ଯୋଜନା ରହିଛି। ଏଥିପାଇଁ ଏକ ସ୍ୱତନ୍ତ୍ର ମୋବାଇଲ୍ ଆପ୍ ଆଣିବା ନେଇ ମଧ୍ୟ ରିପୋର୍ଟରେ କୁହାଯାଇଛି। ଏହା ଜରିଆରେ ଖାତାଧାରୀମାନେ ଭିମ୍ (BHIM), ଫୋନ୍‌ପେ ଓ ଗୁଗୁଲ୍ ପେ ଭଳି ୟୁପିଆଇ ଆପ୍ ବ୍ୟବହାର କରି ଟଙ୍କା ଉଠାଇବାର ସୁବିଧା ପାଇପାରନ୍ତି।




ରିପୋର୍ଟ ଅନୁସାରେ, ନୂଆ ବ୍ୟବସ୍ଥାରେ ନିର୍ଦ୍ଦିଷ୍ଟ ସର୍ତ୍ତ ପୂରଣ କରୁଥିବା ଖାତାଧାରୀମାନେ ନିଜ ପିଏଫ୍ ଜମାରାଶିର ୭୫ ପ୍ରତିଶତ ପର୍ଯ୍ୟନ୍ତ ଟଙ୍କା ଉଠାଇବାର ସୁଯୋଗ ପାଇପାରନ୍ତି। ତେବେ ଏହା ଚୂଡ଼ାନ୍ତ ଭାବେ ଲାଗୁହେବ କି ନାହିଁ, ସେନେଇ ଅଧିକାରିକ ନିୟମ ସ୍ପଷ୍ଟ ହେବା ଆବଶ୍ୟକ। ପ୍ରସ୍ତାବିତ ବ୍ୟବସ୍ଥା ଅନୁସାରେ, ପିଏଫ୍ ଖାତାରେ ୨୫ ପ୍ରତିଶତ ଟଙ୍କା ରଖିବାକୁ ପଡ଼ିପାରେ। ଏହାଦ୍ୱାରା ଅବସର ପରେ ଆର୍ଥିକ ସୁରକ୍ଷା ପାଇଁ କିଛି ଜମାରାଶି ଖାତାରେ ରହିବ।

ପିଏଫ୍ ଟଙ୍କା ଉଠାଇବାର ଏହି ସୁବିଧା ଆରମ୍ଭ ହେଲେ ଯୋଗ୍ୟ ଖାତାଧାରୀମାନେ ବିଭିନ୍ନ ଜରୁରୀ ଆବଶ୍ୟକତା ପାଇଁ ଟଙ୍କା ଉଠାଇପାରିବେ। ଯେପରିକି: ପିଲାଙ୍କ ପାଠପଢ଼ା ଖର୍ଚ୍ଚ, ବିବାହ ଖର୍ଚ୍ଚ, ଚିକିତ୍ସା ଖର୍ଚ୍ଚ, ଘର ତିଆରି କିମ୍ବା ଘର ସମ୍ବନ୍ଧୀୟ ଆବଶ୍ୟକତା। ତେବେ ଏସବୁ କ୍ଷେତ୍ରରେ ଟଙ୍କା ଉଠାଇବା ପାଇଁ ଲାଗୁ ନିୟମ ଓ ଯୋଗ୍ୟତା ସର୍ତ୍ତ ପୂରଣ କରିବାକୁ ପଡ଼ିବ। ରିପୋର୍ଟ ଅନୁସାରେ, ଇପିଏଫ୍‌ଓର ମୋଟ ଜମାରାଶି ପ୍ରାୟ ୨୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ସଂଗଠନରେ ୩୦ କୋଟିରୁ ଅଧିକ ଖାତାଧାରୀ ଥିବାବେଳେ ପ୍ରାୟ ୭.୫ କୋଟି ସକ୍ରିୟ ସଦସ୍ୟ ନିୟମିତ ଭାବେ ପିଏଫ୍‌ରେ ଟଙ୍କା ଜମା କରୁଛନ୍ତି।

ଏହି ନୂଆ ସୁବିଧା ଲାଗୁ ହେଲେ ଖାତାଧାରୀମାନଙ୍କ ପାଇଁ ପିଏଫ୍ ଟଙ୍କା ଉଠାଇବା ପ୍ରକ୍ରିୟା ଅଧିକ ସହଜ ଓ ଦ୍ରୁତ ହୋଇପାରେ। ତେବେ ଏହାର ଆରମ୍ଭ ତାରିଖ, ଟଙ୍କା ଉଠାଇବାର ସୀମା ଓ ଅନ୍ୟାନ୍ୟ ସର୍ତ୍ତ ସମ୍ପର୍କରେ ଇପିଏଫ୍‌ଓର ଅଧିକାରିକ ଘୋଷଣା ପରେ ହିଁ ସ୍ପଷ୍ଟ ହେବ।

ଚୋରା ବାଲି ଚାଲାଣ ବେଳେ ଅଘଟଣ

## ଟ୍ରାକ୍ଟର ଓଲଟି ଜଣେ ମୃତ, ୬ ଆହତ



ନାଳଗିରି,୧୦।୧୦ (ସଂଚାର ବ୍ୟୁରୋ): ନାଳଗିରି ବ୍ଲକ କାଂଶ ପଞ୍ଚାୟତ ସୋନ ନଦୀ କାଠପାଲ ବ୍ରିଜ ତଳ ଇଜାଗାରୁ ବାଲି ଖାଦାନ ରୁ ଗତକାଲି ରାତ୍ରି ପ୍ରାୟ ୧୨ଘଟିକାରୁ ୧ ଘ ମଧ୍ୟରେ ପ୍ରାୟ ୬,୭ ଜଣ ମିଶି ଏକ ଟ୍ରାକ୍ଟର ଯୋଗେ ଚୋରା ବାଲି ବୋଝେଇ କରି ଘାଟରୁ ବାହାରୁଥିବା ବେଳେ ଭାରସାମ୍ୟ ହରାଇ ଟ୍ରାକ୍ଟର ଟି ଓଲଟି ପଡିବାରୁ ଟ୍ରାକ୍ଟର ରେ ଚାପି ହୋଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୬ଜଣ ଆହତ ହୋଇଥିବା ଜଣା ପଡିଛି। ମୃତ ଯୁବକ ଜଣକ ହେଲେ କାଂଶ ପଞ୍ଚାୟତ ସଂଗ୍ରାମପୁର ଗ୍ରାମ ଆଦିବାସୀ ସାହି ର ସୁରେନ୍ଦ୍ର ସିଂ ଙ୍କ ପୁଅ କଟି ଓରଫ ରଣଜିତ ସିଂ (୨୦)। ଦୁର୍ଘଟଣା ପରେ ଡ୍ରାଇଭର ଟ୍ରାକ୍ଟର ଡାଲା ଛାଡ଼ି ଇଞ୍ଜିନ ନେଇ ଫେରାର ହୋଇଯାଇଥିଲା।

ଖବରପାଇ ଅଯୋଧ୍ୟା ଫାଣ୍ଡି ଅଧିକାରୀ ସୁମନ୍ତ ପାତ୍ର ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ଡାଲା ଜବତ କରି ଅଯୋଧ୍ୟା ଫାଣ୍ଡିକୁ ଆଣି ୪୫/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟ ପଟେ ପରିବାର ଲୋକ ଓ ପ୍ରିୟ ପରିଜନ ରଣଜିତ ଙ୍କୁ ବାଲେଶ୍ୱର ମେଡିକାଲ କୁ ନେଇଥିଲେ ଯେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେମେଡିକାଲ ରେ ପୋଲିସ ପହଞ୍ଚି ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛିକିନ୍ତୁ ପୋଲିସ କହିବା କଥା ଟ୍ରାକ୍ଟର ରେ ୨ଜଣ ଥିଲେ ନିଶା ଶକ୍ତ ଅବସ୍ଥାରେ ଡ୍ରାଇଭର ବ୍ରେକ ମାରିବାରୁ ଡାଲା ଟି ଓଲଟି ପଡିବାରୁ ରଞ୍ଜିତ ଙ୍କର ମୃତ୍ୟୁ ହୋଇଥିଲା ବେଳେ ଇଂଜିନ ନେଇ ଡ୍ରାଇଭର ଫେରାର ହୋଇ ଯାଇଛି। କିନ୍ତୁ ପରିବାର ଲୋକ ଏ ନେଇ ଏକ ଏଫ, ଆଇ,ଆର ଦେଇଛନ୍ତି ତାଙ୍କ କହିବା କଥା ରାତିରେ ଘରକୁ ଫେରୁଥିବା ସମୟରେ ଏକ ଅଜଣା ଗାଡି ଧକ୍କା ରେ ଦୁର୍ଘଟଣା ଘଟିଛି। କିନ୍ତୁ ଓଲଟି ପଡ଼ିଥିବା ଏକଚାଳି ଟ୍ରାକ୍ଟରର ଡାଲା କୁପୋଲିସ ସିଜ କରି ଅଯୋଧ୍ୟା ଫାଣ୍ଡିରେ ରଖିଥିବା ଜଣାପଡିଥିବାବେଳେ ଉକ୍ତ ଟ୍ରାକ୍ଟର ଟି କାହାର ଓ କେଉଁ ପରିସ୍ଥିତି ରେ କଟି ଓରଫ ରଣଜିତ ସିଂ ଙ୍କର ମୃତ୍ୟୁ ହୋଇଛି ସେନେଇ ତଦନ୍ତ ଚାଲିଥିବା ନାଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ କହିଛନ୍ତି।

## କାର୍ଯ୍ୟକ୍ରମ ସରିଲା, ଡିଏନ୍‌କେ ଗ୍ରାଉଣ୍ଡରେ ପଡ଼ିରହିଛି ଅଳିଆ ଆବର୍ଜନା



ନବରଙ୍ଗପୁର,ଉମରକୋଟ,୧୦।୧୦ (ସଂଚାର ବ୍ୟୁରୋ): 'ସେବା ଜ୍ୟୋତି ଯାତ୍ରା' ଓ 'ସଂକଳ୍ପ ସଭା' ସହିତ ସମାପ୍ତ ହୋଇଛି ବଡ଼ କାର୍ଯ୍ୟକ୍ରମ। ହେଲେ କାର୍ଯ୍ୟକ୍ରମ ଶେଷ ପରେ ଉମରକୋଟ ଡିଏନ୍‌କେ ପରେଡ ଗ୍ରାଉଣ୍ଡର ସ୍ଥିତି ଏବେ ଚିନ୍ତାଜନକ। ସଭା ସରିଲା, ପଡ଼ିରହିଛି ଆବର୍ଜନା" | ୧୨ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ପରେ ଗ୍ରାଉଣ୍ଡ ସାରା ପ୍ଲାଷ୍ଟିକ, ଖାଦ୍ୟ ପ୍ୟାକେଟ୍ ଓ ବର୍ଜ୍ୟବସ୍ତୁ ପଡ଼ିରହିଛି।ଗ୍ରାଉଣ୍ଡରେ ପଡ଼ିଥିବା ପ୍ଲାଷ୍ଟିକ ଓ ଅଳିଆ | ଗତକାଲିର ବିଶାଳ ସମାବେଶ ପରେ ପଡ଼ିଆରେ ପ୍ଲାଷ୍ଟିକ ଗ୍ଲାସ, ପ୍ଲେଟ ଓ ବିଭିନ୍ନ ଅଳିଆ ଆବର୍ଜନା ଜମା ହୋଇ ରହିଛି।କାଦୁଅ ଓ ନଷ୍ଟ ହୋଇଥିବା ଖାଦ୍ୟ | ପଡ଼ିଆରେ ପଚିରହିଥିବା ଖାଦ୍ୟସାମଗ୍ରୀରୁ ଦୁର୍ଗନ୍ଧ ବାହାରୁଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଓ ପ୍ରାତଃଭ୍ରମଣକାରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ଗ୍ରାଉଣ୍ଡର ସାଧାରଣ ସ୍ଥିତି | 'ସ୍ୱଚ୍ଛତା' ଓ 'ସେବା'ର ସଂକଳ୍ପ ନିଆଯାଇଥିବା ସଭାସ୍ଥଳରେ ଏଭଳି ଅସ୍ୱଚ୍ଛ ପରିବେଶକୁ ନେଇ ପ୍ରଶ୍ନ ଉଠିଛି।ପ୍ରଶାସନ ଓ ଆୟୋଜକ କମିଟି ତୁରନ୍ତ ଏହି ପଡ଼ିଆକୁ ସଫା କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ସୁନ୍ଦରଗଡ଼ରେ ବିଶ୍ୱ ହସ୍ପିସ୍ ଓ ପାଲିଆଟିଭ୍ କେୟାର ଦିବସ ପାଳିତ




ସୁନ୍ଦରଗଡ଼,୧୦।୧୦ (ସଂଚାର ବ୍ୟୁରୋ): ବିଶ୍ୱ ହସ୍ପିସ୍ ଓ ପାଲିଆଟିଭ୍ କେୟାର ଦିବସ ଅବସରରେ ଅମୃତ ଧାରା ପ୍ରଶମନକାରୀ ଚିକିତ୍ସା ସେବା ନ୍ୟାସ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ ଏବଂ ଏୟୁ କ୍ଷୁଦ୍ର ବିତ୍ତ ବ୍ୟାଙ୍କର ମିଳିତ ସହଯୋଗରେ ଏକ ସଚେତନତା ଶୋଭାଯାତ୍ରା ଓ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା କରାଯାଇ ଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁରେଶ ଚନ୍ଦ୍ର ମହାନ୍ତି ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏଥିରେ ୨୦ ଜଣ ଆଶାକର୍ମୀ ଓ ୩୦ ଜଣ ନର୍ସିଂ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି କର୍କଟ ରୋଗୀଙ୍କ ଯତ୍ନ, ବେଦନା ଉପଶମ, ମାନସିକ ସହାୟତା ଏବଂ ଗୁରୁତର ରୋଗରେ ପୀଡ଼ିତ ବ୍ୟକ୍ତିଙ୍କୁ ମାନବିକ ଓ ସମ୍ମାନଜନକ ସେବା ପ୍ରଦାନ ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିଥିଲେ।

ଗୋଶାଳା ନାଁରେ ହରିଲୁଟ

# ହଂସୁଆ ପୋଲ ପାଲଟିଛି ଗାଈଗୋରୁଙ୍କ ଆଶ୍ରୟସ୍ଥଳୀ

### ସରକାରୀ ଅର୍ଥ ଗଲା କୁଆଡେ



ରାଜନଗର,୧୦।୧୦ (ସଂଚାର ବ୍ୟୁରୋ): ରାଜ୍ୟରେ ବିଜେପି ସରକାର ଆସିବା ପରେ ପ୍ରତି ବ୍ଲକରେ ଗୋଶାଳା ପ୍ରତିଷ୍ଠା କରି ଅବହେଳିତ ହୋଇ ବୁଲୁଥିବା ଗୋରୁଗାଈ, ଶଣ୍ଢ ଆଦିକୁ ଖାଦ୍ୟ ପେୟର ବ୍ୟବସ୍ଥା କରି ଗୋଶାଳା ନିର୍ମାଣ କରି ଆଶ୍ରୟ ଦେବାକୁ ସରକାର ଲକ୍ଷଲକ୍ଷ ଟଙ୍କା ଯୋଗାଇ ଦେଉଛନ୍ତି। ହେଲେ ସରକାରଙ୍କ ଅର୍ଥକୁ ଚଳୁ କରି ଗୋଶାଳା ଦାୟିତ୍ୱରେ ଥିବା କର୍ମକର୍ତ୍ତା ଏବଂ ବିଡିଓ ଓ ଡିଭିଓଙ୍କୁ ହାତ କରି ମିଛ ରିପୋର୍ଟ ପ୍ରସ୍ତୁତିରେ ଲକ୍ଷ ଲକ୍ଷ ଟଙ୍କା ଚଳୁ କରିଥିବା ନେଇ ବିତାଡିତ ଓ ଅଲଡା ପୁରୁଣା ମେମ୍ବରମାନେ ଅସନ୍ତୋଷ ପ୍ରକାଶ କରି ଗୁମର ଖୋଲିଛନ୍ତି।

ଏହି ଦୁର୍ନୀତି ମାମଲାରେ ଏବେ ଛନ୍ଦି ହେବାକୁ ଯାଉଛନ୍ତି ବିଡିଓ ଓ ଡିଭିଓ, ଯାହାକି ଭିଜିଲାନ୍ସ ଦୁଆରେ ଗୋଶାଳାର ମୂଳ ସଦସ୍ୟ ଓ ଅଂଚଳର ଜନସାଧାରଣ ଦଣ୍ଡାୟମାନ ହେଲେଣି। ଏବେ ଗୋଶାଳାର ଚିହ୍ନବର୍ଣ୍ଣ ନଥିବା ସ୍ଥାନୀୟ ଲୋକ ତଥା ସଭ୍ୟ କେତେକ କହୁଥିବା ବେଳେ ଡିଭିଓଙ୍କ ମିଛ ଅଡିଟି ଏବେ ଭିଜିଲାନ୍ସ ନଜରରେ। ଏଣେ ଗୋରୁ ନଥାଇ ମଧ୍ୟ ଗୋଶାଳା ପାଇଁ ବିଭିନ୍ନ ଯୋଜନାରେ ଆସୁଥିବା ସରକାରୀ ଅର୍ଥ ବାଣ୍ଟିକୁଣ୍ଟି ଖାଇଥିଲେ ବି, କେତେକ ଦୋକାନ ଏବଂ ଅଫିସ ମାନଙ୍କରେ ଗୋଶାଳା ଦାନବାକ୍ସ ବସାଯାଇଥିବା ଦେଖିବାକୁ ମିଳୁଛି। ତା ସତ୍ତ୍ୱେ ଗାଁ ଗାଁରେ ଚାନ୍ଦା ମାଗିବାକୁ ପଛାଉ ନଥିଲେ। ଏପରି ସ୍ଥଳେ କେନ୍ଦ୍ରାପଡା ଜିଲ୍ଲା ରାଜନଗରରେ ଗୋଶାଳା ନଥିବାରୁ ହଂସୁଆ ନଦୀ ପୋଲ ଉପର, ଭିତରକନିକା ଜାତୀୟ ଉଦ୍ୟାନ ରାସ୍ତା ମାନଙ୍କରେ ଶଣ୍ଢ, ଗାଈଗୋରୁଙ୍କ ଆଶ୍ରୟସ୍ଥଳୀ ପାଲଟି ଥିଲେ ମଧ୍ୟ ବାଟଚାରୀଙ୍କ ଜୀବନ ପ୍ରତି ମୁହୂର୍ତ୍ତରେ ବିପଦର ସିଗ୍ନାଲ ଦିଶୁଛି।

ଏପରି ସମସ୍ୟାକୁ ନେଇ ଶାରଦୀୟ ପାର୍ବଣର ଶାନ୍ତି ଶୃଙ୍ଖଳା ଟ୍ରାଫିକ୍ ସମସ୍ୟା ଆଦିକୁ ନେଇ ରାଜନଗର ଥାନା ଆଇଆଇସି ରତିରଂଜନ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଆଇନଶୃଙ୍ଖଳା ଶାନ୍ତି କମିଟିରେ ଏହି ଗୋ। ସମସ୍ୟା ନେଇ ପ୍ରମୁଖ ଆଲୋଚନାରେ ସମସ୍ତେ ଗାଈ ଗୋରୁଙ୍କ ବେପରୁଆ ଚଳପ୍ରଚଳର ବିପଦ ପାଇଁ ଅସନ୍ତୋଷ ପ୍ରକଟ କରିଥିଲେ। ଏନେଇ ପଦକ୍ଷେପ ଗ୍ରହଣ କରାଯାଇ ପୂଜାରେ ଗୋରୁଗାଈଙ୍କୁ ପ୍ରବେଶ ନ କରିବାକୁ ପ୍ରତିକାର ପାଇଁ ବିଡିଓଙ୍କ ସହ କଥା ହେବେ ବୋଲି ଆଇଆଇସି ନାୟକ ପ୍ରତିଶ୍ରୁତି ଦେଇଥିଲେ।

ସରକାର ପୂର୍ବ ଗୋଶାଳାର ଅସ୍ତିତ୍ୱ ନେଇ ତଦନ୍ତ କରି ନୂତନ ଗୋଷାଳା ପାଇଁ ଜଣେ ସଚ୍ଚୋଟ ଧର୍ମପରାୟଣ ବ୍ୟକ୍ତିକୁ ଦାୟିତ୍ୱ ଦେଲେ ଗୋଶାଳା ଅର୍ଥ ହରିଲୁଟ ନ ହୋଇ ସଠିକ୍ କାର୍ଯ୍ୟରେ ବିନିଯୋଗ ହୋଇପାରିବ।

# ନବୀନ ନିବାସରେ କନ୍ଧମାଳ ନେତାଙ୍କ ମାନସ ମନ୍ଥନ

### ଦଳକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ



ଫୁଲବାଣୀ,୧୦।୧୦ (ସଂଚାର ବ୍ୟୁରୋ): ଆଗାମୀ ପଞ୍ଚାୟତ ନିର୍ବାଚନକୁ ନେଇ ରାଜନୈତିକ ତତ୍ପରତା ବଢ଼ୁଥିବା ବେଳେ କନ୍ଧମାଳ ଜିଲ୍ଲାରେ ଦଳୀୟ ସଂଗଠନକୁ ପୁନର୍ବାର ସୁଦୃଢ଼ କରିବା ଦିଗରେ ନଜର ଦେଇଛି ବିଜୁ ଜନତା ଦଳ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ସ୍ଥିତ ନବୀନ ନିବାସରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ କନ୍ଧମାଳ ଜିଲ୍ଲାର କିଛି ଦଳୀୟ ନେତା ଭେଟି ଆଗାମୀ ନିର୍ବାଚନୀ ରଣନୀତି ଓ ସାଂଗଠନିକ ସ୍ଥିତି ନେଇ ଆଲୋଚନା କରିଥିବା ଜଣାପଡ଼ିଛି।

ବିଶେଷକରି ବାଲିଗୁଡ଼ା ନିର୍ବାଚନମଣ୍ଡଳୀରେ ଦଳର ସାଂଗଠନିକ ସ୍ଥିତିକୁ ମଜଭୁତ କରିବା ସହ ଗାଁଠାରୁ ସହର ପର୍ଯ୍ୟନ୍ତ କର୍ମୀ ଓ ସମର୍ଥକଙ୍କୁ ଏକଜୁଟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିବା ଜଣାଯାଇଛି। ନିର୍ବାଚନ ମଣ୍ଡଳୀରେ ବିଧାୟକଙ୍କୁ ଦଳରୁ ବହିଷ୍କାର କରାଯିବା ପରେ ସୃଷ୍ଟି ହୋଇଥିବା ରାଜନୈତିକ ପରିସ୍ଥିତିରେ ଦଳର ସ୍ଥିତିକୁ ଅଧିକ ମଜଭୁତ କରିବା ଏବେ ନେତୃତ୍ୱ ପାଇଁ ଏକ ପ୍ରମୁଖ ଆହ୍ୱାନ ହୋଇଛି।

ଅନ୍ୟପକ୍ଷରେ, କନ୍ଧମାଳ ଜିଲ୍ଲା ବିଜେଡି ସଭାପତି ପଦ୍ମନାଭ ବେହେରାଙ୍କ ନେତୃତ୍ୱରେ ଦଳୀୟ ସଂଗଠନକୁ ଆଗକୁ ନେବା ସହ ତୃଣମୂଳ ସ୍ତରରେ ଦଳର ଭିତ୍ତିଭୂମି ମଜଭୁତ କରିବା ଦିଗରେ ପ୍ରୟାସ ଚାଲିଥିବା ଦଳୀୟ ମହଲରେ ଆଲୋଚନା ହେଉଛି। ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳର ସଫଳତା ପାଇଁ ସ୍ଥାନୀୟ ନେତୃତ୍ୱର ସକ୍ରିୟତା, କର୍ମୀଙ୍କ ଏକତା ଓ ଜନସମ୍ପର୍କ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉଥିବା ଜଣାପଡ଼ିଛି। ଏହି ଆଲୋଚନାରେ ବାଲିଗୁଡ଼ା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ରାଜୀବ ପାତ୍ର, ବରିଷ୍ଠ ବିଜେଡି ନେତା କ୍ଲେଶ ପ୍ରଧାନ ଏବଂ ସମାଜସେବୀ ତଥା ସ୍ୱେଚ୍ଛାସେବୀ ସଂସ୍ଥାର ନିର୍ଦ୍ଦେଶକ ଅମିତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଡିଏନ୍‌କେ ଅଞ୍ଚଳରୁ 'ଝିଙ୍କ' ଉଦ୍ଧାର



ନବରଙ୍ଗପୁର, ଉମରକୋଟ,୧୦।୧୦ (ସଂଚାର ବ୍ୟୁରୋ): ପ୍ରକୃତ ଓ ମଣିଷ ମଧ୍ୟରେ ଥିବା ନିବିଡ଼ ସମ୍ପର୍କର ଆଉ ଏକ ନୂଆ ଚିତ୍ର ସାମ୍ନାକୁ ଆସିଛି। ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରର ଡିଏନ୍‌କେ ଅଞ୍ଚଳରେ ଆଜି ସନ୍ଧ୍ୟାରେ ଏକ 'ଝିଙ୍କ' ଦେଖିବାକୁ ମିଳିଛି। ଜଙ୍ଗଲର ନିର୍ଜନ ପରିବେଶ ଛାଡ଼ି ଏହି ବନ୍ୟପ୍ରାଣୀଟି ହଠାତ୍ ଜନବସତି ନିକଟକୁ ଚାଲିଆସିବା ଫଳରେ ସ୍ଥାନୀୟ ଅଞ୍ଚଳରେ କୌତୂହଳ ଏବଂ ଆଶ୍ଚର୍ଯ୍ୟର ପରିବେଶ ସୃଷ୍ଟି ହୋଇଛି। ସନ୍ଧ୍ୟା ସମୟରେ ଡିଏନ୍‌କେ ଅଞ୍ଚଳର ରାସ୍ତା କଡ଼ରେ ଝିଙ୍କଟି ବିଚରଣ କରୁଥିବା ଦେଖି ସ୍ଥାନୀୟ ଲୋକେ ଏହାକୁ ଦେଖିବା ପାଇଁ ରୁଣ୍ଡ ହୋଇଥିଲେ। ତେବେ ଲୋକମାନେ କୌଣସି ପ୍ରକାରର କ୍ଷତି ନପହଞ୍ଚାଇ, ତୁରନ୍ତ ବନ ବିଭାଗକୁ ଏହି ବିଷୟରେ ସୂଚନା ଦେଇଥିଲେ।

ଜଙ୍ଗଲ ସମ୍ପଦର କ୍ରମାଗତ ହ୍ରାସ ଏବଂ ପ୍ରାକୃତିକ ପରିବେଶରେ ପରିବର୍ତ୍ତନ ହେତୁ ବନ୍ୟଜନ୍ତୁମାନେ ଆଜିକାଲି ଖାଦ୍ୟ ଓ ଆଶ୍ରୟ ଆଶାରେ ଗ୍ରାମ ଓ ସହର ଆଡ଼କୁ ଚାଲିଆସୁଛନ୍ତି। ଏହି ଘଟଣା ପ୍ରକୃତିର ସୁରକ୍ଷା ଓ ବନ୍ୟପ୍ରାଣୀଙ୍କ ଅସ୍ତିତ୍ୱ ପ୍ରତି ଆମ ସମସ୍ତଙ୍କର ସମ୍ବେଦନଶୀଳତାର ବାର୍ତ୍ତା ଦେଉଛି।

# ପଦ୍ମଗିରି ଆଞ୍ଚଳିକ ସାଧନ କେନ୍ଦ୍ରଠାରେ କ୍ଲଷ୍ଟରସ୍ତରୀୟ ସୁରଭି-୨୦୨୬ କାର୍ଯ୍ୟକ୍ରମ




ମାଲକାନଗିରି,୧୦।୧୦ (ସଂଚାର ବ୍ୟୁରୋ): ମାଲକାନଗିରି ବ୍ଲକ ଅଧୀନ ପଦ୍ମଗିରି ଆଞ୍ଚଳିକ ସାଧନ କେନ୍ଦ୍ରରେ ସୁରଭି କାର୍ଯ୍ୟକ୍ରମ ତଥା ଶିଶୁ ମହୋତ୍ସବ ସରକାରୀ ପ୍ରାଥମିକ ବିଦ୍ୟାଳୟ ପଦ୍ମଗିରି ଠାରେ ସିଆରସିସି ଜିତେନ୍ଦ୍ର କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ସୁନାଧର ମାଡକାମୀ, ଜିଲ୍ଲା ପରିଷଦ ସଭ୍ୟା କୁନି ଭୂମିଆ ଓ ଅନ୍ୟ ଅତିଥି ବୃନ୍ଦ ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ ଧୂପ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୬୦ ଜଣ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ୪୦ଟି ଭିନ୍ନ ଭିନ୍ନ ପ୍ରତିଯୋଗିତା କରାଯାଇଥିଲା।

ଉଦଯାପନ ଉତ୍ସବରେ ଅନ୍ୟାନ ଉପସ୍ଥିତ ଅଥିତିମାନଙ୍କ ଦ୍ୱାରା ଛତ୍ରଛାତ୍ରୀ ମାନଙ୍କୁ ୮୦ ଗୋଟି ପୁରସ୍କାର(ସିଲଡ଼ ଓ ଚେର୍ଟିଫିକେଟ ) ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମକୁ ପରିଚାଳନା ସହ ସହଯୋଗ କରିଥିଲେ।

## ସତୁରି କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଫୁଲବାଣୀ, ୧୦।୧୦ (ସଂଚାର ବ୍ୟୁରୋ) ଅବକାରୀ ବିଭାଗ ଦ୍ୱାରା ଏକ ଡାଲା ବୋଲେରୋ ଗାଡି ସହ ସତୁରି କେଜି ଗଞ୍ଜେଇ ଜବତ କରିଥିବା ବେଳେ ଗଞ୍ଜେଇ ଚାଲାଣକାରିକୁ ଗିରଫ କରିବାରେ ସଫଳ ହୋଇଛି। ଘଟଣା ସ୍ଥଳରୁ ଗାଡି ଓ ସତୁରି କେଜି ଗଞ୍ଜେଇ ଜବତ କରିଥିବା ବେଳେ ଗଞ୍ଜେଇ ଚାଲାଣ କରୁଥିବା ଫିରିଙ୍ଗିଆ ଥାନା ଅଞ୍ଚଳର ରତଙ୍ଗ ପଞ୍ଚାୟତ ରତଙ୍ଗ ଗାଁର ବିଘ୍ନରାଜ ମାଝୀ ବୟସ ୩୯ କୁ ଗିରଫ କରିଥିଲେ । ଏହି ଘଟଣାରେ ଜି.ଉଦୟଗିରି ଅବକାରୀ ଥାନା ରେ ଗଞ୍ଜେଉ ଚାଲାଣ କୁ ନେଇଁ ମାମଲା ରୁଜୁ କରିଥିବା ବେଳେ ବିଘ୍ନରାଜ ମାଝୀ କୁ କୋର୍ଟ ଚାଲାଣ କରିଥିବା ଅବକାରୀ ଥାନା ଅଧିକାରୀ ପ୍ରକାଶ ଚନ୍ଦ୍ର ମଲିକ ସୂଚନା ଦେଇଛନ୍ତି ।



# କିଆରି ବୁଲି ଗଞ୍ଜେଇ ଗଛ ନଷ୍ଟ କଲେ ଆଇଜି

### ଗଞ୍ଜେଇ ଠାରୁ ନିର୍ବୃତ୍ତ ରହିବାକୁ ଲୋକଙ୍କୁ କଲେ ସଚେତନ



ଫୁଲବାଣୀ, ୧୦।୧୦ (ସଂଚାର ବ୍ୟୁରୋ): କନ୍ଧମାଳ ଦିନିକିଆ ଗସ୍ତରେ ଆଇଜି ଆଣ୍ଟି ନାରକୋଟିକ ଟ୍ରାକଫୋର୍ସ ହିମାଂଶୁ କୁମାର ଲାଲ। ଗଞ୍ଜେଇ କିଆରିରେ ବୁଲି ଗଂଜେଇ ଗଛ କାଟିବା ସହ ଲୋକଙ୍କୁ ଗଞ୍ଜେଇ ଠାରୁ ନିର୍ବୃତ୍ତ ରହିବାକୁ କଲେ ସଚେତନ। ସାଙ୍ଗରେ ଥିଲେ ଡିଆଇଜି ଆଣ୍ଟି ନାରକୋଟିକ ଟ୍ରାକଫୋର୍ସ ଡ଼. କନୱାର ବିଶାଲ ସିଂ, ଅବକାରୀ ଡେପୁଟି କମିଶନର ମନୋଜ ସେଠୀ, କେନ୍ଦ୍ର ଆଣ୍ଟି ନାରକୋଟିକ ଟ୍ରାକ୍ସଫୋର୍ସର ଅଧିକାରୀ, ଏସପି କନ୍ଧମାଳ ରାମେନ୍ଦ୍ର ପ୍ରସାଦ। ପରେ ସୁଦୃକୁମ୍ପା ଠାରେ ଏକ ସଚେତନତା ସଭାରେ ଯୋଗଦେଇ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ/ସଭ୍ୟା ମାନଙ୍କୁ ଗାଁ ଗାଁ ବୁଲି ଲୋକଙ୍କୁ ଗଂଜେଇ ଚାଷ ନ କରିବାକୁ ସଚେତନ କରିଥିଲେ।

ଏହା ସହିତ ଏବେ ଆଣ୍ଟି ନାରକୋଟିକ ଟ୍ରାକଫୋର୍ସ କ୍ରମାଗତ ଭାବେ ଫୁଲବାଣୀ ବୌଦ୍ଧ ଗ୍ରସ୍ତକରି ଗଂଜେଇ ଚାଷ ଉପରେ କଡ଼ା ନଜର ରଖିବା ସହିତ ଗଂଜେଇ ଚାଷ କରୁଥିବା ଲୋକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ଏହା ସହିତ ଡ୍ରୋନ ସାହାଯ୍ୟରେ ନଜର ରଖାଯିବ ବୋଲି କହିଥିଲେ । ପରେ ଗଞ୍ଜେଇ ଚାଷ ନ କରିବାକୁ ଶପଥ ପାଠ କରାଇଥିଲେ।

# ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ କଳିଙ୍ଗନଗରରେ 'ବିଶ୍ୱ ଦୃଷ୍ଟି ଦିବସ' ପାଳିତ



ଯାଜପୁର ରୋଡ଼,୧୦।୧୦ (ସଂଚାର ବ୍ୟୁରୋ): ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସଏଫ୍) ପକ୍ଷରୁ ଏହାର 'ଦୃଷ୍ଟି' ପ୍ରକଳ୍ପ ଅଧୀନରେ କଳିଙ୍ଗନଗର ଅଞ୍ଚଳରେ ବିଶ୍ୱ ଦୃଷ୍ଟି ଦିବସ-୨୦୨୬ ପାଳିତ ହୋଇଯାଇଛି। ସ୍ଥାନୀୟ ଜନସାଧାରଣ ତଥା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉତ୍ତମ ଦୃଷ୍ଟିଶକ୍ତି ବଜାୟ ରଖିବା ଏବଂ ନିୟମିତ ଚକ୍ଷୁ ପରୀକ୍ଷାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଫାଉଣ୍ଡେସନ ପକ୍ଷରୁ ଦୁଇଟି ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଏହି ଅଭିଯାନର ଏକ ଅଂଶ ଭାବରେ, ଟିଏସଏଫ୍‌ର ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ 'ଦିଶା' ଟିମ୍ ସହଯୋଗରେ ଗୋବରଘାଟି, ଶାଳିଜଙ୍ଗା, ସଂସାଇଲୋ ଏବଂ ତ୍ରିଜଙ୍ଗା ଗ୍ରାମର ୧୨୦ ଜଣ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ର ମହିଳା ସଦସ୍ୟାଙ୍କ ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ନିୟମିତ ଚକ୍ଷୁ ପରୀକ୍ଷାର ଗୁରୁତ୍ୱ, ପ୍ରାଥମିକ ଚକ୍ଷୁ ଯତ୍ନ, ଦୃଷ୍ଟି ସମ୍ବନ୍ଧୀୟ ସମସ୍ୟାର ଶୀଘ୍ର ଚିହ୍ନଟ ଏବଂ ଉପଯୁକ୍ତ ସମୟରେ ଉନ୍ନତ ଚିକିତ୍ସା ସେବା ଗ୍ରହଣ କରିବା ଉପରେ ଆଲୋଚନା କରାଯାଇଥିଲା।

ସେହିପରି ଦ୍ୱିତୀୟ କାର୍ଯ୍ୟକ୍ରମଟି ଗୋବର୍ଦ୍ଧନପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଫୁଲଝର ଗ୍ରାମର ଫୁଲଝର ଆଶ୍ରମ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀର ପ୍ରାୟ ୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପିଲାମାନଙ୍କୁ ଚକ୍ଷୁର ସୁରକ୍ଷା, ସ୍ୱାସ୍ଥ୍ୟକର ଅଭ୍ୟାସ ଗ୍ରହଣ ଏବଂ ସାମୟିକ ଚକ୍ଷୁ ପରୀକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ତଥା ଶିକ୍ଷଣୀୟ ପରିବେଶ ସୃଷ୍ଟି କରିବା ପାଇଁ ଚକ୍ଷୁ ସ୍ୱାସ୍ଥ୍ୟ ବିଷୟବସ୍ତୁ ଉପରେ କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଆଧୁନିକତା ଛାପରେ ଲୁଚି ଗଲାଣି ପ୍ରାଚୀନ ପରମ୍ପରା

ହିଞ୍ଜିଳିକାଟୁ, ୧୦।୧୦ (ସଂଚାର ବ୍ୟୁରୋ): ଏଣ୍ଡି ଉପରେ ଏଣ୍ଡି ଦେ ଲୋ ମା' ଭେଣ୍ଡି.... ଛାତ ଉପରେ ମାଙ୍କଡ଼ ଦେ ଲୋ ମା' କାଙ୍କଡ଼...ବାରିଆଡ଼େ ନେଉଳ ବେଗେ ଦିଅ ଚାଉଳ.. ଆଜିର ଦିନରେ ହିଞ୍ଜିଳିକାଟୁ ସହର ସମେତ ଏହାର ଆଖପାଖ ଗାଁ ଗାଁରେ ଶୁଣିବାକୁ ମିଳୁଥିଲା ଏହି ଗୀତର ଧ୍ୱନୀ । ପୋଲରି ଅମାବାସ୍ୟା ଅବସରରେ ପରମ୍ପରା ପ୍ରକାରେ ଛୋଟ ଛୋଟ ପିଲାମାନେ ମେଳି ବାନ୍ଧି ଘରକୁ ଘର ବୁଲି ଏପରି ଗୀତ ଗାଇ ଚାଉଳ ଓ ପନିପରିବା ମାଗି ଆଣିଥା'ନ୍ତି । କିନ୍ତୁ ଆଉ ଏବେ ଆଧୁନିକତା ଛାପରେ ଲୁଚି ଗଲାଣି ପ୍ରାଚୀନ ପରମ୍ପରା । ତେବେ ମା' ବଜ୍ରକାଳୀଙ୍କ ପୂଜା ଅବସରରେ ଘରକୁ ଘର ବୁଲି ପିଲମାନେ ମାଗି କରି ଯାହା ଆଣିଥା'ନ୍ତି ,ତା'କୁ ଖିରି ରୂପେ ସ୍ତ୍ରୀ ଲୋକମାନେ ପ୍ରସ୍ତୁତ କରି ପୂଜା କରିଥାନ୍ତି । ଗାଁଠାରୁ ସହର ପର୍ଯ୍ୟନ୍ତ ସବୁଠି ଚଳଚଞ୍ଚଳ ହୋଇ ଉଠେ। ସନ୍ତାନଙ୍କ ପାଇଁ ମା' ମାନେ ମଙ୍ଗଳ କାମନା କରିବା ଉଦ୍ଦେଶ୍ୟରେ ଏହା ପାଳନ କରାଯାଇଥାଏ। ସନ୍ଧ୍ୟା ସମୟରେ ବଜ୍ରକାଳୀଙ୍କ ଉଦ୍ଦେଶ୍ୟରେ ଏହି ପୂଜା କରି ଘରର ଶାନ୍ତି ଓ ପିଲାମାନଙ୍କ ଉଜ୍ଜଳ ଭବିଷ୍ୟତ ପାଇଁ ମା' ଙ୍କ ପାଖରେ ଗୃହିଣୀ ମାନେ ଗୁହାରି କରିଥା'ନ୍ତି।

# ପକ୍ଷୀଙ୍କ ପାଇଁ କୃତ୍ରିମ ବସା ଲଗାଇଲା ଅଷ୍ଟମ ବାଟାଲିୟନ




ଛତ୍ରପୁର,୧୦।୧୦ (ସଂଚାର ବ୍ୟୁରୋ): ପକ୍ଷୀଙ୍କ ସୁରକ୍ଷା ଓ ପରିବେଶ ସଂରକ୍ଷଣ ପାଇଁ ଛତ୍ରପୁରସ୍ଥିତ ଓଏସ୍ଏପି ଅଷ୍ଟମ ବାଟାଲିୟନ ପକ୍ଷରୁ ପକ୍ଷୀଙ୍କ ପାଇଁ କୃତ୍ରିମ ବସା ସ୍ଥାପନ କରାଯାଇଛି। ଶନିବାର ବାଟାଲିୟନ ପରିସରରେ ଦୁର୍ଗପତି ଶାରଦା ପ୍ରସାଦ ଦାସଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ପ୍ରଥମ ପର୍ଯ୍ୟାୟରେ ବାଟାଲିୟନ ପରିସରର ବିଭିନ୍ନ ଗଛରେ ୨୦ଟି କୃତ୍ରିମ ବସା ଲଗାଯାଇଛି। ଏଥିସହ ପକ୍ଷୀଙ୍କ ପାଇଁ ଖାଦ୍ୟ ଓ ପାଣିର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ପାଞ୍ଚଟି ପର୍ଯ୍ୟାୟରେ କରାଯିବାକୁ ଯୋଜନା ରହିଛି। ଆଗାମୀ ଦିନରେ ଆଉ ୧୦୦ଟି ବସା ଲଗାଯିବ। ବାଟାଲିୟନ ପରିସରକୁ ଅଧିକ ପକ୍ଷୀଙ୍କ ଆଗମନ ସହ ସେମାନଙ୍କୁ ସୁରକ୍ଷିତ ଆଶ୍ରୟ ଯୋଗାଇଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଦୁର୍ଗପତି ଶାରଦା ପ୍ରସାଦ ଦାସ କହିଛନ୍ତି।

କାର୍ଯ୍ୟକ୍ରମରେ ଉପଦୁର୍ଗପତି ଯଶୋବନ୍ତ ସେଠୀ, ସହକାରୀ ଦୁର୍ଗପତି ପ୍ରି. ମୁଣ୍ଡା, ନିରୀକ୍ଷକ ଏସ୍.ଜେ. ରେଡ୍ଡୀ, ଏସ୍. ମଙ୍ଗରାଜ, ପି. ଦଣ୍ଡପାଟ, ଗିରୀଶ ଚନ୍ଦ୍ର ମାଝୀ, ତ୍ରିନାଥ ବେହେରା, ହାବିଲଦାର ଓ ସିପାହୀ ସଂଘର ସଭାପତି ଯଶୋବନ୍ତ ସ୍ୱାଇଁ, ସିଇସି ଶୁଭେନ୍ଦୁ କୁମାର ପଲାଇଙ୍କ ସମେତ ବାଟାଲିୟନର ସମସ୍ତ ହାବିଲଦାର,ସିପାହୀ, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ନବରାତ୍ରରେ ନଅ ରୂପରେ ମା' ମଙ୍ଗଳା

**କାକଟପୁର ପୀଠରେ ନିଶାର୍ଦ୍ଧ ପୂଜା**

**ନାଲି କଲି - କଳାକଲି - ସିଂହବାହିନୀ ବେଶ**

**ମହାନବମୀରେ ଦହି ପଖାଳ, ଦଶହରାରେ ହର -ଦୁର୍ଗା ଭେଟ**

କାକଟପୁର/ଅସ୍ତରଙ୍ଗ, ୧୦।୧୦ (ସଂଚାର ବ୍ୟୁରୋ): ଆସୁଛି ମା'ଙ୍କର ଶାରଦୀୟ ନବରାତ୍ର ପୂଜା। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ପୁରୀ ଜିଲ୍ଲାର କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପୀଠ। ସଜେଇ ହେଉଛି ମନ୍ଦିର।ରବିବାର ଠାରୁ ଆରମ୍ଭ ହେବ ପ୍ରସିଦ୍ଧ ନବରାତ୍ର ପୂଜା। ନଅ ଦିନ ଧରି ନଅ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ କାକଟପୁର ବାସିନୀ ମା' ମଙ୍ଗଳା। ମନ୍ଦିରରେ ଷୋଡଶ ଉପଚାର ପୂଜା ଆରମ୍ଭ ହୋଇ ସାରିଛି।

ଶାସ୍ତ୍ର ଅନୁଯାୟୀ ନବରାତ୍ରରେ ମା' ନଅ ରୂପରେ ପୂଜା ପାଇବେ। ଏ ନେଇ ସେବାୟତ ମାନସ କୁମାର ଦୀକ୍ଷିତ କହିଛନ୍ତି, ପ୍ରଥମଂ ଶୈଳପୁତ୍ରୀ, ଦ୍ୱିତୀୟଂ ବ୍ରହ୍ମଚାରିଣୀ, ତୃତୀୟଂ ଚନ୍ଦ୍ରଘଣ୍ଟା, ଚତୁର୍ଥଂ କୁଷ୍ମାଣ୍ଡା, ପଞ୍ଚମଂ ସ୍କନ୍ଦମାତା, ଷଷ୍ଠଂ କାତ୍ୟାୟନୀ, ସପ୍ତମଂ କାଳରାତ୍ରି, ଅଷ୍ଟମଂ ମହାଗୌରୀ ଓ ନବମଂ ସିଦ୍ଧିଦାତ୍ରୀ ରୂପରେ ମା'ଙ୍କ ଆଗମନ ହେବ। ପ୍ରତିଦିନ ନିଶାର୍ଦ୍ଧରେ ମା'ଙ୍କୁ ବିଭିନ୍ନ ରୂପରେ ପୂଜାର୍ଚ୍ଚନା କରାଯିବାର ସ୍ୱତନ୍ତ୍ର ବିଧି ରହିଛି। ଏହି ଗୁପ୍ତ ପୂଜା ଦେଖିବା ବହୁତ ପୁଣ୍ୟ ବୋଲି ବିଶ୍ୱାସ। ପ୍ରଥମ ରାତ୍ରିରେ ମା' ଶୈଳପୁତ୍ରୀ ରୂପରେ ପୂଜା ପାଇବେ। ଏହି ବ୍ରତ ଧାରଣ କଲେ ପରିବାରରେ ସୁଖ, ଶାନ୍ତି ଓ ସୌହାର୍ଦ୍ଦ୍ୟ ବୃଦ୍ଧି ପାଏ ବୋଲି ବିଶ୍ୱାସ ରହିଛି। ପ୍ରଥମ ଦିନରୁ ହିଁ ଭକ୍ତଙ୍କ ଭିଡ ଜମିବ।

ଏହି ପୀଠର ସବୁଠୁ ବଡ ଆକର୍ଷଣ ହେଲା ବେଶ। ସେବାୟତ ମହେନ୍ଦ୍ର କୁମାର ଦୀକ୍ଷିତ କହିଛନ୍ତି, ପ୍ରତିପଦା ଅର୍ଥାତ ନବ-ପତ୍ରିକାଠାରୁ ଚତୁର୍ଥୀ ପର୍ଯ୍ୟନ୍ତ ମା'ଙ୍କ ପାଦ ପଦ୍ମ ଲାଗି, ନାଲିକଲି ବେଶ ଓ କଳା କଲି ବେଶ ଅନୁଷ୍ଠିତ ହୁଏ। ପଞ୍ଚମୀରେ ତୀର କମାଣ ବେଶ, ଷଷ୍ଠୀରେ କାତିଖର୍ପର ବେଶ, ସପ୍ତମୀରେ ସିଂହବାହିନୀ ବେଶ, ଅଷ୍ଟମୀରେ ମହିଷାମର୍ଦ୍ଦିନୀ ବେଶ ଓ ନବମୀରେ ମହାସରସ୍ୱତୀ ବେଶରେ ମା' ସଜ୍ଜିତ ହୁଅନ୍ତି। ଏହି ନଅ ବେଶ ଦେଖିବା ପାଇଁ ପୁରୀ, ଖୋର୍ଦ୍ଧା, ଜଗତସିଂହପୁର ସମେତ ରାଜ୍ୟ ବାହାରୁ ହଜାର ହଜାର ଭକ୍ତ ଆସନ୍ତି। ମା'ଙ୍କ ଚଳନ୍ତି ପ୍ରତିମା ରତ୍ନଗିରିରୁ ଫେରି ଜଗତି ପୂଜା ପରେ ଦୁର୍ଗାଙ୍କ ସହ ମନ୍ଦିର ଭିତରକୁ ଯାଆନ୍ତି। ମୂଳାଷ୍ଟମୀଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ମନ୍ଦିରରେ ଅହୋରାତ୍ର ଚଣ୍ଡୀପାଠ ହୁଏ। ଘଣ୍ଟ, ମୃଦଙ୍ଗ ଶବ୍ଦରେ ପୀଠ ପ୍ରକମ୍ପିତ ହୁଏ।

ମହାନବମୀ ଦିନ ସ୍ୱତନ୍ତ୍ର ନବମୀ ପୂଜା ଓ ରାତ୍ରି ଧୂପ ପରେ ନବମୀ ହୋମ ହୁଏ। ଏହି ଦିନ ସେବାୟତଙ୍କ ପକ୍ଷରୁ ମା'ଙ୍କ ପ୍ରସିଦ୍ଧ ଦହି-ପଖାଳ ଭୋଗ ଲାଗି ହୁଏ, ଯାହା ଏହି ପୀଠର ନିଆରା ପରମ୍ପରା। ଶେଷ ଦିନ ଅର୍ଥାତ ଦଶମୀ ବା ଦଶହରା ଦିନ ହେବ ସବୁଠୁ ବଡ ଆକର୍ଷଣ।



ଦୁର୍ଗା ଓ ମା' ମଙ୍ଗଳାଙ୍କ ଚଳନ୍ତି ପ୍ରତିମା ଏକ ଖଟୁଲିରେ ଉତ୍ତରମୁଖା ହୋଇ ଜଗମୋହନରେ ବସନ୍ତି। ସନ୍ଧ୍ୟା ଆଳତି ପରେ ସୁସଜ୍ଜିତ ବିମାନରେ ସୋମେଶ୍ୱର ଶମ୍ଭୁଙ୍କ ନିକଟକୁ ଯାତ୍ରା କରନ୍ତି। ସେଠାରେ ୩ ଥର ପରିକ୍ରମା ପରେ ଶିବ ଓ ଦୁର୍ଗାଙ୍କ ଭେଟ ହୁଏ, ଯାହା ହର-ଦୁର୍ଗା ଭେଟ ନାମରେ ପ୍ରସିଦ୍ଧ। ଏହାପରେ ମା'ଙ୍କ ଶାରଦୀୟ ପାର୍ବଣ ପୂଜାର ପରିସମାପ୍ତି ଘଟେ।

# ଅଙ୍ଗୁର ନା କିସମିସ

## ସ୍ୱାସ୍ଥ୍ୟ ପାଇଁ କିଏ ଉପକାରୀ



ଫଳ ଏବଂ ଡ୍ରାଏ ଫ୍ରୁଟ ଖାଇବା ଆମ ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି ବିବେଚନା କରାଯାଏ। ତେବେ ଆଜି ଆମେ ଅଙ୍ଗୁର ଏବଂ ସେଥିରୁ ପ୍ରସ୍ତୁତ କିସମିସ୍ ବିଷୟରେ ଜଣାଇବୁ। ଅଙ୍ଗୁର ଏପରି ଏକ ଫଳ ଯାହାର ମିଠା ଏବଂ ଖଟା ସ୍ୱାଦ ଅନେକ ଲୋକଙ୍କୁ ଭଲ ଲାଗିଥାଏ। କିସମିସ୍ ଅଙ୍ଗୁର ଶୁଖାଇବା ଦ୍ୱାରା ପ୍ରସ୍ତୁତ ହୋଇଥାଏ ଯାହାକୁ ଅନେକ ଲୋକ ପସନ୍ଦ କରନ୍ତି। ଏହା ମିଠା ଖାଦ୍ୟ ସଜାଇବା ପାଇଁ ବ୍ୟବହୃତ ହୋଇଥାଏ। ଅଙ୍ଗୁରରେ ୮୦ ପ୍ରତିଶତ ଜଳ ଥାଏ, ତେବେ ଏହାକୁ ଶୁଖାଇବା ଦ୍ୱାରା ସେ କିସ୍‌ମିସ୍‌ରେ ପରିଣତ ହୋଇଥିବା, ଏହା ଦ୍ୱାରା ସେଥିରେ ଜଳ ମାତ୍ର ୧୫ ପ୍ରତିଶତକୁ କମ୍ ହୋଇଯାଏ। ବର୍ତ୍ତମାନ ପ୍ରଶ୍ନ ଉଠିଛି ଯେ ଯେତେବେଳେ ଉଭୟ ଅଙ୍ଗୁର ଏବଂ କିସମିସ୍ ସ୍ୱାସ୍ଥ୍ୟ ପାଇଁ କେଉଁଟା ଲାଭଦାୟକ? ତେବେ କେଉଁ ଜିନିଷକୁ ଅଧିକ ସୁସ୍ଥ ବୋଲି ବିବେଚନା କରାଯିବା ଉଚିତ୍ ? ତାହେଲେ ଆସନ୍ତୁ ଜାଣିବା ଯେ ଏହି ଦୁଇଟି ଜିନିଷରୁ କେଉଁ ଜିନିଷ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ।

କିସମିସ୍ ଖାଇବାର ଲାଭ: କିସମିସ୍‌ରେ ଅଙ୍ଗୁର ଅପେକ୍ଷା ଅଧିକ କ୍ୟାଲୋରୀ ଥାଏ। ବାସ୍ତବରେ ଅଙ୍ଗୁର ଶୁଖିବା ପରେ କିସମିସ୍ ପ୍ରସ୍ତୁତ କରାଯାଏ। ଏହି ପ୍ରକ୍ରିୟାରେ, ଚିନି ଏବଂ ଆଣ୍ଟିଅକ୍ସିଡାଣ୍ଟ ବ୍ୟବହାର କରାଯାଏ। ଯାହା କ୍ୟାଲୋରୀରେ ଭରପୁର। ଯଦି ଆପଣ ଅଧା କପ୍ ଅଙ୍ଗୁର ଖାଆନ୍ତି, ତେବେ ଆପଣଙ୍କୁ କେବଳ ୩୦ କ୍ୟାଲୋରୀ ମିଳିବ। ଏଥିସହ କିସମିସକୁ ଫାଇବରର ଏକ ଭଲ ଉତ୍ସ ବୋଲି ବିବେଚନା କରାଯାଏ। ଏହା ବ୍ୟତୀତ ଏଥିରେ ଆଇରନ୍ ଏବଂ ପୋଟାସିୟମ୍ ପରି ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱ ଥାଏ। କିସମିସ୍‌ରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ମଧ୍ୟ ରହିଛି। ଯାହା ଅନ୍ତନଳୀରେ ଥିବା ଜୀବାଣୁକୁ ସନ୍ତୁଳିତ କରିବାରେ ସାହାଯ୍ୟ କରିଥାଏ।

ଅଙ୍ଗୁର ଖାଇବାର ଲାଭ: ଅଙ୍ଗୁରରେ ଭିଟାମିନ୍ ସି ଏବଂ ଆଣ୍ଟିଅକ୍ସିଡାଣ୍ଟ ଥାଏ। ଏଥିରେ ଥିବା ପୋଷକ ତତ୍ତ୍ୱ ଆମ ସ୍କିନକୁ ଭଲ ରଖିବାରେ ସାହାଯ୍ୟ କରିଥାଏ। ଏହା କେବଳ ସ୍କିନ ସମସ୍ୟାରୁ ରକ୍ଷା କରିନଥାଏ ବରଂ କ୍ୟାନ୍ସର ରୋଗରୁ ମଧ୍ୟ ମୁକ୍ତି ଦେଇଥାଏ। ଯଦି ଆପଣ ଅଙ୍ଗୁର ଖାଉଛନ୍ତି, ତେବେ ଏହା ଆପଣଙ୍କୁ ମୁହଁରୁ ଅନେକ ଦାଗ ମଧ୍ୟ ଦୂର କରିବ। ଉଭୟ ଜିନିଷ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ, କିନ୍ତୁ ଅଙ୍ଗୁର ଅଧିକ ସୁସ୍ଥ ବୋଲି ବିବେଚନା କରାଯାଏ କାରଣ ଯେଉଁ ଜିନିଷରେ କ୍ୟାଲୋରୀ କମ୍ ଥାଏ ତାହା ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ। ତେଣୁ ଆପଣ ପ୍ରତିଦିନ ଫଳ ଖାଇବାକୁ ଚେଷ୍ଟା କରନ୍ତୁ। ଯାହାଦ୍ୱାରା ଆପଣ ସୁସ୍ଥ ରହିବେ ଏବଂ ବିଭିନ୍ନ ପ୍ରକାରର ସମସ୍ୟାରୁ ମଧ୍ୟ ଦୂରେଇ ରହିବେ।

# ଅଦା ପାଣିରେ ଦୂରହୁଏ ଋତୁସ୍ରାବ ଯନ୍ତ୍ରଣା

ଅଦାରେ ଅନେକ ଔଷଧୀୟ ଗୁଣ ରହିଛି। ଆୟୁର୍ବେଦ ଚିକିତ୍ସା ପଦ୍ଧତିରେ ଅଦାକୁ ଅନେକ ରୋଗର ଚିକିତ୍ସା ପାଇଁ ବ୍ୟବହାର କରାଯାଇଥାଏ। ଏଥିରେ ଜିଞ୍ଜେରୋଲ, ଫାଇବର, କ୍ୟାଲସିୟମ, ପୋଟାସିୟମ ଓ ଆଣ୍ଟି-ଅକ୍ସିଡାଣ୍ଟ ତତ୍ତ୍ୱ ରହିଛି, ଯେଉଁଥିରୁ ଅନେକ ସ୍ୱାସ୍ଥ୍ୟ ଜନିତ ଉପକାର ମିଳେ। ତା'ହେଲେ ଆସନ୍ତୁ ଜାଣିବା ଅଦା ଖାଇଲେ କେଉଁ ସବୁ ସମସ୍ୟାରୁ ମୁକ୍ତି ମିଳିଥାଏ। ଅଦା ରସ ମିଶା ପାଣି ପିଇଲେ ପାଚନ କ୍ରିୟା ଠିକ୍ ହୋଇଥାଏ। ତା'ସହିତ ଗ୍ୟାସ ଜନିତ ଜଳାପୋଡା ମଧ୍ୟ ଦୂର ହୋଇଥାଏ। ଅଦାରେ ଥିବା ଜିଙ୍କ ତତ୍ତ୍ୱ ଯୋଗୁଁ ଶରୀରରେ ଇନସୁଲିନ୍ ବୃଦ୍ଧି ପାଇଥାଏ। ଫଳରେ ଡାଇବେଟିସ ରୋଗୀଙ୍କ ବ୍ଲଡ ସୁଗାର ସ୍ତର ନିୟନ୍ତ୍ରିତ ହୁଏ। ଅଦା ଖାଇଲେ ଶରରୀରୁ ଅତିରିକ୍ତ ଫ୍ୟାଟ ବାହାରିଯାଏ। ତେଣୁ ଓଜନ କମ୍ ହୋଇଥାଏ। ଅଦାରେ ଜିରୋ କ୍ୟାଲୋରୀ ରହିଛି।



ଗବେଷଣାରୁ ଜଣାପଡ଼ିଛି ଯେ ମାସିକ ଋତୁସ୍ରାବ ସମୟରେ ମହିଳାମାନେ ହାଲକା ଅଦା ରସ ମମିଶା ଉଷୁମ ପାଣି ପିଇଲେ ଭଲ। ଏହାଦ୍ୱାରା ପେଟ ଯନ୍ତ୍ରଣା କମ୍ ହୋଇଥାଏ। ଅଦାରେ ଥିବା ଆଣ୍ଟି-ଇନଫ୍ଲୋମେଣ୍ଟାରୀ ଗୁଣ ଆରାମମ ପ୍ରଦାନ କରିଥାଏ। ମାଂସପେଶୀରେ ଯନ୍ତ୍ରଣା ଅନୁଭୂତ ହେଲେ ଅଦା ରସ ମିଶା ପାଣି ପିଅନ୍ତୁ। ଏହା ମାଂସପେଶୀକୁ ଆରାମମ ଦେଇଥାଏ। ସକାଳକୁ ଉଠିବା ପରେ ଦୁର୍ବଳ ଲାଗୁଥିଲେ ଅଦା ରସ ମିଶା ପାଣି ପିଇବା ଅଭ୍ୟାସ କରନ୍ତୁ। ଏପରିକି ଆପଣ ବାନ୍ତି ଲାଗିବା ସମୟରେ ମଧ୍ୟ ଅଦା ପାଣି ପିଇପାରିବେ।



# ଅସ୍ଥିଜନିତ ରୋଗ ପାଇଁ ଆଖୁରସ

ସୁସ୍ଥ ରହିବାକୁ କିଏ ବା ନଚାହେଁ। କାହିଁକିନା ସ୍ୱାସ୍ଥ୍ୟକୁ ସମ୍ପଦ ବୋଲି କୁହାଯାଏ। ଶରୀର ସୁସ୍ଥ ରହିଲେ ଆମକୁ ଫୂର୍ତ୍ତି ଅନୁଭବ ହୋଇଥାଏ। ସେଥିପାଇଁ ଅଧିକାଂଶ ଲୋକ ଅନେକ ଉପଚାରକୁ ଆପଣାଇ ଥାଆନ୍ତି। କିଏ ଜିମ୍ ଯାଆନ୍ତି ତ ଆଉ ପୁଣି କିଏ ପୋଷକଯୁକ୍ତ ଖାଦ୍ୟ ତାଙ୍କ ଖାଇବା ଲିଷ୍ଟରେ ଆଡ୍ କରିଥାଆନ୍ତି।



ତେଣୁ ପନିପରିବାଠାରୁ ଆରମ୍ଭ କରି ଫଳମୂଳ ପର୍ଯ୍ୟନ୍ତ ସମସ୍ତ ଜିନିଷ ଆମ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ହୋଇଥାଏ। ସୁସ୍ଥ ଶରୀର ପାଇଁ ଜୁସ ମଧ୍ୟ ଖୁବ ଲାଭକାରୀ। ଖାଲି ଫଳ ନୁହେଁ ପନିପରିବା ଜୁସ ବି ସ୍ୱାସ୍ଥ୍ୟ ପାଇଁ ଖୁବ ଲାଭକାରୀ। ଋତୁ ଅନୁସାରେ ମିଳୁଥିବା ଫଳ ଜୁସ ପିଇଲେ ଶରୀରକୁ ଆବଶ୍ୟକ ମୁତାବକ ପୋଷକ ତତ୍ତ୍ୱ ମିଳିଥାଏ। କିନ୍ତୁ କିଛି ଫଳ ଏମିତି ଅଛି ଯାହାର ଜୁସ ବର୍ଷର ଯେକୌଣସି ସମୟରେ ବି ପିଇଲେ ଆପଣଙ୍କ ଶରୀରକୁ ଫାଇଦା ମିଳିଥାଏ। ଆପଣ ମାନେ ତ ଆଖୁ ଖାଇଥିବେ ଆଉ ଏହାର ଜୁସ ବି ପିଇଥିବେ। ଶୀତଋତୁରେ ଏହାର ରସ ଶରୀରକୁ ପୋଷକ ଯୋଗାଇଥିବା ବେଳେ ଗରମ ଦିନରେ ଏହା ଥଣ୍ଡା ରଖିଥାଏ। ଖାଲି ସେତିକି ନୁହେଁ ଶରୀରର ଇମ୍ୟୁନିଟିକୁ ବଢ଼ାଇଥାଏ। ଆଉ ସବୁଠୁ ବଡ କଥା ହେଉଛି ଆଖୁରସରେ ଫ୍ୟାଟ ଖୁବ କମ ପରିମାଣରେ ଥାଏ। ତେବେ ଆସନ୍ତୁ ଆଖୁର ଆଉ କିଛି ଉପକାରୀ ଗୁଣ ବିଷୟରେ ଜାଣିବା।

ଆଖୁରସରେ କିଛି ଲେମ୍ବୁରସ ସହ ହାଲୁକା ସୈନ୍ଧବ ଲବଣ ମିଶାଇ ପିଇଲେ ଶରୀରକୁ ଏନର୍ଜି ମିଳିଥାଏ। ଆଉ ମଧ୍ୟ ଆଖୁରେ ପ୍ରଚୁର ପରିମାଣରେ ଫାଇବର ଥାଏ। ଏହା ସହ ଫ୍ରେସ ଆଖୁ ରସ ପିଇଲେ ଜଣ୍ଡିସ, ଆନିମିଆ, ଏସିଡ଼ିଟି ପରି ରୋଗରୁ ମୁକ୍ତି ମିଳିଥାଏ । ପେଟ ସମ୍ବନ୍ଧୀୟ ରୋଗ ପାଇଁ ମଧ୍ୟ ଲାଭକାରୀ ହୋଇଥାଏ। ଆଖୁରେ ପ୍ରଚୁର ଗ୍ଲୁକୋଜ ଥିବାରୁ ଏହା ଶରୀରର ଗ୍ଲୁକୋଜକୁ ବାଲାନ୍ସ କରିଥାଏ। ତେଣୁ ଏହାକୁ ଡାଇବେଟିସ ରୋଗୀ ମାନେ ମଧ୍ୟ ପିଇପାରିବେ। ଆଉ ଏଥିରେ କୌଣସି ପ୍ରକାର କେମିକାଲ ନଥାଏ। ଯାହା ପ୍ରାକୃତିକ ମିଠାରେ ପରିପୂର୍ଣ୍ଣ। ଏହା ବ୍ୟତୀତ ଅନେକ ବଡ ବଡ ରୋଗ ପାଇଁ ଆଖୁରସ ଗୁଣକାରୀ ବୋଲି ବୈଜ୍ଞାନିକ ମାନେ ମତ ଦେଇଛନ୍ତି। ଜଣ୍ଡିଜ ରୋଗୀ ମାନେ ନିୟମିତ ଭାବରେ ଏହାର ରସ ପିଇଲେ ସେମାନଙ୍କ ଲିଭର ସୁସ୍ଥ ରହିଥାଏ। ଯାହାକୁ ଲିଭରର ସଂଜୀବନୀ ଭାବେ ପ୍ରମାଣିତ ହୋଇଛି। ଆଖୁ ରସ ଇମ୍ୟୁନିଟି ବୃଦ୍ଧି କରିବା ସହ ଓଜନ କମ କରିବାରେ ସାହାଯ୍ୟ କରିଥାଏ। ଖୁବ କମ ଲୋକ ଜାଣନ୍ତି ଆଖୁ ରସ ତ୍ୱଚାରେ ଚମକ ଆଣିପାରେ। ଆଖୁ ରସ ପିଇବା ଦ୍ୱାରା ବ୍ରଣ ଆଦିରୁ ମଧ୍ୟ ମୁକ୍ତି ମିଳିଥାଏ। ଆଖୁରସ ପିଇଲେ ଏହା ରକ୍ତ ସଫା କରିବା ସହ ଏଥିରେ ଥିବା କ୍ୟାଲସିୟମ, ମ୍ୟାଗନେସିୟମ, ଫସରଫରସ, ଆଇରନ, ପୋଟାସିୟମ ଆମ ହାଡ ମଜବୁତ କରିଥାଏ।



# ଅଧିକ ଫେସିଆଲ୍ କରୁଛନ୍ତି କି ?

ମୁହଁକୁ ସୁନ୍ଦର ଓ ଉଜ୍ଜ୍ୱଳ କରିବା ପାଇଁ ମହିଳାମାନେ ପାର୍ଲରରେ ଫେସିଆଲ୍ କରିଥା'ନ୍ତି। ଫେସିଆଲ୍ କଲେ ମୁହଁର ଗ୍ଲୋ ବିଥାଏ। କିନ୍ତୁ କ'ଣ ଆପଣ ଜାଣିଛନ୍ତି କି, ଅଧିକ ଫେସିଆଲ୍ କଲେ ଆପଣଙ୍କ ତ୍ୱଚା ଖରାପ ହୋଇପାରେ। ତା'ହେଲେ ଆସନ୍ତୁ ଜାଣିବା ଆବଶ୍ୟକତାଠାରୁ ଅଧିକ ଫେସିଆଲ୍ କଲେ ତ୍ୱଚାକୁ କେଉଁସବୁ କ୍ଷତି ପହଞ୍ଚିଥାଏ। ଫେସିଆଲ୍ ସମୟରେ ଅନେକ ପ୍ରକାରର କେମିକାଲ୍ ଥିବା କ୍ରୀମ୍ ବ୍ୟବହାର କରାଯାଇଥାଏୟ ଏହି କ୍ରୀମ୍ ସମସ୍ତଙ୍କ ମୁହଁକୁ ସୁଟ୍ କରି ନଥାଏ। ଏଥିପାଇଁ ମୁହଁ କୁଣ୍ଡାଇ ହେବା ପରି ସମସ୍ୟା ସୃଷ୍ଟି ହୋଇଥାଏ। ଫେସିଆଲ୍ ସମୟରେ ମୁହଁକୁ ସ୍କ୍ରବ୍ ଦ୍ୱାରା ମସାଜ୍ କରାଯାଇଥାଏୟ ଭୁଲ୍ ମସାଜ୍ ଯୋଗୁଁ ମୁହଁ ଲାଲ୍ ମଧ୍ୟ ପଡ଼ିଥାଏ। ଏଥିରୁ ସ୍କିନ୍ ଇନଫେକସନ୍ ହେବାର ଆଶଙ୍କା ରହିଥାଏ। ଫେସିଆଲ୍ ପରେ ମୁହଁରେ ଥିବା ରୋମ ଛିଦ୍ର ଖୋଲି ଯାଇଥାଏ। ଏପରିକି ତେଲିଆ ତ୍ୱଚା ଥିବା ମହିଳାଙ୍କର ଫେସିଆଲ୍ ପରେ ବ୍ରଣ ହେବା ଏକ ସାଧାରଣ କଥା। ତେଣୁ ତେଲିଆ ତ୍ୱଚା ଥିବା ମହିଳା ଫେସିଆଲ୍ କମ୍ କରନ୍ତୁ। ଯଦି ପାରୁଛନ୍ତି ଘରୋଇ ଉପଚାର ମାଧ୍ୟମରେ ତ୍ୱଚାର ଯତ୍ନ ନିଅନ୍ତୁ। ଫେସିଆଲ୍ ସମୟରେ ମୁହଁରେ ବ୍ୟବହୃତ ହେଉଥିବା ପ୍ରଡକ୍ଟ ଯୋଗୁଁ ଆଲର୍ଜିର ଆଶଙ୍କା ମଧ୍ୟ ବିଥାଏ। ଅଧିକ ଫେସିଆଲ୍, କଲେ ଆପଣଙ୍କ ତ୍ୱଚା ଶୁଷ୍କ ହୋଇଥାଏ। ସେଥିପାଇଁ ଫେସିଆଲ୍ କରିବା ପୂର୍ବରୁ ଡାକ୍ତରଙ୍କ ସହିତ ପରାମର୍ଶ କରି ନିୟମିତ ବ୍ୟବଧାନରେ ଫେସିଆଲ୍ କରନ୍ତୁ।

# ବାରମ୍ବାର ପଡ଼ିବା ପିଲାର ମସ୍ତିଷ୍କକୁ ପ୍ରଭାବିତ କରେ କି ?



ଛୋଟ ପିଲାମାନେ ଖେଳୁଥିବା ସମୟରେ ଏବଂ ନୂଆ ଜିନିଷ ଶିଖିବା ସମୟରେ ପଡ଼ିଯିବା ଏକ ସାଧାରଣ କଥା। ଏହି ବୟସରେ ସେମାନଙ୍କର ସନ୍ତୁଳନ ଏବଂ ଗତିଶୀଳତା ସମ୍ପୂର୍ଣ୍ଣ ବିକଶିତ ହୋଇନଥାଏ, ତେଣୁ ପଡ଼ିଯିବାକୁ ସାଧାରଣ ବୋଲି ବିବେଚନା କରାଯାଏ। ତଥାପି, ଯେତେବେଳେ ଏକ ପିଲା ବାରମ୍ବାର ପଡ଼ିଯାଏ, ଏହା ପିତାମାତାଙ୍କ ପାଇଁ ଚିନ୍ତାର କାରଣ ହୋଇପାରେ। ପିଲାମାନେ ଖେଳୁଥିବା ସମୟରେ ଧ୍ୟାନ ଅଭାବରୁ, ଖସିଯିବାରୁ କିମ୍ବା ଶୀଘ୍ର ଚାଲିବାକୁ ଚେଷ୍ଟା କରିବାରୁ ପ୍ରାୟତଃ ପଡ଼ିଯାଆନ୍ତି, ଯାହା ସେମାନଙ୍କ ଶିଖିବା ପ୍ରକ୍ରିୟାର ଏକ ଅଂଶ। ତଥାପି, ପ୍ରତ୍ୟେକ ପଡ଼ିବା ସ୍ୱାଭାବିକ ନୁହେଁ, ଏବଂ କିଛି କ୍ଷେତ୍ରରେ ଏହା ପଛରେ ଏକ କାରଣ ଥାଇପାରେ। ତେଣୁ, ପିଲାର ଆଚରଣ ଏବଂ କାର୍ଯ୍ୟକଳାପ ଉପରେ ଧ୍ୟାନ ଦେବା ଗୁରୁତ୍ୱପୂର୍ଣ୍ଣ। ତେବେ ଆସନ୍ତୁ ଜାଣିବା ଯେ ବାରମ୍ବାର ପଡ଼ିବା ପିଲାମାନଙ୍କ ମସ୍ତିଷ୍କକୁ ପ୍ରଭାବିତ କରେ କି ନାହିଁ ଏବଂ କେବେ ସତର୍କତା ଅବଲମ୍ବନ କରିବା ଆବଶ୍ୟକ।

ବାରମ୍ବାର ପଡ଼ିଯିବା ଦ୍ୱାରା ପିଲାର ମସ୍ତିଷ୍କ ଉପରେ ଏହାର ପ୍ରଭାବ ବିଷୟରେ ଚିନ୍ତା ବଢ଼ିଥାଏ। ଛୋଟ ପଡ଼ିବା ସାଧାରଣତଃ ଗୁରୁତର ସମସ୍ୟା ସୃଷ୍ଟି କରେ ନାହିଁ, ବିଶେଷକରି ଯଦି ପିଲାଟି ସକ୍ରିୟ ଥାଏ ଏବଂ ସାଧାରଣ ଭାବରେ ବ୍ୟବହାର କରୁଥାଏ। ତଥାପି, ଯଦି ପଡ଼ିଯିବା ଫଳରେ ମୁଣ୍ଡରେ ଆଘାତ ଲାଗେ, ତେବେ ଏହାକୁ ଅଣଦେଖା କରାଯିବା ଉଚିତ୍ ନୁହେଁ। ବାରମ୍ବାର ମୁଣ୍ଡ ଆଘାତ କେତେକ କ୍ଷେତ୍ରରେ ସମସ୍ୟାକୁ ଆହୁରି ଖରାପ କରିପାରେ, ତେଣୁ ପ୍ରତ୍ୟେକ ଘଟଣାକୁ ଗମ୍ଭୀରତାର ସହ ନେବା ଗୁରୁତ୍ୱପୂର୍ଣ୍ଣ। ପିଲାଟିର ସନ୍ତୁଳନ, ଚାଲିବା ଏବଂ ପ୍ରତିଫଳନ ସ୍ୱାଭାବିକ ହେବା ନିଶ୍ଚିତ କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଯଦି କୌଣସି ଅସ୍ୱାଭାବିକ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ, ତେବେ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଭଲ।

ଯଦି ଆପଣଙ୍କ ପିଲା କୌଣସି ସ୍ପଷ୍ଟ କାରଣ ବିନା ବାରମ୍ବାର ପଡ଼ିଯାଉଛି, ତେବେ ଏହା ଚିନ୍ତାର କାରଣ ହୋଇପାରେ। ଯଦି ସେମାନେ ମୁଣ୍ଡ ବୁଲାଉଛନ୍ତି, ଦୁର୍ବଳ ହେଉଛନ୍ତି, କିମ୍ବା ସନ୍ତୁଳନ ରକ୍ଷା କରିବାରେ ଅସୁବିଧା ଅନୁଭବ କରୁଛନ୍ତି, ତେବେ ଧ୍ୟାନ ଦେବା ଗୁରୁତ୍ୱପୂର୍ଣ୍ଣ। ଏହା ସହିତ, ପଡ଼ିଯିବା ପରେ ପିଲାର ଆଳସ୍ୟ, ଲଗାତାର କାନ୍ଦିବା କିମ୍ବା ଆଚରଣରେ ହଠାତ୍ ପରିବର୍ତ୍ତନ ମଧ୍ୟ ଲକ୍ଷଣ ହୋଇପାରେ। ଏହି ଲକ୍ଷଣଗୁଡ଼ିକୁ ଅଣଦେଖା କରିବା ଉଚିତ୍ ନୁହେଁ। ଯଦି ଆପଣଙ୍କ ପିଲା ବାରମ୍ବାର ପଡ଼ିଯାଉଛି ଏବଂ ବିଶେଷକରି ମୁଣ୍ଡରେ ଆଘାତ ପାଉଛି, ତେବେ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଗୁରୁତ୍ୱପୂର୍ଣ୍ଣ। ଏହା ବ୍ୟତୀତ, ଯଦି ପଡ଼ିବା ପରେ ବାନ୍ତି ହୁଏ, ଗୁରୁତର ମୁଣ୍ଡବିନ୍ଧା ହୁଏ କିମ୍ବା ଚେତାଶୂନ୍ୟ ହୁଏ, ତେବେ ତୁରନ୍ତ ଡାକ୍ତରୀ ପରାମର୍ଶ ନେବା ଉଚିତ। ଯଦି ପିଲାଟି ଚାଲିବାରେ ଅସ୍ୱାଭାବିକତା ଦେଖାଉଛି କିମ୍ବା ତା'ର କାର୍ଯ୍ୟକଳାପରେ ପରିବର୍ତ୍ତନ ହେଉଛି, ତେବେ ବିଶେଷଜ୍ଞଙ୍କ ପରାମର୍ଶ ନେବା ଗୁରୁତ୍ୱପୂର୍ଣ୍ଣ ଯାହା ଦ୍ୱାରା ସମୟ ମଧ୍ୟରେ ଉପଯୁକ୍ତ ଚିକିତ୍ସା ଦିଆଯାଇପାରିବ।

# ଅବ୍ୟବସ୍ଥା ଘେରରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

## ଅଳିଆ ଆବର୍ଜନାମୟ ପରିସର, ସଫେଇ ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ

**ଧର୍ମଗଡ଼,୧୦।୧୦(ସଂଚାର ବ୍ୟୁରୋ):** ମ.ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟସେବା ସହିତ ସଫେଇ ବ୍ୟବସ୍ଥାକୁ ନେଇ ଉଠିଛି ଗୁରୁତର ପ୍ରଶ୍ନ। ଡାକ୍ତରଖାନା ପରିସରରେ ଅଳିଆ ଆବର୍ଜନା ଜମି ରହୁଥିବା ନେଇ ରୋଗୀ ଓ ସମ୍ପର୍କୀୟମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଯେଉଁ କର୍ମଚାରୀଙ୍କର ଡ୍ୟୁଟି ରହିଛି, ସେମାନେ ନିଜ ଦାୟିତ୍ୱ ଠିକ୍ ଭାବରେ ନିର୍ବାହ ନକରି ସଫେଇ କର୍ମଚାରୀଙ୍କ ଉପରେ ଅତିରିକ୍ତ କାମ ଦେଇଥିବା ଅଭିଯୋଗ ରହିଛି। ଏପରିକି ସଫେଇ କର୍ମଚାରୀ ରାଜୁର ବ୍ୟବହାର ଓ କାର୍ଯ୍ୟଶୈଳୀକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି।ବେଳେ ବେଳେ ମଦ ପି କି ଆସି ରୋଗୀଙ୍କୁ ପଟିବାନ୍ଧିବା ତଥା ଷ୍ଟିଚ ପକାଉ ଥିବାର ନଜରକୁ ଆସିଛି। ଅଭିଯୋଗ ଆହୁରି ରହିଛି ଯେ, ପ୍ରଶାନ୍ତ ବିଶ୍ୱାଳ ନାମକ




ୱାର୍ଡ ଆଟେନଡେଣ୍ଟ କର୍ମଚାରୀ ଦୀର୍ଘ ୨୫ ବର୍ଷରୁ ଊର୍ଦ୍ଧ୍ୱ ଏଠାରେ କାର୍ଯ୍ୟରତ ଅଛନ୍ତି। ଅନ୍ୟତ୍ର ବଦଳି ହୋଇଥିଲେ ମଧ୍ୟ ସେଠାକୁ ଯାଉନଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଉପରିସ୍ଥ ଅଧିକାରୀଙ୍କ ସହ ତାଙ୍କର ସମ୍ପର୍କକୁ ନେଇ ମଧ୍ୟ ସ୍ଥାନୀୟ ଲୋକମାନେ ପ୍ରଶ୍ନ ଉଠାଇଛନ୍ତି। ତେବେ ଏହି ଅଭିଯୋଗ ଗୁଡ଼ିକର ସତ୍ୟତା ସମ୍ପର୍କରେ ବିଭାଗୀୟ ତଦନ୍ତ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଠିକ୍ ସମୟରେ ଡ୍ୟୁଟିକୁ ଆସୁନଥିବା ଏବଂ ରୋଗୀ ଫୋନ୍ କରିବା ପରେ ଆସୁଥିବା ନେଇ ମଧ୍ୟ କିଛି ଅଭିଯୋଗ ସାମ୍ନାକୁ ଆସିଛି। ଅନ୍ୟପଟେ ଡାକ୍ତରଖାନାରେ ଫିନାଇଲ୍ ଓ ବ୍ଲିଚିଂ ପାଉଡର୍‌ର ନିୟମିତ ବ୍ୟବହାର ହେଉନଥିବା ଅଭିଯୋଗ ହୋଇଛି। ଯଦି ଏହି ସାମଗ୍ରୀ ଡାକ୍ତରଖାନା ପାଇଁ ଯୋଗାଣ ହେଉଛି, ତେବେ ଏହାର ବ୍ୟବହାର କେଉଁଠି ହେଉଛି ତାହା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ସେହିପରି ରୋଗୀଙ୍କ ବେଡ୍‌ରେ ନିୟମିତ ବେଡ୍‌ସିଟ୍ ପଡୁନଥିବା ମଧ୍ୟ ନଜରକୁ ଆସିଛି। ଏଭଳି ପରିସ୍ଥିତିରେ ରୋଗୀଙ୍କ ସ୍ୱାସ୍ଥ୍ୟ ଓ ସଂକ୍ରମଣ ନିୟନ୍ତ୍ରଣକୁ ନେଇ ଚିନ୍ତା ବଢ଼ିଛି। ତେବେ ପ୍ରଶ୍ନ ଉଠୁଛି, ସ୍ୱାସ୍ଥ୍ୟ କେନ୍ଦ୍ରର ସଫେଇ ବ୍ୟବସ୍ଥା କାହିଁକି ଏଭଳି ଅବ୍ୟବସ୍ଥିତ ? ଫିନାଇଲ୍ ଓ ବ୍ଲିଚିଂ ପାଉଡର୍‌ର ନିୟମିତ ବ୍ୟବହାର ହେଉଛି କି ନାହିଁ ? ବେଡ୍‌ସିଟ୍‌ର ବ୍ୟବସ୍ଥା କାହିଁକି ହେଉନାହିଁ ? ଏବଂ ଡ୍ୟୁଟିରେ ଅବହେଳା ହେଉଥିବା ଅଭିଯୋଗ ଉପରେ ବିଭାଗୀୟ ଅଧିକାରୀ କେବେ ପଦକ୍ଷେପ ନେବେ ?ଏନେଇ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ତଦନ୍ତ କରି ଡାକ୍ତରଖାନାର ସଫେଇ ଓ ପରିମଳ ବ୍ୟବସ୍ଥା ସୁଧାରିବା ସହ ଦାୟିତ୍ୱରେ ଅବହେଳା କରୁଥିବା କର୍ମଚାରୀ ତଥା ପଟିବନ୍ଧା କକ୍ଷରେ ଚିକିତ୍ସା କରୁଥିବା ଅନଭିଜ୍ଞ ସଫେଇ କର୍ମଚାରୀଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି। ଏନେଇ ମ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶୈଳଜା ନନ୍ଦନ ମିଶ୍ରଙ୍କୁ ଫୋନ ଯୋଗେ ପଚାରିବାରୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିକ୍ରିୟା ଦେଇଥିଲେ।

## ମହାଳୟାରେ ମା'ଙ୍କ ଧବଳମୁଖୀ ବେଶ

**ସୁବର୍ଣ୍ଣପୁର,୧୦।୧୦(ସଂଚାର ବ୍ୟୁରୋ):** ସୋନପୁର ସହରର ହେଉଛି ମନ୍ଦିର ମାଳିନୀ ସହର ଏଠାରେ ଅଷ୍ଟଚଣ୍ଡୀ ଙ୍କ ପୀଠ ଅଶ୍ୱିନୀ ମାସ ମହାଳୟା ଅମାବାସ୍ୟା ଅବସରରେ ଅଷ୍ଟ ଚଣ୍ଡୀ ଙ୍କ ପୀଠ ସୁବର୍ଣ୍ଣପୁର ର ଅଧିଷ୍ଠାତ୍ରୀ ଦେବୀ ମାଁ ସୁରେଶ୍ୱରୀ ଓ ଭଗବତୀ ଭକ୍ତମାନଙ୍କୁ ଦୁର୍ଲଭ ଧବଳମୁଖୀ ବେଶରେ ଦର୍ଶନ ଦେଇଛନ୍ତି। ବର୍ଷର ଅନ୍ୟ ଦିନମାନଙ୍କରେ ଲାଲବର୍ଣ୍ଣୀ



ମୁଖମଣ୍ଡଳରେ ଦର୍ଶନ ଦେଉଥିବା ମାଁ ଏହି ବିଶେଷ ଦିନରେ ଶ୍ୱେତବର୍ଣ୍ଣୀ ବେଶରେ ସଜ୍ଜିତ ହୋଇଥାନ୍ତି। ଜନବିଶ୍ୱାସ ଅନୁଯାୟୀ, ମାଁ ଙ୍କ ଏହି ଦୁର୍ଲଭ ବେଶ ଦର୍ଶନ ଗଙ୍ଗାସ୍ନାନ ଓ ତୀର୍ଥଦର୍ଶନ ସମତୁଲ। ଭକ୍ତମାନେ ଏହାକୁ ପାପମୋଚନ, ଆତ୍ମିକ ଶାନ୍ତି ଓ ମନୋକାମନା ପୂରଣର ପବିତ୍ର ଅବସର ଭାବେ ଗ୍ରହଣ କରିଥାନ୍ତି। ମହାଳୟା ଅବସରରେ ଦୂରଦୂରାନ୍ତରୁ ଆସିଥିବା ଭକ୍ତମାନଙ୍କ ଭିଡ଼ରେ ସମଗ୍ର ସହର ଭକ୍ତିମୟ ହୋଇଉଠିଛି। ଏହି ପବିତ୍ର ଅବସରରେ ମାଁ ସୁରେଶ୍ୱରୀଙ୍କ ସମେତ ମାଁ ଭଗବତୀ, ମାଁ ମାଣିକେଶ୍ୱରୀ, ମାଁ ଭୁବନେଶ୍ୱରୀ ଓ ମାଁ ଦୁର୍ଗାଦେବୀ ମଧ୍ୟ ଧବଳମୁଖୀ ବେଶରେ ଦର୍ଶନ ଦେଇଛନ୍ତି। ବିଭିନ୍ନ ଦେବୀପୀଠରେ ଏହି ବିରଳ ବେଶ ଦର୍ଶନ ପାଇଁ ଭକ୍ତମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଓ ଭକ୍ତିଭାବ ପରିଲକ୍ଷିତ ହୋଇଛି। ସୁରେଶ୍ୱରୀ ଙ୍କ ମନ୍ଦିର ପରିସରରେ ଷୋଳପୂଜା ଦିନଠାରୁ ଯଜ୍ଞାନୁଷ୍ଠାନ ଅନୁଷ୍ଠିତ ହେଉଛି।

## ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ କୃଷ୍ଣଚନ୍ଦ୍ର

### ୬୫ ବର୍ଷ ପରେ ବି ମିଳିନି ସରକାରୀ ସହାୟତା



**କନ୍ଧମାଳ,୧୦।୧୦(ସଂଚାର ବ୍ୟୁରୋ):** ସରକାର ଗରିବ, ଅସହାୟ ଓ ବୃଦ୍ଧବୃଦ୍ଧାଙ୍କ ସୁରକ୍ଷା ପାଇଁ କୋଟି କୋଟି ଟଙ୍କାର ସାମାଜିକ ସୁରକ୍ଷା ଯୋଜନା ଚଳାଉଥିବା ଡିଣ୍ଡିମ୍ ପିଟୁଛନ୍ତି, ହେଲେ ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଓଲଟା। ସରକାର ଦୁଆର ମୁହଁରେ ସେବା ଯୋଗାଇବା ପାଇଁ ଘୋଷଣା କରୁଥିବା ବେଳେ କନ୍ଧମାଳ ଜିଲ୍ଲାର ବାସ୍ତବତା କିନ୍ତୁ ଭିନ୍ନ।ଏମିତି ଏକ ଅଭିଯୋଗ ସାମ୍ନାକୁ ଆସିଛି କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ସାରଙ୍ଗଡ଼ ପଞ୍ଚାୟତ ଅନ୍ତର୍ଗତ ସଲାଗୁଡ଼ା ଗ୍ରାମର କୃଷ୍ଣଚନ୍ଦ୍ର ଦିଗାଲ ବୟସ (୬୫) ହୋଇଥିଲେ ମଧ୍ୟ ସେ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏନେଇ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗୁହାରି କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ ବୋଲି ଅଭିଯୋଗ କରିଛନ୍ତି। ଏଥିପ୍ରତି ପ୍ରଶାସନ ଓ ସାମାଜିକ ସୁରକ୍ଷା ବିଭାଗ ଦୃଷ୍ଟି ଦେଇ ତୁରନ୍ତ କୃଷ୍ଣ ଚନ୍ଦ୍ର ଦିଗାଲ ଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବା ନିମନ୍ତେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି।

## ଜଙ୍ଗଲ ସ୍ୱଚ୍ଛତା ଓ ବନ୍ୟପ୍ରାଣୀ ସଂରକ୍ଷଣ ଅଭିଯାନ

**ସୁବର୍ଣ୍ଣପୁର,୧୦।୧୦(ସଂଚାର ବ୍ୟୁରୋ):** ଜଙ୍ଗଲ ସ୍ୱଚ୍ଛତା, ଚାରଣଭୂମିର ସୁରକ୍ଷା, ବନ୍ୟପ୍ରାଣୀ ସଂରକ୍ଷଣ ଓ ଜୈବବିବିଧତାର ରକ୍ଷା ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ବ୍ଲକ୍ ଅନ୍ତର୍ଗତ ନାକାଡେଇଁ ଜଙ୍ଗଲରେ ଦୟା ସାରାବନି ଯୋଗ ଟ୍ରଷ୍ଟ ପକ୍ଷରୁ ଏକ ପ୍ରକୃତି ସୁରକ୍ଷା ଅଭିଯାନ ଆୟୋଜନ କରାଯାଇଥିଲା। ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସମ୍ପାଦକ ଡ. ହୃଷୀକେଶ ଦେହେରୀଙ୍କ ସଭାପତିତ୍ୱରେ ଆୟୋଜିତକ କାର୍ଯ୍ୟକ୍ରମରେ ସୋନପୁର ଜୁନିୟର ରେଡକ୍ରସ୍‌ର ବ୍ଲକ୍ ସଂଯୋଜକ ତଥା ଶିକ୍ଷକ ବିକ୍ରମ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ, ବନ୍ୟପ୍ରାଣୀ ଓ ଚାରଣଭୂମି ସୁରକ୍ଷା, ବୃକ୍ଷ ରୋପଣ ଏବଂ ଜୈବବିବିଧତାର ସୁରକ୍ଷା ପାଇଁ ଜନସଚେତନତା ବୃଦ୍ଧି ସହ ଯୁବପିଢ଼ିଙ୍କ ସକ୍ରିୟ ଅଂଶଗ୍ରହଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ଅଭିଯାନରେ



ଚନ୍ଦ୍ରମଣି ଦାସ ଯୁବକ ସଂଘ, ବାଘପାଲି ର ସଦସ୍ୟ ହିମାଂଶୁ ପ୍ରଧାନ, ସୁଧାଂଶୁ ପ୍ରଧାନ, ଆକାଶ ବଗର୍ତ୍ତି ଓ ଜିତେନ୍ଦ୍ର ଥାଟିଙ୍କ ସମେତ ଟ୍ରଷ୍ଟର ସଦସ୍ୟ ଓ ସ୍ୱେଚ୍ଛାସେବୀମାନେ ଜ୍ଞାନ ରଂଜନ ପ୍ରଧାନ, ସୁରେନ୍ଦ୍ର ଘିମିଲ, ଅସିତ୍ ଦେହେରି, ଶିତିକଣ୍ଠ ଥନାପତି ଉପସ୍ଥିତ ରହି ପ୍ରକୃତି ସୁରକ୍ଷାର ବାର୍ତ୍ତା ପ୍ରସାର କରିଥିଲେ। ଏହାସହ ପ୍ରକୃତି ଓ ପରିବେଶର ସୁରକ୍ଷା କେବଳ ସରକାର କିମ୍ବା କୌଣସି ଗୋଟିଏ ସଂସ୍ଥାର ଦାୟିତ୍ୱ ନୁହେଁ; ଏହା ପ୍ରତ୍ୟେକ ନାଗରିକଙ୍କ ସାମୂହିକ କର୍ତ୍ତବ୍ୟ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ନାକଡେଇଁ ଜଙ୍ଗଲରେ ବୃକ୍ଷ ରୋପଣ କରିବା ସହ ପାଖାପାଖି ୧୫କି.ଗ୍ରା. ପ୍ଲାଷ୍ଟିକ୍ ବୋତଲ, ପୋଲିଥିନ୍ ଓ କାଚ ବୋତଲ ସଂଗ୍ରହ କରାଯାଇଥିଲା।

● କର୍ଣ୍ଣେଲ ସିକେ ନାଇଡୁ ଟ୍ରଫିରେ ସ୍ଥାନ ପାଇଲେ ବଲାଙ୍ଗିରର ଯୁବ କ୍ରିକେଟର ଓମକାର

## ଓଡ଼ିଶା ୨୩ ବର୍ଷରୁ କମ୍ କ୍ରିକେଟ ଦଳରେ ମନୋନୀତ ବଲାଙ୍ଗିର କ୍ରୀଡ଼ା ମହଲରେ ଖୁସିର ଲହରୀ

**ବଲାଙ୍ଗିର,୧୦।୧୦(ସଂଚାର ବ୍ୟୁରୋ):** ବଲାଙ୍ଗିରର ଯୁବ କ୍ରିକେଟ ଖେଳାଳି ଓମକାର ମହାନ୍ତି କର୍ଣ୍ଣେଲ ସି.କେ. ନାଇଡୁ ଟ୍ରଫି ପାଇଁ ଓଡ଼ିଶାର ୨୩ ବର୍ଷରୁ କମ୍ ବାଳକ କ୍ରିକେଟ ଦଳରେ ସ୍ଥାନ ପାଇଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ପକ୍ଷରୁ ତାଙ୍କର ଏହି ମନୋନୟନ ବଲାଙ୍ଗିର ଜିଲ୍ଲା ପାଇଁ ଏକ ଗର୍ବର ବିଷୟ ହୋଇଛି। ଆସନ୍ତା



ଅକ୍ଟୋବର ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ବଲାଙ୍ଗିରର ଗାନ୍ଧୀ ଷ୍ଟାଡିୟମରେ ଓଡ଼ିଶା ଓ ବିହାର ମଧ୍ୟରେ କର୍ଣ୍ଣେଲ ସି.କେ. ନାଇଡୁ ଟ୍ରଫିର ମ୍ୟାଚ ଅନୁଷ୍ଠିତ ହେବ। ସେହିପରି ଅକ୍ଟୋବର ୧୯ରୁ ୨୨ ତାରିଖ ପର୍ଯ୍ୟନ୍ତ କଟକର ବାରବାଟୀ ଷ୍ଟାଡିୟମରେ ଓଡ଼ିଶା ଓ ବରୋଦା ମଧ୍ୟରେ ମ୍ୟାଚ ଖେଳାଯିବ। ଏହି ଦୁଇଟି ମ୍ୟାଚରେ ଓମକାର ଓଡ଼ିଶା ଦଳର ପ୍ରତିନିଧିତ୍ୱ କରିବେ। ଓମକାରଙ୍କ ଏହି ସଫଳତାକୁ ନେଇ ବଲାଙ୍ଗିର କ୍ରୀଡ଼ା ସଂସଦ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି। ଜଣେ ଯୁବ ଖେଳାଳି ଭାବେ ରାଜ୍ୟସ୍ତରୀୟ ଦଳରେ ସ୍ଥାନ ପାଇବା ବଲାଙ୍ଗିରର କ୍ରିକେଟ ଜଗତ ପାଇଁ ଏକ ଉତ୍ସାହଜନକ ଖବର। ଏହି ସଫଳତାରେ ଜିଲ୍ଲାର କ୍ରିକେଟପ୍ରେମୀଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି। ଓମକାର ମହାନ୍ତି ଆଗାମୀ ମ୍ୟାଚଗୁଡ଼ିକରେ ଉତ୍କୃଷ୍ଟ ପ୍ରଦର୍ଶନ କରି ଓଡ଼ିଶା ତଥା ବଲାଙ୍ଗିରର ଗୌରବ ବୃଦ୍ଧି କରନ୍ତୁ ବୋଲି କ୍ରୀଡ଼ାପ୍ରେମୀମାନେ ଆଶା ପ୍ରକାଶ କରିଛନ୍ତି।

## ପିକ ଅପ୍ ଧକ୍କାରେ ବାଳକ ଗୁରୁତର



**ବୈଶିଙ୍ଗା,୧୦।୧୦(ସଂଚାର ବ୍ୟୁରୋ):** ବୈଶିଙ୍ଗା ବଜାର ଗଳା ପୋଲ ନିକଟରେ ଅପରାହ୍ନ ୫ ଘଟିକା ସମୟରେ ଏକ ପିକଅପ୍ ଧକ୍କାରେ ଜଣେ ବାଳକ ଆହତ ହୋଇ ବୈଶିଙ୍ଗା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ଲକ୍ଷ୍ମୀଧର ମହାନ୍ତ ଙ୍କ ପୁତ୍ର ଦୁଷ୍ମନ୍ତ ମହାନ୍ତ ଅପରାହ୍ନରେ ଟିଉସନ୍ ପଢିବାକୁ ଯାଉଥିବା ସମୟରେ ବୈଶିଙ୍ଗା ଗଳା ପୋଲ ନିକଟରେ ଏକ ପିକ ଅପ୍ ନଂ ଓଡି ୦୧ଜି ୪୭୩୨ ଟି ଦୁଷ୍ମନ୍ତ କୁ ଧକ୍କା ଦେଇଥିଲା। ସଙ୍ଗେ ସଙ୍ଗେ ପାଖ ଲୋକ ଙ୍କ ସହିତ ପିକଅପ୍ ଡ୍ରାଇଭର ମଧ୍ୟ ସେ ପିଲାକୁ ନେଇ ବୈଶିଙ୍ଗା ଡାକ୍ତରଖାନା ପହଞ୍ଚାଇ ଥିଲେ। ବାମ ଗୋଡରେ ଦୁଇ ତିନୋଟି ସ୍ଥାନରେ କ୍ଷତ ହୋଇଥିବା ବେଳେ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ପଠାଇ ଦେଇଥିବା ଜଣାଯାଇଛି।

## ବରିଷ୍ଠ ନାଗରିକ ବିକାଶ ମଞ୍ଚର ଦ୍ୱିତୀୟ ବାର୍ଷିକ ପ୍ରସ୍ତୁତି ବୈଠକ



**ବୈଶିଙ୍ଗା,୧୦।୧୦(ସଂଚାର ବ୍ୟୁରୋ):** ଗୁରୁବାର ଅପରାହ୍ନ ୪ ଘଟିକା ସମୟରେ କେନ୍ଦୁଆ ଶିବ ମନ୍ଦିର ପ୍ରାଙ୍ଗଣରେ ବରିଷ୍ଠ ନାଗରିକ ବିକାଶ ମଞ୍ଚ ର ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।ଏହି ବୈଠକରେ ଉପଦେଷ୍ଟା ମଣ୍ଡଳୀର ସକ୍ରିୟ ସଦସ୍ୟ ରବିନାରାୟଣ ପଣ୍ଡା, ଅମୂଲ୍ୟ କୁମାର ପାଣିଗ୍ରାହୀ ଓ ସୁରଥ ପ୍ରଧାନ ମହୋଦୟ ଅଂଶ ଗ୍ରହଣ କରି ଆଗାମୀ ବାର୍ଷିକ ଉତ୍ସବ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା।ଉପସ୍ଥିତ ଥିବା ସମସ୍ତ ବରିଷ୍ଠ ନାଗରିକ ଗଣ ନିଜ ନିଜ ର ମତାମତ ଦେଇଥିଲେ।ଆଗାମୀ ବାର୍ଷିକ ଉତ୍ସବ ପାଳନ ଅବସରରେ କିପରି ଏହା ସରସ ଓ ସୁନ୍ଦର ହୋଇପାରିବ ଏହା ଉପରେ ଗୁରୁତ୍ୱ ଦିଆଯିବ ବୋଲି ମତ ପ୍ରକାଶ ପାଇଥିଲା। ବାର୍ଷିକ ଉତ୍ସବ ପାଇଁ ସ୍ଥାନ ନିରୂପଣ କରିବା, ଦିନ ଧାର୍ଯ୍ୟ, ଅତିଥି ମାନଙ୍କୁ ନିମନ୍ତ୍ରଣ, ଏବଂ ବଜେଟ୍ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଶେଷରେ ଆସନ୍ତା ନଭେମ୍ବର ୨୩ ତାରିଖକୁ ସ୍ଥିର କରାଗଲା, ଏହା ରୟାଲ ବଗିଚା ମଣ୍ଡପରେ ଅନୁଷ୍ଠିତ ହେବା ର ସ୍ଥିର କରାଗଲା। ଉତ୍ସବ କୁ ପରିଚାଳନା କରିବା ପାଇଁ ଏକ ପରିଚାଳନା କମିଟି ଗଠନ କରାଯାଇଅଛି।

## ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ



**ବୈଶିଙ୍ଗା,୧୦।୧୦(ସଂଚାର ବ୍ୟୁରୋ):** ଅଁଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅଧ୍ୟକ୍ଷ ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି।ଏହି ଉତ୍ସବରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଶ୍ରୀଯୁକ୍ତ ସର୍ବେଶ୍ୱର ପାଣି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଥମେ ଦିବଂଗତ କର୍ମଚାରୀ ତଥା ପରିଚାଳନା ପରିଷଦର ସଭ୍ୟ ସଭ୍ୟାଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ୧୯୮୭ ମସିହାଠାରୁ ୨୦୨୬ ମସିହା ପର୍ଯ୍ୟନ୍ତ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଶିକ୍ଷାକର୍ମଚାରୀମାନଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅର୍ଥନୀତି ବିଭାଗର ବରିଷ୍ଠ ଅଧ୍ୟାପକ ଶ୍ରୀଯୁକ୍ତ ଗଣେଶ ଚନ୍ଦ୍ର ପ୍ରଧାନ ମଞ୍ଚ ପରିଚାଳନା କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଉକ୍ତ ସଭାରେ ପୂର୍ବତନ ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ମହାନ୍ତ, ଅଧକ୍ଷ ମନୋରଞ୍ଜନ ଲେଙ୍କା, ଅଧକ୍ଷ ସମୀର କୁମାର ଜେନା ଏବଂ ପୂର୍ବତନ ଅଧ୍ୟାପିକା ଭାରତୀ ପଣ୍ଡା, ଅଧ୍ୟାପକ ସୁଧାଂଶୁ ଶେଖର ପ୍ରଧାନ, ପ୍ରହ୍ଲାଦ ବତ୍ସଳ ବେହେରା ନିର୍ମଳ କୁମାର ସାମଲ, ତାପସ କୁମାର ପଣ୍ଡା, ମଙ୍ଗଳ ସିଂ, କମଳୋଚନ ଓଝା, ହରିନାଥ ସାହୁଙ୍କ ସମେତ ଅନ୍ୟ ଶିକ୍ଷା ସହାୟକ କର୍ମଚାରୀଙ୍କ ମଧ୍ୟରେ ପ୍ରସନ୍ନ କୁମାର ପ୍ରଧାନ, ବିଦ୍ୟାଧର ଗିରି, କର୍ଣ୍ଣ ମହାନ୍ତ, ରସାନନ୍ଦ ପଣ୍ଡା, ବିଜୟ କୁମାର ବାରିକ ସଭାରେ ଯୋଗଦାନ କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ପକ୍ଷରୁ ବରିଷ୍ଠ ନାଗରିକ ଦିବସ



**ନୀଳଗିରି,୧୦।୧୦(ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ ବରହମପୁର ସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ପକ୍ଷରୁ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ସଙ୍ଘ ପରିସରରେ ପାଳିତ ହୋଇଯାଇଛି। ସକାଳ ୯ଘଟିକା ସମୟରେ ସଂଘ କାର୍ଯ୍ୟାଳୟ ପରିସରରେ ସଙ୍ଘ ସଭାପତି ରବି ନାରାୟଣ ଚୌଧୁରୀ ସଭାପତିତ୍ୱ ରେ ଆୟୋଜିତ କାର୍ଯ୍ୟକ୍ରମ ରେ ଅଧିକାଂଶ ସଭ୍ୟ ଯୋଗଦେଇ ଉକ୍ତ ଦିବସର ମହତ୍ୱ ସମ୍ବନ୍ଧରେ ଆଲୋକପାତ କରିଥିଲେ। ପରେ ବରିଷ୍ଠ ନାଗରିକ ତଥା ସଙ୍ଘ କାର୍ଯ୍ୟାଳୟ ର ଉନ୍ନତି ପାଇଁ ସରକାରୀ ସ୍ତରରେ କିପ୍ରକାର ପଦକ୍ଷେପ ନିଆଯିବ ସେଥିପାଇଁ ସଙ୍ଘ ପକ୍ଷରୁ ଆଲୋଚନା କରାଯାଇଥିଲା। ୧୯୯୧ମସିହାରୁ ଅକ୍ଟୋବର ୧୦ତାରିଖ ରୁ ଏହି ଦିବସ ପ୍ରତିବର୍ଷ ସଙ୍ଘ ପାଳନ କରିଆସୁଥିବା ବେଳେ ଆଜିକାର ଏହି କାର୍ଯ୍ୟକ୍ରମ ରେ ସଭାପତି ଚୌଧୁରୀ ଙ୍କ ସମେତ ଉପସଭାପତି ଅଜୟ କୁମାର ପରିଡ଼ା ଓ ବଙ୍ଗରାଜ ସୋରେନ, ସମ୍ପାଦକ ପ୍ରଫୁଲ୍ଲ କୁମାର ରାଉତ, କୋଷାଧ୍ୟକ୍ଷ ବାଇଧର ପଣ୍ଡା ଙ୍କ ସମେତ ଶତାଧିକ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

## ଖୋଖୋ ପ୍ରତିଯୋଗିତାରେ ହିଞ୍ଜିଳିକାଟୁ ବ୍ଲକ୍ ଚମ୍ପିୟାନ୍



**ହିଞ୍ଜିଳିକାଟୁ,୧୦।୧୦(ସଂଚାର ବ୍ୟୁରୋ):** ୭୦ତମ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଖୋଖୋ ପ୍ରତିଯୋଗିତାର ୧୪ ବର୍ଷରୁ କମ୍ ବାଳକ ବର୍ଗରେ ହିଞ୍ଜିଳିକାଟୁ ବ୍ଲକ୍ ଚମ୍ପିୟାନ୍ ହୋଇଛି। ଫାଇନାଲ୍ ମ୍ୟାଚ୍‌ରେ କୁକୁଡ଼ାଖଣ୍ଡି ବ୍ଲକ୍‌କୁ ପରାସ୍ତ କରି ହିଞ୍ଜିଳିକାଟୁ ବ୍ଲକ୍ ଏହି ଗୌରବମୟ ସଫଳତା ହାସଲ କରିଛି। ଗଞ୍ଜାମ ଜିଲ୍ଲାର ବେଗୁନିଆପଡ଼ା ସ୍ଥିତ ଜନତା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ତିନିଦିନ ଧରି ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବମୋଟ ୫୨୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବ୍ଲକ୍‌ର ପ୍ରତିଯୋଗୀଙ୍କ ମଧ୍ୟରେ କଡ଼ା ମୁକାବିଲା ହୋଇଥିବାବେଳେ ହିଞ୍ଜିଳିକାଟୁ ବ୍ଲକ୍‌ର ଖେଳାଳିମାନେ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରି ଚମ୍ପିୟାନ୍ ହେବାର ଗୌରବ ଅର୍ଜନ କରିଛନ୍ତି। ଖେଳାଳିମାନଙ୍କ ଏହି ବିଜୟକୁ ନେଇ କ୍ରୀଡ଼ାପ୍ରେମୀ, ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।ବିଜୟୀ ଖେଳାଳିଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।

## ହିଞ୍ଜିଳି ବସଷ୍ଟାଣ୍ଡରେ ଘରୋଇ ବସରୁ ଗଂଜେଇ ଚାଲାଣ, ମାଡ଼ି ବସିଲା ପୁଲିସ

**ହିଞ୍ଜିଳିକାଟୁ,୧୦।୧୦(ସଂଚାର ବ୍ୟୁରୋ):** ହିଞ୍ଜିଳି ବସଷ୍ଟାଣ୍ଡରେ ରାତ୍ର ସମୟରେ ଏକ ଘରୋଇ ଯାତ୍ରୀବାହୀ ବସରୁ ଦୁଇ ବ୍ୟାଗ ଗଂଜେଇ ଜବତ କରିଛି ହିଞ୍ଜିଳି ପୁଲିସ।ଘରୋଇ ଯାତ୍ରୀବାହୀ ବସଟି ସୋରଡ଼ାରୁ ବ୍ରହ୍ମପୁର ଯାଉଥିବା ବେଳେ ହିଞ୍ଜିଳି ବସଷ୍ଟାଣ୍ଡରେ ପୁଲିସ ଛକି ରହିଥିଲା।ବସରୁ କିଛି ଲୋକଙ୍କୁ ଉଠାଇ ଆଣି ଥାନାରେ ପଚରାଉଚୁରା କରାଯାଉଛି। ଘଟଣାସ୍ଥଳରେ ଆସିକା ଏସ୍‌ଡ଼ିପିଓ ସୌରଭ ରଞ୍ଜନ ପ୍ରଧାନ ପହଞ୍ଚିଥିଲେ। ଅନ୍ୟପଟେ ଯାତ୍ରୀମାନେ ଅନ୍ୟ ଏକ ବସ ଯୋଗେ ବ୍ରହ୍ମପୁର ଯାଇଥିବା ବେଳେ ଏହି ଚେର କେଉଁଠୁ ଲମ୍ବିଛି ଓ ଏଥିରେ କେଉଁ ରିଙ୍ଗ ମାଷ୍ଟର ସାମିଲ ଅଛନ୍ତି, ସେ ନେଇ ତଦନ୍ତ ଚାଲିଥିବା ହିଞ୍ଜିଳି ଥାନାଧିକାରୀ ଶ୍ରୀନିବାସ ସେଠୀ ସୂଚନା ଦେଇଛନ୍ତି।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ



**କଳାହାଣ୍ଡି,୧୦।୧୦(ସଂଚାର ବ୍ୟୁରୋ):** ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଡିଏମ୍‌ଏଚ୍‌ପି), କଳାହାଣ୍ଡି ତରଫରୁ ୧୦ ଅକ୍ଟୋବର ୨୦୨୬ ତାରିଖରେ ଭବାନୀପାଟଣାସ୍ଥିତ ଏଏନ୍‌ଏମ୍ ତାଲିମ କେନ୍ଦ୍ର ଏବଂ ସରକାରୀ ନର୍ସିଂ ମହାବିଦ୍ୟାଳୟ, କାମଠଣାଠାରେ ମାନସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଓ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା।ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ହରେକୃଷ୍ଣ ଶତପଥୀ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଡିପିଏଚ୍‌ଓ) ଡାକ୍ତର ରାକେଶ କୁମାର ସାହୁ, ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଧର୍ମେନ୍ଦ୍ର କୁମାର ତାଣ୍ଡି, ମନୋରୋଗ ବିଶେଷଜ୍ଞ ଡାକ୍ତର ଚେତୁରାମ ମେହେର ଏବଂ କ୍ଲିନିକାଲ୍ ସାଇକୋଲୋଜିଷ୍ଟ ଲକେଶ ସାହୁ, ମନୋସାମାଜିକ କର୍ମୀ ଅନାୟତ ମହମ୍ମଦ, କମ୍ୟୁନିଟି ନର୍ସ ବର୍ଷା ପ୍ରଧାନ, ମନୋରୋଗ ନର୍ସ ରୋଜାଲିନ ମଲ୍ଲିକ ଏବଂ କେସ୍ ରେଜିଷ୍ଟ୍ରି ସହାଇକା ରଜନୀ ଚଲାନ ପ୍ରମୁଖ ଯୋଗଦେଇଥିଲେ। ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସିଡିଏମ୍‌ଓ ଏବଂ ଡିପିଏଚ୍‌ଓ କାର୍ଯ୍ୟାଳୟରୁ ଏକ ସଚେତନତା ରାଲି ବାହାରି ପୌରପାଳିକା ଛକ ଦେଇ ଜେଲ୍ ଛକରେ ପହଞ୍ଚିଥିଲା। ସେଠାରୁ ରାଲିଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍), ଭବାନୀପାଟଣା ଦେଇ ଏଏନ୍‌ଏମ୍ ତାଲିମ କେନ୍ଦ୍ରରେ ପହଞ୍ଚି ଶେଷ ହୋଇଥିଲା। ରାଲି ମାଧ୍ୟମରେ ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ, ପ୍ରାରମ୍ଭିକ ଲକ୍ଷଣ ଚିହ୍ନଟ ଏବଂ ଉପଯୁକ୍ତ ଚିକିତ୍ସା ଗ୍ରହଣ କରିବା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଭବାନୀପାଟଣାସ୍ଥିତ ଏଏନ୍‌ଏମ୍ ତାଲିମ କେନ୍ଦ୍ରଠାରେ ଆୟୋଜିତ ସଚେତନତା ସଭାରେ କ୍ଲିନିକାଲ୍ ସାଇକୋଲୋଜିଷ୍ଟ ଲକେଶ ସାହୁ ଉପସ୍ଥିତ ପ୍ରଶିକ୍ଷାର୍ଥୀମାନଙ୍କୁ ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ ଏବଂ ଏହାର ଯତ୍ନ ନେବା ସମ୍ପର୍କରେ ସଚେତନ କରିଥିଲେ।

### ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ପରିଷଦ ନିର୍ବାଚନ

## ଭୋଟର ତାଲିକା ପ୍ରସ୍ତୁତି ପାଇଁ ପ୍ରଶିକ୍ଷଣ ଶିବିର

**ସୁବର୍ଣ୍ଣପୁର,୧୦।୧୦ (ସଂଚାର ବ୍ୟୁରୋ):** ରାଜ୍ୟ ରେ ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ପରିଷଦ ନିର୍ବାଚନ ଭୋଟର ତାଲିକା ପ୍ରସ୍ତୁତ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ଶିବିର। ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀଯୁକ୍ତ ଦେବାଶିଷ ସିଂହ ଙ୍କ ଅଧ୍ୟକ୍ଷତା ରେ ଜିଲ୍ଲାପାଳ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ରାଜେନ୍ଦ୍ର ମାଝୀ ଓ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନଙ୍କ ସହ ଜିଲ୍ଲାର ସୋନପୁର ଉପଜିଲ୍ଲାପାଳ,



ଡ଼. ସୌମ୍ୟା ରୂପା ରଥ ଓ ବୀରାମହାରାଜପୁର ଉପଜିଲ୍ଲାପାଳ ସୁରେନ୍ଦ୍ର କୁମାର ମେହେର, ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ରୀଯୁକ୍ତ ଅନଙ୍ଗ ଭଂଜନ ସାଗର ଙ୍କ ସମେତ ସମସ୍ତ ବ୍ଲକ ର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ, ପଞ୍ଚାୟତ ଉନ୍ନୟନ ଅଧିକାରୀ, ବିଏଲୋ ସୁପରଭାଇଜର, ସମସ୍ତ ବ୍ଲକ ରୁ ଜଣେ ଲେଖାଏଁ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଉପସ୍ଥିତ ଥିଲେ। ସୋନପୁର ପୌର ପରିଷଦ ର ନିର୍ବାହୀ ଅଧିକାରୀ, ବିନିକା, ତରଭା ବୀରାମହାରାଜପୁର ଏନ୍‌ଏସି ର ନିର୍ବାହୀ ଅଧିକାରୀ ସମେତ ତାଙ୍କ କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ। ବୈଠରେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ପରିଷଦ ନିର୍ବାଚନ ଭୋଟର ତାଲିକା ପ୍ରସ୍ତୁତି ଉପରେ ପ୍ରଶିକ୍ଷଣ ଦିଆଯିବା ସହ ଆସନ୍ତା ଅକ୍ଟୋବର ୨୬ ଠାରୁ ନଭେମ୍ବର ୭ ପର୍ଯ୍ୟନ୍ତ ଘରକୁ ଘର ବୁଲି ଭୋଟର ତାଲିକା ପ୍ରସ୍ତୁତି ଉପରେ ସବିଶେଷ ଆଲୋଚନା କରାଯାଇଥିଲା। ଭୋଟର ତାଲିକା ନିର୍ଭୁଲ ଓ ନିର୍ଦ୍ଧାରିତ ସମୟ ଭିତରେ ସାରିବାକୁ ଜିଲ୍ଲପାଳ ସମସ୍ତଙ୍କୁ ନିର୍ଦ୍ଦେଶ କରିଥିଲେ ।

## ହାଇସ୍କୁଲରେ ସଦର ପୁଲିସର 'ଜୁଭେନ୍ତିକା' କାର୍ଯ୍ୟକ୍ରମ

**ସୁନ୍ଦରଗଡ଼,୧୦।୧୦ (ସଂଚାର ବ୍ୟୁରୋ):** ଶିଶୁଙ୍କ ଅଧିକାର, ସୁରକ୍ଷା ଓ ଭବିଷ୍ୟତକୁ ନେଇ ସଚେତନତା ସୃଷ୍ଟି କରିଛି ସୁନ୍ଦରଗଡ଼ ସଦର ପୁଲିସ। ବାରଗାଡ଼ ବାଳିକା ହାଇସ୍କୁଲରେ ଆୟୋଜିତ ହୋଇଛି 'ଜୁଭେନ୍ତିକା' କାର୍ଯ୍ୟକ୍ରମ। ଏଥିରେ ନାବାଳିକା ଙ୍କ ଅଧିକାର, ବାଲ୍ୟ ବିବାହର କୁପରିଣାମ ଏବଂ ଶିଶୁଙ୍କୁ ଶୋଷଣରୁ ରକ୍ଷା କରିବା ନେଇ ଦିଆଯାଇଛି ସଚେତନତା ବାର୍ତ୍ତା। କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କୁ ନାବାଳିକାଙ୍କ ଆଇନଗତ ଅଧିକାର, ବାଲ୍ୟ ବିବାହର କୁପରିଣାମ ଏବଂ ଶିଶୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଦିଗ ନେଇ ସଚେତନ କରାଯାଇଥିଲା। ବାଲ୍ୟ ବିବାହ କେବଳ ଆଇନର ଉଲ୍ଲଂଘନ ନୁହେଁ, ଏହା ଜଣେ ଶିଶୁର ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷା ଓ ଭବିଷ୍ୟତ ଉପରେ ଗଭୀର ପ୍ରଭାବ ପକାଇଥାଏ ବୋଲି ବୁଝାଇଥିଲା ପୁଲିସ। କୌଣସି ଶିଶୁ ଅସୁରକ୍ଷିତ ଅନୁଭବ କଲେ କିମ୍ବା ବାଲ୍ୟ ବିବାହ ଭଳି ଘଟଣା ସମ୍ପର୍କରେ ଜାଣିଲେ, ଭୟ ନକରି ତୁରନ୍ତ ଅଭିଭାବକ, ଶିକ୍ଷକ କିମ୍ବା ପୁଲିସକୁ ଜଣାଇବାକୁ ଦିଆଯାଇଥିଲା ପରାମର୍ଶ।

